

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଜନଜାଗରଣ ସମାରୋହରେ ସାମିଲ | ୬

ଗିଲ୍‌ଙ୍କ ଆଗରେ ଅନେକ ଆହ୍ୱାନ | ୭

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୬୮ Vol. 22 No-68 8 JUNE 2025 SUNDAY, BHUBANESWAR ରବିବାର, ୮ ଜୁନ୍ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦



# BIDYARTHI
## SCIENCE COLLEGE

(Recognised by Govt. of Odisha under C.H.S.E)

Assam Colony, Near Womens College, Nabarangpur

Contact: Ph : 06858-295446, Mob: 9438230746, 8658643624, 7326003571

website: www.bidyarthisciencecollege.org

The Top Most College for +2 Science with OJEE/OUAT/NEET/JEE/NDA

"The one & only College producing Maximum Toppers & Highest First Division percentage in entire Nabarangpur Dist. for the last 9 years"




**NIBEDITA MAHARANA**

**538/600 = 89.67%**

## OUR 500 CLUB



PRAGYAN BHANJA | RONAK AGRAWAL | PRAHARAJ HARIJAN | CHANDRIKA MONDAL


## AHSE RESULT 2025

TOTAL APPERED: 137
TOTAL PASS: 133
1ST DIVISION: 94
2ND DIVISION: 30
3RD DIVISION: 09


## Our Previous Achievers




## ABOVE 75% STUDENTS



SHIKHARANI BISSOYI | SUCHISMITA PADHY | SIBASISH TRIPATHY | SADANANDA SAHU | RASHMI RN SATAPATHY | RUTH SUNA | NIRUPAMA DAS | CHANDAN PANDA



BIRENDRA PRASAD MALI | SHIVA MANDAL | OM PRADHAN | JUGAL KISHORE KANHAR | AKASH MANDAL | NEHA SHREE NAYAK | JOSHUA SUDEEP SUNA

## ବିଦ୍ୟାର୍ଥୀ ବିଜ୍ଞାନ ମହାବିଦ୍ୟାଳୟର କ୍ରମାଗତ ସଫଳତା

୨୦୧୫-୧୬ ଶିକ୍ଷାବର୍ଷରେ ନବରଙ୍ଗପୁର ସହରରେ ଗଢ଼ିଉଠିଥିବା "ବିଦ୍ୟାର୍ଥୀ ବିଜ୍ଞାନ ମହାବିଦ୍ୟାଳୟ" ଯୁକ୍ତ ୨ ବିଜ୍ଞାନ ଶିକ୍ଷାଦାନ ପାଇଁ ଏକ ପ୍ରତିଶ୍ରୁତିବଦ୍ଧ ଶିକ୍ଷାନୁଷ୍ଠାନ । ସଂପୂର୍ଣ୍ଣ ଶୃଙ୍ଖଳିତ ପରିବେଶ, ଉତ୍ତମ ପରିଚାଳନା, ଅଭିଜ୍ଞ ଶିକ୍ଷକ ଓ ଅଭିନବ ଶିକ୍ଷାପଦ୍ଧତି ହିଁ ବିଦ୍ୟାର୍ଥୀ ବିଜ୍ଞାନ ମହାବିଦ୍ୟାଳୟର ବିଶେଷତ୍ୱ । ନବରଙ୍ଗପୁର ସହରରେ ଯୁକ୍ତ ୨ ବିଜ୍ଞାନ ଶିକ୍ଷାଦାନ ପାଇଁ ଉତ୍ତମ ଓ ସଂକଳ୍ପବଦ୍ଧ ଶିକ୍ଷାନୁଷ୍ଠାନ । ଚଳିତ ବର୍ଷ ୨୦୨୫ ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଦେଇଥିବା ସମୁଦାୟ ୧୩୭ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୯୪ ଜଣ, ଦ୍ୱିତୀୟ ଶ୍ରେଣୀରେ ୩୦ ଓ ୦୯ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏହି ମହାବିଦ୍ୟାଳୟ କ୍ରମାଗତ ୯ମ ଥର ଲାଗି ସମଗ୍ର ନବରଙ୍ଗପୁର ଜିଲ୍ଲାରେ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ସର୍ବାଧିକ ପ୍ରଥମ ଶ୍ରେଣୀ ପ୍ରତିଶତ ଲାଭ କରିବାରେ ଗୌରବ ଅର୍ଜନ କରିଛି । ଦଶମ ଶ୍ରେଣୀ ପରୀକ୍ଷାରେ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା କିଛି ଛାତ୍ରଛାତ୍ରୀ ଚଳିତ ବର୍ଷ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ସଫଳତା ହାସଲ କରିଛନ୍ତି । ଚଳିତ ବର୍ଷ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ବିଦ୍ୟାର୍ଥୀ ବିଜ୍ଞାନ ମହାବିଦ୍ୟାଳୟ ତରଫରୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରୁଛୁ ।

...ସତ୍ୟନାରାୟଣ ନାୟକ, ଅଧ୍ୟକ୍ଷ




"About 35 students got 1st Division in +2 science who got 2nd and 3rd Division in their Xth class..."

## CONGRATULATION TO ALL OUR PASSOUTS
## OUR C.H.S.E +2 SCIENCE RESULTS - 2025



ABHIPSA MAHANANDIA | AISHA MAHAPATRA | BISHNU BISOYI | RAJ KISHORE SINGH | S LIZA PATRO | NAMRATA SAHU | SUCHISMITA PATRA | A KAUSHIK NAIDU | LIZA PRADHANI | MAHENDRA GOUDA | SANCHITA BHATTA | ANSHITA PATRA | JYOTSHNA RANI NIHAL | AKANKHYA TAKRI | ISHA SAHU



ABHAYA PR MALAKAR | SATYABAN PRADHAN | SUBHAM HARIJAN | NIKHIL KR MAHAPATRA | P TEJESWI | MANSHA MOHAPATRA | HARSHITA GUPTA | LAMBUDHAR MAJHI | TAPASWINI BISOYI | JYOTIRANI NIHAL | DEEPIKA GARADA | PALLABI PUJARI | SANJUKTA BISOI | BANISHREE NAYAK | KAJOL MOHANTY



ANSUMAN DAS | HEMALATA BHATRA | PUJA MOHANTY | DILLIP KR GANDA | SUBHALAKHSMI AISURAYA | KISHORE SAHANI | DIBYA RN DAS | PRADYUMNA BISSOYI | DHIRAJ MAJUMDAR | SAMIR BISHOYI | SHRUTI SETHIYA | AUROADITYA BAHUK | SRIYA MISHRA | SOWJANYA SURO | ANWESHA BHATTA



ARYAMAN PATNAIK | NS VAISHNAVI | PRATYUSH KU MAJHI | DISHA PANDA | SMRUTI RN MAHAPATRA | SANJU HARIJAN | SUBHRANSI MAHAPATRA | DEEPRAJ BISWAS | JOSADA NAYAK | NAMRATA KHILLO | CHETANA RANI | JHARANA NAYAK | PRABIN KU BHATRA | SWEETY SUDHA | PINTU BISOI



V PRANATI | ASHUTOSH MISHRA | PIYUSH HARIJAN | SRABANI SAHU | TULASI PUJARI | TUHIN BALA | JIBAN JYOTI MOHAPATRA | ANKITA SAHU | SUBHASINI SAHU | KALPANA MAJHI | GOURAV BHOWMICK | KHETRAMANI BHATRA | BISHNUPRIYA MAJHI

**ଇ -ଆଡମିଶନ ସୂଚନା:** ଦଶମ ଶ୍ରେଣୀ ପାସ କରିଥିବା ଛାତ୍ର ଛାତ୍ରୀଙ୍କ ଫର୍ମ ପୂରଣ ସୁବିଧା ନିମନ୍ତେ ଏକ ହେଲପ ଡେସ୍କ ବିଦ୍ୟାର୍ଥୀ କଲେଜ୍, ନବରଙ୍ଗପୁର ପରିସରରେ ଖୋଲା ଯାଇଛି। ଏହି ହେଲପ ଡେସ୍କ କୁ ଅଭିଭାବକ ଏବଂ ଛାତ୍ର ଛାତ୍ରୀ ନିଜେ ଆସି ସୁବିଧାରେ ନିଜ ମନ ମୁତାବକ କଲେଜ୍ ଚୟନ କରି ପାରିବେ। ହେଲପ୍ ଡେସ୍କ ଟି ସକାଳ ୯ ଘଣ୍ଟା ଠାରୁ ରାତ୍ର ୮ ଘଣ୍ଟା ପର୍ଯ୍ୟନ୍ତ ଖୋଲା ରହିବ। ଏଥିପାଇଁ କଲେଜ ପକ୍ଷ ରୁ ସ୍ୱତନ୍ତ୍ର ଭାବେ କଂପ୍ୟୁଟର ଏବଂ ଇଣ୍ଟରନେଟ୍ ବ୍ୟବସ୍ଥା ମଧ୍ୟ କରାଯାଇଛି।

ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର





କଟକ(ଭାସ୍କର ନ୍ୟୁଜ୍): ବିଶିଷ୍ଟ ରାଜନେତା ତଥା ଆଇନଜୀବୀ ଦୀପକ ଦେଙ୍କ ବିୟୋଗରେ ବାଖରାବାଦସ୍ଥ ଗାନ୍ଧିଭବନଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଅଛି । କଟକ ମହାନଗର ନାଗରିକ ମହାସଭା ଆନୁକୂଲ୍ୟରେ ଅନୁଷ୍ଠାନର ସଭାପତି ଡ଼ାକ୍ତର ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ସଭା ପ୍ରାରମ୍ଭରେ ସ୍ୱର୍ଗତ ଆତ୍ମାଙ୍କ ସଦ୍‌ଗତି କାମନା କରି ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ନିର୍ଭିକ, ସ୍ୱଷ୍ଟବାଦୀ, ସଂଗ୍ରାମୀ, ପ୍ରଚଣ୍ଡ ସ୍ୱାଭିମାନୀ ଓ ବିପ୍ଳବୀ ଭାବେ ସବୁ ମହଲରେ ଦୀପକ ଦେଙ୍କ ପରିଚିତ ଥିଲା । ଅଣ କଂଗ୍ରେସ ରାଜନୀତିର ସେ ଥିଲେ ଅନ୍ୟତମ ବାର୍ତ୍ତାବହ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ । ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ଚିତ୍ତ ରଞ୍ଜନ ମହାନ୍ତି, ପ୍ରତାପ ଶତପଥୀ, ଜୟନ୍ତ ବିଶ୍ୱାଳ, ଜ୍ୟୋତ୍ସ୍ନା ପାଣି, ରଞ୍ଜନ ମିତ୍ର, ଧର୍ମେଶ ନାୟକ, କୃଷ୍ଣକେଶବ ମିଶ୍ର, ବଳରାମ ମହାନ୍ତି, ପ୍ରକାଶ ଦାଶ, ପ୍ରଫୁଲ୍ଲ ବେହେରା, ମନୋରଞ୍ଜନ ମିଶ୍ର, ପଦ୍ମଲୋଚନ ମିଶ୍ର, ଦୀପ୍ତିରଞ୍ଜନ ପଣ୍ଡା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ଓଡ଼ିଶାର କୃଷି ବ୍ୟବସାୟ ସମ୍ଭାବନା ଶୀର୍ଷକ ଜାତୀୟ ସେମିନାର ଉଦ୍‌ଘାଟିତ

# କୃଷି କ୍ଷେତ୍ରରେ ଆତ୍ମନିର୍ଭର ପାଇଁ ରାଜ୍ୟପାଳଙ୍କ ଆହ୍ୱାନ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କୃଷିରେ ଅଭାବୀ କ୍ଷେତ୍ରଗୁଡ଼ିକ ଚିହ୍ନଟ କରି ଓଡିଶାକୁ ଆତ୍ମନିର୍ଭରଶୀଳ କରିବା ପାଇଁ ନୀତି ନିର୍ଦ୍ଧାରକ, ବୈଜ୍ଞାନିକ ଏବଂ ଗବେଷକମାନଙ୍କୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି ଆହ୍ୱାନ ଜଣାଇଛନ୍ତି । ଶନିବାର ଓୟୁଏଟି (ଓଡିଶା ୟୁନିଭରସିଟି ଅଫ୍ ଏଗ୍ରିକଲଚର୍ ଆଣ୍ଡ୍ ଟେକ୍ନୋଲୋଜି) ଓ ଆଇଏସ୍ଏଏମ୍ (ଇଣ୍ଡିଆନ ସୋସାଇଟି ଅଫ୍ ଏଗ୍ରିକଲଚରାଲ ମାର୍କେଟିଂ) ହାଇଦ୍ରାବାଦ ଆନୁକୂଲ୍ୟରେ ଓୟୁଏଟି ଠାରେ 'ଓଡିଶାର କୃଷି ବ୍ୟବସାୟ ସମ୍ଭାବନା' ଶୀର୍ଷକ ଜାତୀୟ ସେମିନାରକୁ ଉଦ୍‌ଘାଟନ କରି ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି । ଏହି ସମାରୋହରେ ରାଜ୍ୟପାଳ ଉଦ୍‌ବୋଧନ ଦେଇ କହିଥିଲେ ଯେ, କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରବର୍ତିତ ବିଭିନ୍ନ ଯୋଜନାଗୁଡ଼ିକ ଶୈକ୍ଷିକ ପାଠ୍ୟକ୍ରମରେ ସାମିଲ କରାଯିବାର ଆବଶ୍ୟକତା ରହିଛି । ଏହା ଦ୍ୱାରା ଅଧିକ ଲୋକ ବିଶେଷ କରି ଚାଷୀମାନେ ସେମାନଙ୍କ ପାଇଁ ଉପଲବ୍ଧ ସୁବିଧା ଓ ଲାଭ ପାଇପାରିବେ । କୃଷକମାନଙ୍କ ମଧ୍ୟରେ ଉଦ୍ୟୋଗୀୟତାକୁ ପ୍ରୋତ୍ସାହିତ କରିବା ଏବଂ ଆଧୁନିକ କୃଷି ବ୍ୟବସାୟ ଧାରା ସହିତ ପ୍ରସ୍ତୁତ କରିବାକୁ ଦକ୍ଷତା ଭିତିକ ତାଲିମ୍ ନିମନ୍ତେ ଏକାଡେମିକ୍ କମ୍ୟୁନିଟି ଏବଂ ନୀତି ନିର୍ଦ୍ଧାରକମାନେ ବ୍ୟାପକ ମଡେଲ ନିର୍ମାଣ କରିବାକୁ ରାଜ୍ୟପାଳ କହିଥିଲେ । ରାଜ୍ୟର କୃଷି ଶକ୍ତି ଉପରେ ରାଜ୍ୟପାଳ ଆଲୋକପାତ କରି କହିଥିଲେ ଯେ ଓଡିଶାର ଅନନ୍ୟ କୃଷି ଜଳବାୟୁ ପରିସ୍ଥିତି ଉପକୂଳବର୍ତ୍ତୀ ସମତଳ ଅଞ୍ଚଳରୁ ଜଙ୍ଗଲପୂର୍ଣ୍ଣ ଉଚ୍ଚଭୂମି ପର୍ଯ୍ୟନ୍ତ ଏହା ବିଭିନ୍ନ ପ୍ରକାର କୃଷି ଉଦ୍ୟୋଗ ପାଇଁ ଉପଯୁକ୍ତ ଅଟେ । ୫୦ ଶତକଡ଼ାରୁ ଅଧିକ ଜନସଂଖ୍ୟା କୃଷି ଉପରେ ନିର୍ଭର କରୁଥିବାରୁ କୃଷି ବ୍ୟବସାୟ ଗ୍ରାମୀଣ ସମୃଦ୍ଧି ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ଏକ ଶକ୍ତିଶାଳୀ ଇଞ୍ଜିନ ଭାବରେ କାର୍ଯ୍ୟ କରିପାରିବ । କୃଷି ପ୍ରକ୍ରିୟାକରଣ, ମୂଲ୍ୟବୃଦ୍ଧି, ଶୀତଳ ଶୃଙ୍ଖଳ, ଗୋଦାମ ଏବଂ ରପ୍ତାନୀ ଭିତିକ କୃଷି କ୍ଷେତ୍ରରେ ଓଡିଶା ପାଇଁ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ରହିଛି । ବିଶେଷକରି ହଳଦୀ, ବାଜରା, ଆମ୍ବ, ସାମୁଦ୍ରିକ ମାଛ ଏବଂ ପନିପରିବା ଭଳି ଉଚ୍ଚ ସମ୍ଭାବ୍ୟ ଫସଲ କ୍ଷେତ୍ରରେ ଉଜ୍ଜଳ ସମ୍ଭାବନା ରହିଛି ବୋଲି ରାଜ୍ୟପାଳ କହିଥିଲେ । ଏହି ସମାରୋହରେ ଓୟୁଏଟିର ଭାଇସ୍ ଚାନସେଲର ପ୍ରଫେସର ପ୍ରଭାତ କୁମାର ରାଉଳ, ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ଭାଇସ୍ ଚାନସେଲର ପ୍ରଫେସର ବିଧୁଭୂଷଣ ମିଶ୍ର, ଆଇଏସ୍ଏଏମ୍‌ର ସେକ୍ରେଟାରୀ ତଥା ମ୍ୟାନେଜିଂ ଡିରେକ୍ଟର ଡ. ଟି. ସତ୍ୟନାରାୟଣା ବକ୍ତବ୍ୟ ପ୍ରଦାନ କରିଥିବାବେଳେ ପ୍ରାରମ୍ଭରେ କଲେଜ୍ ଅଫ୍ ଏଗ୍ରିକଲଚରର ଡିନ୍ ପ୍ରଫେସର ହୃଷିକେଶ ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶେଷରେ ଅର୍ଗାନାଇଜିଂ ସେକ୍ରେଟାରୀ ପ୍ରଫେସର ସର୍ବନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## କର୍ପୋରେଟରଙ୍କ ପ୍ରଚେଷ୍ଟାରୁ ଦୂର ହେଲା ବହୁ ବର୍ଷର ସମସ୍ୟା



କଟକ(ଭାସ୍କର ନ୍ୟୁଜ୍): କଟକରେ ଯେତେବେଳେ ଅଳ୍ପ କିଛି ସମୟ ବର୍ଷା ହେଲେ ଝୋଲା ସାହିରେ ଥିବା ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସମ୍ମୁଖ ମୂଖ୍ୟ ରାସ୍ତାରେ ତିନି ଫୁଟରୁ ଅଧିକ ପାଣି ଜମା ହୋଇଥାଏ । ବିଭିନ୍ନ ସମୟରେ ସେଠାରେ ବସବାସ କରୁଥିବା ଜନସାଧାରଣ ବହୁ ଅସୁବିଧାରେ ସମ୍ମୁଖୀନ ହେଉଥିଲେ । କଟକ ସହରର ଏକ ଜନଗହଳି ପୂର୍ଣ୍ଣ ଅଞ୍ଚଳ ଏବଂ ହୋଲସେଲ ମାର୍କେଟ ହୋଇଥିବାରୁ ଝୋଲା ସାହିରେ ପ୍ରତ୍ୟେକ ଦିନ ଭିଡ଼ ଜମିଥାଏ ବର୍ଷା ଦିନରେ ସାଧାରଣ ଲୋକ ବହୁ ସମସ୍ୟାର ସାମ୍ନା କରିଥାନ୍ତି । ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ କରିବାକୁ ୨୬ ନମ୍ବର ୱାର୍ଡର କର୍ପୋରେଟର ଗଗନ ଓଝା ବାରମ୍ବାର କାଉନସିଲରେ ସମସ୍ୟାର ସମାଧାନ କରିବାକୁ ନିଜର ମତ ରଖିବା ପରେ କମିଶନର ଏବଂ ମେୟର କର୍ପୋରେଟର ଗଗନ ଓଝାଙ୍କ କଥାକୁ ଗୁରୁତ୍ୱ ଦେଇ କାମର ଟେଣ୍ଡର କରାଇଥିଲେ । ଏବେ ଝୋଲା ସାହି ଅଞ୍ଚଳରେ କାମ ହେଉଥିବା ସମୟରେ କର୍ପୋରେଟର ଗଗନ ଓଝାଙ୍କୁ ସ୍ଥାନୀୟ ବାସିନ୍ଦା ଧନ୍ୟବାଦ ଜଣାଇଛନ୍ତି ।

## ନେହେରୁ ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ପରିବେଶ ଦିବସ

କଟକ(ଭାସ୍କର ନ୍ୟୁଜ୍): ନେହେରୁ ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ପରିବେଶ ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୀରେନ୍ଦ୍ର ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ପରିବେଶବିତ ଡ ଅର୍ଜୁନ ବିଶ୍ୱାଳ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ହରିହର ସାମଲ ଯୋଗ ଦେଇଥିଲେ । ପଲିଥିନକୁ ବର୍ଜନ କରିବା ସହ ଏକ ପ୍ରଦୂଷଣମୁକ୍ତ ସମାଜ ଗଠନ କରିବା ନିମନ୍ତେ ସଂକଳ୍ପ ନେବା ପାଇଁ ଅତିଥି ମାନେ ଆହ୍ୱାନ ଦେଇଥିଲେ । ସହକାରୀ ଶିକ୍ଷକ ଗଂଗାଧର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ପରିବେଶ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏଥିସହିତ ବିଦ୍ୟାଳୟ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଛାତ୍ରଛାତ୍ରୀଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଥିଲା । ହିରଣ୍ୟମୟୀ ସାମଲ, ଦିଲୀପ ରାଉତ, କଳ୍ପନାମୟୀ ବେହେରା, ତ୍ରିଲୋଚନ ବେହେରା, ବବି ନାରାୟଣ ଦାସ, ସସ୍ମିତା ସ୍ୱାଇଁ ଓ ସସ୍ମିତା ସାମଲ ପ୍ରମୁଖ କାର୍ଯ୍ୟକ୍ରମର ପରିଚାଳନାରେ ସହାୟତା କରିଥିଲେ ।




ପ୍ରଥମ ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମନ୍ଦିର ସମୂହ ଆଲୋଚନା ସମ୍ମେଳନରେ ଉପସ୍ଥିତ ଅତିଥିବୃନ୍ଦ

## ସପରିବାର ମହାକାଳେଶ୍ୱରଙ୍କ ଦର୍ଶନ କଲେ ଧର୍ମେନ୍ଦ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶନିବାର ସପରିବାର ଉଜ୍ଜୟିନୀ ନଗରୀ ସ୍ଥିତ ପରମ ପବିତ୍ର ଶ୍ରୀ ମହାକାଳେଶ୍ୱର ଜ୍ୟୋତିର୍ଲିଙ୍ଗଙ୍କ ଦର୍ଶନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ବାବାଙ୍କ ଦର୍ଶନ କରି ସର୍ବଦା ମନକୁ ଅଦ୍ଭୁତ ଶାନ୍ତି ଓ ଶକ୍ତିର ଅନୁଭୂତି ହୋଇଥାଏ । ବାବା ମହାକାଳଙ୍କ ଦିବ୍ୟ ଆରତୀରେ ସମ୍ମିଳିନୀ ହୋଇ ଦେଶର ସୁଖ-ସମୃଦ୍ଧି, ଜନକଲ୍ୟାଣ ଓ ସମସ୍ତଙ୍କ ମଙ୍ଗଳମୟ ଜୀବନ ପାଇଁ କେନ୍ଦ୍ରମନ୍ତ୍ରୀ ପ୍ରାର୍ଥନା କରିଛନ୍ତି ।

## ଇଦ୍-ଉଜ୍-ଜୁହାର ଶୁଭକାମନା ଜଣାଇଲେ ନବୀନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଇଦ୍ ଉଜ୍ ଜୁହାର ଶୁଭକାମନା ଜଣାଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏନେଇ ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, ଇଦ୍-ଉଜ୍-ଜୁହାର ଶୁଭକାମନା । ବଳିଦାନର ଏହି ପର୍ବ ଖୁସି ଆଣୁ ଓ ସମାଜରେ ଶାନ୍ତି, ଭାତୃତ୍ୱ ଓ ସୌହାର୍ଦ୍ଦ୍ୟକୁ ସୁଦୃଢ଼ କରୁ ଏହାହିଁ କାମନା କରୁଛି ।

ରାଜ୍ୟର ଚୂଡ଼ାନ୍ତ ଆଇଟି ନୀତିରେ ସଂଶୋଧିତ ରିହାତି ବ୍ୟବସ୍ଥା ଅନ୍ତର୍ଭୁକ୍ତ ହେବ

# ଗବେଷଣା ଭିତ୍ତିରେ ୫ କୋଟି ପର୍ଯ୍ୟନ୍ତ ରିହାତି ବ୍ୟବସ୍ଥା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଇଲେକ୍ଟ୍ରୋନିକ ଗବେଷଣା 'ଓଡ଼ିଶା ପ୍ରଦତ ସୁବିଧା: ଇଏସ୍‌ଡିଏମ୍ ଲକ୍ଷ୍ୟ ପୂରଣ ଦିଗରେ ଏକ ଅନୁପ୍ରେରଣା' ଶୀର୍ଷକ ଏହି କର୍ମଶାଳାରେ ଆଇଟି ଶିଳ୍ପ କ୍ଷେତ୍ରର ପ୍ରତିନିଧି ଓ ଇ ଆଣ୍ଡ ଆଇଟି ବିଭାଗ ଉଚ୍ଚ ପଦାଧିକାରୀଙ୍କ ମଧ୍ୟରେ ସରକାରଙ୍କ ନୀତି ତଥା ଶିଳ୍ପ ଅନୁକୂଳ ପ୍ରସ୍ତାବ ସଂପର୍କରେ ଆଲୋଚନା ତଥା ମତ ବିନିମୟ ହୋଇଥିଲା । ଉପସ୍ଥିତ ହିତଧାରକମାନେ ସେମାନଙ୍କ ପରିଚୟ ଏବଂ ନିଜ ନିଜ ସଂସ୍ଥାର ସଫଳତା ସହ ବିଭିନ୍ନ ସମସ୍ୟା ବଖାଣିବା ପରେ ବିଭାଗ ପକ୍ଷରୁ କରାଯାଇଥିବା ପଲିସି ସଂଶୋଧନ ଓ ପଲିସିର ଲକ୍ଷ୍ୟ ସଂପର୍କରେ ବିସ୍ତୃତ ସୂଚନା ଦିଆଯାଇଥିଲା । କର୍ମଶାଳାକୁ ସମ୍ବୋଧିତ କରି ପ୍ରମୁଖ ସଚିବ ବିଶାଳ କୁମାର ଦେବ କହିଥିଲେ, ଇଲେକ୍ଟ୍ରୋନିକ୍ସ ନୀତିରେ ଆଗାମୀ ସଂଶୋଧନ ବିଷୟରେ ଆପଣଙ୍କୁ ଅବଗତ କରାଇବା ହେଉଛି ଏହି ବୈଠକର ଉଦ୍ଦେଶ୍ୟ । ପ୍ରୋତ୍ସାହନ ଗୁରୁତ୍ୱପୂର୍ଣ୍ଣ ହେଲେ ମଧ୍ୟ ପୁଞ୍ଜି ନିବେଶକାରୀଙ୍କୁ ଆକୃଷ୍ଟ କରିବା ପାଇଁ କେବଳ ତାହା ହିଁ ଯଥେଷ୍ଟ ନୁହେଁ । ଯେକୌଣସି ନୀତିର ଯଥୋଚିତ ଲାଭ ଉଠାଇବା ପାଇଁ ଏକ ଦୃଢ଼ ଏବଂ ବ୍ୟାପକ ଇକୋସିଷ୍ଟମ ଜରୁରୀ ବୋଲି ସେ ଉଲ୍ଲେଖ କରିଥିଲେ । ପରେ ଇ ଆଣ୍ଡ ଆଇଟି ବିଭାଗର ପ୍ରତିନିଧିମାନେ ନୀତି ଢାଞ୍ଚାରେ ପ୍ରସ୍ତାବିତ ସଂଶୋଧନ ଉପସ୍ଥାପନ କରିଥିଲେ । ଏହି ଉପସ୍ଥାପନାରେ କୁଶଳୀ ପ୍ରତିଭାର ଧାରାକୁ ସୁଦୃଢ଼ କରିବା ପାଇଁ ଷ୍ଟାଇପେଣ୍ଡ ସହ ଦେଶରେ ସର୍ବପ୍ରଥମ ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମ ଏବଂ ଇ.ଏସ୍.ଡି.ଏମ୍. କ୍ଷେତ୍ର ମଧ୍ୟରେ ଯୋଗାଣ ଶୃଙ୍ଖଳା ଦକ୍ଷତାକୁ ଉନ୍ନତ କରିବା ପାଇଁ ଲଜିଷ୍ଟିକ୍ସ ସବସିଡ଼ିର ଯୋଜନା ସଂପର୍କରେ ମଧ୍ୟ ସୂଚନା ଦିଆଯାଇଥିଲା । ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ମାନସ ରଞ୍ଜନ ପଣ୍ଡା ଦେଶ ଭିତରେ ଇଲେକ୍ଟ୍ରୋନିକ ସାମଗ୍ରୀର ଉତ୍ପାଦନ ତଥା ଚାହିଦା ଏବଂ ରପ୍ତାନି ପୂର୍ବାପେକ୍ଷା ୫ ଗୁଣା ବୃଦ୍ଧି ପାଇଥିବା ସଂପର୍କରେ ସୂଚନା ଦେବା ସହ କମ୍ପୋନେଣ୍ଟ ଉତ୍ପାଦନ ପାଇଁ ରାଜ୍ୟର ଆଇଟି ନୀତିକୁ କେନ୍ଦ୍ରୀୟ ନୀତି ସହ ସମନ୍ୱିତ କରାଯାଇଛି ବୋଲି କହିଥିଲେ । ତାଙ୍କ ଶେଷ ମନ୍ତବ୍ୟରେ ପ୍ରମୁଖ ସଚିବ ଦେବ କହିଥିଲେ, 'ଆଜିର ଆଲୋଚନା ନୀତି କାର୍ଯ୍ୟାନ୍ୱୟନ ଏବଂ ଦାବି ପ୍ରକ୍ରିୟାକରଣ ସଂପର୍କୀୟ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉପରେ ଆଲୋକପାତ କରିଛି । ଏଗୁଡ଼ିକର ସମାଧାନ ନିମନ୍ତେ ପ୍ରତ୍ୟେକ ନୀତି ପାଇଁ ସମର୍ପିତ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଟିମ୍ ଗଠନ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ ।

ଘରୋଇ ନର୍ସିଂହୋମରେ ଭୁଲ ଅସ୍ତ୍ରୋପଚାର ଅଭିଯୋଗ

# ସିଡିଏମ୍‌ଙ୍କ ନିର୍ଦ୍ଦେଶରେ ଗଠନ ହେଲା ଅନୁଧ୍ୟାନ କମିଟି

କଟକ(ଭାସ୍କର ନ୍ୟୁଜ୍): ଏକ ଘରୋଇ ନର୍ସିଂହୋମରେ ଜଣେ ମହିଳାଙ୍କ ଶରୀରରେ ଭୁଲ ଅସ୍ତ୍ରୋପଚାର କରାଯାଇଥିବା ନେଇ ପରିବାର ଲୋକଙ୍କ ପକ୍ଷରୁ ଥାନାରେ ଅଭିଯୋଗ ପରେ ସିଡିଏମଓଙ୍କ ନିର୍ଦ୍ଦେଶ ଆଧାରରେ ଆଜି ଏକ ଅନୁଧ୍ୟାନ କମିଟି ଗଠିତ ହୋଇଛି । ପୁଲିସ୍ ଜବତ କରିଥିବା ନର୍ସିଂହୋମ୍ କାଗଜପତ୍ରର ତଦନ୍ତ କରାଯିବ । ଗଠିତ ହୋଇଥିବା ଅନୁଧ୍ୟାନ କମିଟିରେ ନୋଡାଲ ଅଫିସର ଓ ଡିଲିଂ କ୍ଲର୍କ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ରିପୋର୍ଟ ଦେବାକୁ କୁହାଯାଇଛି । ସୂଚନାଥାଉକି ଦିପ୍ତୀମୟୀ ସାମଲ ନାମକ ଜଣେ ମହିଳା ପ୍ରସୁତି ଜନିତ ସମସ୍ୟାକୁ ନେଇ ଚିକିତ୍ସା ନିମନ୍ତେ ରାଣୀହାଟର ଏକ ଘରୋଇ ନର୍ସିଂହୋମରେ ଭର୍ତି ହୋଇଥିଲେ । ସେଠାରେ ଅସ୍ତ୍ରୋପଚାର କରାଯିବା ପରେ ମଧ୍ୟ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିନଥିଲା । ଏହା ପରେ ଦିପ୍ତୀମୟୀଙ୍କ ପରିବାର ଲୋକେ ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ଦେଖାଇଥିଲେ । ସେଠାରେ ଡାକ୍ତର ପୂର୍ବ ଅସ୍ତ୍ରୋପଚାର ଭୁଲ ହୋଇଛି ଓ ସାନି ଏକ ଅସ୍ତ୍ରୋପଚାର କରିବାକୁ ପରାମର୍ଶ ଦେଇଥିଲେ । ତାଙ୍କର ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର କରାଯାଇଥିବା ଜାଣିବା ପରେ ପରିବାର ଲୋକେ ସଂପୃକ୍ତ ନର୍ସିଂହୋମ୍ ବିରୋଧରେ ମଙ୍ଗଳବାବାଗ ଥାନାରେ ଏତଲା ଦେଇଥିଲେ । ଏଥିସହିତ ଘଟଣାର ଅନୁସନ୍ଧାନ ପାଇଁ କଟକ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରାଯାଇଥିଲା । ଦୀପ୍ତିମୟୀ ୧୧ ସପ୍ତାହର ଗର୍ଭବତୀ ଥିବା ଜାଣିବା ପରେ ପରିବାରର ସହମତିରେ ଗର୍ଭପାତ କରିବାକୁ ରାଣୀହାଟର ଉକ୍ତ ଘରୋଇ ନର୍ସିଂହୋମ୍ ଆସିଥିଲେ । ତାଙ୍କର ଗର୍ଭପାତ କରାଯାଇଥିଲା । ତେବେ ଘରକୁ ଯିବା ପରେ ପେଟରେ ଯନ୍ତ୍ରଣା ଅନୁଭବ କଲେ ଏବଂ ପେଟ ଫୁଲିବାକୁ ଲାଗିଲା । ଭୁବନେଶ୍ୱରରେ ଏକ ଘରୋଇ ହସ୍‌ପିଟାଲ୍‌ରେ ପରୀକ୍ଷା ପରେ ମଳ ନଳୀର କିଛି ଅଂଶ କଟାଯାଇଥିବା ଜଣାପଡିଛି ।

## ପିଏମ୍ ଆବାସ ଯୋଜନାରେ ନିଶୁଳ୍କରେ ମିଳିବ ୨ ଟ୍ରାକ୍ଟର ବାଲି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ତିଆରି କରୁଥିଲେ ନିଶୁଳ୍କରେ ମିଳିବ ଦୁଇ ଟ୍ରାକ୍ଟର ବାଲି । ସହଜରେ ସରଳ ଭାବରେ ଶସ୍ତାରେ କେମିତି ଲୋକେ ଘର ତିଆରି ପାଇଁ ବାଲି ପାଇବେ ସେଥିପାଇଁ ସରକାର ଯୋଜନା କରୁଛନ୍ତି । ଏନେଇ ପରମିଟ୍ ପ୍ରଦାନ କରାଯିବ । ଡ୍ରାଫ୍ଟ ପ୍ରସ୍ତୁତ ହୋଇଛି । ହାଇୱା ବଦଳରେ ବାଲି ଉଠାଣ ପାଇଁ ଅନ୍ୟ ଗାଡି ବ୍ୟବହାର ହେବ । ହାଇୱାରେ ୪୦ ଟନ ଯାଉଥିବାରୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ତିଆରି ରାସ୍ତା କ୍ଷତିଗ୍ରସ୍ତ ହେଉଛି । ବାଲି ଉଠାଣରେ କେଉଁ ଗାଡି ବ୍ୟବହାର ହେବ ଓ କେତେ ବାଲି ଉଠାଇ ପାରିବେ ଏଥିପାଇଁ ଏସ୍‌ଓପି ପ୍ରସ୍ତୁତ ହେଉଛି । ଖୁବ୍‌ଶୀଘ୍ର ଏସଓପି ଆସିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ।





ପ୍ରଥମ ସହକାରୀ ଅଗ୍ନିଶମ ଅଧିକାରୀଙ୍କ ସମ୍ମିଳନୀରେ ଅଗ୍ନିଶମ ମହାନିର୍ଦ୍ଦେଶକ ଡକ୍ଟର ସୁଧାଂଶୁ ଷଡ଼ଙ୍ଗୀ ଓ ଅନ୍ୟମାନେ

## ରାଇଘର ବ୍ଲକ ଚାଷୀଙ୍କ ଧାନ ବିକ୍ରି ବକେୟା ତୁରନ୍ତ ଦିଆଯାଉ: ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର ୩୪୪ ଚାଷୀଙ୍କ ଧାନ ବିକ୍ରି ବକେୟା ପ୍ରାୟ ସାଢେ ୪ କୋଟି ଟଙ୍କା ତୁରନ୍ତ ରାଜ୍ୟ ସରକାର ପ୍ରଦାନ କରନ୍ତୁ ବୋଲି ବିଜୁ ଜନତା ଦଳ ଦାବି କରିଛି । ଭୁବନେଶ୍ୱରରେ ରାଇଘର ଚାଷୀଙ୍କ ଅହୋରାତ୍ର ଧାରଣାସ୍ଥଳକୁ ଯାଇ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଓ ଉପସଭାପତି ସଞ୍ଜୟ ଦାସ ବର୍ମା, ଚାଷୀଙ୍କ ନ୍ୟାର୍ଯ୍ୟ ଦାବିକୁ ସମର୍ଥନ ଜଣାଇବା ସହ ରାଜ୍ୟ ସରକାର ଏ ବାବଦରେ ଅତିଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଦାବି କରିଥିଲେ । ଗତ ୩ଦିନ ଧରି ରାଇଘର ବ୍ଲକ ଚାଷୀ ରାଜଧାନୀରେ ଅହୋରାତ୍ର ଧାରଣା ଦେଇଛନ୍ତି । ସରକାରୀ ନିୟମ ମୁତାବକ ଟୋକେନ ଜରିଆରେ ୧୮,୦୦୦ କୁଣ୍ଟାଇ ଧାନ ବିକ୍ରୟ କରିବାର ୪ମାସ ବିତିଯାଇଥିଲେ ମଧ୍ୟ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରିନାହାନ୍ତି । ଗତକାଲି ଧାରଣା ସ୍ଥଳକୁ ବରିଷ୍ଠ ସାଧାରଣ ସମ୍ପାଦକ ରମେଶ ମାଝୀ ଓ ପ୍ରଦୀପ ମାଝୀ ଯାଇ ଚାଷୀଙ୍କୁ ସମର୍ଥନ ଜଣାଇଥିଲେ ।

# ଗୁରୁ ଦୟାନିଧି ଦାସଙ୍କ ୯୮ତମ ଜୟନ୍ତୀ ପାଳିତ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗୁରୁ ଦୟାନିଧି ଦାସଙ୍କ ୯୮ତମ ଜୟନ୍ତୀ ଉତ୍ସବ ଗୁରୁ କେଳୁ ଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟରେ ପାଳିତ ହୋଇଯାଇଛି । ଦୟାନିଧି ସ୍ମୃତି କଳା ପରିଷଦ ଏବଂ ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ବିଭାଗର ମିଳିତ ଉଦ୍ୟମରେ ଏହି ଜୟନ୍ତୀ ପ୍ରତି ବର୍ଷ ପାଳିତ ହୋଇଆସୁଛି । ପ୍ରଥମେ ଅନୁଷ୍ଠାନ ଉପ ସଭାପତି ନରସିଂହ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଉତ୍ସବରେ ମୁଖ୍ୟ ଅତିଥି ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଚନ୍ଦ୍ରଶେଖର ହୋତା, ଓଡ଼ିଶୀ ନୃତ୍ୟ ଗବେଷକ ଡ. ମନୋଜ ବେହେରା ମୁଖ୍ୟବକ୍ତା । ଓଡ଼ିଶୀ ଗବେଷଣା କେନ୍ଦ୍ରର ଅବସରପ୍ରାପ୍ତ କର୍ମଚାରୀ ବୁଦ୍ଧଦେବ ଦାସ, ଅନୁଷ୍ଠାନର ସଭାପତି ଡ. ପ୍ରଫୁଲ୍ଲ କୁମାର ଦାସ, ଅନୁଷ୍ଠାନର ସମ୍ପାଦିକା ବିଜୟଲକ୍ଷ୍ମୀ ଦାସ ଅନୁଷ୍ଠାନର ବାର୍ଷିକ ପତ୍ରିକା କଳା ସୃଜନୀ ଅତିଥିଙ୍କ ଉପସ୍ଥିତରେ ଉନ୍ମୋଚନ ହୋଇଥିଲା । ଏହି ଉତ୍ସବରେ ବିଶିଷ୍ଟ ନୃତ୍ୟଗୁରୁମାନେ ଯୋଗଦେଇ ଗୁରୁ ଦୟାନିଧିଙ୍କର ଓଡ଼ିଶୀ ନୃତ୍ୟ ଜଗତକୁ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ଦୟାନିଧି ସ୍ମୃତି କଳା ପରିଷଦର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଶାସ୍ତ୍ରୀୟ ସଙ୍ଗୀତ, ତୁଳସୀ ଦାସ ଭଜନ, ଓଡ଼ିଶୀ ଅଭିନୟ ଏବଂ ନୃତ୍ୟନାଟିକା 'ପତିତପାବନ' ତଥା ଆଧୁନିକ ନୃତ୍ୟ ପରିବେଷିତ କରି ଦର୍ଶକମାନଙ୍କୁ ହୃଦୟସ୍ପର୍ଶ କରିଥିଲା । ପରେ ଦେଶାତ୍ମ ବୋଧକ ସଙ୍ଗୀତ ପରିବେଷ କରିଥିଲେ ଶେଷରେ ଅନୁଷ୍ଠାନର ଛାତ୍ରୀ ମାନଙ୍କ ଦ୍ୱାରା କେଡେ ଛନ୍ଦ ଜାଣେ ଲୋ ସହି ଦଳ ଗତ ନୃତ୍ୟ ପରିବେଶ କରି ଶ୍ରୋତାଙ୍କୁ ବିମୋହିତ କରିଥିଲେ ।

# ମୁଷ୍ଟିମେୟଙ୍କ ହାତରେ ଦେଶର ସମସ୍ତ ସମ୍ପଦ ଠୁଳ ହେବା କଥା ନୁହେଁ: ମେଧା ପାଟେକର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରାକୃତିକ ସମ୍ପଦର ସୁରକ୍ଷା ତଥା ନଦୀ ଓ ଜଳ ଉତ୍ସଗୁଡ଼ିକର ସଂରକ୍ଷଣ ପରିପ୍ରେକ୍ଷୀରେ ଭୁବନେଶ୍ୱର ଲୋହିଆ ଏକାଡେମୀ ପରିସରରେ ରାଜ୍ୟସ୍ତରୀୟ କନଭେନସନ୍ ଆୟୋଜିତ ହୋଇଯାଇଛି । ଏହି କନଭେନସନର ପ୍ରଥମ ଅଧିବେଶନ ସମଦୃଷ୍ଟିର ସମ୍ପାଦକ ସୁଧୀର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିବା ବେଳେ ଦେଶର ବିଶିଷ୍ଟ ପରିବେଶବିତ୍, ନର୍ମଦା ବଞ୍ଚାଅ ଆନ୍ଦୋଳନ ତଥା ଜନ ଆନ୍ଦୋଳନମାନଙ୍କର ରାଷ୍ଟ୍ରୀୟ ସମନ୍ୱୟର ପ୍ରତିଷ୍ଠାତା ସଦସ୍ୟ ମେଧା ପାଟେକର ଏହାକୁ ଉଦଘାଟନ କରିଥିଲେ । ଜଳବାୟୁ ନ୍ୟାୟ ଅଧ୍ୟୟନ କେନ୍ଦ୍ର, ଲୋକଶକ୍ତି ଅଭିଯାନ ଏବଂ ଦୟା ସୁରକ୍ଷା ଅଭିଯାନ ପକ୍ଷରୁ ମିଳିତ ଭାବେ ଆୟୋଜିତ ଏହି ରାଜ୍ୟସ୍ତରୀୟ କନଭେନସନରେ ବିଶିଷ୍ଟ ପରିବେଶବିତ୍ ତଥା ଲୋକଶକ୍ତି ଅଭିଯାନର ଅଧ୍ୟକ୍ଷ ପ୍ରଫୁଲ୍ଲ ସାମନ୍ତରା ଭିତ୍ତିପତ୍ର ଉପସ୍ଥାପନ ଅବସରରେ ତାଙ୍କର ବକ୍ତବ୍ୟ ପ୍ରଦାନ କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମୁଖ୍ୟ ଶାସନ ସଚିବ ଅରବିନ୍ଦ ବେହେରା, ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତିର ନେତା ତଥା ଜୟ କିଷାନ୍ ଆନ୍ଦୋଳନର ଲିଙ୍ଗରାଜ, ବାଲନ୍ଦା ଖଣି ବିରୋଧୀ ଆନ୍ଦୋଳନର ଲକ୍ଷ୍ମୀ ସିସା, ଜନ ଆନ୍ଦୋଳନର ରାଷ୍ଟ୍ରୀୟ ସମନ୍ୱୟର ଅନ୍ୟତମ ନେତା ଲିଙ୍ଗରାଜ ଆଜାଦ୍ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । କନଭେନସନକୁ ଉଦଘାଟନ କରି ନର୍ମଦା ବଞ୍ଚାଅ ଆନ୍ଦୋଳନ ତଥା ଜନ ଆନ୍ଦୋଳନମାନଙ୍କର ବିଶିଷ୍ଟ ନେତ୍ରୀ ମେଧା ପାଟେକର ତାଙ୍କର ବକ୍ତବ୍ୟରେ କହିଥିଲେ ଯେ, ସମସ୍ତ ଜଳ, ଜମି ଓ ଜଙ୍ଗଲ ତଥା ପ୍ରାକୃତିକ ସମ୍ପଦକୁ କେନ୍ଦ୍ରୀକରଣ କରି ଆଜି ସରକାର ଲୋକମାନଙ୍କ ଜୀବନ ଜୀବିକାକୁ ଅଣଦେଖା କରୁଛନ୍ତି ଓ ପ୍ରାକୃତିକ ସମ୍ପଦର ଲୁଣ୍ଠନ କରି ଚାଲିଛନ୍ତି । ପିଢ଼ି ପରେ ପିଢ଼ି ଧରି ଲୋକମାନେ ବଞ୍ଚାଇ ରଖିଥିବା ପ୍ରାକୃତିକ ସଂଶାଧନକୁ ସରକାର ବଳପୂର୍ବକ କର୍ପୋରେଟଙ୍କ ହାତରେ ଟେକି ଦେଉଛନ୍ତି । ଆଇନ ପରେ ଆଇନ କରାଯାଉଛି, କିନ୍ତୁ ସମ୍ବିଧାନର ମୂଳଭିତ୍ତିକୁ ଦୁର୍ବଳ କରିଦିଆ ଯାଉଛି । ଗାଁର ଜମି, ଜଙ୍ଗଲ, ଖଣି, ପାଣି ଉପରେ ଗ୍ରାମବାସୀଙ୍କ ତଥା ଗ୍ରାମସଭାର ଅଧିକାରକୁ ଯଦି ଆମେ ସମ୍ମାନ ନଦେବା, ତାହା ହେଲେ ଆମେ ଗଣତନ୍ତ୍ରକୁ ସମ୍ମାନ ଦେଉଛନ୍ତି ବୋଲି କହିପାରିବା କି ବୋଲି ସେ ପ୍ରଶ୍ନ କରିଥିଲେ । ମୁଷ୍ଟିମେୟଙ୍କ ହାତରେ ଦେଶର ସମସ୍ତ ସମ୍ପଦ ଠୁଳ ହେବା କଥା ନୁହେଁ କି ଏ ଦେଶ ପୁଞ୍ଜିପତି ମାନଙ୍କ ଜାଗିର୍ ନୁହେଁ । ସେଥିପାଇଁ ଆମକୁ ଉଭୟ ସଂଘର୍ଷ ଓ ନିର୍ମାଣ ପାଇଁ ତଥା ଏକ ସମତା ମୂଳକ ସମାଜ ପ୍ରତିଷ୍ଠା ପାଇଁ ସମ୍ମିଳିତ ଲଢେଇ କରିବାକୁ ସେ ଆହ୍ୱାନ ଦେଇଥିଲେ । ଦ୍ୱିତୀୟ ଅଧିବେଶନରେ ଦୟା ସୁରକ୍ଷା ଅଭିଯାନର ସଚ୍ଚିକାନ୍ତ ପ୍ରଧାନ, ବୈତରଣୀ ବଞ୍ଚାଅ ଆନ୍ଦୋଳନର ଅଶୋକ ଥାକରେ, ଚିଲିକା ବଞ୍ଚାଅ ଆନ୍ଦୋଳନର ମୀନା କୁମାରୀ ଟହଲ ଓ ଦୀନବନ୍ଧୁ ଅଧିକାରୀ, ମହାନଦୀ ବଞ୍ଚାଅ ଅଭିଯାନର ସଂଯୋଜକ ବିଜୟ ପ୍ରଧାନ, ପୁରୀ ବିମାନ ବନ୍ଦର ବିରୋଧୀ ଆନ୍ଦୋଳନର ସୁରେନ୍ଦ୍ର ତପସ୍ୱ, ସମାକୋଇ ଚକଧର ପ୍ରକଳ୍ପ ବିରୋଧୀ ମଞ୍ଚର ନାରାୟଣ ପ୍ରଧାନ, ଆଇନଜୀବୀ ଶଙ୍କର ପାଣି, ଅଧ୍ୟାପକ ସୁଧୀର ଜେନା, ବୁଢାବଳଙ୍ଗ ନଦୀ ସୁରକ୍ଷା ଅଭିଯାନର ମନୋଜ ନାୟକ, ଋଷିକୂଲ୍ୟା ବଞ୍ଚାଅ ଆନ୍ଦୋଳନର ମାଗତା ବେହେରା, ଅଧ୍ୟାପକ ଖଦାଳ ସାହୁ, ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି ମିହିର ପ୍ରତାପ ଦାସ, ମାଳି ପର୍ବତ ସୁରକ୍ଷା ଆନ୍ଦୋଳନର ଦାସି ନନ୍ଦୀବାଲି, ନୟାଗଡ଼ର ପରିବେଶବିତ୍ ହରିସ୍ୱାମୀ ମହାରାଜ ଏବଂ ସୁବର୍ଣ୍ଣରେଖା ସୁରକ୍ଷା ଆନ୍ଦୋଳନର ଅରୁଣ ଜେନା ପ୍ରମୁଖ ନଦୀର ସ୍ଥିତି, ସମସ୍ୟା ଓ ତା'ର ପ୍ରତିକାର ଦିଗରେ ସେମାନଙ୍କ ମତାମତ ଉପସ୍ଥାପନ କରିଥିଲେ । ଶେଷରେ ସମସ୍ତ ମତାମତକୁ ଆଗାମୀ କାର୍ଯ୍ୟକ୍ରମ ନିମନ୍ତେ ପ୍ରଫୁଲ୍ଲ ସାମନ୍ତରାଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିବା ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ କରାଯାଇଥିଲା ।





ଅଧିକାରୀଙ୍କୁ ସମ୍ମାନିତ କଲେ ଶାହା | ୬

ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ବୋଧହୁଏ ଏହା ଶେଷ ମ୍ୟାଚ୍ ଥିଲା | ୭

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୬୮ Vol. 22 No-68 8 JUNE 2025 SUNDAY, BHUBANESWAR ରବିବାର, ୮ ଜୁନ୍ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ଫୁଲବାଣୀରେ ମେଡ଼ିକାଲ କଲେଜର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

# ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନୂତନ ଦିଗନ୍ତ

- କନ୍ଧମାଳବାସୀଙ୍କ ସ୍ୱପ୍ନ ପୂରଣ
- ୬୫୫କୋଟିର ୫ଟି ପ୍ରକଳ୍ପର ଉଦ୍‌ଘାଟନ
- ୯୪କୋଟିର ୫ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ
- ପର୍ଯ୍ୟଟନର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ
- ବିକାଶର ଧାରା ହେଉଛି ତ୍ୱରାନ୍ୱିତ



ଭୁବନେଶ୍ୱର/ଫୁଲବାଣୀ,୭।୬ (ଭାସ୍କର ନ୍ୟୁଜ୍) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର କନ୍ଧମାଳ ଜିଲ୍ଲା ଗସ୍ତ କରି ଫୁଲବାଣୀ ଠାରେ ୧୦୦ ସିଟ ବିଶିଷ୍ଟ ସରକାରୀ ମେଡିକାଲ କଲେଜ ଓ ୬୫୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲର ଶୁଭ ଉଦ୍‌ଘାଟନ କରିବା ସହିତ ଜିଲ୍ଲାର ବିକାଶ ପାଇଁ ପ୍ରାୟ ୭୫୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। କନ୍ଧମାଳର ଏହି ମେଡିକାଲ୍ କଲେଜ୍ କେବଳ ଚିକିତ୍ସା ଶିକ୍ଷା ପ୍ରଦାନ କରିବ ନୁହେଁ ବରଂ ଏହା ଏଠାରେ ଏକ ସୁନିଶ୍ଚିତ ଓ ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବ ଏବଂ ଆଖପାଖ ଅଞ୍ଚଳର ଲୋକଙ୍କ ଜୀବନରେ ବଡ଼ ପରିବର୍ତ୍ତନ ଆଣିବା ପାଇଁ ପ୍ରେରଣା ହେବ। ଏହି ୬୫୦ ଶଯ୍ୟା ବିଶିଷ୍ଟ ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଦ୍ୱାରା କେବଳ କନ୍ଧମାଳ ଜିଲ୍ଲା ନୁହେଁ ବରଂ ସମଗ୍ର ରାଜ୍ୟରେ ସ୍ୱାସ୍ଥ୍ୟ ସେବାର ଏକ ନୂତନ ଅଧ୍ୟାୟ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । 'ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ସହିତ ରାଜ୍ୟ ସରକାରଙ୍କ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାକୁ ଏକକ ସ୍ୱାସ୍ଥ୍ୟ ସେବା ଯୋଜନାକୁ କାର୍ଯ୍ୟକାରୀ କରାଯାଉଛି। ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ସମ୍ମିଳିତ ଭାବେ ଉତ୍ତମ ସ୍ୱାସ୍ଥ୍ୟ ସେବାର ସୁବିଧା ବୃଦ୍ଧି ପାଇଁ ଗୁରୁତ୍ୱ ପ୍ରଦାନ କରୁଛି। ଚଳିତ ବଜେଟରେ କେବଳ ସ୍ୱାସ୍ଥ୍ୟ ସେବା ପାଇଁ ୨୩ ହଜାର ୬୩୫ କୋଟି ଟଙ୍କାର ପ୍ରାବଧାନ କରିଛି, ଯାହା ମୋଟ ବଜେଟର ୮.୨ ପ୍ରତିଶତ। ଏହି ୧୦୦ ସିଟ ବିଶିଷ୍ଟ ମହାବିଦ୍ୟାଳୟରୁ ସ୍ନାତକ ପାଇବା ପରେ ଭେଷଜ ବିଶେଷଜ୍ଞମାନେ ଭବିଷ୍ୟତରେ କେବଳ ଓଡ଼ିଶା ନୁହେଁ, ସମଗ୍ର ଦେଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇପାରିବେ। 'ମାନବ ସେବା ହିଁ ମାଧବ ସେବା', ଏହାକୁ ନିଜ ଜୀବନର ବ୍ରତ ଭାବରେ ଗ୍ରହଣ କରି ଡାକ୍ତର ମାନେ ଏହି ମହାବିଦ୍ୟାଳୟକୁ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ଅଗ୍ରଣୀ ଅନୁଷ୍ଠାନ ରୂପେ ଗଢ଼ି ତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ଡାକ୍ତରୀ ଛାତ୍ର ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଏହା ପରେ ମୁଖ୍ୟମନ୍ତ୍ରୀ ଫୁଲବାଣୀ ଠାରେ ଜିଲ୍ଲାର ବିକାଶ ପାଇଁ ପ୍ରାୟ ୭୫୦ କୋଟି ଟଙ୍କା ମୂଲ୍ୟର ୧୦ଟି ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ପ୍ରକଳ୍ପ ମାନଙ୍କ ମଧ୍ୟରୁ ୬୫୫ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ୫ ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ ହେବା ସହିତ ପ୍ରାୟ • ପୃଷ୍ଠା ୫ ଦେଖନ୍ତୁ






## ଦୁର୍ବଳ ହେଉଛି ମାଓ ସଂଗଠନ

# ୭ ମାଓବାଦୀଙ୍କ ମୃତଦେହ ଉଦ୍ଧାର



ମାଲକାନଗିରି, ୭।୬ (ଭାସ୍କର ନ୍ୟୁଜ୍) : ମାଲକାନଗିରି ସୀମାନ୍ତ ଛତିଶଗଡର ବିଜାପୁର ଜିଲ୍ଲାରେ ନକ୍ସଲ ବିରୋଧି ଅଭିଯାନ ଜୋର ଧରିଛି। ବିଜାପୁର ଜାତୀୟ ଉଦ୍ୟାନରେ ମାଓବାଦୀ ଓ ସୁରକ୍ଷାକର୍ମୀ ମୁହାଁମୁହିଁ ହୋଇଛନ୍ତି। ଗତ ୪ତାରିଖରୁ ଆରମ୍ଭ ହୋଇଥିବା ସର୍ଚ୍ଚ ଅପରେସନ ବର୍ତ୍ତମାନ ବି ଚାଲୁ ରହିଛି। ତେବେ ଶନିବାର ସକାଳେ ଏହି ଜାତୀୟ ଉଦ୍ୟାନରୁ ସୁରକ୍ଷାକର୍ମୀ ୭ଜଣ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ଅନ୍ୟ ୫ଜଣଙ୍କର ମୃତଦେହ ଉଦ୍ଧାର କରାଯାଇଥିଲେ ବି ସେମାନଙ୍କୁ ଚିହ୍ନଟ ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଛତିଶଗଡ ଏସ୍‌ଟିଏଫ୍, ଡିଆର୍‌ଜି, ସିଆର୍‌ପିଏଫ୍ ଓ କୋବ୍ରା ବାହିନୀ ମିଳିତଭାବେ ଏହି ଅପରେସନ ଜାରି ରଖିଛନ୍ତି। ଗତ ୫ତାରିଖରେ ସର୍ଚ୍ଚ ଅପରେସନର ପ୍ରଥମ ସଫଳତା ମିଳିଥିଲା। କୁଖ୍ୟାତ ମାଓବାଦୀ ସୁଧାକର ଓରଫ୍ ଗୌତମର ମୃତଦେହ ଉଦ୍ଧାର କରାଯାଇଥିଲା। ସୁଧାକର ମୁଣ୍ଡ ଉପରେ ୫୦ହଜାର ଟଙ୍କାର ଇନାମ ରହିଥିଲା। ସେହିପରି ୬ତାରିଖରେ ତେଲେଙ୍ଗାନା ଷ୍ଟେଟ୍ କମିଟି ସଦସ୍ୟ ଭାସ୍କରର ମୃତଦେହ ମଧ୍ୟ ଜବତ କରାଯାଇଥିଲା। ଭାସ୍କରର ମୁଣ୍ଡ ପାଇଁ ୪୫ହଜାର ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ଜବତ ହୋଇଥିବା ୭ଟି ମୃତଦେହ ମଧ୍ୟରେ ଦୁଇ ଜଣ ମହିଳା ରହିଥିବା ସୂଚନା ମିଳିଛି। ସର୍ଚ୍ଚ ଅପରେସନ ସମୟରେ ମାଓବାଦୀଙ୍କ ଠାରୁ ବହୁ ଗୁଳିଗୁଳା ଓ ଅସ୍ତ୍ରଶସ୍ତ୍ର ଜବତ • ପୃଷ୍ଠା ୫ ଦେଖନ୍ତୁ

## ରାଜସ୍ୱ ମନ୍ତ୍ରୀଙ୍କ ସୂଚନା


# ୨୦ରେ ଓଡ଼ିଶା ଆସିବେ ମୋଦି



ଭୁବନେଶ୍ୱର, ୭।୬ (ଭାସ୍କର ନ୍ୟୁଜ୍) : ଆସନ୍ତା ୨୦ତାରିଖରେ ଓଡ଼ିଶା ଗସ୍ତରେ ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏନେଇ ସୂଚନା ଦେଇଛନ୍ତି ରାଜ୍ୟ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ସେ କହିଛନ୍ତି ରାଜ୍ୟର ବିଜେପି ସରକାରର ବର୍ଷପୂର୍ତ୍ତି ସମାରୋହରେ ପ୍ରଧାନମନ୍ତ୍ରୀ ଯୋଗଦେବେ। ତେବେ ବର୍ଷପୂର୍ତ୍ତି ମହାସମାରୋହ ଆସନ୍ତା ୧୨ତାରିଖରେ ହେବାକୁ ଥିଲା। ୧୨ତାରିଖରେ ଓଡ଼ିଶା ଗସ୍ତରେ ଆସିବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ସରକାରଙ୍କ ପକ୍ଷରୁ ଅନୁରୋଧ କରାଯାଇଥିଲା। ହେଲେ ତାଙ୍କ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ଦିଆଯାଇଛି ଯେ, ପ୍ରଧାନମନ୍ତ୍ରୀ ୨୦ତାରିଖରେ ଓଡ଼ିଶା ଗସ୍ତରେ ଯିବେ। ତେଣୁ ସରକାରଙ୍କ ବର୍ଷପୂର୍ତ୍ତି ସମାରୋହକୁ ୨୦ତାରିଖକୁ ଘୁଞ୍ଚାଇ ଦିଆଯାଇଥିବା ଶ୍ରୀ ପୂଜାରୀ ସୂଚନା ଦେଇଥିଲେ। ସେ କହିଥିଲେ ବର୍ଷପୂର୍ତ୍ତି କାର୍ଯ୍ୟକ୍ରମ ନେଇ ସ୍ଥାନ ନିରୂପଣ କରାଯାଉଛି। ଆଗାମୀ ଦିନରେ • ପୃଷ୍ଠା ୫ ଦେଖନ୍ତୁ

## ବଢୁଛି କରୋନା ସଂକ୍ରମଣ

# ଆକ୍ରାନ୍ତଙ୍କ ସଂଖ୍ୟା ୫ହଜାର ପାର୍



ମୋଟ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୫,୭୫୫

୨୪ ଘଣ୍ଟାରେ ୪ଜଣଙ୍କ ମୃତ୍ୟୁ ସୂଚନା

କେରଳରେ ସର୍ବାଧିକ ଆକ୍ରାନ୍ତ ଚିହ୍ନଟ

ନୂଆଦିଲ୍ଲୀ, ୭।୬ : କରୋନାର ନୂଆ ଭାରିଆଣ୍ଟ ହୁ ହୁ ହୋଇ ମାଡି ଚାଲିଛି। ସାରା ଦେଶରେ ଏହା ଭୟର ବାତାବରଣ ସୃଷ୍ଟି କରୁଛି। ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ସହ ମୃତ୍ୟୁ ସଂଖ୍ୟା ମଧ୍ୟ ବଢୁଥିବାରୁ ବିଭିନ୍ନ ମହଲରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ଶନିବାର ସକାଳ ସୁଦ୍ଧା ଆକ୍ରାନ୍ତ ସଂଖ୍ୟା ୫ହଜାର ପାର କରିଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଦେଶରେ ସକ୍ରିୟ ମାମଲା ଶନିବାର ସୁଦ୍ଧା ୫,୭୫୫ରେ ପହଞ୍ଚିଛି। ଗତ ୨୪ଘଣ୍ଟାରେ ସାରା ଦେଶରେ ୩୯୧ଟି ନୂଆ ମାମଲା ଚିହ୍ନଟ ହୋଇଥିବା ବେଳେ ୪ଜଣଙ୍କର ମୃତ୍ୟୁ ହୋଇଛି। ତେବେ କେରଳ ସବୁଠାରୁ ଅଧିକ ପ୍ରଭାବିତ ରାଜ୍ୟ ଭାବେ ଚିହ୍ନଟ ହୋଇଛି। ସେଠାରେ ଗୋଟିଏ ଦିନରେ ୧୨୭ଟି ନୂଆ ମାମଲା ଚିହ୍ନଟ କରାଯାଇଛି। ସେହିପରି ଗୁଜରାଟରେ ଆକ୍ରାନ୍ତଙ୍କ ସଂଖ୍ୟା ୧୦୨ରହିଥିବା ବେଳେ ପଶ୍ଚିମବଙ୍ଗରେ ୨୬ ଓ ଦିଲ୍ଲୀରେ ୭୩ଜଣ ଚିହ୍ନଟ ହୋଇଛନ୍ତି। ମହାରାଷ୍ଟ୍ରରେ ୨୪ଘଣ୍ଟାରେ ୨୯ଟି ନୂଆ ମାମଲା ଚିହ୍ନଟ କରାଯାଇଛି। ବର୍ତ୍ତମାନ ସୁଦ୍ଧା କରୋନା ମୃତ୍ୟୁ ସଂଖ୍ୟା ୧୮କୁ ବୃଦ୍ଧି ପାଇଛି। ସେହିପରି ଓଡ଼ିଶାରେ ଆକ୍ରାନ୍ତଙ୍କ ସଂଖ୍ୟାରେ ବୃଦ୍ଧି ଘଟୁନଥିଲେ ମଧ୍ୟ କରୋନା ମହାମାରିକୁ ନେଇ ବିଭିନ୍ନ ମହଲରେ ଗଭୀର ଚିନ୍ତା ପ୍ରକଟ କରାଯାଇଛି। ତେବେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ଏଥିନେଇ ଭୟଭୀତ ହେବାର କୌଣସି କାରଣ ନାହିଁ। କରୋନା ପାଇଁ ସମସ୍ତେ ସଚେତନ • ପୃଷ୍ଠା ୫ ଦେଖନ୍ତୁ






ଏ ଦୁନିଆ ପାନ୍ଥଶାଳେ ନିତି କେତେ ପାନ୍ଥ
ଆସୁଛନ୍ତି ଭିକ୍ଷୁପରି, ଶୂନ୍ୟ କରି ହାତ।
ଯିବ ପୁଣି ଏକା ଶୂନ୍ୟେ ଫେରି ନିଜ ପଥେ,
ମିଳନର ଆଡ଼ମ୍ବର ଲିଭିଯିବ ସତେ।

-ସଚ୍ଚିଦାନନ୍ଦ ରାଉତରାୟ



ଈର୍ଷା ଏବଂ ଘୃଣାର ନିଆଁରେ ଜଳୁଥିବା ଏଇ ଦୁନିଆରେ ହସ ଓ ଖୁସି କେବେବି ସ୍ଥାୟୀ ହୋଇପାରିବ ନାହିଁ।

-ଗୌତମ ବୁଦ୍ଧ



# ଚୋଗ୍ୟାଲ୍, ହୋପ୍ କୁକ୍ ଓ ଭାରତ: ସିକ୍କିମ୍ କାହାଣୀ



ସୁଜାତା ପ୍ରହରାଜ
ଭୁବନେଶ୍ୱର
ମୋ : ୮୨୪୯୭୦୫୪୨୧

ପ୍ରକୃତି ସତେ ଅବା ନିଜକୁ ସମର୍ପଣ କରିଦେଇଛି। ଅନୁପମ ସୌନ୍ଦର୍ଯ୍ୟ ପ୍ରତି କୋଣଅନୁକୋଣରେ ବିଚ୍ଛୁରିତ। ରୌପ୍ୟମୁକୁଟ ପରିହିତ ବରଫାବୃତ ସୁଉଚ୍ଚ ପର୍ବତମାଳା, ରଙ୍ଗବେରଙ୍ଗ ପାହାଡ଼ିଫୁଲର ସମ୍ଭାର, ଚିହ୍ନାଅଚିହ୍ନା ବିବିଧ ଗୁଳ୍ମ, ତୀର ସମ ଶଙ୍କୁଧର ପାଦପମାଳ, ହିମାଳୟ ପର୍ବତ ଶୃଙ୍ଖଳାର ବିଶାଳ ହିମାଖଣ୍ଡର ଜଳାଧାରାପ୍ଲୁତ ଚିରସ୍ରୋତା ତୀସ୍ତା, ତାହାର ଉପନଦୀ ଓ ଶାଖାନଦୀ, ପର୍ବତକୁ ଆଲିଙ୍ଗନ କରି ଅପସରା ଯାଉଥିବା ଭସାମେଘ, ଛୋଟ ଛୋଟ ପାହାଡ଼ି ଝରଣା, ଘୋରଘର୍ଘର ନାଦ ସୃଷ୍ଟି କରି ନିପତିତ ଅସଂଖ୍ୟ ଜଳପ୍ରପାତ ତଥା ପର୍ବତ ଶିଖରରୁ ପାଦ ପର୍ଯ୍ୟନ୍ତ ଦୋଳାୟମାନ ପ୍ରତୀତ ସଦନ ଶ୍ରେଣୀ। ଭୂଟିଆ, ଲେପ୍‌ଚା, ମଙ୍ଗର୍ ଏବଂ ଲିମ୍ବୁ ପରି ପୁରାତନ ଦେଶୀୟ ଜନଜାତି ସହିତ ପଡ଼ୋଶୀ ନେପାଳରୁ ଆସି ସ୍ଥାୟୀବାସିନ୍ଦା ହୋଇ ରହିଯାଇଥିବା ଗୋର୍ଖା ଏବଂ ଅନ୍ୟ ନେପାଳୀ ଜନଜାତିଙ୍କୁ ନେଇ ଭାରତର ଅତିକ୍ଷୁଦ୍ର ଉତ୍ତରପୂର୍ବ ରାଜ୍ୟ ସିକ୍କିମ୍। କୃଷି ତଥା ପାହାଡି ମେଣ୍ଢା ଓ ଚମରୀ ଗାଈ ପାଳନ ସହିତ ପର୍ଯ୍ୟଟନ ଶିଳ୍ପ ଉପରେ ନିର୍ଭରଶୀଳ ଏହି କ୍ଷୁଦ୍ର ରାଜ୍ୟର ମୁଣ୍ଡପିଛା ଆୟ ଦେଶରେ ସର୍ବାଧିକ। ସଂପୂର୍ଣ୍ଣ ପ୍ରାକୃତିକ ଏବଂ ଜୈବିକ ପଦ୍ଧତିରେ ଚାଷ କରିବାରେ ଦେଶରେ ଏକମାତ୍ର ରାଜ୍ୟର ମାନ୍ୟତା ଲାଭ କରିଛି।

ଚୀନ୍ ମାଡ଼ି ବସିଥିବା ଚୁମ୍ବି ଉପତ୍ୟକା ସହିତ ଅନ୍ୟ ବିରାଟ ଅଂଶ, ପଶ୍ଚିମବଙ୍ଗ ଅଧୀନସ୍ଥ ଦାର୍ଜିଲିଂ, ପଶ୍ଚିମଦଗରୁ ନେପାଳ ଅକ୍ତିଆର କରିଥିବା ଅନେକ ଅଂଶକୁ ନେଇ ଦିନେ 'ଡ୍ରେନ୍ ଜୋଙ୍ଗ୍' ଥିଲା ଏକ ବିରାଟ ଭୂଖଣ୍ଡ । ପଡ଼ୋଶୀ ତିବ୍ବତୀୟ ଶବ୍ଦ 'ଡ୍ରେନ୍‌ଜୋଙ୍ଗ୍'ର ଅର୍ଥ 'ଅନ୍ନର ଉପତ୍ୟକା'। ମୂଳ ଅଧିବାସୀ ଲେପ୍‌ଚାମାନେ ନିଜର ଏହି ଦେଶକୁ 'ନ୍ୟେ-ମାଏ- ଇଲ୍' ବୋଲି କହୁଥିଲେ। ଅଷ୍ଟମ ଶତାବ୍ଦୀ ପର ଠାରୁ ଏଠାରେ ତିବ୍ବତର ଧର୍ମଗୁରୁଙ୍କ ସହାୟତାରେ ଭୂଟିଆ ଜନଜାତିର ମୁଖ୍ୟ ରାଜ୍ୟ ଶାସନ କରୁଥିଲେ। ସ୍ଥାନୀୟ ଲେପ୍‌ଚା, ଲିମ୍ବୁ ଏବଂ ମଙ୍ଗର୍ ଜନଜାତି ସେମାନଙ୍କୁ ଗ୍ରହଣ କରିପାରୁନଥିଲେ। ଦେଶରେ ବୌଦ୍ଧ ଧର୍ମ ପ୍ରସାର ଲାଭ କରିସାରିଥିଲା। ବର୍ଦ୍ଧମାନ ତାନ୍ତ୍ରିକ ଗୁରୁ ପଦ୍ମସମ୍ଭବଙ୍କ ବାଣୀ ଜୀବନକୁ ଅନୁପ୍ରାଣିତ କରୁଥିଲା। ୧୬୪୧ ମସିହାରେ ତିବ୍ବତରୁ ତିନିଜଣ ବୌଦ୍ଧ ଧର୍ମଗୁରୁ ରାଜକୁମାର ଫୁନ୍‌ସୁଙ୍ଗ୍ ନାମ୍‌ଗ୍ୟାଲ୍ ?ଙ୍କୁ ଆଣି ଡ୍ରେନ୍‌ଜୋଙ୍ଗ୍‌ର ରାଜା ଭାବରେ ଅବସ୍ଥାପିତ କଲେ। ଲେପ୍‌ଚାଙ୍କର ବିରୋଧକୁ ଏଡ଼ାଇବା ପାଇଁ ରାଜା ଲେପ୍‌ଚା ରାଜକୁମାରୀଙ୍କୁ ବିବାହ କରିଥିଲେ। ରାଣୀ 'ଡ୍ରେନ୍‌ଜୋଙ୍ଗ୍'କୁ 'ସୋଙ୍ଗ୍ ଖ୍ୟିମ୍' କହୁଥିଲେ ଯାହାର ଅର୍ଥ 'ନୂଆ ପ୍ରାସାଦ' ବା 'ନୂଆ ଘର'। 'ସୋଙ୍ଗ ଖ୍ୟିମ୍' ଧୀରେ ଧୀରେ ଅପଭ୍ରଂଶ ହୋଇ 'ସିକ୍କିମ୍'ରେ ପରିଣତ ହେଲା। ନାମ୍‌ଗ୍ୟାଲ୍ ବଂଶ ନିଜକୁ ଏହାର ରାଜା ବା 'ଚୋଗ୍ୟାଲ୍' ଘୋଷଣା କରି ଶାସନ କଲେ।

୧୯୫୯ ମସିହା କଥା। ସିକ୍କିମ୍ ରାଜା ପୋଲ୍‌ଡେନ୍ ଥଣ୍ଡୁପ୍ ନାମ୍‌ଗ୍ୟାଲ୍ ଦାର୍ଜିଲିଙ୍ଗ୍‌ର ଓ୍ୱିଣ୍ଡମେୟର୍ ହୋଟେଲ୍‌ରେ ଆମେରିକାର ପର୍ଯ୍ୟଟକ ସୁନ୍ଦରୀ ହୋପ୍ କୁକ୍‌ଙ୍କୁ ଦେଖିଲେ। ପ୍ରଥମ ଦେଖାରୁ ସେ ତାଙ୍କୁ ଭଲ ପାଇବସିଲେ। ହୋପ୍‌ଙ୍କୁ ମାତ୍ର ୧୭ ବର୍ଷ। ସେ ନିଜ ଦେଶକୁ ଫେରି ଯାଇଥିଲେ। ଦୁଇ ବର୍ଷ ପରେ ସଂଯୋଗବଶତଃ ସେହି ହୋଟେଲ୍‌ରେ ପୁଣି ଦୁଇଜଣଙ୍କର ମିଳନ ହେଲା। ଉଭୟ ବିବାହ ବନ୍ଧନରେ ଆବଦ୍ଧ ହେଲେ। ସିକ୍କିମ୍‌ର ରାଜାଙ୍କୁ ବିବାହ କରି କୁକ୍ ନିଜ ଦେଶରେ ଜଣେ ବିଶିଷ୍ଟ ବ୍ୟକ୍ତି ଭାବରେ ପ୍ରସିଦ୍ଧ ହୋଇଗଲେ। ଭାରତରେ ଦେଶୀୟରାଜ୍ୟ ମିଶ୍ରଣର ଧାରା ଚାଲିଥିଲା। ସିକ୍କିମ୍ ସ୍ୱାଧୀନ ରାଷ୍ଟ୍ର ଭାବରେ ରହିବାକୁ ଚାହୁଁଥିଲା। ନେହେରୁଙ୍କ ସହିତ ନାମ୍‌ଗ୍ୟାଲ୍‌ଙ୍କର ଉତ୍ତମ ସମ୍ପର୍କ ଥିଲା। ତେଣୁ ସେ ସ୍ୱତନ୍ତ୍ର ହୋଇ ରହିପାରିଥିଲେ। ଭାରତର ପ୍ରୋଟେକ୍ଟେଡ୍ ରାଜ୍ୟ ଥିବା ସତ୍ତ୍ୱେ ସମସ୍ତ ସଭାସମିତିରେ ସିକ୍କିମ୍‌ର ରାଜା ସ୍ୱତନ୍ତ୍ର ପତାକା ଧରିବା ଏବଂ ସିକ୍କିମ୍‌କୁ ସ୍ୱାଧୀନ ରାଜ୍ୟ ଭାବରେ ଦର୍ଶାଇଥିଲେ। କୁକ୍ ନିଜର ସମସ୍ତ ଲେଖାରେ ମଧ୍ୟ ସେଇଆ କରୁଥିଲେ। ହୋପ୍ କୁକ୍ ନିଜ ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ହେବା ପରେ ହୋପ୍ କୁକ୍‌ଙ୍କୁ ଆମେରିକା ଗୁଇନ୍ଦା ସଂସ୍ଥା ସି.ଆଇ.ଏ.ର ଗୁପ୍ତଚର ବୋଲି ସନ୍ଦେହ କଲେ। କୁକ୍ ସିକ୍କିମ୍‌ରେ ଦାର୍ଜିଲିଙ୍ଗ୍‌କୁ ମିଶ୍ରଣର ଦାବି କଲା ପରେ ଇନ୍ଦିରା ନିଶ୍ଚିତ ହୋଇଯାଇଥିଲେ। ସେବେଠାରୁ ସିକ୍କିମ୍‌କୁ ଭାରତରେ ମିଶେଇବାକୁ ସେ ସ୍ଥିର କରି ସାରିଥିଲେ। ଐତିହାସିକଙ୍କ ମତରେ ହୋପ୍ କୁକ୍ ସିକ୍କିମ୍‌ର ରାଣୀ ହୋଇ ନ ଥିଲେ ହୁଏତ ଭାରତ ସହିତ ସିକ୍କିମ୍‌ର ମିଶ୍ରଣ ହୋଇ ନଥାନ୍ତା।

**ମୁଦ୍ରା କାହାଣୀ**

୧୯୬୭ ମସିହା ବେଳକୁ ଚୀନ୍ ଓ ଭାରତ ମଧ୍ୟରେ ତିକ୍ତତା ଚରମସ୍ତରରେ। ଚୀନ୍‌ର ବିସ୍ତାରବାଦୀ ନୀତିକୁ ପ୍ରତିହତ କରିବା ପାଇଁ ସିକ୍କିମ୍ ଭାରତର ଅଂଶ ହେବା ନିହାତି ଜରୁରୀ ଥିଲା। ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ। ସିକ୍କିମ୍‌ର ରାଜାଙ୍କର ସ୍ୱତନ୍ତ୍ର ପତାକା ବ୍ୟବହାର ଏବଂ ରାଣୀ ହୋପ୍ କୁକ୍ ନିଜର ସମସ୍ତ ଲେଖାରେ ସିକ୍କିମ୍‌କୁ ସ୍ୱାଧୀନ ଦେଶ ଭାବରେ ଉପସ୍ଥାପନ କରିବା ଇନ୍ଦିରାଙ୍କୁ କ୍ଷୁବ୍ଧ କରିଥିଲା। ଭାରତର ଗୁଇନ୍ଦା ସଂସ୍ଥା ଆର୍ ଏ ଡ୍ବ୍ଲ୍ୟୁ (ର') ର ମୁଖ୍ୟ ଥା'ନ୍ତି ଆର୍ ଏନ୍ କାଓ। ସ୍ଥଳସେନାଧ୍ୟକ୍ଷ ସାମ୍ ମନେକ୍ସା ପୂର୍ବରୁ ବିଦେଶ ସଚିବ ଡି ଏନ୍ କୌଲ୍‌ଙ୍କୁ ସିକ୍କିମ୍‌ରେ ସେନାର ସ୍ୱାଧୀନତା ନିଶ୍ଚିତ କରିବାକୁ ଅନୁରୋଧ କରି ସାରିଥିଲେ। ରାଜତନ୍ତ୍ର ବିରୁଦ୍ଧରେ ଧୀରେଧୀରେ ସିକ୍କିମ୍‌ବାସୀଙ୍କର ଅସନ୍ତୋଷ ଏବଂ ବିରୋଧ ତୀବ୍ର ହେଉଥିଲା। ଏହାର ସୁଯୋଗ ନେଇ କାଓ ମାତ୍ର ଚାରିଦିନରେ ସିକ୍କିମ୍‌କୁ ଭାରତରେ ମିଶେଇବାର ଯୋଜନା ପ୍ରସ୍ତୁତ କଲେ। ଯୋଜନା ମୁତାବକ ଦୁଇ କୂଟନୀତିଜ୍ଞ – ପି ଏନ୍ ବାନର୍ଜୀ ଏବଂ ଜିବିଏସ୍ ସିନ୍ଧୁଙ୍କୁ ସିକ୍କିମ୍ ପଠାଗଲା।

ସିକ୍କିମ୍‌ରେ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ସିକ୍କିମ୍ ନେସନାଲ୍ କଂଗ୍ରେସ ଦଳର ମୁଖ୍ୟ କାଜି ଲେନ୍ଦୁପ୍ ଦର୍ଜୀଙ୍କ ନେତୃତ୍ୱରେ ବିକ୍ଷୋଭ ଚାଲିଥିଲା। ସିନ୍ଧୁ ଦର୍ଜୀଙ୍କୁ ସାକ୍ଷାତ କରି ତାଙ୍କ ବିକ୍ଷୋଭକୁ ଭାରତର ସମର୍ଥନ ଜଣାଇଲେ। ଯେତେ ଛୋଟଛୋଟ ଦଳ ରାଜତନ୍ତ୍ରର ଲୋପ ପାଇଁ ଲଢୁଥିଲେ ସବୁକୁ ସିକ୍କିମ୍ ନେସନାଲ୍ କଂଗ୍ରେସ ଦଳରେ ମିଶେଇ ଦିଆଗଲା। ବିରୋଧୀ ନେତାଙ୍କ ସାହାଯ୍ୟରେ ଜନତାଙ୍କୁ ରାଜାଙ୍କ ବିରୁଦ୍ଧରେ ମତେଇବା ପାଇଁ ସ୍ଥିର କରାଗଲା। ୧୯୭୩ ମସିହା ଏପ୍ରିଲ୍ ମାସ ୪ ତାରିଖରେ ରାଜଧାନୀ ଗାଙ୍ଗଟୋକ୍‌ରେ ବିଶାଳ ବିକ୍ଷୋଭ ପ୍ରଦର୍ଶିତ ହେଲା। ସାଧାରଣଲୋକଙ୍କ ବିଶ୍ୱାସଭାଜନ ହେବା ପାଇଁ ସେନାର ଗୋଟିଏ କଣ୍ଟିନ୍‌ଜେଣ୍ଟ୍‌କୁ ସିକ୍କିମ୍ ପଠାଗଲା। ଚୋଗ୍ୟାଲ୍‌ଙ୍କୁ ଭାରତର ଉଦ୍ଦେଶ୍ୟର ଆଭାସ ଜଣା ପଡ଼ିସାରିଥିଲା। ତେଣୁ ସେ ଆମେରିକୀୟ ଗୁଇନ୍ଦା ସଂସ୍ଥା ସି.ଆଇ.ଏ.ର ଅଧିକାରୀ ପିଟର୍ ବର୍ଲେଙ୍କୁ ନିମନ୍ତ୍ରଣ କରିଥିଲେ। ବର୍ଲେ କାଜୀଙ୍କୁ ମଧ୍ୟ ଦେଖା କରିଥିଲେ। ସିକ୍କିମ୍ ଏକ ଅନ୍ତର୍ଜାତୀୟ ବିଷୟ ହେବାକୁ ଯାଉଥିଲା। ତା'ର ପୂର୍ବରୁ ର' ନିର୍ଦ୍ଦେଶରେ ସିକ୍କିମ୍‌ରେ ଥିବା ଦୁଇଜଣ କୂଟନୀତିଜ୍ଞ ପି ଏନ୍ ବାନର୍ଜୀ ଏବଂ ଅଜିତ ସିଂହ ସ୍ୟାଲିଙ୍କ ନେତୃତ୍ୱରେ ଅପରେସନ୍ ଟ୍ୱିଲାଇଟ୍ ଆରମ୍ଭ ହେଲା।

ସିକ୍କିମ୍ ଭାରତର ପ୍ରୋଟେକ୍‌ଟେଡ୍ ରାଜ୍ୟ ଥିଲା। ତେଣୁ ବିକ୍ଷୋଭ ଦମନ କରିବା ପାଇଁ ଭାରତର ସାହାଯ୍ୟ ମାଗିବା ଛଡ଼ା ରାଜାଙ୍କ ପାଖରେ ଅନ୍ୟ ବିକଳ୍ପ ନଥିଲା। ଚୋଗ୍ୟାଲ୍ ଭାରତର ସାହାଯ୍ୟ ଭିକ୍ଷା କଲେ। ସେହି ବର୍ଷ ମେ' ମାସ ଆଠ ତାରିଖରେ ଭାରତ ସରକାର, ଚୋଗ୍ୟାଲ୍ ଏବଂ ସିକ୍କିମର ତିନି ବୃହତ ବିରୋଧୀଦଳ ଭିତରେ ଏକ ତ୍ରିପାକ୍ଷିକ ରାଜିନାମା ସ୍ୱାକ୍ଷରିତ ହେଲା। ସିକ୍କିମ୍‌ରେ ରାଜତନ୍ତ୍ରର ସମାପ୍ତି ଏବଂ ଲୋକତନ୍ତ୍ର ସ୍ଥାପନ ନିମନ୍ତେ ନିର୍ବାଚନ ପାଇଁ ଜନତାଙ୍କର ଦାବିକୁ ଲକ୍ଷ୍ୟରେ ରଖି ସିକ୍କିମ୍‌ରେ ରାଜନୈତିକ ସଂସ୍କାର ଆଣିବା ଏହାର ଉଦ୍ଦେଶ୍ୟ ଥିଲା। ୧୯୭୪ ମସିହାରେ ଅନୁଷ୍ଠିତ ପ୍ରଥମ ନିର୍ବାଚନରେ କାଜିଙ୍କ ସିକ୍କିମ୍ ନେସନାଲ୍ କଂଗ୍ରେସ ଦଳ ସଂଖ୍ୟାଗରିଷ୍ଠତା ହାସଲ କଲା। ସିକ୍କିମ୍ ପାଇଁ ଏକ ନୂଆ ସମ୍ବିଧାନ ପ୍ରଣୟନ କରାଗଲା। ରାଜତନ୍ତ୍ର ବିଲୋପ ହୋଇ ଚୋଗ୍ୟାଲ୍ କେବଳ ରାଜା ହୋଇ ରହିଲେ। କ୍ଷୁବ୍ଧ ରାଜା ନିଜ ସମର୍ଥକଙ୍କ ସହିତ ଘଟଣାର ବିରୋଧ କଲେ। ଇନ୍ଦିରା ଗାନ୍ଧୀ ଚାହୁଁଥିଲେ ଭାରତରେ ସିକ୍କିମ ପୂର୍ଣ୍ଣବିଲୟ । ତେଣୁ ଲୋକମାନଙ୍କ ମନରେ ସିକ୍କିମ ବିକାଶ କଥା ଭୁଞ୍ଜେଇବାର ଥିଲା। ସେଥିପାଇଁ ସିକ୍କିମ ଭାରତୀୟ ସଂସଦରେ ପ୍ରତିନିଧିତ୍ୱ ହେବାର ଆବଶ୍ୟକତାକୁ ଲୋକଙ୍କୁ ବୁଝାଇବାକୁ ପଡ଼ିଲା। ଏଥିପାଇଁ ଆଉ ପଦେ ଆଗକୁ ଯାଇ ସିକ୍କିମ୍‌କୁ ଉଭୟ ଲୋକସଭା ଓ ରାଜ୍ୟସଭାରେ ଗୋଟିଏ ଗୋଟିଏ ଆସନ ଦିଆଯାଇ 'ପ୍ରୋଟେକ୍‌ଟୋରେଟ୍ ଷ୍ଟେଟ୍' ସ୍ତରରୁ 'ଆସୋସିଏଟେଡ୍ ଷ୍ଟେଟ୍' ସ୍ତରକୁ ଉତ୍ତୀର୍ଣ୍ଣ କରାଗଲା।

୧୯୭୫ ମସିହା ମାର୍ଚ୍ଚ ମାସରେ ଚୋଗ୍ୟାଲ୍ ରାଣୀ ହୋପ୍ କୁକ୍‌ଙ୍କ ସହିତ ନେପାଳର ରାଜା ବୀରେନ୍ଦ୍ରଙ୍କ ରଜ୍ୟାଭିଷେକରେ ଉପସ୍ଥିତ ହେବାକୁ ଯାଇଥିଲେ। ଚୀନ୍ ଓ ପାକିସ୍ତାନର ନେତାଙ୍କ ସହ ଆଲୋଚନା ପରେ ସେ ଏକ ସାମ୍ବାଦିକ ସମ୍ମିଳନୀରେ ଭାରତ ସିକ୍କିମ୍‌ର ସ୍ୱାର୍ଥରେ ବାଧା ସୃଷ୍ଟି କରୁଥିବାର କହିଲେ। ସ୍ୱାଭାବିକ ଭାବେ ଭାରତ ସରକାର ଓ ତାଙ୍କ ଭିତରେ ସମ୍ପର୍କ ଆହୁରି ତିକ୍ତ ହେବାକୁ ଲାଗିଲା। ପରିସ୍ଥିତିକୁ ଦୃଷ୍ଟିରେ ରଖି ସେ କାଠମାଣ୍ଡୁରେ ଫେରିବାର ତିନିଦିନ ପରେ ୧୯୭୫ ମସିହା ଅପ୍ରେଲ ମାସ ୯ ତାରିଖରେ ଭାରତୀୟ ସେନା ସିକ୍କିମ୍ ରାଜପ୍ରାସାଦକୁ ଘେରାଉ କରି ତାଙ୍କୁ ଗୃହବନ୍ଦୀ କଲା। ଏପ୍ରିଲ ମାସ ୨୬ ତାରିଖରେ ଭାରତୀୟ ସମ୍ବିଧାନର ୩୬ ତମ ସଂଶୋଧନ ପ୍ରସ୍ତାବ ଆଧାରରେ ସିକ୍କିମ୍‌କୁ ଭାରତର ରାଜ୍ୟଭାବରେ ଗ୍ରହଣ କରିବାକୁ ନିର୍ଣ୍ଣୟ ନିଆଗଲା। ରାଜ୍ୟରେ ଜନମତ ସଂଗ୍ରହ କରାଗଲା। ଯେହେତୁ ଅଧିକାଂଶ ଲୋକ ଚୋଗ୍ୟାଲ୍‌ଙ୍କୁ ବିରୋଧ କରୁଥିଲେ, ୫୯୬୩୭ ଜଣ ସିକ୍କିମ ବାସୀ ଭାରତରେ ମିଶିବା ପାଇଁ ଭୋଟ ଦେଇଥିବା ବେଳେ ବିପକ୍ଷ ରେ ମାତ୍ର ୧୪୯୬ ମୋଟ୍ ପଡ଼ିଥିଲା।କାଜି ଲେନ୍ଦୁପ୍ ଦର୍ଜୀ ସିକ୍କିମ୍‌ର ନୂଆ ବିଧାନସଭାର ନେତା ହେଲେ ଅର୍ଥାତ୍ ସିକ୍କିମ୍‌ର ପ୍ରଥମ ମୁଖ୍ୟମନ୍ତ୍ରୀ। ସିକ୍କିମ ବିଧାନସଭାରେ ପାରିତ ବିଧେୟକ ବଳରେ ୧୯୭୫ ମସିହା ମେ ମାସ ୧୬ ତାରିଖରୁ ସିକ୍କିମ ଭାରତର ୨୨ତମ ରାଜ୍ୟରେ ପରିଣତ ହେଲା। ୩୦୦ ବର୍ଷର ରାଜତନ୍ତ୍ରର ଅନ୍ତ ଘଟିଲା।

# ବିଦଗ୍ଧ ଚିନ୍ତାମଣିରେ ରାଧା ତତ୍ତ୍ୱ ଓ ଗାଥା



ଡ. ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ : ୮୨୪୯୫୦୨୭୭୬

ବ୍ରହ୍ମବୈବର୍ତ୍ତ ପୁରାଣ ମତେ ନିତ୍ୟଶ୍ରୀରାଧା ଅଯୋନି ସମ୍ଭୂତ ଓ ଗୋକୁଳ ନିବାସୀ ରାଜା ବୃଷଭାନୁଙ୍କ ପତ୍ନୀ କୀର୍ତ୍ତିଦାଙ୍କ କନ୍ୟା। ଥରେ କୀର୍ତ୍ତିଦା ପୁଷ୍କରଣୀକୁ ସ୍ନାନ କରିବାକୁ ଯିବା ସମୟରେ ଏକ ପ୍ରସ୍ଫୁଟିତ କଇଁ ଫୁଲ ଉପରେ ଶିଶୁକନ୍ୟାଟିଏ ଶୋଇଥିବା ଦେଖି ତାକୁ ଘରକୁ ନେଇ ଆସିଥିଲେ। କୁହାଯାଏ ଜନ୍ମଠାରୁ ତିନିଦିନ ପର୍ଯ୍ୟନ୍ତ ରାଧାଙ୍କ ଚକ୍ଷୁ ମୁଦ୍ରିତ ଥିଲା ଓ ଯଶୋଦାଙ୍କ କୋଳରେ ବାଳକ କୃଷ୍ଣଙ୍କୁ ଦେଖିବା ପରେ ତାଙ୍କର ଆଖି ଖୋଲିଯାଇଥିଲା । ଶ୍ରୀକୃଷ୍ଣଙ୍କର ଦକ୍ଷିଣ ଅଂଶରୁ ଶ୍ରୀରାଧାଙ୍କର ଉତ୍ପତ୍ତି ଓ ଶ୍ରୀକୃଷ୍ଣଙ୍କର ଜନ୍ମତିଥିକୁ 'ଜନ୍ମାଷ୍ଟମୀ' ନାମରେ ପାଳନ କରାଯାଏ ଓ ବୈଷ୍ଣବମାନେ ଶ୍ରୀରାଧାଙ୍କର ଜନ୍ମତିଥିକୁ 'ରାଧାଷ୍ଟମୀ' ଭାବେ ପାଳନ କରନ୍ତି।

କୈଶୋରାବସ୍ଥାରେ ରାଧା ଚନ୍ଦ୍ରସେଣା ନାମକ ଜଣେ ଗୋପାଳଙ୍କୁ ବିବାହ କରିଥିଲେ। ଶାଶୁ ନଣନ୍ଦ ଓ ସମାଜର ନିନ୍ଦା ଅପବାଦ କାହାରିକୁ ଭ୍ରୂକ୍ଷେପ ନକରି ରାଧା ଥିଲେ କୃଷ୍ଣପ୍ରେମରେ ବାତୁଳୀ ଓ ଶ୍ରୀକୃଷ୍ଣଙ୍କ ଚରଣରେ ନିଜର ସର୍ବସ୍ୱ ସମର୍ପଣ କରିଥିଲେ ରାଇ ବିନୋଦିନୀ । ବୃନ୍ଦାବନର ମହାରାସରେ ସେ ଥିଲେ ମୁଖ୍ୟ ନାୟିକା ଓ ଶ୍ରୀକୃଷ୍ଣଙ୍କ ମଥୁରା ଓ ଦ୍ୱାରକା ଗମନ ପରେ ବିରହ ବ୍ୟଥାରେ ଶ୍ରୀରାଧାଙ୍କ ବେଦନା ଥିଲା ହୃଦୟ ବିଦାରକ। କବି ଜୟଦେବ ନିଜର ସୁଲଳିତ "ଗୀତ ଗୋବିନ୍ଦ" କାବ୍ୟରେ ରାଧାକୃଷ୍ଣଙ୍କ ଦିବ୍ୟ ପ୍ରେମଲୀଳାର ଅପୂର୍ବ ବର୍ଣ୍ଣନା କରିଥିବା ବେଳେ ଅଭିମନ୍ୟୁ ସାମନ୍ତସିଂହାର ସ୍ୱରଚିତ "ବିଦଗ୍ଧ ଚିନ୍ତାମଣି"ରେ ଏହି ଅପ୍ରାକୃତ ପ୍ରେମଲୀଳାରେ ଉଚ୍ଚକୋଟୀର ବର୍ଣ୍ଣନା କରିଛନ୍ତି ।

ଭାଦ୍ରବ ମାସ ଶୁକ୍ଳ ପକ୍ଷ ଅଷ୍ଟମୀ ତିଥିରେ ଶ୍ରୀମନ୍ଦିରରେ ରାଧାଷ୍ଟମୀ ପର୍ବ ପାଳିତ ହୋଇଥାଏ । ଏହି ଦିନ ସକାଳ ଧୂପ ବଢ଼ିଲା ପରେ ଲକ୍ଷ୍ମୀ ଠାକୁରାଣୀ ଅର୍ଥାତ୍ ଶ୍ରୀଦେବୀ ଶ୍ରୀଅଙ୍ଗରୁ ଆଜ୍ଞା ମାଳ ପାଇ ଶ୍ରୀମନ୍ଦିର ସାତ ପାହାଚ ତଳେ ଥିବା ପାଲିଙ୍କିରେ ବିଜେ ହୋଇ ମହାଲକ୍ଷ୍ମୀ ମନ୍ଦିର ଜଗମୋହନରେ ପଡିଥିବା ଖଟ ଉପରେ ଅଧିଷ୍ଠିତ ହୋଇଥାନ୍ତି । ଏଠାରେ ଶ୍ରୀଦେବୀଙ୍କର ମାଜଣା ଓ ଶୀତଳ ଭୋଗ ହୋଇ ବନ୍ଦାପନା ହୋଇଥାଏ । ତତ୍ପରେ ରତ୍ନସିଂହାସନ ଠାରେ ମଧ୍ୟାହ୍ନ ଧୂପରେ ଶ୍ରୀଦେବୀ ସିଂହାସନରେ ବିଜେ ହୁଅନ୍ତି ଓ ମଧ୍ୟାହ୍ନ ଧୂପ ଭୋଗ ବଢିଥାଏ । ମହାଜନ ସେବକମାନେ ଭୂଦେବୀ ଓ ଶ୍ରୀଦେବୀଙ୍କୁ ହସ୍ତରେ ବିଜେ କରାଇ ଖଟ ଶେଜ ଘରେ ବିଜେ କରନ୍ତି । ପୂଜାପଣ୍ଡା ସେବକ ଶ୍ରୀଅଙ୍ଗରୁ ଖଣ୍ଡିଏ ଆଜ୍ଞାମାଳ ଶ୍ରୀସୁଦର୍ଶନ ଦେବଙ୍କୁ ପ୍ରଦାନ କରିବା ପରେ ଦଇତାପତି ସେବକମାନେ ଶ୍ରୀସୁଦର୍ଶନଦେବଙ୍କୁ ବିଜେ କରାଇ ଜଗମୋହନରେ ଥିବା ଚଉଦୋଳରେ ଅଧିଷ୍ଠିତ କରିବା ସହିତ ରୁନ୍ଧା, ପାଟ ପତନୀ ଲାଗି ହୋଇଥାନ୍ତି । ଏହାପରେ ବିମାନବଡୁମାନେ ଶ୍ରୀସୁଦର୍ଶନଙ୍କୁ ବିଜେ କରାଇ ଝୁଲଣ ମଣ୍ଡପ ତଳେ ରଖିଥାନ୍ତି । ସେଠାରେ ସୁନା ହରିଡ଼ାମାଳି, କମରପଟି ଓ ଚୂଳ ଲାଗି ହୋଇ ବଡ଼ଦେଉଳ ବେଢାଏ ପରିକ୍ରମା କରି ସିଂହଦ୍ୱାର ବାଟେ ଶ୍ରୀ ଯମେଶ୍ୱର ମନ୍ଦିରରେ ବିଜେ କରିଥାନ୍ତି । ସେଠାରେ ପ୍ରସାଦ ଲାଗି, ଶୀତଳ ଭୋଗ ଓ ବନ୍ଦାପନା ନୀତି ହୋଇଥାଏ । । ଏହାପରେ ଶ୍ରୀସୁଦର୍ଶନ ବାହୁଡା ବିଜେ କରିଥାନ୍ତି । ଏହାପରେ ଚାରି ବାଡ଼ରେ ମହାସ୍ନାନ ନୀତି ବଢିଥାଏ ଓ ପାଳିଆ ପୁଷ୍ପାଳକ ଭୂଦେବୀ ଓ ଶ୍ରୀଦେବୀଙ୍କୁ ଆଣି ଖଟ ଶେଜ ଘରୁ ନେଇ ସନ୍ଧ୍ୟା ଆଳତି ବେଶ ଓ ଆଳତି ବଢ଼ାଇଥାନ୍ତି । ସନ୍ଧ୍ୟା ଧୂପରେ ଶ୍ରୀ ସୁଦର୍ଶନଙ୍କୁ ପ୍ରସାଦ ଲାଗି ହୋଇଥାଏ । ଏହାପରେ ବନ୍ଦାପନା ହୋଇଥାଏ। ଶ୍ରୀମନ୍ଦିରରେ ରାଧାଷ୍ଟମୀ ତିଥିରେ ଏହିପରି ବିଧି ଓ ପରମ୍ପରା ଅନୁଯାୟୀ ନୀତିମାନ ଶ୍ରୀମନ୍ଦିରରେ ପାଳିତ ହୋଇଥାଏ ।

ପୌରାଣିକ କିମ୍ବଦନ୍ତୀ ଅନୁସାରେ ଏକଦା ସୂର୍ଯ୍ୟଦେବ ବ୍ରହ୍ମାଣ୍ଡ ପରିଭ୍ରମଣ କରୁକରୁ ନାନା ପ୍ରକାରର ଐଶ୍ୱର୍ଯ୍ୟ ଦେଖି ତପସ୍ୟା କରିବାକୁ ମନ ବଳାଇଲେ। ତେଣୁ ସେ ମନ୍ଦର ପର୍ବତ ଗୁହାରେ କଠିନ ତପସ୍ୟାରତ ହେଲେ। ଫଳରେ ପୃଥିବୀ ଅନ୍ଧକାରାଚ୍ଛନ୍ନ ହେଲା, ଦେବତାଗଣ ଭୀତ ହେଲେ। ଇନ୍ଦ୍ର ଦେବତାଗଣଙ୍କ ସହ ମିଶି ପ୍ରଭୁ ବିଷ୍ଣୁଙ୍କୁ ପ୍ରାର୍ଥନା କଲେ। ଦେବଗଣଙ୍କୁ ଆଶ୍ୱାସନା ଦେଇ ସୂର୍ଯ୍ୟଙ୍କୁ ଦର୍ଶନ ଦେଇ ବିଷ୍ଣୁ କହିଲେ ' ହେ ଦିବାକର ! ତୁମେ ତପସ୍ୟାରେ ସିଦ୍ଧି ଲାଭ କରିଛ ଓ ତୁମେ ବର ପ୍ରାର୍ଥନା କର। ସୂର୍ଯ୍ୟଦେବ କହିଲେ ପ୍ରଭୁ ! ମୋତେ ଗୋଟିଏ ଗୁଣବତୀ କନ୍ୟାର ବର ଦିଅନ୍ତୁ ଏବଂ ଆପଣ ଚିରଦିନ ସେହି କନ୍ୟାପ୍ରତି ବଶୀଭୂତ ରହିବେ। ଏହା ବ୍ୟତୀତ ମୋର ଆଉ କିଛି ଇଚ୍ଛା ନାହିଁ। ବିଷ୍ଣୁ ' ତଥାସ୍ତୁ ' କହି କହିଲେ ହେ ସୂର୍ଯ୍ୟଦେବ, ତୁମେ ବୃନ୍ଦାବନରେ ବୃଷଭାନୁ ରାଜା ନାମରେ ଜନ୍ମ ଗ୍ରହଣ କରିବ। ଶ୍ରୀରାଧା ତୁମର କନ୍ୟାରୂପେ ଅବତୀର୍ଣ୍ଣ ହେବେ। ବିଷ୍ଣୁଙ୍କ କଥା ଅନୁସାରେ ଶ୍ରୀହରି ମଥୁରାରେ ଜନ୍ମଗ୍ରହଣ କରି ନନ୍ଦାଳୟକୁ ଆସିଲେ। ସୂର୍ଯ୍ୟଦେବ ବୈଶ୍ୟ କୁଳରେ ବୃଷଭାନୁ ନାମରେ ଜନ୍ମ ଗ୍ରହଣ କଲେ। ଯଥା କାଳେ ଗୋପକନ୍ୟା କୀର୍ତ୍ତିଦାଙ୍କ ସହିତ ବୃଷଭାନୁଙ୍କର ବିବାହ ହେଲା, ଭାଦ୍ରବ ମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥି ବିଶାଖା ନକ୍ଷତ୍ରରେ କୀର୍ତ୍ତିଦାଙ୍କ ଗର୍ଭରେ ରାଧିକା ଜନ୍ମଗ୍ରହଣ କଲେ। ଗୋପଗୋପୀ ଗଣ ଆନନ୍ଦରେ ଶ୍ରୀରାଧାଙ୍କ ଜନ୍ମ ପାଳନ କରିଥିଲେ। କାଳକ୍ରମେ ଶ୍ରୀରାଧା ଚନ୍ଦ୍ରସେଣା ନାମକ ଜଣେ ଗୋପାଳଙ୍କୁ ବିବାହ କଲେ, କିନ୍ତୁ ସେ ପରମପୁରୁଷ ଜ୍ଞାନରେ ଶ୍ରୀକୃଷ୍ଣଙ୍କ ସହ ବିହାର କଲେ, ତେଣୁ ଶ୍ରୀକୃଷ୍ଣଙ୍କର କରୁଣା ଲାଭ ପାଇଁ ଶ୍ରୀରାଧାଙ୍କ ଜନ୍ମଦିନକୁ ' ଶ୍ରୀରାଧାଷ୍ଟମୀ ' ଭାବରେ ପାଳନ କରାଯାଏ।

# ବାର୍ଦ୍ଧକ୍ୟର ବୋଝ...



ସୁବାସ କୁମାର ତାରଣିଆ
କଣ୍ଟି, ବାହାରଣା, ବାଲିକୁଦା, ଜଗତସିଂହପୁର
ମୋ : ୮୩୨୮୮୪୦୨୧୪

ପ୍ରତିଦିନ ସକାଳୁ ଉଠି ଚା ପିଇବାକୁ ଯିବାବେଳେ, ଲକ୍ଷ୍ୟ କରେ ଜଣେ ଭଦ୍ରବ୍ୟକ୍ତି ରାସ୍ତାକଡ଼ରେ ଛିଡ଼ାହୋଇ ବୁଲା କୁକୁରଙ୍କୁ ବିସ୍କୁଟ ଖାଇବାକୁ ଦେବା, ସେମାନଙ୍କ ଦେହରେ ଲାଗିଥିବା ପୋକ ଓ ଅଳିଆଗୁଡ଼ିକୁ କାଢି ସଫାସୁତୁରା କରିବା, ବୁଲା ଗୋରୁଗାଈଙ୍କୁ ରୁଟି, ପରିବା ଚୋପା ଖାଇବାକୁ ଦିଅନ୍ତି। କିଛିଦିନ ଯିବାଆସିବା ଭିତରେ ସେହି ଭଦ୍ରବ୍ୟକ୍ତିଙ୍କ ସହିତ ମୋର ପରିଚୟ ସୃଷ୍ଟି ହେଲା। ଦିନେ ଚା ପିଇ ଫେରିବା ସମୟରେ ସେ ମୋତେ ହଠାତ୍ ଡାକି କହିଲେ, ଦେଖନ୍ତୁ, ଆପଣ ଭାବୁଥିବେ ଏ ଲୋକଟି ସବୁଦିନେ ବୁଲା କୁକୁର, ଗୋରୁ, ଗାଈଙ୍କୁ କାହିଁକି ଖାଇବାକୁ ଦେଉଛି ? ଆମେ ହେଲୁ ମଣିଷ, ଭଗବାନ କଥା କହିବାର ଶକ୍ତି ଆମକୁ ଦେଇଛନ୍ତି, ଆମର ଦୁଃଖ ଯନ୍ତ୍ରଣାକୁ ଆମେ ଅନ୍ୟ ଆଗରେ ପରିପ୍ରକାଶ କରିପାରିବା। ମାତ୍ର ଏ ବୁଲା କୁକୁର, ଗୋରୁଗାଈ, ପକ୍ଷୀମାନଙ୍କର ତ କଥା କହିବାର ଶକ୍ତି ନାହିଁ। ତେଣୁ ସେମାନଙ୍କ ଦୁଃଖ ବା ସମସ୍ୟା କାହା ଆଗରେ ପ୍ରକାଶ କରିବେ ? ଭୋକ ଶୋଷ ଲାଗିଲେ, ସେମାନେ ଏ ଦୋକାନ ଆଗରେ ସେ ଘର ଦୁଆରେ ଖାଦ୍ୟ ଆଶାରେ ପଇଁତରା ମାରନ୍ତି। ତେଣୁ ଆମେ ମଣିଷ ହୋଇ ନିଜର ମାନବିକତା ଦୃଷ୍ଟିରୁ ବୁଲା କୁକୁର, ଗୋରୁଗାଈଙ୍କୁ କିଛି ଖାଇବାକୁ ଦେଲେ ସେମାନଙ୍କ ଦୁଃଖ ଦୂର ହୋଇଥାଏ। ମଣିଷ ହେଉଛି ସାମାଜିକ ପ୍ରାଣୀ, ତେଣୁ ମଣିଷ କୌଣସି ମଠ, ମନ୍ଦିର ଯାଇ ପଥର ଉପରେ କ୍ଷୀର ନଢାଳି ବରଂ ବୁଲା କୁକୁର, ଗୋରୁ ଗାଈ ଓ ନିଜ ପିତାମାତାଙ୍କ ସେବା ଶୁଶ୍ରୁଷା କରିପାରିଲେ, ସେମାନଙ୍କ ଆଶୀର୍ବାଦ ସଦା ସର୍ବଦା ତୁମ ଉପରେ ରହିବ। ପିତାମାତାଙ୍କ ଆଶୀର୍ବାଦ ରହିଲେ, ଦୁନିଆର କୌଣସି ଶକ୍ତି ତୁମକୁ ପରାଜିତ କରିପାରିବ ନାହିଁ। ସେହି ଭଦ୍ରବ୍ୟକ୍ତିଙ୍କ କଥା ଶୁଣିବା ପରେ ମୋତେ ବହୁତ ଖୁସି ଲାଗିଲା। ମନେ ମନେ ଭାବିଲି ବୁଲା ପଶୁପକ୍ଷୀମାନଙ୍କ ଅସୁବିଧାକୁ ହୃଦୟଙ୍ଗମ କରି ସେମାନଙ୍କ ମୁହଁରେ ଟିକେ ଖୁସି ଆଣିପାରିଲେ ମଣିଷ ଜୀବନର ସାର୍ଥକତା ପ୍ରତିପାଦନ ହୋଇପାରିବ।

ଏମିତି କିଛିଦିନ ବିତିଗଲା ପରେ ହଠାତ୍ ଦିନେ ସେହି ଭଦ୍ରବ୍ୟକ୍ତି ଆସି ମୋ ପାଖରେ ପହଞ୍ଚିଗଲେ। ପେଶାରେ ମୁଁ ଜଣେ ଡିଟିପି ଅପରେଟର ହୋଇଥିବାରୁ ସେ କିଛି ଚୁକ୍ତିପତ୍ର ଡିଟିପି କରିବା ପାଇଁ ମୋ ପାଖକୁ ଆସିଥିଲେ। ଯେହେତୁ ପୂର୍ବରୁ ତାଙ୍କ ସହିତ ମୋର ପରିଚୟ ହୋଇସାରିଥିଲା, ତତ୍‌କ୍ଷଣାତ ତାଙ୍କ ଚୁକ୍ତିପତ୍ର ଡିଟିପି କରିବା ଆରମ୍ଭ କଲି। ଡିଟିପି କରିବା ସମୟରେ ଜାଣିବାକୁ ପାଇଲି ଯେ, ପିତାମାତାଙ୍କ ବାର୍ଦ୍ଧକ୍ୟର ବୋଝକୁ ବୋହିବା ପାଇଁ ଦୁଇଭାଇଙ୍କ ମଧ୍ୟରେ ସମସ୍ୟା ସୃଷ୍ଟି ହେବାରୁ, ଏହାର ସମାଧାନ ପାଇଁ ଚୁକ୍ତିପତ୍ରଟି ଉଦ୍ଦିଷ୍ଟ। ସାରାଜୀବନ ପାହାଡ଼ ପରି ଯାବତୀୟ ବୋଝକୁ ମୁଣ୍ଡରେ ମୁଣ୍ଡାଇ, ମୁଣ୍ଡଝାଳ ତୁଣ୍ଡରେ ମାରି, ଲହୁଲୁହାଣ ହୋଇ ନଖାଇ, ନପିଇ ନିଜ ପିଲାମାନଙ୍କ ମୁହଁରେ ଟିକିଏ ହସ ଫୁଟାଇବା ପାଇଁ ଦିନରାତି ପରିଶ୍ରମ କରୁଥିବା ମଣିଷଟି କେତେବେଳେ ବାର୍ଦ୍ଧକ୍ୟରେ ଉପନୀତ ହୋଇଥାଏ, ସେକଥା ସେ ନିଜେ ମଧ୍ୟ ଜାଣିପାରେ ନାହିଁ। ବୁଝିବାର ଶକ୍ତି ଓ କାର୍ଯ୍ୟ କରିବାର ଦକ୍ଷତା ଥାଇ ସୁଦ୍ଧା ପରିବାର ଲୋକଙ୍କ ପାଇଁ ସେ ଏକ ଅଲୋଡ଼ା ଓ ଅଦରକାରୀ ବସ୍ତୁ ପାଲଟି ଯାଆନ୍ତି। ସାରା ଜୀବନ ଅଭିଜ୍ଞତା ହାସଲ କରିଥିବା ମଣିଷକୁ ଯେତେବେଳେ ସ୍ଥାଣୁ କରି ରଖାଯାଏ, ସେତେବେଳେ ତାଙ୍କୁ ଗଭୀର ଆଘାତ ପହଞ୍ଚାଇଥାଏ। ବାର୍ଦ୍ଧକ୍ୟର ବୋଝକୁ ବୋହିବା ପାଇଁ ସେମାନେ ଅସମର୍ଥ ହୋଇପଡ଼ିଥିବାବେଳେ ପୁତ୍ରବୋହୂମାନଙ୍କ ସେବା ଶୁଶ୍ରୁଷା ସେମାନଙ୍କ ସାତ ସପନ ପାଲଟିଯାଏ। ଲୋକ ଲଜ୍ଜାରୁ ବର୍ତ୍ତିବା ପାଇଁ ଭାଇ ଭାଇ ମଧ୍ୟରେ ପ୍ରତିଯୋଗିତା ଚାଲେ, କିଏ ବାପାବୋଉଙ୍କ ଭରଣପୋଷଣ ଦାୟିତ୍ୱ ନେବ। ସେଥିପାଇଁ ଚୁକ୍ତିପତ୍ର ସ୍ୱାକ୍ଷରିତ ହୁଏ। ଚୁକ୍ତିପତ୍ର ଅନୁସାରେ ବାଧ୍ୟବାଧକତାରେ ପିତାମାତାଙ୍କୁ ପାଖରେ ରଖନ୍ତି ସତ, ମାତ୍ର ନା ସେମାନଙ୍କୁ ମିଳିଥାଏ ପୁଅବୋହୂମାନଙ୍କ ସ୍ନେହ ମମତା ନା ମିଳିଥାଏ ଟିକେ ସହାନୁଭୂତି, କେବଳ ବାର୍ଦ୍ଧକ୍ୟର ବୋଝରେ ଜର୍ଜରିତ ହେବା ଛଡ଼ା ସେମାନଙ୍କ ପାଖରେ ଆଉ କିଛି ବିକଳ୍ପ ରାସ୍ତା ନଥାଏ। ମଣିଷ ହୋଇ ପିତାମାତାଙ୍କ ବାର୍ଦ୍ଧକ୍ୟର ବୋଝକୁ ଯଦି ବୋହିନପାରିବା, ସେମାନଙ୍କ ସେବା ନକରିବା, ତେବେ ସେ ମଣିଷ ଜୀବନ ବୃଥା। ଯାହା ସେ ଭଦ୍ରବ୍ୟକ୍ତିଙ୍କ ଠାରେ ମୁଁ ଅନୁଭବ କରିଥିଲି। ଯେଉଁ ବ୍ୟକ୍ତି ଦିନେ କୁକୁର, ବୁଲା ଗୋରୁଗାଈ ଓ ପିତାମାତାଙ୍କ ସେବା କରିବା ପାଇଁ ପରାମର୍ଶ ଦେଉଥିଲେ, ଆଜି ସେହି ବ୍ୟକ୍ତି ନିଜ ବୃଦ୍ଧ ପିତାମାତଙ୍କ ଯତ୍ନ ନେବା ପାଇଁ କୁଣ୍ଠାବୋଧ ପ୍ରକାଶ କରିବା ମୋତେ ଆଶ୍ଚର୍ଯ୍ୟ କରିଥିଲା।

ଆମ ସମାଜରେ ଅନେକ ପିତାମାତା ଅଛନ୍ତି, ସେମାନଙ୍କ ପିଲାମାନଙ୍କୁ ଭଲ ମଣିଷଟିଏ କରିବା ପାଇଁ ସବୁକିଛି ତ୍ୟାଗ କରିଦିଅନ୍ତି। ପାଠପଢା ହେଉ ବା ଚାକିରି, ଦରକାର ପଡ଼ିଲେ ନିଜ ଜମି ବନ୍ଧକ ରଖି ନିଜ ପିଲାଙ୍କ ସବୁ ଅଭାବ ଅସୁବିଧାକୁ ଦୂର କରିଥାନ୍ତି। ପୁଅ ଯେତେବେଳେ ଚାକିରି ଖଣ୍ଡିଏ ପାଇଯାଏ, ସେତେବେଳେ ବାପାମାଆ ସବୁଠୁ ବେଶି ଖୁସି ହୁଅନ୍ତି, ଏହାପରେ ଉପଯୁକ୍ତ ଝିଅଟିଏ ଦେଖି ପୁଅର ବିବାହ କରାନ୍ତି। ମାତ୍ର ବାପାମାଆ ଯେତେବେଳ ବାର୍ଦ୍ଧକ୍ୟରେ ପହଞ୍ଚନ୍ତି, ସେତେବେଳେ ସେମାନଙ୍କୁ ଟିକେ ସେବା ଯୋଗାଇଦେବା ପାଇଁ ପୁଅବୋହୂ ସମ୍ପୂର୍ଣ୍ଣ ଅସମର୍ଥ ହୋଇପଡ଼ନ୍ତି। ସେମାନଙ୍କ ଯୁକ୍ତି ଆଜିକାଲି ବ୍ୟସ୍ତବହୁଳ ଜୀବନରେ ଆମେ ନିଜେ ନିଜ ପାଇଁ ନିଜ ପିଲାମାନଙ୍କ ପାଇଁ ସମୟ ଦେଇପାରୁନୁ, ବୃଦ୍ଧ ବାପାମାଆଙ୍କ ସେବା କିପରି କରିବୁ? କିନ୍ତୁ ଯେତେବେଳେ ବାପା ମାଆ ପରିଣତ ବୟସରେ ପାଦ ଦିଅନ୍ତି, ସେତେବେଳେ ପିତାଙ୍କ ସମ୍ପତ୍ତି ଓ ପେନସନକୁ ନେଇ ଭାଇ ଭାଇ ମଧ୍ୟରେ ମାଲି ମକଦ୍ଦମା କରିବାକୁ ଢେର୍ ସମୟ ଥାଏ, ସେ ଦିଗରେ ପଇସା ଖର୍ଚ୍ଚ କରିବା ପାଇଁ ପ୍ରଚୁର ପରିମାଣରେ ଅର୍ଥ ଥାଏ, ମାତ୍ର ବୃଦ୍ଧ ପିତାମାତାଙ୍କ ସ୍ୱାସ୍ଥ୍ୟସେବା ପାଇଁ ସେମାନଙ୍କ ପାଖରେ ପଇସାର ଅଭାବ ଦେଖାଦେଇଥାଏ। ଯିଏ ପିତାଙ୍କ ପେନସନ ଓ ସମ୍ପତ୍ତି ହାତେଇବ, ସେ ହିଁ ପିତାଙ୍କ ଭରଣପୋଷଣ ଦାୟିତ୍ୱ ବହନ କରିବ। ଏହି ମାନସିକତାଟି ଏବେ ପ୍ରତି ପୁଅବୋହୂଙ୍କୁ ଘାରିଛି। ବୃଦ୍ଧାବସ୍ଥାରେ ପିତାମାତାମାନେ କେତେ ଯେ ଦୁଃଖ ଯନ୍ତ୍ରଣାକୁ ସମ୍ମୁଖୀନ କରନ୍ତି, ଏହି ପୁଅବୋହୂମାନେ ଦିନେ ନା ଦିନେ ବାର୍ଦ୍ଧକ୍ୟରେ ଉପନୀତ ହେଲେ ଜାଣିପାରିବେ।

ସମ୍ପ୍ରତିକ ସମୟରେ ମାନବିକତାର ଅବକ୍ଷୟ ଘଟିଛି। ବିଜ୍ଞାନର ଦ୍ରୁତ ଅଗ୍ରଗତି ତଥା ନୂଆ ନୂଆ ଆବିଷ୍କାର ମାନବ ଜୀବନରୁ ମାନବପ୍ରେମ ଲୋପ ପାଇଯାଉଛି। ସଂସାରରେ ନ୍ୟାୟ, ଧର୍ମ, ସତ୍ୟ, ସ୍ନେହ, ଶ୍ରଦ୍ଧା, ସଦ୍ଭାବ, ସହାନୁଭୂତି, ଶାନ୍ତି, ପ୍ରୀତି, ମୈତ୍ରୀ, ବିଶ୍ୱାସ ଓ ସମନ୍ୱୟର ଅବକ୍ଷୟ ଘଟିବାରେ ଲାଗିଛି। ହିଂସା, ପ୍ରତିହିଂସାର ମାତ୍ରା ଚରମ ସୀମା ଅତିକ୍ରମ କଲାଣି। ନାନା ପ୍ରକାର ପରମାଣୁ ଅସ୍ତ୍ରଶସ୍ତ୍ରର ଆବିଷ୍କାର ବିଶ୍ୱର ସ୍ଥିତି ପ୍ରତି ବିପଦ ସୃଷ୍ଟି କଲାଣି। ସକଳ ଶ୍ରେଣୀର ବ୍ୟକ୍ତି କେବଳ ଆପଣାର ସୁଖ, ସମ୍ଭୋଗ ଓ ସମୃଦ୍ଧିର ସମ୍ପତ୍ତି ଠୁଳ କରିବାରେ ବ୍ୟସ୍ତ। ବର୍ତ୍ତମାନ ବିଶ୍ୱରେ ଧର୍ମ ଅଧୋଗତି, ମନ କଳୁଷିତ, ଚିନ୍ତା ଅସ୍ଥିର, ମତି ଚଞ୍ଚଳ, ବିବେକ ଅସ୍ଥିର, ବିଚାର ବିଭ୍ରାଟ, ଶିକ୍ଷା ବିବର୍ଣ୍ଣ, ଖାଦ୍ୟ ଦୂଷିତ, ପରିବେଶ ଦୁର୍ବିସହ, ସମୟ ଦାରୁଣ, ପ୍ରବୃତ୍ତି ନୀଚ, ପ୍ରକୃତି ବିଷର୍ଣ୍ଣ, ବସୁଧା ବିପନ୍ନ ଓ ସତ୍ୟନ୍ୟାୟ ତମସାଚ୍ଛନ୍ନ। ଏହି ପରିପ୍ରେକ୍ଷୀରେ ମାନବିକତାର ଉଚ୍ଚତମ ଚେତନା ପ୍ରସୂତ ସୂକ୍ଷ୍ମ ବିଚାରବୋଧରେ ମାନବ ସମାଜକୁ ଉଦ୍‌ବୁଦ୍ଧ କରାଇବାରେ ବିଫଳ। ଯେଉଁଥି ପାଇଁ ପୁଅବୋହୂମାନେ ଭୋଗବିଳାସରେ ବଞ୍ଚିବା ପାଇଁ ବୃଦ୍ଧାବସ୍ଥାରେ ନିଜ ପିତାମାତାଙ୍କୁ ଘରୁ ବାହାର କରିଦିଅନ୍ତି ଓ ସମ୍ପତ୍ତି ପାଇଁ ଭାଇ ଭାଇ ମଧ୍ୟରେ ବିଭେଦର ପ୍ରାଚୀର ଛିଡ଼ା ହେଉଛି, ପରିବାର ପରିବାର ମଧ୍ୟରେ ବାଦ ବିବାଦ ଉଗ୍ରରୂପ ନେଉଛି। ଯୌଥ ପରିବାର ଆଜି ଖଣ୍ଡ ବିଖଣ୍ଡିତ ହେଉଛି, ପରିବାରରେ ସ୍ନେହ, ଶାନ୍ତି, ସହଂତି ଓ ସଦ୍‌ଭାବନା ଲୋପ ପାଉଛି ଏବଂ ଶତୃତା ବୃଦ୍ଧି ପାଉଛି।

ସତରେ ମଣିଷ କେଡ଼େ ବିଚିତ୍ର ଜୀବ!! ସମାଜରେ ବହୁତ ଗରିବ, ଖଟିଖିଆ ଓ ଅନାଥ ଶିଶୁମାନେ ଟୋପେ କ୍ଷୀର ପିଇବାକୁ ନପାଇ ଅପପୁଷ୍ଟିର ଶିକାର ହେଉଥିବା ବେଳେ ଲୋକମାନେ ପ୍ରତିଦିନ ମନ୍ଦିର ଯାଇ ପଥର ଉପରେ ଲିଟର ଲିଟର କ୍ଷୀର ଢାଳିଥାନ୍ତି। ଘରେ ନିଜର ଚଳନ୍ତି ଠାକୁର ପିତାମାତା ଉପବାସ ଥାଉଥାଉ ଠାକୁରଙ୍କ ପାଖରେ ମହୁ ଘିଅର ଭୋଗ ଲଗାଇ ପୁଣ୍ୟ ଅର୍ଜନ କରନ୍ତି ଓ ପିତାମାତାଙ୍କୁ ବୃଦ୍ଧାଶ୍ରମରେ ଛାଡିଆସନ୍ତି ଏବଂ ମୃତ୍ୟୁବରଣ କରିବା ପରେ ବନ୍ଧୁ ପ୍ରିୟଜନଙ୍କୁ ଭୋଜିଭାତ ଦେଇ ନିଜକୁ ଭାଗ୍ୟବାନ ବୋଲି ମନେ କରିଥାନ୍ତି। ହେଲେ ଏହାର କୁପରିଣାମ ଦିନେ ନା ଦିନେ ଭୋଗିବାକୁ ପଡ଼ିବ, ସେ କଥା ବୁଝିବାକୁ ସେ ନାରାଜ। ଏମିତି କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ କି ଅନ୍ୟମାନଙ୍କୁ ଭଲ ଭଲ ଉପଦେଶ ଓ ପ୍ରବଚନ ଦେଇ ଲୋକଙ୍କ ମନରେ ଜାଗରଣ ସୃଷ୍ଟି କରନ୍ତି, କିନ୍ତୁ ନିଜ ପିତାମାତାଙ୍କୁ ହଇରାଣ ହରକତ କରନ୍ତି। ଯେଉଁଦିନ ସେ ନିଜେ ବାର୍ଦ୍ଧକ୍ୟରେ ପାଦ ଦେଇ, ବାର୍ଦ୍ଧକ୍ୟର ବେଦନାକୁ ଅଙ୍ଗେ ନିଭାଇବ, ସେଇଦିନ ଅତୀତର ସେହି କର୍ମଫଳକୁ ମନେ ପକାଇ ଅଖିରୁ ଲୁହ ଗଡ଼ାଇବା ସାର ହେବ।

# ପଞ୍ଚତୀର୍ଥ

ଇନ୍ଦୁ ଭୂଷଣ ଭୂୟାଁ
ପୁରୁଣା ସୋନାରୀ, ଜାମସେଦପୁର
ମୋ : ୯୨୦୪୬୫୨୦୬୫

ବନାରସରେ ଯେପରି ପାଞ୍ଚଟି ଗୁରୁତ୍ୱପୂର୍ଣ୍ଣ ତୀର୍ଥ ଅଛି ପୁରୀରେ ମଧ୍ୟ ସେହିପରି ପାଞ୍ଚଟି ତୀର୍ଥ ଅଛି। ଏହାକୁ ପଞ୍ଚତୀର୍ଥ କୁହାଯାଏ। ବ୍ରହ୍ମପୁରାଣରେ ଏହି ପଞ୍ଚତୀର୍ଥ ହେଲା ମାର୍କଣ୍ଡେୟ ପୁଷ୍କରିଣୀ, ବଟମନ୍ଦିର କୃଷ୍ଣ (ଅର୍ଥାତ୍ ଜଗନ୍ନାଥ), ରୋହିଣେୟ (ବଳଭଦ୍ର), ମହୋଦଧି ଓ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ। ଏହି ରୋହିଣେୟ 'ରୋହିଣୀକୁଣ୍ଡ' ମଧ୍ୟ ହୋଇପାରେ। 'ସ୍କନ୍ଧ ପୁରାଣ'ରେ ଲେଖାଅଛି ମାର୍କଣ୍ଡେୟ, କଳ୍ପବୃକ୍ଷ, ଦାରୁବ୍ରହ୍ମ, ମହୋଦଧି ଓ ଇନ୍ଦ୍ରଦ୍ୟୁମ୍ନ ସରୋବର। 'ମୁକ୍ତି ଚିନ୍ତାମଣି' ଓ ହଳଧରକୃତ 'ସ୍ମୃତି ତର୍ପଣ' ଅନୁସାରେ ପଞ୍ଚତୀର୍ଥ ହେଲା - ମାର୍କଣ୍ଡେୟ ପୁଷ୍କରିଣୀ, ଶ୍ୱେତଗଙ୍ଗା, ରୋହିଣୀକୁଣ୍ଡ, ମହୋଦଧି ଓ ଇନ୍ଦ୍ରଦ୍ୟୁମ୍ନ ସରୋବର। ସାରଳା ଦାସଙ୍କ ମହାଭାରତ (ବନପର୍ବ)ରେ ଉଲ୍ଲେଖ ପ୍ରକାରେ ପଞ୍ଚତୀର୍ଥ ହେଉଛି - ମହୋଦଧି, ରୋହିଣୀକୁଣ୍ଡ, ଶ୍ୱେତଗଙ୍ଗା, ଇନ୍ଦ୍ରଦ୍ୟୁମ୍ନ ଓ ମାର୍କଣ୍ଡେୟ ସରୋବର।

ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ମାର୍କଣ୍ଡେୟ, ଶ୍ୱେତଗଙ୍ଗା, ସମୁଦ୍ର ଦ୍ୱର୍ଗଦ୍ୱାର, ଚକ୍ରତୀର୍ଥ ଓ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀକୁ ପଞ୍ଚତୀର୍ଥ କୁହାଯାଇଛି। ପଞ୍ଚତୀର୍ଥ ବ୍ରତର ସଂକଳ୍ପ କରାଯାଇ ଜ୍ୟେଷ୍ଠମାସର ଶୁକ୍ଳ ଦଶମୀ ଠାରୁ ଆରମ୍ଭ କରି ଦେବସ୍ନାନ ପୂର୍ଣ୍ଣିମା ଦିନ ଉଦଯାପନ କରାଯାଏ। ଆଉ କେତେକ କାର୍ତ୍ତିକ ମାସ ଶୁକ୍ଳପକ୍ଷ ଦଶମୀ ଠାରୁ ପୂର୍ଣ୍ଣିମା ଯାଏଁ ଏହି ବ୍ରତ ପାଳନ କରନ୍ତି। ପଞ୍ଚତୀର୍ଥରେ ପିଣ୍ଡଦାନ ଓ ମାନସିକ ମୁଣ୍ଡନକ୍ରିୟା କରାଯାଏ (ରୋହିଣୀକୁଣ୍ଡକୁ ବାଦ ଦେଇ)। ମାର୍କଣ୍ଡେୟ ପୁଷ୍କରିଣୀ ଶ୍ରୀମନ୍ଦିରର ଉତ୍ତର-ପଶ୍ଚିମ ଦିଗରେ ଅବସ୍ଥିତ। ଉତ୍ତର, ପୂର୍ବ, ଦକ୍ଷିଣ ଓ ପଶ୍ଚିମ ପାର୍ଶ୍ୱରେ ପୁଷ୍କରିଣୀର ଦୈର୍ଘ୍ୟ ଯଥାକ୍ରମେ ୩୫୦, ୫୦୫, ୩୮୫ ଓ ୫୪୨ ଫୁଟ। ପୁଷ୍କରିଣୀ ତଟରେ ମାର୍କଣ୍ଡେଶ୍ୱର ମନ୍ଦିର, ମୃତ୍ୟୁଞ୍ଜୟ ଲିଙ୍ଗ, ପଞ୍ଚ ପାଣ୍ଡବ ଓ କାଳୀୟଦଳନ ବିଗ୍ରହ ଅବସ୍ଥିତ। ଏହାର ତଟରେ ସପ୍ତମାତୃକା ମନ୍ଦିର ରହିଛି। ମାଦଳାପାଞ୍ଜି (ସଂ-ଆର୍ତ୍ତବଲ୍ଲଭ)ରେ ଉଲ୍ଲେଖ ଅଛି ଯେ ରାଜା କୋଶଳ କେଶରୀ ମାର୍କଣ୍ଡେଶ୍ୱର ଦେଉଳ ତୋଳାଇଥିଲେ ଓ ପୋଖରୀ ପଶ୍ଚିମ ପଟ ପଥର ପାଚେରୀ କଲେ। (ଆନୁମାନିକ ୮୧୧ରୁ ୮୨୯ ଖ୍ରୀଷ୍ଟାବ୍ଦ ମଧ୍ୟରେ)। ସପ୍ତମାତୃକା ମନ୍ଦିରଟିକୁ ଭୀମକେଶରୀ ନିର୍ମାଣ କରିଥିଲେ ବୋଲି ଉକ୍ତ ପାଞ୍ଜିରେ ଉଲ୍ଲେଖ ଅଛି। ଆନୁମାନିକ ୧୧୦୭ରୁ ୧୧୧୫ ଖ୍ରୀଷ୍ଟାବ୍ଦ ଭିତରେ ଏହି ନିର୍ମାଣ କାର୍ଯ୍ୟ ହୋଇଥିବ।

ଶ୍ୱେତଗଙ୍ଗା ଶ୍ରୀମନ୍ଦିରର ଦକ୍ଷିଣ-ପୂର୍ବ ଦିଗର ବାଲିସାହିରେ ଅବସ୍ଥିତ। ପୁଷ୍କରିଣୀର ଦୈର୍ଘ୍ୟ ଓ ପ୍ରସ୍ଥ ୨୫୪ ଫୁଟ ଓ ୧୮୦ ଫୁଟ। ତଟରେ ଶ୍ୱେତମାଧବ ଓ ମତ୍ସ୍ୟମାଧବ ନାମକ ନାରାୟଣ ବିଗ୍ରହ ଦ୍ୱୟ ବିରାଜିତ। ମାଦଳା ପାଞ୍ଜି ଅନୁସାରେ ରାଜା ଗୋବିନ୍ଦ କେଶରୀ ଏହି ଦୁଇ ଠାକୁରଙ୍କ ପାଇଁ ଦେଉଳ ତିଆରି କରାଇଥିଲେ (ଆନୁମାନିକ ଖ୍ରୀ. ୧୦୦୦ ବେଳକୁ)।

ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀର ଦୈର୍ଘ୍ୟ ଓ ପ୍ରସ୍ଥ ଯଥାକ୍ରମେ ୪୮୫ ଫୁଟ ଓ ୩୯୬ ଫୁଟ। କିମ୍ବଦନ୍ତୀ କହେ ଯେ ରାଜା ଇନ୍ଦ୍ରଦ୍ୟୁମ୍ନ ଅଶ୍ୱମେଧ ଯଜ୍ଞ କଲାବେଳେ ଅସଂଖ୍ୟ ଗୋରୁଦାନ କରିଥିଲେ। ଏହି ଗୋରୁ ମାନଙ୍କ ଖୁରା ବାଜି ଭୂମି ଖୋଲି ହୋଇଯାଇ ଏହି ପୁଷ୍କରିଣୀଟି ହୋଇଗଲା। ମନ୍ଦିର ନିର୍ମାଣ ବେଳେ ବନ ବଡ଼ ପଥର ପିଠିରେ ବୋହି ଯେଉଁ ଲୋକମାନେ ଆଣିଥିଲେ ସେମାନେ କୂର୍ମ ପାଲଟି ଯାଇଥିଲେ। ରାଜା ଇନ୍ଦ୍ରଦ୍ୟୁମ୍ନ ଓ ଗାଲମାଧବଙ୍କ ମଧ୍ୟରେ ମନ୍ଦିର ନିର୍ମାଣ ନେଇ ବିବାଦ ଉପୁଜିବାରୁ ଏହି କୂର୍ମମାନେ ଯେଉଁମାନେ କି ପୁଷ୍କରିଣୀରେ ରହୁଥିଲେ, ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ସପକ୍ଷରେ ସାକ୍ଷ୍ୟ ପ୍ରଦାନ କରିଥିଲେ। ପୁଷ୍କରିଣୀ ତୀରରେ ନୀଳକଣ୍ଠେଶ୍ୱର, ରାଜା ଇନ୍ଦ୍ରଦ୍ୟୁମ୍ନ, ରାଣୀ ଗୁଣ୍ଡିଚା ଓ ଗାଲମାଧବଙ୍କ ବିଗ୍ରହ ରହିଛି। ମାଦଳା ପାଞ୍ଜିରେ ଲେଖାଅଛି ଯେ ରାଜା ପଦ୍ମକେଶରୀ ଇନ୍ଦ୍ରଦ୍ୟୁମ୍ନ ଚାରିପାଖେ ପାହାଚ ଓ ନୀଳକଣ୍ଠେଶ୍ୱର ଦେଉଳ ତୋଳାଇଥିଲେ। (ଆନୁମାନିକ ଖ୍ରୀ୭୨୬ରୁ ୭୪୫ ମଧ୍ୟରେ ଏହା ନିର୍ମିତ ହୋଇଥିବ।)

ପ୍ରତିବର୍ଷ ନବଦିନ ଯାତ୍ରା ବା ଶ୍ରୀଗୁଣ୍ଡିଚା ଯାତ୍ରା ସମୟରେ ବହୁ ଶ୍ରଦ୍ଧାଳୁ ନରନାରୀ ଇନ୍ଦ୍ରଦ୍ୟୁମ୍ନ ସରୋବରେ ସ୍ନାନ, ଯଜ୍ଞ ନୃସିଂହଙ୍କୁ ଦର୍ଶନ ଓ ଆଡ଼ପମଣ୍ଡପ (ଗୁଣ୍ଡିଚା ମନ୍ଦିର)ରେ ମହାପ୍ରଭୁଙ୍କୁ ଦର୍ଶନ ଏବଂ ମହାପ୍ରସାଦ ସେବନ କରି ଗୁଣ୍ଡିଚା ବ୍ରତ ପାଳନ କରନ୍ତି। ପଞ୍ଚତୀର୍ଥ ମଧ୍ୟରେ ପରିଗଣିତ ହେଉନଥିଲେ ମଧ୍ୟ ନରେନ୍ଦ୍ର ପୁଷ୍କରିଣୀ ନିଶ୍ଚିତ ଭାବରେ ଏକ ତୀର୍ଥର ମାନ୍ୟତା ପାଇବା ଉଚିତ। ଏଠାରେ ପ୍ରତିବର୍ଷ ୨୧ ଦିନ ବ୍ୟାପି ଚନ୍ଦନଯାତ୍ରା ପାଳନ କରାଯାଏ।



ମାହାଙ୍ଗା, (ଭାସ୍କର ନ୍ୟୁଜ୍): ମାହାଙ୍ଗା ଥାନା ବାସୁଦେବପୁର ପଂଚାୟତ ବରଠା ଗ୍ରାମରେ ଘର ନିକଟରେ ଗୋ ମାଂସ କଟାକୁ ନେଇ ନେଇ ବରୋଧ ଦେଖାଦେଇଛି। ଘଟଣ ସ୍ଥଳରେ ପୋଲିସ ପହଂଚି ଉତ୍ତେଜନାକୁ ଆୟତ କରିଛି। ସୂଚନାରୁ ପ୍ରକାଶ ଯେ ଶନିବାର ସକାଳେ ମୁସଲିମ ପର୍ବ ନିମନ୍ତେ ଗ୍ରାମର ସେକ ମେହେବୁବ ଘର ନିକଟରେ ଏକ ଗୋ ମାତାକୁ ହତ୍ୟା କରାଯାଉଥିବା ବେଳେ ପାଖ ପଡୋଶୀ ଏହାକୁ ବିରୋଧ କରିଥିଲେ। ଯାହାଫଳରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ଘଟଣା ଜାଣିବା ପରେ ମାହାଙ୍ଗା ପୋଲିସ ଥାନା ଆଇଆଇସି ତପନ ରାଉତଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ସହ ଘଟଣା ସ୍ଥଳରେ ପହଂଚି ଏହି ଉତ୍ତେଜନାକୁ ଆୟତ କରିବା ସହ ମେହେବୁବଙ୍କ ଘରୁ ଗୋ ମାଂସ ଜବତ କରିଥିଲା। ପରେ ଘଟଣାସ୍ଥଳରେ ସାଲେପୁର ଏସଡିପିଓ ବିରଞ୍ଚି ନାରାୟଣ ପତି, ଅତିରିକ୍ତ ତହସିଲଦାର ଅତନୁ ପ୍ରଧାନ ଏବଂ ପଶୁ ବିଭାଗ ଅଧିକାରୀ ଘଟଣା ସ୍ଥଳରେ ପହଂଚି ଗୋ ମାଂସର ନମୂନା ଯାଞ୍ଚ ପାଇଁ ପଠାଇଥିବା ବେଳେ ଏକ ଜାଗାରେ ଗାତ ଖୋଳି ପୋତା ଯାଇଥିବା ମାହାଙ୍ଗା ଥାନା ଆଇଆଇସି ସୂଚନା ଦେଇଛନ୍ତି। ଏହା ପରେ ଘଟଣାର ଅଧିକ ତଦନ୍ତ ପାଇଁ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚଳାଇଥିବା ଜଣାଯାଇଛି।

## କଷଟି ଗାଁରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

# ଘଟଣାରେ ସୁଧାର ଆଣିବାକୁ ଏସପିଙ୍କ ପଦକ୍ଷେପ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ଥାନା କୁବେରା ପଞ୍ଚାୟତ ଅଧୀନ କଷଟି ଗ୍ରାମର ସନ୍ତୋଷ ପରିଡ଼ା (୪୦) ନାମକ ଜଣେ ଯୁବକଙ୍କୁ ନିକଟସ୍ଥ ଗୁଜିଦରଡ଼ା ଗ୍ରାମର କେତେକ ସଂଖ୍ୟାଲଘୁ ଶ୍ରେଣୀର ଗୋରୁ ବେପାରୀ ଆକ୍ରମଣ କରିଥିଲେ। ଫଳରେ ସନ୍ତୋଷ ଗୁରୁତର ହୋଇ ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଯାହାକୁ ନେଇ କଷଟି ଗ୍ରାମରେ ଉ□ଜନା ଲାଗିରହିଛି। ଏହି ଉତ୍ତେଜନାକୁ ପ୍ରଶମିତ କରିବା ପାଇଁ ସରକାର ବିଶେଷ ଭାବେ ହଠାତ୍ ମନୋଜ କୁମାର ରାଉତଙ୍କୁ ଭଦ୍ରକ ଏସପି ଭାବେ ଦାୟିତ୍ୱ ଦେଇଛନ୍ତି। ଏହି ଦାୟିତ୍ୱ ପାଇବା ପରେ ନୂତନ ଏସପି ମନୋଜ ରାଉତ ଶନିବାର ପୂର୍ବାହ୍ନରେ କଷଟି ଗ୍ରାମରେ ପହଞ୍ଚି ଘଟଣାର ସୁଧାର ଆଣିବାକୁ ପଦକ୍ଷେପ ନେଇଛନ୍ତି। ଆକ୍ରମଣରେ ଆହତ ସନ୍ତୋଷକଙ୍କ ପରିବାର ସମେତ ଗ୍ରାମବାସୀମାନଙ୍କ ସହିତ ଏସପି ଶ୍ରୀ ରାଉତ ଆଲୋଚନା କରିଛନ୍ତି। ଗୁରୁତର ହୋଇ ଚିକିତ୍ସାଧୀନ ଥିବା ସନ୍ତୋଷଙ୍କର ଚିକିତ୍ସା ଦାୟିତ୍ୱ ଜିଲ୍ଲାପ୍ରଶାସନ ଓ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଦାୟିତ୍ୱ ନେଇଛନ୍ତି। ଗୁରୁତର ସନ୍ତୋଷଙ୍କ ଆକ୍ରମଣକୁ ନେଇ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଏସପି ରାଉତ ପ୍ରତିଶ୍ରୁତି ଦେଇଥିଲେ। କଷଟି ଗ୍ରାମବାସୀମାନେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହିତ ସଂଖ୍ୟାଲଘୁ ଶ୍ରେଣୀର ବ୍ୟକ୍ତିଙ୍କ ଉପରେ କୌଣସି ଆକ୍ରମଣ କରି ଆଇନକୁ ହାତକୁ ନିଅନ୍ତୁ ନାହିଁ ବୋଲି ଏସପି ରାଉତ ପରାମର୍ଶ ଦେଇଛନ୍ତି। ଏହି ଆଲୋଚନାରେ ତିହିଡ଼ି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ, ଏସଆଇ ପ୍ରବୀଣ ଗିରି, ସରପଞ୍ଚ ଶୁଭ୍ରନାରାୟଣ ସେଠୀ ଓ ସଂଜୀବ ବେହେରା, ମଣ୍ଡଳ ସଭାପତି ସରୋଜ ନାୟକ, ସାଇଶରଣ ବେହେରା, ବିଜେପି ନେତା ଦେବେନ୍ଦ୍ର ପୁହାଣ, ସୁଶାନ୍ତ ସେଠୀ, ଯଜ୍ଞଦତ୍ତ ପତି, ରଘୁନାଥ ମଲିକ, ସୂର୍ଯ୍ୟନାରାୟଣ ଭୋଇ, ଭରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପାରାଦୀପ ସମୁଦ୍ରରେ ଯୁବକ ନିଖୋଜ



ପାରାଦୀପ, (ଭାସ୍କର ନ୍ୟୁଜ୍): ମୁସଲମାନଙ୍କ ବକ୍ରୀଦ ପର୍ବ ପାଳନ ପାଇଁ କେନ୍ଦ୍ରାପଡା ଜିଲ୍ଲାର ୭ ଜଣ ଯୁବକ ପାରାଦୀପକୁ ବୁଲି ଆସିଥିବା ବେଳେ ପାରାଦୀପ ଲାଇଟହାଉସ ନିକଟସ୍ଥ ସମୁଦ୍ରରେ ଗାଧୋଇବାକୁ ଆସିଥିଲେ। ତେବ ପାରାଦୀପ ସମୁଦ୍ରରେ ଗାଧୋଇବା ବିପଦଜ୍ଜନକ ବୋଲି ନଜାଣି ପାରି ଶନିବାର ଦିନ ସାତ ଜଣ ବନ୍ଧୁ ଗାଧୋଉଥିବା ବେଳେ ହଠାତ ଜନୈକ ଶେଖ ଅମାନୁହ୍ଲା (୧୯-୨୦) ସମୁଦ୍ର ପାଣିରେ ପ୍ରବଳ କରେଣ୍ଟରେ ଭିତରକୁ ଟାଣି ହୋଇଯାଇ ନିଖୋଜ ହୋଇଯାଇଥିଲେ। ତେବେ ଖବର ପାଇ ପାରାଦୀପ ସିଆଇଏସଏଫ ଓ ମେରାଇନ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସ୍ପିଡ଼ ବୋଟ ମାଧ୍ୟମରେ ନିଖୋଜ ଯୁବକଙ୍କୁ ଖୋଜିବା ପେକ୍ରିୟା ଜାରି ରଖିଥିଲେ ମଧ୍ୟ ସନ୍ଧ୍ୟା ପର୍ଯ୍ୟନ୍ତ ତା'ର କୌଣସି ସନ୍ଧାନ ମିଳିପାରି ନାହିଁ। ତେବେ ପ୍ରଶାସନ ପକ୍ଷରୁ ବେଳାଭୂମିରେ ସମୁଦ୍ରରେ ନଗାଧୋଇବା ପାଇଁ ସତର୍କ ସୂଚନା ଫଳକ ଦୃଶ୍ୟ ନହେବା ଏବଂ ମେରାଇନ ପୋଲିସର ପେଟ୍ରୋଲିଙ୍ଗ ଅଭାବରୁ ଏଭଳି ଦୁଃଖଦ ଅଘଟଣା ଘଟିଲା ବୋଲି ସାଧାରଣରେ ଚର୍ଚ୍ଚା ହେବା ସହ ଉତ୍ତେଜନା ସୃଷ୍ଟି ହୋଇଛି।

## ବଜରଙ୍ଗ ଦଳ ପକ୍ଷରୁ ଗୋ ଉଦ୍ଧାର

ଗରଦପୁର, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ କୁଦାନଗରୀ ଥାନା ଅନ୍ତର୍ଗତ ପଳସୁଧା ପଞ୍ଚାୟତର ପଳସୁଧା ମସଜିଦ ନିକଟ ପାଇକା ନଦୀପଠାରେ ଶହଶହ ଗୋମାତା ଓ ବୃଷଭଙ୍କୁ ଅତି ନିର୍ଦ୍ଦୟ ଭାବେ ବାନ୍ଧି ହତ୍ୟା କରୁଥିବା ସମୟରେ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା ମାନସ ରଞ୍ଜନ ଦାସ, ରୁଦ୍ର କଲ୍ୟାଣ ତ୍ରିପାଠୀ, ରଞ୍ଜିତ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ସ୍ଥାନୀୟ ପ୍ରଶାସନର ସହାୟତାରେ ଗୋମାତାଙ୍କୁ ଉଦ୍ଧାର କରିଥିବା ବେଳେ ଘଟଣା ସ୍ଥଳରେ କୁଦାନଗରୀ ପୋଲିସ ଉପସ୍ଥିତ ରହିଥିବା ଦେଖିବାକୁ ମିଳିଛି। ତେବେ ଖବର ଲେଖାହେବା ପର୍ଯ୍ୟନ୍ତ ଗୋମାତାଙ୍କୁ କେଉଁ ଗୋ ଶାଳାକୁ ହସ୍ତାନ୍ତର କରାଯିବ ତାହା ସ୍ଥିର ହୋଇପାରିନାହିଁ।

## ଅବକାରୀ ବିଭାଗର ଚଢ଼ାଉ, ୧୫୦ଲିଟର ମଦ ଜବତ

ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍): ଚୌଦ୍ୱାର ଅବକାରୀ ବିଭାଗ ପକ୍ଷରୁ ଆମ ସଂକଳ୍ପ 'ନିଶା ନୁହେଁ ଜୀବନ' ଜରିଆରେ ଚୌଦ୍ୱାରର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିବା ଜଣାପଡ଼ିଛି। ମେ ୩୧ରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ ଅବକାରୀ ବିଭାଗର ସୁପରିଟେଣ୍ଡଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଇନ୍ସପେକ୍ଟର ମମତା ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇ ଚୌଦ୍ୱାର ଥାନା ଅନ୍ତର୍ଗତ ବାଣିପଦା, ପଦାଗାଁ, ତଳବଜାର ଓ ଗାନ୍ଧିଛକର ବିଭିନ୍ନସ୍ଥାନରେ ଚଢ଼ାଉ କରାଯାଇ ପ୍ରାୟ ୧୫୦ଲିଟର ମଦ ଓ ଏକ ଟିଭିଏସ୍ ସ୍କୁଟି ଜବତ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଓ ଆଇସି ବାପି ସାହୁ, ଆଶୁତୋଷ, କନେଷ୍ଟବଳ ଦେବବ୍ରତ ଓଝା, ରାଜକୃଷ୍ଣ ବିଶ୍ୱାଳ, ଲକ୍ଷ୍ମଣ ବେହେରା ଓ ତୃପ୍ତିମୟୀ ପରିଡ଼ା ପ୍ରମୁଖ ସାମିଲ ଥିଲେ।

# ଭଡା ଘରେ ପ୍ରେମୀ ଯୁଗଳଙ୍କ ଆତ୍ମହତ୍ୟା





ମାହାଙ୍ଗା, (ଭାସ୍କର ନ୍ୟୁଜ୍): କଟକ ଜିଲ୍ଲା ମାହାଙ୍ଗା ଥାନା ଖନ୍ଦୋଳ ଗାଁରେ ଘଟିଯାଇଛି ଏକ ଅଭାବନୀୟ ଘଟଣା। ସୂଚନାରୁ ପ୍ରକାଶ ଯେ ଏହି ଗାଁର କ୍ଷୀରୋଦ ଲେଙ୍କାଙ୍କ ଘରେ ଗତ ୪ଦିନ ହେବ ଭଡାରେ ରହୁଥିଲେ ସାଲେପୁର ମାଛୁଆତି ଅଞ୍ଚଳର ଚିନ୍ମୟୀ ଭୋଇ। ଚିନ୍ମୟୀ ରାଇସୁଙ୍ଗୁଡ଼ା କ୍ଲଷ୍ଟମ ଅଧୀନରେ ମହିଳା ସ୍ୱାସ୍ଥ୍ୟକର୍ମୀ ଭାବେ କାର୍ଯ୍ୟ କରୁଥିଲେ। ୬ତାରିଖରୁ ୭ତାରିଖ ଅପରାହ୍ନ ପର୍ଯ୍ୟନ୍ତ ସେ ରହୁଥିବା ଭଡା ଘର କବାଟ ବନ୍ଦ ଥିବାରୁ ସ୍ଥାନୀୟ ଲୋକେ ସନ୍ଦେହ କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ଆସି କବାଟ ଖୋଲିବାରୁ ଚିନ୍ମୟୀ ସହିତ ତା'ର ମାମୁଁଘର ଗାଁ ସାଲେପୁର ବାଲିସମାଳା ଅଞ୍ଚଳର ଯୁବକ ଦେବେନ୍ଦ୍ର ମୁଣ୍ଡା ଗୋଟିଏ ଓରନିକୁ ବେକରେ ଲଗାଇ ଝୁଲୁଥିବାର ଦେଖିବାକୁ ମିଳିଥିଲା। ତେବେ ପ୍ରେମ ସମ୍ପର୍କରୁ ଏଭଳି କରୁଣ ପରିସ୍ଥିତି ହୋଇଥିବା ଚିନ୍ମୟୀଙ୍କ ଅଜା କହିଥିବା ବେଳେ ତାଙ୍କ ମା ଅନ୍ନପୂର୍ଣ୍ଣା ଭୋଇଙ୍କ କହିବା ଅନୁଯାଇ ଚିନ୍ମୟୀଙ୍କ ବାପାଙ୍କ ମୃତ୍ୟୁପରେ ସେ ତାଙ୍କ ମାମୁଁ ଘରେ ରହି ପାଠ ପଢୁଥିଲେ। ମାମୁଁ ଘର ଗାଁରୁ ଦେବେନ୍ଦ୍ରଙ୍କ ସହ ପ୍ରେମ ସମ୍ପର୍କ ଥାଇପାରେ ବୋଲି ଅନୁମାନ କରିଛନ୍ତି। ଘଟଣାର ଅଧିକ ତଦନ୍ତ ପରେ ଏମାନେ କାହିଁକି ଏଭଳି ଚରମ ନିଷ୍ପତ୍ତି ନେଲେ ତାହା ଜଣାପଡିବ ବୋଲି ମାହାଙ୍ଗା ତହସିଲଦାର ଅତନୁ ପ୍ରଧାନ କହିଛନ୍ତି। ଏନେଇ ମାହାଙ୍ଗା ପୋଲିସ ଦୁଇଟି ଅପମୃତ ମାମଲା ରୁଜୁ କରି ତଦନ୍ତ ଚଳାଇ ଶବ ବ୍ୟବଛେଦ ନିମନ୍ତେ କଟକ ବଡ଼ ମେଡିକାଲ ପଠାଇଥିବା ଜଣାପଡିଛି।

## ଦୁଇଟ୍ରକ ମୁହାଁମୁହିଁ ଧକ୍କା, ୨ ଗୁରୁତର

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ଶିଳ୍ପତାଲିମ ପ୍ରତିଷ୍ଠାନ ଅନତି ଦୂରରେ ଶୁକ୍ରବାରରେ ଦୁଇ ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୨ ଚାଳକ ଗୁରୁତର ଆହତ ହୋଇଥିବା ଜଣାଯାଇଛି। ଭଦ୍ରକ ଆଡକୁ ଯାଉଥିବା ଟ୍ରକକୁ ତ୍ରୁଟିପୂର୍ଣ୍ଣ ଭାବେ ସମ୍ମୁଖ ଦିଗରୁ ଆସୁଥିବା ଟ୍ରକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଆନ୍ଧ୍ର ଟ୍ରକ ଚାଳକ ଉତ୍ତରପ୍ରଦେଶ ମଥୁରା ଜିଲ୍ଲାର ନହର ସିଂ(୨୮) ଓ ସମ୍ମୁଖ ଟ୍ରକ ଚାଳକ ଯାଜପୁର ଜିଲ୍ଲା ଦାନଗଦି ଅଞ୍ଚଳର କାଳନ୍ଦି ସାହୁ(୪୪) ଗୁରୁତର ଆହତ ହୋଇଥିଲେ। ସୂଚନା ପାଇଁ ସ୍ଥାନୀୟ ଦମକଳ ବାହିନୀ ଉଭୟ ଆହତଙ୍କୁ ଉଦ୍ଧାର କରି ଭଣ୍ଡାରିପୋଖରୀ ମେଡିକାଲକୁ ଚିକିତ୍ସା ପାଇଁ ପଠାଇଥିଲା। ପୁଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକ ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି।

# ଗହଣା ସଫେଇ ଆଳରେ ଲୁଟ୍



ଧର୍ମଗଡ, (ଭାସ୍କର ନ୍ୟୁଜ୍): ବାସନ କୁସନ, ସୁନା, ରୂପା ସାମଗ୍ରୀ ସଫେଇ ଆଳରେ ଜୈନିକ ବ୍ୟବସାୟୀଙ୍କ ଘରୁ ଦୁଇଟି ସୁନା ଚୁଡ଼ି, ମୁଦି ଓ ସୁନା ଚେନ ନେଇ ଫେରାର ହୋଇ ଯାଇଥିବା ଘଟଣା ଦୃଷ୍ଟିକୁ ଆସିଛି। ଶନିବାର ସକାଳେ ଧର୍ମଗଡର ମନୋଜ କୁମାର ଅଗ୍ରୱାଲ (କିରାନା ଷ୍ଟୋର) ଘରେ ନଥିବାର ସୁଯୋଗ ନେଇ ତାଙ୍କ ଘରକୁ ଦୁଇଜଣ ବ୍ୟକ୍ତି ଉଜାଲା କମ୍ପାନୀରୁ ଆସିଥିବା ପରିଚୟ ଦେଇଥିଲେ। ଘରେ ମନୋଜଙ୍କ ମାଆ ଓ ଭାତୃ ବଧୂ ଥିଲେ। ବାସନ କୁସନ, ରୂପା ସାମଗ୍ରୀ ସଫେଇ କରିବାକୁ ସେମାନେ ଗୃହକର୍ତ୍ତାଙ୍କୁ ପ୍ରବର୍ତ୍ତାଇ ଥିଲେ। ତାଙ୍କର କଥାରେ ବିଶ୍ୱାସ କରି ମନୋଜଙ୍କ ମାଆ ଗହଣା ଦେଇଥିଲେ। ପରେ ଗରମ ପାଣି ଆଣିବାକୁ କହି ଦୁଇଟି ସୁନା ଚୁଡ଼ି, ମୁଦି ଓ ସୁନା ଚେନ ନେଇ ସେମାନେ ଫେରାର ହୋଇ ଯାଇଥିଲେ। ସେମାନଙ୍କର ଚିତ୍ର ସିସିଟିଭିରେ କଏଦ୍ ହୋଇଛି। ଦୁର୍ବୃତ୍ତ ଦୁଇଜଣ ଧର୍ମଗଡର ଆଉ କିଛି ଘରକୁ ମଧ୍ୟ ଯାଇଥିବା ସୂଚନା ମିଳିଛି। ବ୍ୟବସାୟୀ ସଂଘ ପକ୍ଷରୁ ଏନେଇ ପୋଲିସକୁ ସୂଚନା ଦିଆଯାଇଛି। ଆଗକୁ ପୋଲିସ କି ପଦକ୍ଷେପ ଗ୍ରହଣ କରୁଛି ଦେଖିବାକୁ ବାକି ରହିଲା।

# ପୂର୍ତ୍ତ ବିଭାଗ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ନିର୍ମାଣ ହେଉଛି ରାସ୍ତା !

- ନିର୍ମାଣର ଦୁଇମାସରେ ରାସ୍ତାର ଅବସ୍ଥା ବେହାଲ
- ବିନା ଟେଣ୍ଡରରେ ଚାଲିଛି ଠିକାଦାର ଚୟନ!

କୋରେଇ, (ଭାସ୍କର ନ୍ୟୁଜ୍): କୋରେଇ ବ୍ଲକର ପୂର୍ତ୍ତ ବିଭାଗ ଅଧୀନରେ ଥିବା ରାସ୍ତା ମରାମତି ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ ଏହି କୋଟିକୋଟି ଟଙ୍କାରୁ ନାମକୁ ମାତ୍ର ରାସ୍ତା ମରାମତି କରଯାଇ ବାକି ସବୁ ପଇସା ପଶୁଛି ଠିକାଦାର ଓ ଲାଞ୍ଚୁଆ ଅଧିକାରୀଙ୍କ ପକେଟରେ ବୋଲି ଜନସାଧାରଣ କହୁଛନ୍ତି। ଏହିଭଳି ଏକ ନଗ୍ନ ନମୁନା ଖଜୁରୀନାଲୁଆରୁ ମୁକୁନ୍ଦପୁର ଭାୟା ମଥୁରାପୁର ରାସ୍ତାରେ ଦେଖିବାକୁ ମିଳିଛି। ଏହି ରାସ୍ତାଟି ବୈତରଣୀ ବଜାର ଠାରୁ ଖଜୁରୀ ନାଲୁଆ, କଡମିଆ, ସୋଲପଟିଆ, ମଥୁରାପୁର ଦେଇ ସୁଦୂର କେନ୍ଦୁଝର ଜିଲ୍ଲାକୁ ସଂଯୋଗ କରିଛି। ଏହି ରାସ୍ତା ଦେଇ କେନ୍ଦୁଝର ଜିଲ୍ଲାରୁ ପ୍ରତିଦିନ ହଜାର ହଜାର ଲୋକ କଟକ ଭୁବନେଶ୍ୱର ଯାଉଥିବା ବେଳେ ଅନ୍ୟାନ୍ୟ କାମ ପାଇଁ ବୈତରଣୀ ରୋଡ଼କୁ ଆସନ୍ତି। ଅନ୍ୟପଟେ ବୈତରଣୀ ନଦୀରୁ ଏହି ରାସ୍ତା ଦେଇ ପ୍ରତିଦିନ ଶହ ଶହ ଟ୍ରିପ ବାଲି ଚାଲାଣ ହୋଇ ବାହାର ରାଜ୍ୟକୁ ଯାଏ। ସେଥିପାଇଁ ରାଜ୍ୟ ସରକାର କୋଟିକୋଟି ଟଙ୍କା ରାଜସ୍ୱ ମଧ୍ୟ ପାଆନ୍ତି। କିନ୍ତୁ ଦୁଃଖର ବିଷୟ ଏହି ରାସ୍ତାଟି ଗତ ୨ମାସ ତଳେ ଟେଣ୍ଡରରେ ନହୋଇ କିଛି ଆତ୍ମଘୋଷିତ ଠିକାଦାରଙ୍କ ଦ୍ୱାରା କାମ କରାଯାଇଥିଲା। କାମର ମାସେ ନପୂରୁଣୁ କେଉଁଠି ପିଚୁ ଫଡା ଫଡା ଉଠୁଛି ତ, କେଉଁଠି ନୂଆ କରି ହୋଇଥିବା କଂକ୍ରିଟ ଭାଙ୍ଗି ରୁଜି ଗଲଣି। ଏମିତିକି ଏହି ରାସ୍ତାରେ ବର୍ତ୍ତମାନ ସାଧାରଣ ବାଟୋଇ ଟିଏ ପାଦରେ ଚାଲିକରି ଯିବା ଅସମ୍ଭବ ହେଲାଣି। ଜିଲ୍ଲାପାଳ ଏଥିପ୍ରତି ତୁରନ୍ତ ଦୃଷ୍ଟି ପ୍ରଦାନ କରି ଏହାର ବିଧି ବଦ୍ଧ ତଦନ୍ତ କରାଇଲେ ପୂର୍ତ୍ତବିଭାଗ ସହିତ ଠିକାଦାରଙ୍କ ମଧୁର ସମ୍ପର୍କରେ ପୂର୍ଣ୍ଣଛେଦ ପଡିବା ସହିତ ସମ୍ପୃକ୍ତ ଠିକାଦାରଙ୍କୁ କଳା ତାଲିକାଭୁକ୍ତ କରି ରାସ୍ତାଟିକୁ ପୂର୍ଣ୍ଣ ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ଦୃଢ଼ ଦାବି କରିଛନ୍ତି।

## ବମ ଫୁଟି ଜଣେ ମୃତ, ୨ ଆହତ

ବୋଲଗଡ, (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲା ବୋଲଗଡ ଥାନା ଅନ୍ତର୍ଗତ ଖଙ୍ଗୁରିଆ ଗ୍ରାମ ପଞ୍ଚାୟତର ଇଛାପୁର ଗ୍ରାମରେ ଶନିବାର ମଧ୍ୟାହ୍ନରେ ପରିତ୍ୟକ୍ତ ଘରକୁ ସଫା କରୁଥିବା ସମୟରେ ବମ ଫୁଟି ଜଣେ ମୃତ ଓ ଦୁଇଜଣ ଆହତ ହୋଇଛନ୍ତି। ମୃତ ମହିଳାଜଣକ ହେଲେ ଇଚ୍ଛାପୁର ଗ୍ରାମର ମିଲି ବେଗମ୍ (୩୦) ଓ ଆହତ ହୋଇଥିବା ଦୁଇଜଣ ହେଲେ ଆମିନା ବେଗମ୍, ରୁକ୍ସମା ବେଗମ୍ ଏବଂ ରୁକସନା ବେଗମ୍‌ଚିକିତ୍ସା ନିମନ୍ତେ ବୋଲଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା ବେଳେ ଡାକ୍ତର ମିଲିଙ୍କୁ ମୃତ ଘୋଷଣା କରିଛନ୍ତି। ଆହତ ଦୁଇଜଣଙ୍କୁ ଚିକିତ୍ସା ନିମନ୍ତେ କ୍ୟାପିଟାଲ ହସ୍ପିଟାଲ ଭୁବନେଶ୍ୱରକୁ ସ୍ଥାନାନ୍ତରିତ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ପରିତ୍ୟକ୍ତ ଘରକୁ ସଫା କରିବା ସମୟରେ ଏକ ବମ ବ୍ୟାଗ ମିଳି ଦେଖି ତାହା କଣ ଜାଣିପାରି ନଥିଲେ ବ୍ୟାଗକୁ ତଳେ କଚାଡି ଦେଇଥିଲେ। ଯାହାଫଳରେ ବମ ଫୁଟିଯାଇ ମିଲି ମୃତ୍ୟୁ ବରଣ କରିଥିଲେ।

# ନିମାପଡ଼ାରେ ଚାଲିଛି ଦେହ ବ୍ୟବସାୟ; ଯୁବକ ଅଟକ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ଅଂଚଳରେ ସେକ୍ସ କାରବାର ହେଉଥିବା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଉତ୍କର୍ଷ ନିମାପଡ଼ା ଚାଲିଥିବା ସମୟରେ ପୁରୀ ଜିଲ୍ଲା ଏସ୍‌ପି ସାହେବ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ଜଣେ ମହିଳା ସମାଜସେବୀ ସେକ୍ସ କାରବାର ସମ୍ପର୍କରେ ଏସ୍‌ପିଙ୍କୁ ଅବଗତ କରାଇଥିଲେ। ପୋଲିସ ସାଧା ପୋଷାକରେ ଚଢ଼ଉ କରି ସେକ୍ସ କାରବାର ଚଳାଉ ଥିବା ଜଣେ ଯୁବକଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଯୁବକ ଜଣକୁ ପୋଲିସ ଥାନାରେ ଅଟକ ରଖି ପଚରା ଉଚୁରା କରିବାରେ ଅନେକ ରହସ୍ୟ ଉନ୍ମୋଚନ ହୋଇଥିବା ଜଣାପଡ଼ିଛି। ଯୁବକଙ୍କ ବୟାନ୍ ରେକର୍ଡ଼ ହୋଇଥିବା ବେଳେ ପୋଲିସ ଅଧିକ ତଦନ୍ତ ଜାରିରଖିଛି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା କୁଶଭଦ୍ରା ନଦୀବନ୍ଧ ତ୍ରିନାଥ ମାର୍ଗ ଠାରୁ ଦକ୍ଷିଣ ମୁଖା ନଦୀବନ୍ଧରେ ଯିବା ବେଳେ କିଛି ବାଟ ଗଲା ପରେ ଜଣେ ବ୍ୟକ୍ତିଙ୍କର ନଦୀବନ୍ଧ ଦାଢ଼ରେ ୫ ବଖରା ଘର ରହିଅଛି। ସେହି ଘରେ ସେକ୍ସ କାରବାର ଦୀର୍ଘଦିନ ହେବ ଚାଲୁଛି। ବିଶେଷକରି ବାଂଲାଦେଶୀ ଯୁବତୀମାନଙ୍କୁ ଏଠାରେ ଦେଖିବାକୁ ମିଳିଥିବା ବେଳେ ଗ୍ରାହକମାନେ ଦାମୀ କାର୍‌ରେ ଆସି ନଦୀବନ୍ଧ ଉପରେ କାର୍ ରଖି ଯୁବତୀମାନଙ୍କ ସହିତ ସମ୍ପର୍କ ସୃଷ୍ଟି କରିଆସୁଥିଲେ। ବାରମ୍ୱାର ଏହି ଖବର ଗଣମାଧ୍ୟମର ସିରୋନାମା ପାଲଟି ଥିଲା। ମାତ୍ର ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନଥିଲା। ପୋଲିସ ଶୁକ୍ରବାର ବିଳମ୍ବିତ ରାତ୍ରରେ ସାଧା ପୋଷାକରେ ଯାଇ ସେଠାରେ ଚଢ଼ଉ କରି ଦେହ ବ୍ୟବସାୟ ଚଳାଇ ଥିବା ଯୁବକଙ୍କୁ ଧରି ଥାନାରେ ପଚରା ଉଚୁରା ଚଳାଇଛି। ଏହି ଯୁବକ ଠାରୁ ଅନେକ ଗୁଢ଼ ରହସ୍ୟ ପୋଲିସ ହାତରେ ଲାଗିଛି। ନିମାପଡ଼ା ପରି ଜନଗହଳିପୂର୍ଣ୍ଣ ସ୍ଥାନରେ ଏପରି କାର୍ଯ୍ୟ ଚାଲିଥିବା ବେଳେ ଏ ଦିଗରେ ପ୍ରଶାସନ କଡ଼ା ଆଭିମୁଖ୍ୟ ଗ୍ରହଣ କରିବା ପାଇଁ ଦାବି ହୋଇଛି। ପ୍ରକାଶ ଥାଉକି, ଜଣେ ଯୁବତୀଙ୍କ ଫଟୋ ଭାଇରାଲ୍ ଘଟଣାରେ ଅଭିଯୋଗ ହେବା ପରେ ପୋଲିସର ଯୁବକ ପ୍ରତି ସନ୍ଦେହ ସୃଷ୍ଟି ହୋଇଥିଲା। କେତେଜଣ ବ୍ୟକ୍ତି ମଧ୍ୟସ୍ଥି ସାଜି ଏହି ଘଟଣାକୁ ସମାଧାନ କରିବା ପାଇଁ ରୀତିମତ ଉଦ୍ୟମ ଚଳାଇଛନ୍ତି।

## ବଜ୍ରାଘାତରେ ୩ ମହିଳା ଗୁରୁତର

ବୌଦ୍ଧ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଥାନା ତାଳସରଡା ଗ୍ରାମ ପଞ୍ଚାୟତର କଙ୍କଲା ଗ୍ରାମରେ ବଜ୍ରାଘାତରେ ୩ ମହିଳା ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ନିଜ ନିଜ ବିଲରେ କାମ କରି କଙ୍କଲା ଗ୍ରାମର ପିଙ୍କି ମହାକୁଡ, ବିଲ ଗୁରୁ ଓ ଲିପସା ବସ୍ତିଆ ଗ୍ରାମ ନିକଟ ମହାନଦୀକୁ ଗାଧୋଇବା ପାଇଁ ଯାଇଥିଲେ କ୍ଷ ନଦୀରେ ଗାଧୋଇ ଘରକୁ ଫେରୁ ଥିବା ବେଳେ ବଜ୍ରପାତ ହୋଇଥିଲା ଓ ତିନି ଜଣ ବଜ୍ରାଘାତରେ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଦୁଇଟି ୧୦୮ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଡାକ୍ତର ଖାନାକୁ ଆଣି ଭର୍ତ୍ତି କରିଛନ୍ତି। ପିଙ୍କି ମହାକୁଡଙ୍କ ଅବସ୍ଥା ସଂକଟାପନ୍ନ ଥିବା ସୂଚନା ମିଳିଛି।

# ବସ୍ ଦୁର୍ଘଟଣା, ୯ ତୀର୍ଥଯାତ୍ରୀ ଆହତ





ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଭେଲୋରା ଛକ ନିକଟରେ ରାସ୍ତା କଡରେ ଛିଡା ହୋଇଥିବା ଟ୍ରଲରକୁ ଧକ୍କା ଦେଲା ଟୋରିଷ୍ଟ ବସ। ଯାହାଫଳରେ ଜଣେ ଗୁରୁତର ହୋଇଥିବା ସହ ନଅ ଜଣ ଆହତ ହୋଇଛନ୍ତି। ସୂଚନା ଅନୁସାରେ ପଶ୍ଚିମବଙ୍ଗର ଚକଦା ଥାନା ଲକ୍ଷ୍ମୀପୁର ଅଞ୍ଚଳରୁ ଓଡିଶାର ପୁରୀ ଅଭିମୁଖେ ଏକ ଟୋରିଷ୍ଟ ବସ ୫୧ଜଣ ଯାତ୍ରୀଙ୍କୁ ନେଇ ଆସୁଥିବା ବେଳେ, ଭୋର ୪ଟା ୩୦ ମିନିଟ ସମୟରେ ବାଲେଶ୍ୱର ଜିଲ୍ଲା ୬୦ ନମ୍ବର ଜାତୀୟ ରାଜପଥର ଭେଲୋରା ଛକ ନିକଟରେ ଛିଡା ହୋଇଥିବା ଏକ ଟ୍ରଲର ଗାଡିକୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ଯାତ୍ରୀମାନଙ୍କୁ ଉଦ୍ଧାର କରିବା ପରିବର୍ତ୍ତେ ବସରେ ଥିବା ଦୁଇ ଜଣ ଡ୍ରାଇଭର ଫେରାର ହୋଇଯାଇ ଥିଲେ। ତେବେ ସ୍ଥାନୀୟ ଲୋକ, ରାଜପଥ କର୍ତ୍ତୃପକ୍ଷ, ପୋଲିସଙ୍କ ଉଦ୍ୟମ କ୍ରମେ ଆହତ ଦଶଜଣଙ୍କୁ ବସ୍ତା ମେଡିକାଲକୁ ସ୍ଥାନାନ୍ତର କରା ଯାଇଥିଲା। ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ନଅ ଜଣଙ୍କୁ ଛାଡି ଦିଆଯାଇଥିବା ବେଳେ ଜଣେ ଗୁରୁତରଙ୍କୁ ବାଲେଶ୍ୱର ମେଡିକାଲ ପଠା ଯାଇଥିବା ଜଣାପଡିଛି। ବସ୍ତା ପୋଲିସ ଗାଡି ଦୁଇଟିକୁ ଜବତ କରି ତଦନ୍ତ ଜାରି ରଖିଥିବା ବେଳେ ଡ୍ରାଇଭରର ବେପରୁଆ ଗାଡି ଚାଳନା ଯୋଗୁଁ ଦୁର୍ଘଟଣା ହୋଇଥାଇ ପାରେ ବୋଲି ଅନୁମାନ କରାଯାଉଛି।

# ଦୁଇ ନାବାଳିକା ଗଣଦୁଷ୍କର୍ମ ମାମଲାରେ ଏସ୍‌ପିଙ୍କୁ ଭେଟିଲେ ଫ୍ୟାକ୍ଟ ଫାଇଣ୍ଡି ଟିମ୍



ବ୍ରହ୍ମପୁର, (ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲାର ଗୋଳନ୍ଥରା ପୋଲିସ ଥାନା ଅନ୍ତର୍ଗତ ଗତ ୩ ତାରିଖରେ ଘଟିଥିବା ଦୁଇ ନାବାଳିକା ଗଣଦୁଷ୍କର୍ମ ମାମଲାରେ ଆଜି ବିଜୁ ଜନତା ଦଳର ଫ୍ୟାକ୍ଟ ଫାଇଣ୍ଡିଂ ଟିମ ବ୍ରହ୍ମପୁର ଏସପିଙ୍କୁ ଭେଟି ଉଦବେଗ ପ୍ରକାଶ କରିବା ସହିତ ପୀଡ଼ିତାଙ୍କ ପରିବାରକୁ ତୁରନ୍ତ ନ୍ୟାୟ ପ୍ରଦାନ ଦାବି କରିଛି। ବ୍ରହ୍ମପୁର ଓ ସମଗ୍ର ରାଜ୍ୟରେ ଗଣ ଦୁଷ୍କର୍ମ, ହତ୍ୟା, ରାହାଜାନି ଇତ୍ୟାଦି ଉଦବେଗଜନକ ଭାବେ ବୃଦ୍ଧି ପାଉଛି, ଯାହା ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ଦର୍ଶାଉଛି ବୋଲି ଫ୍ୟାକ୍ଟ ଫାଇଣ୍ଡିଂ ଟିମର ସଦସ୍ୟମାନେ କହିଛନ୍ତି। ଗତ ୩ ତାରିଖ ରାତିରେ, ଦୁଇ ଜଣ ନାବାଳିକା ଗୋଟିଏ ବିବାହ ଭୋଜିରୁ ଫେରିବା ସମୟରେ, ଜଣେ ଦୁର୍ବୃତ୍ତ, ଯିଏ କି ପୀଡ଼ିତାଙ୍କ ପୂର୍ବରୁ ପରିଚିତ ଥିଲେ, ତାଙ୍କ ସହ ଆସିବାକୁ କହିଥିଲେ। ସେ ଓ ତାଙ୍କ ସହ ଆଉ ତିନି ଜଣ ଯୁବକ ଦୁଇ ନାବାଳିକାଙ୍କୁ ଏକ ନିକାଞ୍ଚନ ଜାଗାକୁ ନେଇଯାଇ ରାତି ସାରା ଦୁଷ୍କର୍ମ କରିଥିଲେ। ସକାଳେ ଦୁଇ ନାବାଳିକା ସେମାନଙ୍କ ଘରେ ପହଁଞ୍ଚିବା ପରେ, ତାଙ୍କ ପରିବାର ଲୋକ ଏହି ଘଟଣା ସମ୍ପର୍କରେ ଜାଣିଥିଲେ ଓ ତାପରେ, ଗୋଳନ୍ଥରା ଥାନାରେ ଏତଲା ଦେଇଥିଲେ। ପୋଲିସ, ମାମଲା ରୁଜୁ କରିଥିଲେ ହେଁ ଦୁର୍ବୃର୍ତ୍ତ ମାନଙ୍କ ଟେର ପାଇ ନଥିଲା। ଏହି ସମ୍ବେଦନଶୀଳ ଘଟଣାର ଗୁରୁତ୍ୱ ଉପଲବ୍ଧି କରି, ବିଜୁ ଜନତା ଦଳ ତରଫରୁ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଦ୍ୱାରା ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ ଗଠନ କରା ଯାଇଥିଲା। ସେହି କ୍ରମରେ ଫ୍ୟାକ୍ଟ ଫାଇଣ୍ଡିଂ ଟିମର ସଦସ୍ୟ ମାନେ ବ୍ରହ୍ମପୁର ଏସପିଙ୍କୁ ଭେଟି ଉଦବେଗ ପ୍ରକାଶ କରିଥିଲେ। ବିଜେଡି ତରଫରୁ ଏସପିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରା ଯାଇଥିଲା, ଯେଉଁଥିରେ, ପୀଡ଼ିତାଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ସହିତ ବ୍ରହ୍ମପୁର ପୋଲିସ ଜିଲ୍ଲାରେ ଆଇନ ଶୃଙ୍ଖଳା ସ୍ଥିତିକୁ ସୁଧାରିବା ପାଇଁ ଦାବି ରଖାଯାଇଥିଲା। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଫ୍ୟାକ୍ଟ ଫାଇଣ୍ଡିଂ ଟିମର ସଦସ୍ୟ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଥିଲେ, ଏହି ସମ୍ବେଦନଶୀଳ ଘଟଣାରେ ପୋଲିସ ନିଷ୍କ୍ରିୟତା ଦେଖିବାକୁ ମିଳିଛି। ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ ବ୍ରହ୍ମପୁର ଗସ୍ତ କରି ଘଟଣା ଉପରେ ଉଦବେଗ ପ୍ରକାଶ କରିବା ପରେ ଦୁର୍ବୃର୍ତ୍ତଙ୍କୁ ଗିରଫ କରାଯାଇଛି ବୋଲି ଏସପି ସୂଚନା ଦେଇଛନ୍ତି। ପୂର୍ବତନ ସାଂସଦ ରାଜଶ୍ରୀ ମଲ୍ଲିକ କହିଥିଲେ, ଆଇନ ଶୃଙ୍ଖଳା ପରିସ୍ଥିତିକୁ ବଜାୟ ରଖିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ବିଜେଡି ପ୍ରତିନିଧି ମଣ୍ଡଳୀରେ ପୂର୍ବତନ ବିଧାୟକ ସୁଶ୍ରୀ ଲତିକା ପ୍ରଧାନ, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ସାଂସଦ ରାଜଶ୍ରୀ ମଲ୍ଲିକ, ପ୍ରମିଳା ବିଷୋୟୀ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ପ୍ରମୁଖଙ୍କ ସମେତ ଦଳର ରାଜ୍ୟ ମୁଖପାତ୍ର ତୁମ୍ବନାଥ ପଣ୍ଡା ଓ ନାରାୟଣ ଜେନା, ଦଳର ଅନ୍ୟ କର୍ପୋରେଟର ମାନେ ଉପସ୍ଥିତ ଥିଲେ।

# ଲୋକଙ୍କୁ ମିଳୁନି ପାଣି, ରାସ୍ତାରେ ଲହଡ଼ି ମାରୁଛି ପାଣି




ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ସହରବାସୀଙ୍କୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯୋଗାଇ ଦିଆ ଯାଉଥିବା ସୁଷମ ଜଳ ପିଇ ଅନେକ ବ୍ୟକ୍ତି ରୋଗରେ ଆକ୍ରାନ୍ତ ହେଉଥିବା ବେଳେ ଅନେକ ସ୍ଥାନରେ ପାଇପ୍ ଫାଟି ଗୋଳିଆ ପାଣି ପାଇପ୍‌ରେ ପସିବା ଦ୍ୱାରା ସେହି ପାଣିକୁ ଜନସାଧାରଣ ପିଉଛନ୍ତି। ବାରମ୍ୱାର ଜନସ୍ୱାସ୍ଥ୍ୟ ବିଭାଗ (ପିଏଚ୍‌ଡ଼ି)କୁ ଅଭିଯୋଗ କରାଗଲେ ମଧ୍ୟ ଅଧିକାରୀ 'ମେରି ରାୟ' ଉପରେ କାର୍ଯ୍ୟ କରିବା ସହ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଉନାହାନ୍ତି। ପାଟପୁର କାଳୀମନ୍ଦିର ସମ୍ମୁଖ ରାସ୍ତାରେ ପାଇପ୍ ଫାଟି ରାସ୍ତାରେ ଦୁଇଫୁଟର ପାଣି ଜମା ହୋଇଥିବା ବେଳେ ସେହି ପାଣି ପାଇପ୍ ମଧ୍ୟକୁ ଯାଉଛି। ଏହି ଘଟଣାକୁ ଅନେକ ବ୍ୟକ୍ତି ବିରୋଧ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବିଜ୍ଞାପିତ ଅଂଚଳ ପରିଷଦ ପାଟପୁର ଛକସ୍ଥିତ ମୁଖ୍ୟ ରାସ୍ତାରେ ପାଇପ୍ ଫାଟି ଦୁଇ ଫୁଟର ପାଣି ଜମା ହୋଇଥିବା ବେଳେ ସେହି ଗୋଳିଆ ପାଣି ମଧ୍ୟ ପାଇପ୍ ଭିତରକୁ ପସୁଛି। ଯାହାଦ୍ୱାରା ଲୋକମାନେ ଗୋଳିଆ ପାଣି ସେବନ କରି ରୋଗରେ ଆକ୍ରାନ୍ତ ହେଉଛନ୍ତି। ଦୀର୍ଘଦିନ ହେବ ଏହି ସ୍ଥାନରେ ପାଣି ଜମା ହୋଇ ରହୁଥିବା ବେଳେ ସେହି ପାଣି ପାଇପ୍‌କୁ ଯାଉଅଛି। ଅନେକ ସମାଜସେବୀ ସମେତ ସ୍ଥାନୀୟ ଲୋକମାନେ ଏହାର ପ୍ରତିକାର ପାଇଁ ଦୀର୍ଘଦିନ ହେବ ଦାବୀ କରି ଆସୁଛନ୍ତି। ମାତ୍ର ଏହି ଘଟଣା ପ୍ରତି ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଦୃଷ୍ଟି ଦେଉନାହାନ୍ତି। ପ୍ରକାଶ ଥାଉକି, ପାଇପ୍ ଫାଟି ଥିବା ସ୍ଥାନଟି ଖାଲୁଆ ହୋଇଥିବା ବେଳେ ସେଠାରେ ବର୍ଷା ପାଣି ଜମି ମଧ୍ୟ ସପ୍ଲାଇ ପାଣି ପାଇପ୍ ଭିତରକୁ ଯାଉଛି। ଏହିପରି ଅନେକ ସ୍ଥାନରେ ପାଇପ୍ ଫାଟି ପାଣି ନିର୍ଗତ ହେଉଥିବା ବେଳେ କ'ଣ ପାଇଁ ଏ ଦିଗରେ ଦୃଷ୍ଟି ଦିଆଯାଉ ନାହିଁ ବୋଲି ଅଂଚଳବାସୀ ପ୍ରଶ୍ନ କରିଛନ୍ତି।

## ବୀଣାଲତା ନାୟକଙ୍କୁ ସିଭିପି ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ ଦେବୀ କନ୍ଦଳ ଦୀପାଞ୍ଚଳ ଅନ୍ତର୍ଗତ ବରିକ୍ଷଣ ଶ୍ରୀ ବିଶ୍ୱନାଥ ବିଦ୍ୟାପୀଠରୁ ଅବସର ଗ୍ରହଣ କରିଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବୀଣାଲତା ନାୟକଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସ୍ୱେଚ୍ଛାସେବୀ ସଂଗଠନ ଛାତ୍ର ଯୁବ ବିକାଶ ପରିଷଦ (ସିଭିପି) ପକ୍ଷରୁ ଆୟୋଜିତ ସଭାରେ ମୁଖ୍ୟ ଅତିଥି ତଥା ଜଗନ୍ନାଥ କଥାମୃତର ପ୍ରଚାରକ ମାତୃ ପ୍ରସାଦ ମିଶ୍ର, ମୁଖ୍ୟ ବକ୍ତା ତଥା ଓଡିଶା ବେସରକାର ଆଇଟିଆଇ ସଂଘର ରାଜ୍ୟ ଉପସଭାପତି ତ୍ରିଲୋଚନ ରାୟ ଓ ସମାଜ ସେବି ଯୋଗେଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ନାୟକଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସେ ଜଣେ ଛାତ୍ରବତ୍ସଳ ଶିକ୍ଷୟିତ୍ରୀ ଭାବେ ୧.୧୧.୧୯୯୩ରେ ପଦ୍ମନାଭ ବାଳିକା ଉଚ୍ଚ ବିଦ୍ୟାଳୟରେ ଶିକ୍ଷାଦାନ ଆରମ୍ଭ କରିଥିଲେ। ପରେ ସେ ବିଶ୍ୱନାଥ ବିଦ୍ୟାପୀଠକୁ ବଦଳି ହୋଇ ସେହିଠାରୁ ଅବସର ଗ୍ରହଣ କରିଛନ୍ତି।

# ନବ ବିବାହିତା ମୃତ୍ୟୁ ଘଟଣା, ହତ୍ୟା ଅଭିଯୋଗ ଆଣିଲେ ପରିବାର

ଧର୍ମଗଡ, (ଭାସ୍କର ନ୍ୟୁଜ୍): ବିବାହକୁ ୩ ମାସ ପୁରିନି, ହେଲେ ଶବ ପାଲଟିଗଲେ ନବ ବଧୂ। ମନରେ ଅସୁମାରୀ ସ୍ୱପ୍ନ ଦେଖିଥିବା ନବବଧୂର ଆଶା ସତେ ଯେମିତି ଛଡେଇ ନେଇଛି ଦଇବ। ଯେଉଁ ହୋମ ନିଆଁରେ ଦୁହେଁ ଅଗ୍ନିକୁ ସାକ୍ଷୀ ରଖି ସାତଜନମର ସାଥି ହେବାକୁ ଶପଥ ନେଇଥିଲେ। ସେହି ବିଶ୍ୱାସ ଭରସା ଶେଷରେ ମଶାଣୀର ମୁହଁ ଦେଖାଇଲା। ଏଭଳି ମର୍ମନ୍ତୁକ ଖବର ଏବେ ସାମ୍ନାକୁ ଆସିଛି। କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତ ଆଇଲି ଗ୍ରାମର ଲିଙ୍ଗରାଜ ବାଗକୁ କାଉଡୋଲା ଗ୍ରାମର ମାଳତୀ ଛାତ୍ରୀଆ ଗତ ମାର୍ଚ୍ଚମାସ ୮ତାରିଖରେ ବୈଦିକ ରୀତିରେ ବିବାହ କରିଥିଲେ। ତେବେ ବିବାହର କିଛିଦିନ ପରେ କୌଣସି କାରଣକୁ ନେଇ ଲିଙ୍ଗରାଜ ପତ୍ନୀଙ୍କ ଉପରେ ଗାଳିଗୁଲଜ ଓ ନିର୍ଯ୍ୟାତନା ଦେବା ଆରମ୍ଭ କରିଥିଲେ। ତେବେ ଧୀରେ ଧୀରେ ନିର୍ଯ୍ୟାତନା ସୀମା ଲଂଘିବା ସହ ଅସହ୍ୟ ହୋଇପଡ଼ିଲା। ଗତକାଲି ବାଇକରେ ମେଡ଼ିକାଲ ନେବା ବାଟରେ ବାଇକରୁ ପଡି ମାଳତୀ ଗୁରୁତର ହେବାପରେ ପ୍ରଥମେ କୋକସରା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ଓ ପରେ ବୁର୍ଲା ନେବା ବାଟରେ ମାଳତୀଙ୍କ ମୃତ୍ୟୁ ହୋଇଥିଲା। ପରେ ପରିବାର ଲୋକେ ଶବ ନେଇ ଗାଁ'କୁ ଫେରି ଝିଅ ବାପଘରକୁ ଖବର ଦେଇଥିଲେ। ମୃତା ମାଳତୀଙ୍କ ବାପା ଝିଅକୁ ଯୋଜନାବଦ୍ଧ ଭାବେ ହତ୍ୟା କରି ଦୁର୍ଘଟଣାର ରୂପ ଦେଇଥିବା ନେଇ କୋକସରା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଘଟଣା ସ୍ଥଳରେ କୋକସରା ପୋଲିସ, ମାଜିଷ୍ଟ୍ରେଟ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରି ଶବ ବ୍ୟବଚ୍ଛେଦ ପାଇଁ କୋକସରା ମେଡିକାଲକୁ ପଠାଇଛି ପୋଲିସ। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଘଟଣାର ପ୍ରକୃତ ଘଟଣା ସାମନାକୁ ଆସିବ ବୋଲି ପୋଲିସ ପକ୍ଷରୁ ସୂଚନା ଦେଇଛି। ତେବେ ମୃତ ନବବଧୂଙ୍କ ପରିବାର ଏହା ଏକ ଯୋଜନା ବଦ୍ଧ ଭାବେ ହତ୍ୟା ଅଭିଯୋଗ ଆଣିବା ପରେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।



କଣାସ, (ଭାସ୍କର ନ୍ୟୁଜ୍) : କଣାସ ବ୍ଲକ କାଦୁଆ ଗ୍ରାମପଞ୍ଚାୟତର କଉଡିଖିଣି ଗ୍ରାମର ଖଣ୍ଡାୟତ ସାହିରେ ଗତୀଶ୍ୱର ଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଗତ ୫ ତାରଖ ଠାରୁ ଆରମ୍ଭ ହୋଇ ୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । କଳସ ଯାତ୍ରା ଉପଲକ୍ଷେ ଗ୍ରାମବାସୀମାନେ ଦୀର୍ଘ ଦୁଇ କିଲୋମିଟର ଅତିକ୍ରମ କରି ମକରା ନଦୀର ସାହସପୁର ତୁଠରେ ପୂଜା ଅର୍ଚ୍ଚନା କରାସାରିବା ପରେ ଶହ ଶହ ଜଳ କଳସ ବୁଡାଇ ସାହସପୁର ଗତୀଶ୍ୱର ଦେବଙ୍କ ମନ୍ଦିରରୁ ଆଜ୍ଞା ମାଳ ନେଇ ଯଜ୍ଞ ସ୍ଥଳରେ ପହଁଚିଥିଲେ। ୪ ଦିନ ଧରି ଅଙ୍କୁରାର୍ପଣ, ଜଳାଧିବାସ, ମଣ୍ଡଳ କରଣ, ସୂର୍ଯ୍ୟ ପୂଜା, ଗୋପୂଜା, ସମସ୍ତ ମଣ୍ଡଳ ପୂଜନ, ସୂର୍ଯ୍ୟାଗ୍ନି କୁଣ୍ଡେ ସ୍ଥାପନ, ହବନ, ନୂତନ ବିଗ୍ରହ,ଗର୍ଭାଧାନ, ନାଭି ଛେଦନ, ଚକ୍ଷୁଦାନ, କ୍ଷୀରପାନ, ବିଗ୍ରହ ସୟନ, ଆଳତୀ, ପୁଷ୍ପାଞ୍ଜଳୀ, ପ୍ରାଣପ୍ରତିଷ୍ଠା, ମନ୍ଦିର ପ୍ରତିଷ୍ଠାଠାକୁର ପ୍ରତିଷ୍ଠା, ପୂର୍ଣ୍ଣାହୁତି କାର୍ଯ୍ୟ କରାଯାଇ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହେବ । ପଣ୍ଡିତ ନାରାୟଣ ମହାପାତ୍ର ତାଙ୍କ ସହ ଯୋଗୀ ପଣ୍ଡିତ ମାନେ ୪ ଦିନ ଧରି ଯଜ୍ଞକାର୍ଯ୍ୟ ସହିତ ବେଦମନ୍ତ୍ର ପାଠ କରିବେ । ଲକ୍ଷ୍ମଣ ସାହୁ ତାଙ୍କ ପତ୍ନୀ କର୍ତ୍ତା କର୍ତ୍ତ୍ରୀ ଭାବେ କାର୍ଯ୍ୟ ତୁଲାଉଛନ୍ତି । ଏଥିରେ ଗ୍ରାମବାସୀମାନେ ପୂର୍ଣ୍ଣ ସହଯୋଗ କରୁଛନ୍ତି ।

# ଜଳସ୍ତର ନିମ୍ନଗାମୀ ନେଇ ଚାଷୀ ଅସନ୍ତୋଷ

ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ସହର ଉପକଣ୍ଠରେ ଥିବା ସତୀଗୁଡ଼ା ଡ୍ୟାମ୍‌ର ଜଳସ୍ତର ଖସିବାରେ ଲାଗିଛି। ଜଳସ୍ତର ଡେଡ୍ ଷ୍ଟୋରେଜ୍ ନିକଟତର ହେବା ପରେ ମଧ ଚଳିତବର୍ଷ ରବି ଫସଲରେ କିଛି ଅସୁବିଧା ହୋଇ ନଥିଲା। କିନ୍ତୁ ମୌସୁମୀରେ ଆଶାନୁରୂପ ବର୍ଷା ନ ହେଲେ ଖରିଫ ଚାଷ ପାଇଁ ଅସୁବିଧାର ସମ୍ମୁଖୀନ ହେବେ ଜିଲ୍ଲାର ଲକ୍ଷାଧିକ ଚାଷୀ। ସେପଟେ ଡ୍ୟାମ୍ ଉପରେ ନିର୍ଭର କରୁଥିବା ହଜାରରୁ ଅଧିକ ମତ୍ସ୍ୟଜୀବୀ ଜୀବିକାକୁ ନେଇ ଆଶଙ୍କାରେ ଅଛନ୍ତି। ସତୀଗୁଡ଼ା ଡ୍ୟାମର ଜଳଧାରଣ କ୍ଷମତା ୧୯୨.୬୩ ମିଟର ଥିବା ବେଳେ ଜଳସ୍ତର ହ୍ରାସ ପାଇ ୧୮୬ ମିଟର ରହିଛି। ଡେଡ୍ ଷ୍ଟୋରେଜ୍ ଲେବଲ୍ ୧୮୨ ମିଟରରୁ ଡ୍ୟାମ୍‌ରେ ମାତ୍ର ଆଉ ୪ ମିଟର ଅଧିକା ପାଣି ରହିଛି। ଯାହା ଆଗାମୀ କିଛି ଦିନ ପର୍ଯ୍ୟନ୍ତ କେବଳ ପାନୀୟ ଜଳ ଭାବେ ବ୍ୟବହାର ହୋଇପାରିବ। ମାଲକାନଗିରି ସହରକୁ ଦୈନିକ ୭୦ ଲକ୍ଷ ଲିଟର ପାନୀୟ ଜଳ ସପ୍ଲାଏ ହେଉଛି। ଡ୍ୟାମ୍ ଚର୍ତୁପାଶ୍ୱ ଶୁଖୁଲା ପଡ଼ିବା ସହିତ ମଧ ଭାଗରେ ହିଁ ଯାହା କିଛି ଆବଶ୍ୟକତା ରହିଛି ଯାହାକୁ



ଉଦ୍‌ଘାଟନ ପରଠୁ ହୋଇନି ପୁନରୁଦ୍ଧାର

ପୂରଣ କରୁଛି ସତୀଗୁଡ଼ା ଡ୍ୟାମ୍। ଉପରମୁଣ୍ଡରେ ବର୍ଷା ନଥିବାରୁ ଜଳଭଣ୍ଡାର ଭିତରେ ପାଣି କମ୍ ରହିଛି। କିନ୍ତୁ ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ କହିବା କଥା ପାନୀୟ ଜଳ ସଙ୍କଟ ଦୂର ପାଇଁ ଡ୍ୟାମ୍‌ରେ ଯଥେଷ୍ଟ ପାଣି ରହିଛି। ରବି ଚାଷରେ ଚାଷୀଙ୍କ ଆବଶ୍ୟକତା ସତୀଗୁଡା ଡ୍ୟାମ ପୁରଣ କରିଥିବା ବେଳେ ଆଗାମୀ ଖରିଫରେ ଚାଷୀଙ୍କ ପାଇଁ ଅସୁବିଧା ହୋଇପାରେ। ୧୯୮୬ ମସିହାରେ ସତୀଗୁଡା ଜଳଭଣ୍ଡାରର ନିର୍ମାଣ କାର୍ଯ୍ୟ ସରିଥିବା ବେଳେ ୧୯୮୯ ମସିହାରେ ପୋଟରୁ ଜଳସେଚନ ପ୍ରକଳ୍ପକୁ ହସ୍ତାନ୍ତର କରାଯାଇଥିଲା। ତଥ୍ୟ ଅନୁସାରେ ସତୀଗୁଡା ଜଳଭଣ୍ଡାର ମାଲକାନଗିରି ଜିଲ୍ଲାର ସଦର ବ୍ଲକ ଓ କୋରୁକୋଣ୍ଡା ବ୍ଲକର ୩୬ଟି ପାଣି ପାଞ୍ଚାୟତ ମାଧମରେ ୧୪ ହଜାର ହେକ୍ଟର ଚାଷ ଜମିକୁ ଜଳସେଚନ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା ଓ ସେଥିମଧ୍ୟରୁ ୯୦୬୫ ହେକ୍ଟର ଖରିଫ ଚାଷ ପାଇଁ ଓ ୪୫୩୫ ହେକ୍ଟର ରବି ଚାଷ ପାଇଁ ଜଳସେଚନ କରାଯିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ତେବେ ଏଥିମଧ୍ୟରେ ପ୍ରାୟ ତିନି ଦଶନ୍ଧିରୁ ଅଧିକ ସମୟ ବିତିଗଲାଣି ଏବଂ ବିଭିନ୍ନ କାରଣ ଯୋଗୁଁ ବର୍ତ୍ତମାନ ଜଳଭଣ୍ଡାର ଅଧିକାଂଶ ଅଂଶ ପୋତି ହୋଇଗଲାଣି। ସତୀଗୁଡ଼ା ଜଳଭଣ୍ଡାର ମାଛର ଚାହିଦା ବେଶି ଥିବାରୁ ଦୈନିକ ୧ ହଜାରରୁ ଅଧିକ ମତ୍ସ୍ୟଜୀବୀ ଡ୍ୟାମ୍‌ରୁ ମାଛ ଧରି ଜଳଭଣ୍ଡାର ନିକଟରେ ବିକ୍ରି କରିଥାନ୍ତି। ପୁନରୁଦ୍ଧାର ଅଭାବରୁ ଡ୍ୟାମ୍ ପୋତି ହେବାରେ ଲାଗିଥିବାରୁ ଆବଶ୍ୟକ ପରିମାଣର ପାଣି ରହିପାରୁନି। ଏପ୍ରିଲ୍, ମେ'ରେ ହେଉଥିବା ପ୍ରଚଣ୍ଡ ରୌଦ୍ର ତାପରେ ଡ୍ୟାମ୍ ଶୁଖିଯିବା ପରେ ଅନେକ ସ୍ଥାନରେ ମାଟି ଦେଖାଯାଉଛି। ଦୁଇ ବ୍ଲକ୍‌ର ଲକ୍ଷ ଲକ୍ଷ ଚାଷୀ ସତୀଗୁଡା ଜଳଭଣ୍ଡାର ଉପରେ ନିର୍ଭର କରୁଥିବା ବେଳେ ପ୍ରାୟ ତିନି ଦଶନ୍ଧିରୁ ଅଧିକ ସମୟ ଧରି ଏହି ଜଳଭଣ୍ଡାର ନିଜର ସେବା ଯୋଗାଇ ଦେଇ ଆସୁଛି। ତେବେ ଜଳଭଣ୍ଡାରର ପୁନରୁଦ୍ଧାର କରାନଗଲେ ଆଗକୁ ସମସ୍ୟା ବଢ଼ିବ ଓ ଜଳସଙ୍କଟ ଦେଖାଯିବାର ଆଶଙ୍କା ଥିବା ଜିଲ୍ଲାବାସୀ ତଥା ଚାଷୀ କୁଳ ପ୍ରକାଶ କରିଛନ୍ତି।

# ନିଶା ନିବାରଣ ପାଇଁ ସଚେତନତା ଅଭିଯାନ

ଖଇରପୁଟ, (ଭାସ୍କର ନ୍ୟୁଜ୍) : କୁଡୁମୁଲୁଗୁମ୍ମା ସ୍ଥିତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ଅବକାରୀ ବିଭାଗ ତରଫରୁ, ନିଶାଦ୍ରବ୍ୟ ସେବନ ଓ ଅପମିଶ୍ରିତ ବିଷାକ୍ତ ମାଦକ ଦ୍ରବ୍ୟ ସେବନ ବିରୋଧରେ ଏକ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଜନ ସଚେତନତା ଅଭିଯାନ ବୈଠକକୁ ଜିଲ୍ଲା ଅବକାରୀ ବିଭାଗର ସବ୍ ଇନ୍ସପେକ୍ଟର ରମେଶ ଚନ୍ଦ୍ର ସାହୁକାର ସଭାପତିତ୍ୱ କରିଥିଲାବେଳେ, ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ମଙ୍ଗଳା ମାଢୀ, ସମ୍ମାନିତ ଅତିଥି ଭାବେ ସମାଜସେବୀ ଭଗବାନ ସାହୁ, ଅବକାରୀ ସହକାରୀ ସବ୍ ଇନ୍ସପେକ୍ଟର ରାମଚନ୍ଦ୍ର ହନ୍ତାଳ, କନେଷ୍ଟବଳ ସରୀତା ନାୟକ,ନାଗେଶ୍ ପଣ୍ଡା, ଚନ୍ଦ୍ରକାନ୍ତ ନାୟକ ଓ ପୋଲିସ ବିଭାଗ ତରଫରୁ ଏ. ଶ୍ରୀରାମ ପ୍ରମୁଖ ଉପସ୍ଥିତ ଥିଲେ। ଅବକାରୀ ଅଧିକାରୀ ଶ୍ରୀ ସାହୁକାର ସୂଚନା ଦେଇ କହିଥିଲେ ଯେ, ଓଡ଼ିଶା ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମଇ ୩୧ ଠାରୁ ଜୁନ୍ ୨୭ ପର୍ଯ୍ୟନ୍ତ ଚାଲିଥିବା ନିଶା ନିବାରଣ ସଚେତନତା ଅଭିଯାନ ମାଲକାନଗିରି ଜିଲ୍ଲାର ପୁରପଲ୍ଲୀରେ ଆୟୋଜନ



କରାଯିବ ଯେଉଁଥିରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନଙ୍କର ସହଭାଗିତାକୁ ପ୍ରାଥମିକତା ଦିଆଯିବ। ସେ ଆହୁରି କହିଥିଲେ ଯେ ଯଦି ଆମର ସମୂହ ଯୁବ ସମ୍ବଳ ନିଶାଦ୍ରବ୍ୟ ସେବନ ରେ ଗ୍ରସିତ ରୁହନ୍ତି ତେବେ ମାନବ ମୂଲ୍ୟର ଅବକ୍ଷୟ ହେବା ସହ ଯୁବ ସମ୍ବଳର ବିକାଶ ଓ ଦେଶର ଅର୍ଥନୀତିରେ ଏହାର ପ୍ରତିକୂଳ ପ୍ରଭାବ ପକାଇବ ଏବଂ ଏଥିପାଇଁ ବର୍ତ୍ତମାନ ସମୟ ଆସିଯାଇଛି ସମସ୍ତଙ୍କୁ ସଚେତନ କରି ଯୁବ ସମାଜକୁ ନିଶାଦ୍ରବ୍ୟ ଓ ଅପମିଶ୍ରିତ ବିଷାକ୍ତ ମାଦକ ଦ୍ରବ୍ୟର ସେବନରୁ ଦୁରେଇ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା। ଏହି କାର୍ଯ୍ୟକ୍ରମରେ ସମସ୍ତେ ନିଜ ଅଞ୍ଚଳରେ ବସବାସ କରୁଥିବା ନିଶାଗ୍ରସ୍ତ ବ୍ୟକ୍ତି ମାନଙ୍କୁ ନିଶା ନିବାରଣ ପାଇଁ ସଚେତନତା କରିବାକୁ ସଙ୍କଳ୍ପ ନେଇଥିଲେ। ଶେଷରେ ଖଇରପୁଟ ବ୍ଲକ ର ମାଁ ପଦ୍ମିନି କଳା ଓ ସଚେତନତା ସଙ୍ଘ ତରଫରୁ ଏକ ପଥପ୍ରାନ୍ତ ନାଟକ ମାଧ୍ୟମରେ 'ନିଶାର ଭୟାବହତା' ସମ୍ପର୍କରେ ଏକ ଲଘୁ ନାଟକ ମଞ୍ଚସ୍ଥ କରାଯାଇଥିଲା ଯାହାକୁ ସମସ୍ତେ ମନଭରି ଉପଭୋଗ କରିଥିଲେ ।

## ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

ବାଲୁଗାଁ, (ଭାସ୍କର ନ୍ୟୁଜ୍) : ଓଡିଶା ସରକାର ମିଶନ ଶକ୍ତି ନିର୍ଦ୍ଦେଶ କ୍ରମେ ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକରେ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟ କ୍ରମରେ ବ୍ଲକର



୨୩୨୨ ଟି ଏସଏଚଜି ମଧ୍ୟରୁ ୧୫ଟି ଏସ୍‌ଏଚଜି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତି ଏସଏଚଜି ଗ୍ରୁପର ତିନିଜଣ ମହିଳା ଖାଦ୍ୟ ପ୍ରସ୍ତୁତ କରି ବିଚାରକମାନଙ୍କ ନିକଟରେ ଉପସ୍ଥାପନ କରିଥିଲେ। ବିଚାରକ ଭାବରେ ମଣ୍ଡଳ ଉନ୍ନୟନ ଅଧିକାରିଣୀ ସୁଶ୍ରୀ ପୁନମ ମହାପାତ୍ର, ସିଡିପିଓ ଅଞ୍ଜଳୀ ବାଳା ମଲ୍ଲିକ, ବ୍ଲକ ଉପାଧ୍ୟକ୍ଷ ଅରୁଣ କୁମାର ପଟ୍ଟନାୟକ ଯୋଗଦେଇ ସେମାନଙ୍କର ପ୍ରସ୍ତୁତ ଖାଦ୍ୟର ସ୍ୱାଦକୁ ପରଖି ସେମାନଙ୍କ ମଧ୍ୟରୁ ପ୍ରଥମ ଓ ଦ୍ୱିତୀୟ ବିଜେତା ଚୟନ କରିଥିଲେ। ପ୍ରଥମ ଭାବେ ମା' ବରୁଣେଇ ଏସ୍‌ଏଚଜି ହରିପୁର, ଦ୍ୱିତୀୟ ଭାବେ ମା ବାରଭୂଇଁୟା ଏସ୍‌ଏଚଜି ସୀଙ୍ଗେଶ୍ୱରକୁ ଚୟନ କରାଯାଇଥିଲା। ଏଥିରେ ବ୍ଲକ ମିଶନ ଶକ୍ତି ପ୍ରକଳ୍ପ ବ୍ଲକ ସଂଯୋଜିକା ସ୍ୱପ୍ନା ପାତ୍ର, ବିଏଲସି ସ୍ମିତା ଜାହ୍ନବୀ ନନ୍ଦଙ୍କ ସମେତ ବ୍ଲକର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ସରିଲା ନାରାୟଣୀ ନାଟ୍ୟକଳା ପରିଷଦର ବାର୍ଷିକ ଉତ୍ସବ

ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍) : ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଜରିପଡ଼ା ପଞ୍ଚାୟତ ସାମନ୍ତରାପୁର ଗ୍ରାମର ନାରାୟଣୀ ନାଟ୍ୟ ପରିଷଦର ଏକାଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଟେଟ୍ରାହେଡ୍ରନ୍‌ର ଅଧ୍ୟକ୍ଷ ତ୍ରିଦେବ ବେହେରା ଯୋଗ ଦେଇଥିବାବେଳେ ଉଦ୍‌ଯାପନୀ ଉତ୍ସବରେ ଡ୍ରିମସ୍ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ଡଃ ପ୍ରମୋଦ ରଥ ଯୋଗ ଦେଇଥିଲେ। ଗାଁ ଆଖଡ଼ାରୁ ନାଟକ ଆରମ୍ଭ କରିଥିବା ଜଣେ କଳାକାର ଦିନେ ଜଣେ ଉଚ୍ଚକୋଟୀର କଳାକାର ଭାବେ ସାରା ରାଜ୍ୟରେ ପରିଗଣିତ ହୋଇପାରିବ ବୋଲି ଡଃ ରଥ ନିଜର ଅଭିଭାଷଣରେ ପ୍ରକାଶ



କରିଥିଲେ। ନାଟ୍ୟକଳା ପରିଷଦ ପକ୍ଷରୁ ଗ୍ରାମରେ ଦୁଇଦିନ ଧରି ନାଟକ ପରିବେଷଣ କରାଯାଇଥିଲା। ସତ୍ୟପ୍ରକାଶ ଦାସଙ୍କ ନିର୍ଦ୍ଦେଶରେ ପ୍ରଥମ ରାତିରେ ନାଟକ 'କହିଦେଲେ କଥା ସରିଯିବ' ଓ ଦ୍ୱିତୀୟରାତିରେ 'ଏଇ ଫଗୁଣରେ ବାଜିବ ବାଜା' ନାଟକ ପରିବେଷଣ କରାଯାଇଥିଲା । ଏହି ବାର୍ଷିକ ଉତ୍ସବକୁ ଟାଙ୍ଗୀ-ସାଲେପୁର ବିଜେପି ନେତା ତଥା କେନ୍ଦ୍ରାପଡ଼ା ସାଂସଦ ପ୍ରତିନିଧି ପ୍ରଫୁଲ୍ଲ ସ୍ୱାଇଁ ପରିଚାଳନା କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ପ୍ରକାଶ କୁମାର ସ୍ୱାଇଁ, ଅରୁଣ କୁମାର ସ୍ୱାଇଁ ଅବସରପ୍ରାପ୍ତ ଶିକ୍ଷକ କ୍ଷେତ୍ରବାସୀ ତ୍ରିପାଠୀ ଯୋଗ ଦେଇଥିଲେ। ଉତ୍ସବରେ ସ୍ଥାନୀୟ ବୁଦ୍ଧିଜୀବୀ, ଶିକ୍ଷକ ତଥା ସାମ୍ବାଦିକଙ୍କୁ ମଞ୍ଚରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ଦୟା ଓ ମକରା ନଦୀରୁ ଦଳ ସଫା ପାଇଁ ଦାବି

କଣାସ, (ଭାସ୍କର ନ୍ୟୁଜ୍) : କଣାସ ବ୍ଲକରେ ପ୍ରବାହିତ ହେଉଥିବା ମୁଖ୍ୟ ନଦୀ ଦୟା ଓ ତାର ଶାଖା ନଦୀ ରାଜୁଆ ନଦୀର ଚିଲିକା ମୁହାଁଣ ଠାରୁ ସାତ ଆଠ କିଲୋ ମିଟର ଉପରକୁ କଳିକଡି ଦଳ ପୂର୍ଣ୍ଣ ହୋଇଥିବାରୁ ଦୀର୍ଘ ତିନିମାସ ହେଲା କଣାସ ଅଞ୍ଚଳର ମତ୍ସ୍ୟଜୀବୀ ମାନେ ଚିଲିକାକୁ ମାଛ ମାରିବା ପାଇଁ ଡଙ୍ଗା ନେଇ ଯାଇପାରୁ ନଥିବାବେଳେ ଅନେକ ମତ୍ସ୍ୟଜୀବ ପରିବାର ପୁରୁଷମାନେ ପରିବାର ପୋଷଣ ପାଇଁ କେରଳ ରାଜ୍ୟକୁ ମାଛ ମାରିବା ପାଇଁ ଚାଲିଯାଉଛନ୍ତି । ଡ୍ରେନେଜ ବିଭାଗ ପକ୍ଷରୁ ନଦୀରେ ଭର୍ତ୍ତି ହୋଇଥିବା କଳିକଡି ଦଳ ସଫା କରିବା ପାଇଁ ବିଭିନ୍ନ ମତ୍ସ୍ୟଜୀବ ସଂଗଠନ ଦାବି କରିଆସୁଥିଲେ ମଧ୍ୟ କୌଣସି ଅଧିକାରୀ କର୍ଣ୍ଣପାତ କରୁନାହାଁନ୍ତି । ଯୁଦ୍ଧକାଳୀନ ଭିତ୍ତିରେ ଦୟା ଓ ମକରା ନଦୀରୁ ଦଳ ସଫା କରିବା ପାଇଁ ଗୋପୀନାଥପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଅନାମ ବେହେରା, କାଦୁଆ ପଞ୍ଚାୟତର ସରପଞ୍ଚ ଦୁଃଶାସନ ସ୍ୱାଇଁ, ଧୂଳିରାମ ବେହେରା ଦାବି କରିଛନ୍ତି।

## ଡଙ୍ଗା ବୁଡ଼ି ଜଣେ ମୃତ

ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ଅନ୍ତର୍ଗତ ଚିତ୍ରକୋଣ୍ଡା ବ୍ଲକରେ ରହିଥିବା ବାଲିମେଳା ଜଳଭଣ୍ଡାରରେ ଜଣେ ବୁଡ଼ି ମୃତ୍ୟୁବରଣ କରିଥିବା ସୂଚନା ମିଳିଛି। ଏଭଳି ଅଭାବନୀୟ ଘଟଣା ଘଟିଛି ସ୍ୱାଭିମାନ ଅଞ୍ଚଳର ଓରାପଦର ଘାଟରେ। ଗତକାଲି ଅପରାହ୍ନରେ ଏକ ଦେଶୀ ଡଂଗାରେ ଜଣେ ଯୁବକ ନଦୀ ପାର କରୁଥିଲେ। ତେବେ ହଠାତ୍ କାଳବୈଶାଖୀ ଯୋଗୁଁ ଡଙ୍ଗାଟି ଓଲଟି ପଡିଥିଲା। ଶଙ୍କା ପଲାସି ନାମକ ଯୁବକ ପାଣିରେ ବୁଡ଼ି ଯାଇଥିଲେ। ସଂଧ୍ୟା ପର୍ଯ୍ୟନ୍ତ ପୁଅ ନଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଯୁବକ ଜଣକ ହେଲେ ନାକାମାମୁଡି ପଞ୍ଚାୟତର ବାଟାଗୁଡା ଗ୍ରମାର ସୁକ୍ରା ପଲାସିଙ୍କ ପୁଅ ଶଙ୍କା ପଲାସି। କାଲି ସଂଧ୍ୟା ସୁଦ୍ଧା ଯୁବକଙ୍କ ଶବ ଉଦ୍ଧାର ହୋଇପାରିନଥିଲା। ଆଜି ସକାଳୁ ପୁଣି ଅଗ୍ନିଶମ ଏବଂ ପୋଲିସ ତରଫରୁ ତଦନ୍ତ ଆରମ୍ଭ ହୋଇଛି। ପରିବାର ଲୋକଙ୍କ କହିବା ଅନୁଯାୟୀ ଶଙ୍କା କୌଣସି ଏକ କାମ ପାଇଁ ଓରାପଦର ଗ୍ରାମକୁ ଯାଇଥିଲେ। କାମ ସାରି ଅପରାହ୍ନରେ ଫେରୁଥିଲେ। ତେବେ ନଦୀ ମଝିରେ କାଳବୈଶାଖୀର ସମ୍ମୁଖୀନ ହୋଇ ଦୁର୍ଘଟଣାର ଶିକାର ହୋଇଛନ୍ତି। ପ୍ରକାଶ ଥାଉକି ଦୀର୍ଘ ବର୍ଷ ହେବ ଏହି ଓରାପଦର ଘାଟରେ ଏକ ପୋଲ ନିର୍ମାଣ ପାଇଁ ଲୋକେ ଦାବି କରିଆସୁଥିଲେ ମଧ ପ୍ରଶାସନର ଦୃଷ୍ଟି ପଡୁ ନାହିଁ। ଏଠାରେ ପ୍ରତିବର୍ଷ ବାରମ୍ବାର ଡଙ୍ଗା ବୁଡ଼ିଯିବା ଫଳରେ ଜୀବନ ହାନି ହେଉଥିଲେ ମଧ ଆଉ କେତେ ମଲେ ପ୍ରଶାସନ ଚେତିବ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର: ୩୫ ୟୁନିଟ୍ ରକ୍ତ ସଂଗୃହୀତ

ମାହାଙ୍ଗା, (ଭାସ୍କର ନ୍ୟୁଜ୍) : ମାହାଙ୍ଗା ବ୍ଲକ ଅନ୍ତର୍ଗତ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ମାହାଙ୍ଗା ମେଡ଼ିକାଲ ପକ୍ଷରୁ ଅନୁଷ୍ଠିତ ହୋଇ ଯାଇଛି । ଏହି ଶିବିରରେ ମୁଖ୍ୟଅତିଥିଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ଯୋଗନେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ରକ୍ତ ଦାନ ମହତ ଦାନ ବୋଲି କହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ତନୁସ୍ମିତା ବିଷ୍ଣାଣୀ ଡାକ୍ତର ସ୍ୱାୟମ ପରିଜା, ଡାକ୍ତର ପ୍ରଦୀପ କିଶୋର ଜେନା ଡାକ୍ତର ଲୋପାମୁଦ୍ରା । ସେନାପତି ଡାକ୍ତର ଦୀପକ ଇନ୍ଦୁଆର ଡାକ୍ତର କ୍ରିସା ମହାପି ଡାକ୍ତର ଅଜିତ ସିଂହ ଜନସାସ୍ଥ୍ୟ ସଂପ୍ରାସାରଣ ଅଧିକାରୀ



ସୁଧାଂଶୁ କୁମାର ଦାସ,ରୋଗୀ କଲ୍ୟାଣ ସମିତି ସଭ୍ୟା ଯାଜ୍ଞସେନୀ ଜେନା ପାଇକ ବ୍ଲକ ଅଧକ୍ଷା କନକଲତା ବେହେରା ସମିତିସଭ୍ୟ ସୁଧରେନ୍ଦ୍ର ମହାର୍ଷି ପ୍ରମୋଦ ସ୍ୱାଇଁ ଚିନ୍ମୟ ପଣ୍ଡା ବିପିନ କୁମାର ଜେନା ପୂଜା ଭୋଇ ଏନାଲୀ ମିଶ୍ର, ହିମାଂଶୁ ସାମଲ ନିରୋଦ ନଳିନୀ ରାଉତ ପୁଷ୍ପଲତା ସାହୁ ତ୍ରିଲୋଚନ ପହରାଜ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କଟକ ରେଡକ୍ରସ ପକ୍ଷରୁ ଡାକ୍ତରମାନେ ଉପସ୍ଥିତ ୩୫ ୟୁନିଟ ରକ୍ତ ସଂଗୃହିତ କରିଥିଲେ।

## ଧାନ ମଣ୍ଡି ଉଦ୍‌ଘାଟନ କଲେ ଏମପି ଓ ବିଧାୟକ

ଛତ୍ରପୁର, (ଭାସ୍କର ନ୍ୟୁଜ୍) : ଛତ୍ରପୁର ବ୍ଲକ ଅନ୍ତର୍ଗତ ରୁକୁଣୀଗାଁ ସେବା ସମବାୟ ସମିତି ପକ୍ଷରୁ ସମିତିର ଧାନ ମଣ୍ଡି ପିଣ୍ଡି ଓ ଅଫିସ ଗୃହ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ପୂର୍ତ୍ତ ବିଭାଗ ଦ୍ୱାରା ୭୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଏହି ପିଣ୍ଡିକୁ ବ୍ରହ୍ମପୁର ଏମପି ପ୍ରଦୀପ କୁମାର ପାଣିଗ୍ରାହୀ, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଯୋଗଦେଇ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଏହି କାର୍ଯକ୍ରମରେ ଛତ୍ରପୁର ଏଆର୍‌ସିଏସ୍ ସୁଶ୍ରୀ ଯୋଗମାୟା ସାବତ, ସରପଞ୍ଚ ପ୍ରତିମା ଦାସ, ସମିତି ସଭ୍ୟ ରାମଚନ୍ଦ୍ର ପରିଡା, ବିସିସି ବ୍ୟାଙ୍କ୍ ନିର୍ଦ୍ଦେଶକ ଦୁର୍ଯ୍ୟୋଧନ ପରିଡା, ଇଫକୋ ବରିଷ୍ଠ କ୍ଷେତ୍ର ପରିଚାଳକ ସୌଭାଗ୍ୟ ପ୍ରଧାନ, ଶାଖା ପରିଚାଳକ ସୌରଭ କୁମାର ଦଳ ବେହେରା, କୃଷି ଅଧିକାରୀ ବୈରାଗୀ ସ୍ୱାଇଁ, ଆଦିକନ୍ଦ ଶତପଥୀ, ରୁନୁପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ଲକ୍ଷ୍ମଣ ଢେପ ସାହିକୁ ଆସିଲେ ମା' ଠାକୁରାଣୀ

ଗୁଣପୁର, (ଭାସ୍କର ନ୍ୟୁଜ୍) : ଦୀର୍ଘ ୨୫ ବର୍ଷ ପରେ ମା' ଗ୍ରାମଦେବୀ ଆସିଛନ୍ତି ଗୁଣୁପୁର ଲଛମନ ଢେପ ଅଞ୍ଚଳକୁ । ଠାକୁରାଣୀ ଯାତ୍ରା ପାଇଁ ପାଞ୍ଚ ଦିନ ଦୁଲୁକିବ ତିନିସାହି । ଶୁକ୍ରବାର ସକାଳୁ ସାହି ବାସିନ୍ଦା ମିଶି ଗ୍ରାମଦେବି ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରି ପ୍ରଥମେ ମା'ଙ୍କୁ ନିମନ୍ତ୍ରଣ କରାଯାଇଥିଲା। ପୂର୍ବାହ୍ନରେ ସାହି ଲୋକଙ୍କ ଦ୍ୱାରା ସଂଗୃହୀତ ରନ୍ଧା ଖାଦ୍ୟକୁ ସନ୍ଧିରେ ଉଜୁଡ଼ି ପୂଜା କରାଯାଇଥିଲା। ପରେ କଞ୍ଜିପୁଟି ମା'ଙ୍କ ଠାରେ ବେଜୁନାଚ ଓ ପୂଜାର୍ଚ୍ଚନା ହୋଇଥିଲା। ସନ୍ଧ୍ୟାରେ ସାହିର ଲୋକେ ବିଭିନ୍ନ ବେଶ, ବାଜା, ନୃତ୍ୟଦଳ ସହ ଏକ ବିରାଟ ପଟୁଆରେ ବାହାରି ସହର ପରିକ୍ରମା କରି ମା'ଙ୍କ ଘଟହାଣ୍ଡିକୁ ସାହିର ଅସ୍ତାଇ ମଣ୍ଡପକୁ ଆଣୀଥିଲେ। ଶେଷରେ ବିଳମ୍ବିତ ରାତ୍ରରେ ଗ୍ରାମଦେବୀ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ବେଜୁନାଚରେ ମା'ଙ୍କ ପାଦକୁ ଅଣାଯାଇଥିଲା । ଦୀର୍ଘ



ବର୍ଷ ପରେ ଠାକୁରାଣୀପର୍ବ ହେଉଥିବାରୁ ପ୍ରତ୍ୟେକ ସାହିକୁ ରଙ୍ଗବିରଙ୍ଗ ଆଲୋକରେ ସଜ୍ଜିତ କରାଯାଇଛି । ଏହି ଯାତ୍ରାରେ ପଞ୍ଚାନନ ହୋତା,ସୁଜିତ ଶତପଥୀ, ଶିବ ପ୍ରସାଦ ଗୌଡ଼, ବି.ମୁରଲୀ ମୋହନ ରାଓ,ମୁନା ଚୌଧୁରୀ, ସଞ୍ଜୟ ପଣ୍ଡା, ସୁଦାମ ପଢ଼ି, କଣ୍ଡା ବେହେରା, ଜି.ଚିରଞ୍ଜିବୀ, ଏମ୍.ତେଜା, ଛବିଲାଲ ମିଶ୍ର, ଅନିଲ ସାହୁକାର, ରାଜୀବ ପଣ୍ଡା, ସନ୍ତୋଷ ସାହୁ, ରମି ପାତ୍ର, ଟୁଟୁ ମହାପାତ୍ର, ରାଜୁ, ପ୍ରମୋଦ ନାୟକ, ସିମଞ୍ଚଳ ମହାରଣା, ଚୀନା, ମଝି ବେହେରା ଜେ.ରାଜା, ଏସ୍.ସନ୍ତୋଷ, କୈଳାଶ ବେହେରା, ପି.ବାବୁରାଓ, ଜଗା ପ୍ରଧାନ, ଜେ.ସିଶିନ୍ଦ୍ରି ପ୍ରମୁଖ ଯାତ୍ରା ପରିଚାଳନାରେ ମୁଖ୍ୟ ଦାୟିତ୍ୱ ତୁଲାଇଥିଲେ ।

## ଏନ୍‌ଟିପିସି କଣିହାଁ ପକ୍ଷରୁ ବିଶ୍ୱ ପରିବେଶ ଦିବସ

କଣିହାଁ, (ଭାସ୍କର ନ୍ୟୁଜ୍): ଏନ୍‌ଟିପିସି କଣିହାଁ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ଏହି ଅବସରରେ ଗୁରୁବାର ଦିନ ଚଳିତବର୍ଷର ବିଷୟବସ୍ତୁ 'ବୈଶ୍ୱିକ ପ୍ଲାଷ୍ଟିକ୍ ପ୍ରଦୂଷଣରୁ ମୁକ୍ତି କରିବା' ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଏନଟିପିସି କଣିହାଁର ଜିଏମ (ଓଆଣ୍ଡଏମ) ସତ୍ୟ ରାମ କ୍ରିଷ୍ଣା ଓ ଅନୁଗୁଳ ଓଏସପିସିବିର ଆଞ୍ଚଳିକ ଅଧିକାରୀ ରମେଶ କୁମାର ଏକ୍କା ଯୋଗ ଦେଇ ପରିବେଶ ସଂରକ୍ଷଣର ଜରୁରୀ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଏମ୍ (ମେଣ୍ଟନାନସ) ଏସ୍‌ଏସ୍ ରାଓ ପ୍ଲାଷ୍ଟିକ ବ୍ୟବହାର ହ୍ରାସ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପ୍ଲାଷ୍ଟିକ ବ୍ୟବହାର ହ୍ରାସ ପାଇଁ କପଡ଼ା ବ୍ୟାଗ ବଣ୍ଟନର ଶୁଭାରମ୍ଭ ହୋଇଥିଲା। ଏକ ସୁସ୍ଥ ଓ ସବୁଜ ପରିବେଶ ପାଇଁ ଏନ୍‌ଟିପିସି କଣିହାଁ ଟାଉନସିପ ପରିସରରେ ସାମୂହିକ ଫଳ ଓ ଔଷଧୀୟ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରିବେଶ ସଚେତନତା ନିମନ୍ତେ କର୍ମଚାରୀ, ଗୃହିଣୀ ଓ ଶିଶୁମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

# ନଦୀ ବନ୍ଧ ପାଇଁ ହିଡ଼ରେ ବସିଲା ସଭା



କରଞ୍ଜିଆ, (ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲା ଶୁକ୍ରୁଳି ବ୍ଲକ୍ ବାରିଆ ଗ୍ରାମପଞ୍ଚାୟତ ସ୍ଥିତ ବାରାଆ ଠାରେ ୧୯୮୦ ମସିହା ପୂର୍ବରୁ ଏକ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ (ବନ୍ଧ) ନିର୍ମାଣ କରି ଚାଷୀଙ୍କ ହିତରେ ଲାଗି ଆସୁଥିଲା। ୧୯୮୦ ମସିହା ପୂର୍ବରୁ ଯେତେବେଳେ ବନ୍ଧ ନିର୍ମାଣ ହୋଇଥିଲା ସେତେବେଳେ ବନ୍ଧ ଏତେ ବଡ ନ ଥିଲା କିମ୍ବା ବନ୍ଧ ଉପର ମୁଣ୍ଡରେ ଥିବା ଚାଷୀଙ୍କ ଚାଷ ଜମି ଜଳମଗ୍ନ ହେଉ ନ ଥିଲା। କିନ୍ତୁ ପରେ ପରେ ବନ୍ଧର ହୁଡ଼ାକୁ ଆହୁରି ଉଚ୍ଚା କରାଗଲା ଯାହାଫଳରେ ବନ୍ଧ ବାମ ପାଖରେ ଥିବା ଏବଂ ବନ୍ଧ ତଳେ ଥିବା ଚାଷୀ ମାନଙ୍କ ଜଳ ସମସ୍ୟା ଦୂର ହେଲା। କିନ୍ତୁ ବନ୍ଧର ଉପର ମୁଣ୍ଡରେ ଥିବା ଚାଷୀ ମାନଙ୍କ ସମସ୍ୟା ବଢ଼ିଲା। ରବି ଋତୁରେ ଚାଷ ଜମି ବନ୍ଧ ପାଣିରେ ବୁଡି ରହିଲା ଆଉ ଖରିଫ୍ ଋତୁରେ ନ କହିବା ଭଲ। ଏକର ଏକର ଜମି ଜଳମଗ୍ନ ହୋଇ ରହିଲା। ଜମିରେ ଚାଷ କରିପାରିଲେ ନାହିଁ ଚାଷୀ। ଏତେ ସମସ୍ୟା ପରେ ବି ଚାଷୀ ଧର୍ଯ୍ୟ ଧରି ବସିଥିଲେ। ପୁଣି ବନ୍ଧର ଜଳ ଧାରଣ କ୍ଷମତା ବଢ଼ାଇବା ପାଇଁ ଯୋଜନା କରି ପ୍ରକଳ୍ପ ଆରମ୍ଭ ହୋଇଥିଲା। କିନ୍ତୁ ଜମିର ଅଧିକାରୀ ମାନେ ବିରୋଧ କରିଥିଲେ। ତାଙ୍କର କହିବା କଥା ଥିଲା ବନ୍ଧ ପୁଣି ଥରେ ଜଳଧାରଣ କ୍ଷମତା ବଢ଼ାଗଲେ ଆହୁରି ଅଧିକ ଜମି ଜଳ ମଗ୍ନ ହୋଇଯିବ। କିନ୍ତୁ କାହା କଥାକୁ ନ ଶୁଣି ଠିକାଦାର କାର୍ଯ୍ୟ ଆରମ୍ଭ କରିଥିଲା। କେବଳ ସେତିକି ନୁହେଁ ଏହାକୁ ବିରୋଧ କଲେ ପୋଲିସ୍‌ରେ ଦିଆଯିବ, ତମ ନାମରେ କେସ ମଧ କରାଯିବ ବୋଲି ଠିକାଦାର ଧମକ ଦେଇଥିବା ଅଭିଯୋଗ ହୋଇଛି। ତେବେ ଏ ସଂକ୍ରାନ୍ତରେ ବୁଡି ଜମିର ଅଧିକାରୀ ମାନେ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଲିଖିତ ଭାବରେ ଜଣାଇବା ପରେ ବନ୍ଧ ହୁଡ଼ାରେ ବୈଠକ ବସିଥିଲା। ଯେଉଁଠି ଉଭୟ କ୍ଷତିଗ୍ରସ୍ତ ଚାଷୀ, ଏବଂ ଉପକୃତ ହେଉଥିବା ଚାଷୀ ଉପସ୍ଥିତ ଥିଲେ। ସେହିଭଳି ପ୍ରଶାସନ ପକ୍ଷରୁ କରଞ୍ଜିଆ ଉପଖଣ୍ଡ ପୋଲିସ୍ ଅଧିକାରୀ ନବ ନାୟକ ଏବଂ ଷ୍ଟାଫ୍, ଚିତ୍ତରଞ୍ଜନ ମହାନ୍ତ ପିଏ ଆଇଟିଡିଏ କରଞ୍ଜିଆ, ଶୁକ୍ରୁଳି ତହସିଲ ଦାର ଯତୀନ୍ଦ୍ର ସେଠୀ, ଶୁକ୍ରୁଳି ବିଡିଓ ବ୍ରହ୍ମାନନ୍ଦ ବେହେରା, କ୍ଷୁଦ୍ର ଜଳସେଚନର ସହକାରୀ ଯନ୍ତ୍ରୀ, ଯନ୍ତ୍ରୀ ସ୍ଥାନୀୟ ସରପଞ୍ଚ ଅଜିତ୍ ଚାତାର, ସମିତି ସଭ୍ୟ ସୀତାରାମ ଚାତାର ପ୍ରମୁଖ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସେଠାରେ ଉପସ୍ଥିତ ରହି କ୍ଷତିଗ୍ରସ୍ତ ଜମି ମାଲିକଙ୍କ ସହିତ ଆଲୋଚନା କରିଥିଲେ କିନ୍ତୁ ଆଲଚନାରେ କିଛି ନିଷ୍କର୍ସ ବାହାରିଲା ନାହିଁ। କ୍ଷତିଗ୍ରସ୍ତ ଚାଷୀ ଜିଦ୍‌ରେ ଅଟଳ ରହି ଯେତିକି ସରକାରୀ ଜମି ଅଛି ସେତିକିରେ ବନ୍ଧ ପାଣି ରଖି ଅଯଥା ଆମ ଜମିକୁ ବର୍ବାଦ କରା ନଯାଉ ବୋଲି କହିଛନ୍ତି। ଆହୁରି ମଧ କ୍ଷତିଗ୍ରସ୍ତ ଚାଷୀ କହିଲେ ୧୯୮୦ ମସିହାରେ ତତ୍କାଳୀନ ଜିଲ୍ଲାପାଳ ଏ ବନ୍ଧକୁ ଆଉ କେହି ବଢାଇବେ ନାହିଁ ବୋଲି କହିଥିଲେ। କିନ୍ତୁ ପୁଣି ଥରେ କାହିଁକି ଏହାର ସମ୍ପ୍ରସାରଣ କରାଯାଉଛି ବୋଲି ପ୍ରଶ୍ନ କରିଥିଲେ। ଆଲୋଚନାରେ କିଛି ନିଷ୍କର୍ଷ ବାହାରି ନ ଥିବାରୁ ପୁଣି ଥରେ ଆଲୋଚନା ହେବା ନେଇ ସିଦ୍ଧାନ୍ତ ହୋଇଛି।

## ଅଧାପକଙ୍କ ଅବସକାଳୀନ ସମ୍ବର୍ଦ୍ଧନା ସଭା



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ରତନପୁର ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ତଥା କଲେଜ ଅଧ୍ୟକ୍ଷ ଚିତ୍ତରଞ୍ଜନ ପରିଡ଼ା ନିଜ ଚାକିରୀ କାଳରୁ ଅବସର ନେଇଛନ୍ତି। ବରିଷ୍ଠ ଅଧ୍ୟାପକ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ମଙ୍ଗଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ଼ଃ ସନ୍ତୋଷ କୁମାର ମିତ୍ର, ମୁଖ୍ୟ ବକ୍ତା ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ଗୋପୀନାଥ କର, ସମ୍ମାନୀତ ଅତିଥି ପୁରନ୍ଦର ବିଶ୍ୱାଳ, କୋରଣା ପଂଚାୟତ ସମିତି ସଭ୍ୟ କମଳା ରାଉତ, ଯୁବ ସମାଜସେବୀ ଋତୁରାଜ ରାଉତ, ବାଣିଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଲାର ଅଧ୍ୟକ୍ଷା ଡ଼ଃ ଜୋସ୍ନା ରାଣୀ ବସ୍ତିଆ, ରାଧା ବଲ୍ଲଭ କଲେଜ ଅଧ୍ୟକ୍ଷ ସୁରଥ କୁମାର ରଥ, ରତନପୁର କଲେଜ ପ୍ରାକ୍ତନ ଅଧ୍ୟକ୍ଷ ପ୍ରସନ୍ନ କୁମାର ରଥ, ନୟାହାଟ କଲେଜ ଅଧ୍ୟାପକ ରତିକାନ୍ତ ଦାସ ଓ ପୁରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଡ଼ଃ ବିଶ୍ୱନାଥ ବଳିଆର ସିଂ ପ୍ରମୁଖ ଉପସ୍ଥିତ ରହି ଚିତ୍ତରଞ୍ଜନ ପରିଡାଙ୍କ ନିସ୍ୱାର୍ଥପର ଶିକ୍ଷାଦାନ କରିବା ସହ ଛାତ୍ର-ଛାତ୍ରୀ ମାନଙ୍କୁ ଶୃଙ୍ଖଳିତ ଭାବେ ରହି ଲକ୍ଷ୍ୟ ଆଡକୁ ଅଗ୍ରସର ହେବାକୁ ମାର୍ଗଦର୍ଶନ ଦେଉଥିଲେ ବୋଲି କହିଥିଲେ। ଶ୍ରୀଯୁକ୍ତ ପରିଡା ଏକାଧାରରେ ଥିଲେ ଛାତ୍ର ବତ୍ସଳ, ସରଳ ନିଷ୍କପଟ ମଣିଷ। ତାଙ୍କର ସ୍ୱାଭିମାନ ପଣିଆ, ସମୟାନୁବର୍ତ୍ତିତା, କର୍ତ୍ତବ୍ୟନିଷ୍ଠ ପଣିଆକୁ ଉପସ୍ଥିତ ଅତିଥି ଅଭିଭାଷଣରେ ଉପସ୍ଥାପନା କରିଥିଲେ। କଲେଜ ପକ୍ଷରୁ ଶ୍ରୀଯୁକ୍ତ ପରିଡାଙ୍କୁ ପୁଷ୍ପଗୁଚ୍ଛ, ଉପଢ଼ୌକନ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହ ଏକ ପୁସ୍ତକ' ଆଶାର ପ୍ରଦୀପ'ପୁସ୍ତକ ଉନ୍ମୋଚନ ହୋଇଥିଲା।

## ନିଶାସେବନକାରୀଙ୍କ ଉପରେ ପୋଲିସର ଚଢାଉ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ପାଳଦାବାଙ୍କ ବ୍ରାଉନସୁଗାର ସେବନକାରୀ ଆଡ୍ଡା ଉପରେ ଗତ ଗୁରୁବାର ରାତ୍ରରେ ଥାନାଧିକାରୀ କମଳାକାନ୍ତ ଦାସଙ୍କ ନେତୃତ୍ୱରେ ପୋଲିସ ଚଢାଉ କରିଥିବା ଜଣାଯାଇଛି। ପୋଲିସ ଆସୁଥିବା ଦେଖି ବହୁ ବାଇକ ଛାଡ଼ି ନିଶା ସେବନକାରୀମାନେ ପଳାଇଥିଲେ। ଏଥିସହ କୋଳିପଦୀ କେନାଲ ରାସ୍ତା ଉପରେ ଦଳ ଦଳ ହୋଇ ମଦ୍ୟପାନକାରୀ ଓ ଚାଖଣା ଦୋକାନୀ ଉପରେ ଚଢାଉ କରାଯାଇଥିଲା। ରାତ୍ର ୧୦.୩୦ମି ପରେ ମଧ ମଦ କାଉଣ୍ଟର ଖୋଲା ରହୁଥିବା ପୋଲିସ ଦେଖିବାକୁ ପାଇଥିଲା। ଏଥିପାଇଁ ମଦ କାଉଣ୍ଟରକୁ ସତର୍କ କରାଇ ଦିଆଯାଇଥିବା ଜଣାଯାଇଛି। ନୂତନ ଜିଲ୍ଲା ପୋଲିସ ଅଧିକ୍ଷକ ମନୋଜ କୁମାର ରାଉତଙ୍କ ଭଦ୍ରକକୁ ବଦଳି ଖବର ପ୍ରକାଶ ପରେ ପୋଲିସ ତତ୍ପର ହୋଇଥିବା କୁହାଯାଉଛି।




ଗୋପ, (ଭାସ୍କର ନ୍ୟୁଜ): ଗୋପ ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଦି' ସେବକ ପକ୍ଷରୁ ବୀରତୁଙ୍ଗ ଠାରେ ଆଜି ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ରକ୍ତଦାନ ଶିବିରରେ ୨୧୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ବେଳେ ସଙ୍ଗଠନର ସଭ୍ୟ/ସଭ୍ୟାମାନେ ଏହି ରକ୍ତଦାନ କରିଥିଲେ । ପୁରୀ ବ୍ଲଡ ବ୍ୟାଙ୍କର ଦୀପ୍ତି ରଂଜନ ନାୟକଙ୍କ ତତ୍ୱାବଧାନରେ ଏକ ୮ ଜଣିଆ ଟିମ୍ ଏବଂ ଭୁବନେଶ୍ୱର ମ୍ୟୁନିସପାଲିଟୀ ବ୍ଲଡ ବ୍ୟାଙ୍କର ଏକ ଟିମ୍ ଏହି ରକ୍ତ ସଂଗ୍ରହ କରିଥିଲେ । ସକାଳ ୮ ଟାରୁ ଆରମ୍ଭ ହୋଇଥିବା ଏହି ଶିବିରକୁ ଗୋପ ବ୍ଲକ ବିଡିଓ ଛବିରାଣୀ ସାହୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି କହିଥିଲେ ଯେ ରକ୍ତଦାନ ଏକ ମହତ୍ ଦାନ । ଗୋଟେ ୟୁନିଟ୍ ରକ୍ତ ଜଣେ ବ୍ୟକ୍ତିଙ୍କୁ ମୃତ୍ୟୁ ମୁଖରୁ ବଂଚାଇ ଦେଇଥାଏ । ରକ୍ତ ବିନା ଯେପରି କୌଣସି ବ୍ୟକ୍ତି ମୃତ୍ୟୁ ମୁଖରେ ନପଡେ ତାହାକୁ ଆଖି ଆଗରେ ରଖି ସେବକ ସଂଗଠନ ପକ୍ଷରୁ ପ୍ରତିବର୍ଷ ରକ୍ତଦାନ ଶିବିର ଆୟୋଜନ କରାଯାଉଥିବାରୁ ସେ ସଙ୍ଗଠନର ସଭ୍ୟସଭ୍ୟାମାନଙ୍କୁ ଧନ୍ୟବାଦ ଦେଇଥିଲେ ।

# ପଛିକୋଟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ବିପର୍ଯ୍ୟସ୍ତ

ବ୍ୟାସନଗର, (ଭାସ୍କର ନ୍ୟୁଜ) : ରାଜ୍ୟ ସରକାର ରାଜ୍ୟରେ ଥିବା ଗରିବ ଖଟିଖିଆ(ଯେଉଁମାନେ କି ବେସରକାରୀ ଡାକ୍ତରଖାନାକୁ ଯାଇ ପାରୁନାହାନ୍ତି ।) ସେମାନଙ୍କୁ ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାପାଇଁ ରାଜ୍ୟ ସରକାର ପ୍ରତଶ୍ରୁତିବଦ୍ଧ ଥିବାବେଳେ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଯୋଗୁ ଏହାର ସୁଫଳ ମିଳୁଥିବାର ନଜରକୁ ଆସିଛି । ପଛିକୋଟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ତଳଗଡ ପଞ୍ଚାୟତ , ପାଟରଙ୍ଗ ।, ଅନ୍ଧାରୀ, କନ୍ତର, ପଞ୍ଚାୟତର ଗରିବ ରୋଗୀମାନେ ନିର୍ଭୟ କରୁଥିବାବେଳେ ଅନେକ ସମୟରେ ସେମାନେ ଡାକ୍ତରଖାନାକୁ ଯାଇ ନିରାଶ ହେଇ ଫେରୁଛନ୍ତି । ଡାକ୍ତରଖାନାର ମୁଖ୍ୟ ସମସ୍ୟା ହେଉଛି ଠିକ୍ ସମୟରେ କୌଣସି କର୍ମଚାରୀ କାର୍ଯ୍ୟକୁ ଆସୁନାହାନ୍ତି । କେବଳ ଦୁଇଜଣ ସଫେଇ କର୍ମଚାରୀ ଏଠାକୁ ଆସୁଥିବାବେଳେ ରୋଗୀମାନଙ୍କର



ଟିକେଟ କରିବାକୁ କେହି ନଥିବାରୁ ତାଙ୍କର ସଫେଇ କାର୍ଯ୍ୟ ପରେ ସେମାନେ ଟିକେଟ କରୁଛନ୍ତି । ଏ ଠାରେ ଥିବା ଡ଼ାକ୍ତର ଠିକ୍ ସମୟ ରେ ନ ଆସି ଘଣ୍ଟା ଘଣ୍ଟା ବିଳମ୍ବରେ ଆସୁଛନ୍ତି । ଅନେକ ସମୟରେ ଉପର ଓଳି ଡାକ୍ତରଖାନାକୁ ଆସୁ ନଥିବାର ଜନ ସାଧାରଣ ଅଭିଯୋଗ କରୁଛନ୍ତି । ରୋଗୀମାନଙ୍କୁ କୌଣସି ଗଣ୍ଡଗୋଳରୁ ସୁରକ୍ଷା ଦେବାପାଇଁ ନିଯୁକ୍ତି ପାଇଥିବା ନିରାପତ୍ତା ରକ୍ଷୀ ବିଳମ୍ବରେ ଆସୁଛନ୍ତି । ଏହି ଡାକ୍ତରଖାନାରେ ଥିବା ଡାକ୍ତରଙ୍କର ଅନ୍ୟତ୍ର ବଦଳି ହେଉଥିବାରୁ ତାଙ୍କ ପଦବୀ ଖାଲି ପଡ଼ିଛି । ଫଳରେ ଏକୁଟିଆ ଥିବା ଆୟୁଷ ଡାକ୍ତରଙ୍କୁ ରୋଗୀସେବା କରିବାରେ ସମସ୍ୟା ଉପୁଜିଛି । ତେଣୁ ଏହି ସମସ୍ୟାକୁ ସୁଧାରିବା ପାଇଁ ତୁରନ୍ତଭାବେ ଖାଲିପଡ଼ିଥିବା ସ୍ଥାନରେ ଡାକ୍ତର ନିଯୁକ୍ତି ଦିଆଗଲେ, ଏଠାକୁ ଆସୁଥିବା ରୋଗୀମାନେ ଉପକୃତ ହେଇପାରନ୍ତେ ।

# ଇଦ୍-ଉଜ୍-ଜୁହା ଧୁମ୍‌ଧାମରେ ପାଳିତ



ଆସିକା, (ଭାସ୍କର ନ୍ୟୁଜ): ସାରା ଦେଶରେ ଇଦ-ଉଜ୍-ଜୁହା ପାଳିତ ହୋଇଯାଇଛି । ଏହି ଅବସରରେ ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର, ଆସିକା,ଭଞ୍ଜ ନଗର, ସୋରଡ଼ା, ଖଲ୍ଲିକୋଟ, ବୁଢ଼ାମ୍ବ, ଭଞ୍ଜ ନଗର, କୋଟି ନଡ଼ା ଓ ଆଠଗଡ଼ ଠାରେ ଇଦ୍-ଉଜ୍ - ଜୁହା ପାଳିତ ହୋଇଯାଇଛି । ଏହି ଅବସରରେ ସକାଳୁ ସକାଳୁ ଆସିକା ଜାମିଆ ମସଜିଦ ରେ ଭିଡ଼ ପରିଲକ୍ଷିତ ହୋଇଥିଲା । ଆସିକା ଅଞ୍ଚଳର ସମସ୍ତ ମୁସଲିମ ପରିବାରର ପୁରୁଷ ଲୋକମାନେ ନୂଆ ବସ୍ତ୍ର ପରିଧାନ କରି ନିକଟ ମସଜିଦ ଓ ଇଦ୍‌ଗା ରେ ଏକତ୍ରିତ ହୋଇ ନମାଜ ପାଠରେ ସାମିଲ ହୋଇଥିଲେ । ନମାଜ ପରେ ସାରା ବିଶ୍ୱରେ ଶାନ୍ତି ମୈତ୍ରୀ ପାଇଁ ସମୂହ ପ୍ରାର୍ଥନା ଓ ଦୁଆ କରିଥିଲେ । ଆସିକା ଜାମିଆ ମସଜିଦର ଇମାମ ସାନାଓ୍ୱାଜ ହୁସେନ ଇଦ-ଉଜ୍-ଜୁହା ସମ୍ପର୍କରେ ବିସ୍ତୃତ ବିବରଣୀ ପାଠ କରିଥିଲେ । ନମାଜ ପରେ ମୁସଲିମ ଭାଇମାନେ ପରସ୍ପର ମଧ୍ୟରେ ଆଲିଙ୍ଗନ କରି ଇଦ ମୁବାରକର ବଧେଇ ଦେଇଥିଲେ । ଗରିବ ଗୁରୁବାମାନଙ୍କୁ ଅର୍ଥ ଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ମୁନାଫ ସାରିଫ,ହୁସେନ ସରିଫ,ନାଶେର ସାରିଫ, ମେହେମୁଦ ସାରିଫ,ଓ୍ୱାଲି ମହମ୍ମଦ,ରିଆଜ ମହମ୍ମଦ, ସେକ ଆସଲାମ,ସେକ ସାଜିଦ,ମେହେମୁଦ ଖାନ,ସେକ ଆସରାଫ, ହାନିଫ ସରିଫ,ସେକ ମହମ୍ମଦ ମନସୁର, ଆଲାମିନ,ତାଜ, ଆଲମାସ୍ ସରିଫି,ସାୟାଦ ଓ୍ୱ ଜିର, ତାଜୁଦିନଙ୍କ ସମେତ ଆଖ ପାଖ ଅଞ୍ଚଳର ଶତାଧିକ ମୁସଲମାନ ସମ୍ପ୍ରଦାୟର ଲୋକେ ମସଜିଦ ଠାରେ ସାମୂହିକ ପ୍ରାର୍ଥନାରେ ଅଂଶ ଗ୍ରହଣ କରିଥିଲେ ।

# ପ୍ଲାଷ୍ଟିକ ମୁକ୍ତ ଚିଲିକା ଅଭିଯାନ

ବାଲୁଗାଁ, (ଭାସ୍କର ନ୍ୟୁଜ) : ବାଲୁଗାଁ ମହାବିଦ୍ୟାଳୟ ପକ୍ଷରୁ ବିଶ୍ୱ ପରିବେଶ ଦିବସ ଓ ପ୍ଲାଷ୍ଟିକ ମୁକ୍ତ ଚିଲିକା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ଶିକ୍ଷାର୍ଥୀ, ଯୁବ ରେଡକ୍ରସ, ସ୍ଥାନୀୟ ସ୍ୱେଚ୍ଛାସେବୀ ମିଳିତ ସହଯୋଗରେ ବିଶ୍ୱ ପରିବେଶ ଦିବସ ଅବସରରେ ମହାବିଦ୍ୟାଳୟ ଅଧକ୍ଷ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧି, ଏନ୍‌ଏସ୍‌ଏସ୍ ଅଧିକାରିଣୀ ରିନା ରାଉତଙ୍କ ଉପସ୍ଥିତିରେ ଚିଲିକା କୂଳରେ ଚାରା ରୋପଣ ସହ ପ୍ଲାଷ୍ଟିକ ମୁକ୍ତ ଚିଲିକା ଅଭିଯାନ ଆରମ୍ଭ କରାଯାଇଥିଲା । ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚାରା ରୋପଣ କରି ଚିଲିକା କୂଳରୁ ପଲିଥିନ ଓ ପ୍ଲାଷ୍ଟିକ ଆବର୍ଜନା ସଫା କରାଯାଇଥିବାର ଦେଖିବାକୁ ମିଳିଥିଲା । ଚିଲିକାର ସ୍ୱଚ୍ଛତା ପାଇଁ ଜୁନ ୫ ଠାରୁ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଜାରି ରହିବ ।

# ବିଶ୍ୱ ପରିବେଶ ଦିବସରେ ଚାରାରୋପଣ

ଗରଦପୁର, (ଭାସ୍କର ନ୍ୟୁଜ) : ବିଶ୍ୱ ପରିବେଶ ଦିବସ ଅବସରରେ ପ୍ରକୃତି ରାଣୀକୁ ରକ୍ଷା କରିବାକୁ ଯାଇ ବାରଡାଙ୍ଗ ଗ୍ରାମ ପଂଚାୟତ ଅନ୍ତର୍ଗତ ଭିତର ଶୋବଳା ସଦାଶିବ ହେଲ୍ଥ ଫାଉଣ୍ଡେସନ ସଦସ୍ୟମାନଙ୍କ ପକ୍ଷରୁ ଚିନ୍‌ହାର ଖେଳ ପଡିଆ ହୁଡାରେ କିଛି ଅଶ୍ୱସ୍ତ ବର, ଓସ୍ତ, ନିମ୍ବ,ପେସ୍ତା ବାଦାମ,ବଉଳ ଗଛ ଇତ୍ୟାଦି ଚାରାରୋପଣ କରାଯିବା ସହ ପରିବେଶର ସନ୍ତୁଳନ ଓ ଜୀବଜଗତର ରକ୍ଷା କ୍ଷେତ୍ରରେ ଗଛର ଆବଶ୍ୟକତା ସମ୍ପର୍କରେ ଏକ ସଚେତନ ପତ୍ର ବଣ୍ଟନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମଟିକୁ ଅନୁଷ୍ଠାନର ସଦସ୍ୟ ଗୌତମ ସାମଲ, ରଶ୍ମି ରଞ୍ଜନ ସାମଲ, ମନୋରଞ୍ଜନ ସାମଲ, ଶଙ୍କର ଦାସ,ସିଦ୍ଧାନ୍ତ ସାମଲ, ବିଶ୍ୱ ରଞ୍ଜନ ବାରିକ, ରଞ୍ଜନ ରାଉତ, ସୌମ୍ୟ ରଞ୍ଜନ ସ୍ୱାଇଁ, ଅଞ୍ଜନ ବସନ୍ତୀୟା ଓ ଚନ୍ଦୁ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ସଫଳ କରାଇଥିଲେ ।



# ମୟୂରଭଞ୍ଜ ଡିଷ୍ଟ୍ରିକ ଜଜ୍‌ଙ୍କ ଜେଏମ୍‌ଏଫ୍‌ସି କୋର୍ଟର ନୂତନ ବିଲ୍ଡିଂ ପରିଦର୍ଶନ

ବେତନଟୀ(ଭାସ୍କର ନ୍ୟୁଜ): ମୟୁରଭଞ୍ଜ ଡିଷ୍ଟ୍ରିକ ଜଜ୍ ସୁଦିପ୍ତ ଆଚାର୍ଯ୍ୟ ପଣ୍ଡୁଗଡିଆ ଠାରେ ନିର୍ମାଣାଧୀନ ବେତନଟୀ ଜେଏମଏଫସି କୋର୍ଟର ନୂତନ ବିଲିଂ ପରିଦର୍ଶନ କରିଛନ୍ତି । ବେତନଟୀ ଗ୍ରାମ୍ୟ ଉନ୍ନୟନ ବିଭାଗ ନିରୀକ୍ଷଣରେ ନିର୍ମାଣାଧୀନ ନୂତନ କୋର୍ଟ ବିଲ୍ଡିଂ କାମ କିଭଳି ଆସନ୍ତା ସପ୍ତାହ ମଧ୍ୟରେ ସରିବ ସେନେଇ ସମୀକ୍ଷା କରିଥିଲେ । ଏହି ଅବସରରେ ମାନ୍ୟବର ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ ଦେବାଶିଷ ମହାନ୍ତି, ଜିଲ୍ଲା ରେଜିଷ୍ଟ୍ରାର ନିହାର କୁମାର ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ । ତେବେ ବେତନଟୀ ଜେଏମଏଫସି କୋର୍ଟର ନୂତନ ବିଲ୍ଡିଂ କାମ ଏକପ୍ରକାର ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚି ସାରିଥିବାବେଳେ ଏହାର ହସ୍ତାନ୍ତର ଓ



ଏକ ସପ୍ତାହ ମଧ୍ୟରେ ନୂତନ ବିଲ୍ଡିଂରେ କୋର୍ଟ କାର୍ଯ୍ୟକ୍ଷମ ହେବାନେଇ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଲ୍ଡିଂ ନିର୍ମାଣକାରୀସଂସ୍ଥା ଗ୍ରାମ୍ୟଉନ୍ନୟନ ବିଭାଗର ଉପଖଣ୍ଡ ନିର୍ବାହୀ ଅଧିକାରୀ ଇଂ. ତୁଷାରକାନ୍ତ ବେହେରା, ଯନ୍ତ୍ରୀ ଇଂ. ଜ୍ୟୋତିରଞ୍ଜନ ନାୟକଙ୍କ ସମେତ ବେତନଟୀ ବାର ଏସୋସିଏସନର ସଭାପତି ଦେବବ୍ରତ ପରିଡା, ସମ୍ପାଦକ ପ୍ରବୀର କୁମାର ବାରିକ, ରବିନାରାୟଣ ମହାପାତ୍ର, ରଣଜିତ ଗନ୍ତାୟତ, ଦୁଖିଆ ମୁର୍ମୁ, ମନୋଜ ଦଳେଇ ପ୍ରମୁଖଙ୍କ ସମେତ କୋର୍ଟ କର୍ମଚାରୀ ମଧ୍ୟ ଉପସ୍ଥିତ ଥିଲେ ।

# ମା' ଚିନାମାଳି ମନ୍ଦିର ପ୍ରତିଷ୍ଠା ଓ ଚବିଶ ପ୍ରହର ନାମଯଜ୍ଞ



କୃଷ୍ଣପ୍ରଶାଦ, (ଭାସ୍କର ନ୍ୟୁଜ) : ପୁରୀ ଜିଲ୍ଲା କୃଷ୍ଣପ୍ରଶାଦ ବ୍ଲକ ମାଲୁଦ ଗ୍ରାମରେ ମା' ଚିନାମାଳିଙ୍କ ମନ୍ଦିର ପ୍ରତିଷ୍ଠା ଓ ଚବିଶ ପ୍ରହର ନାମଯଜ୍ଞ ମହାଆଡମ୍ବର ସହକାରେ ତିନି ଦିନ ଧରି ଅନୁଷ୍ଠିତ ହୋଇଯାଇଛି । ଗତ ୨ତାରିଖ ସୋମବାର ଦିନ ଅଙ୍କୁରାରୋପଣ କରାଯାଇ ୩ତାରିଖ ମଙ୍ଗଳବାର ଦିନ ପ୍ରତିଷ୍ଠା କାର୍ଯ୍ୟ, ଘୃତ ଯଜ୍ଞ, ନାମ ଯଜ୍ଞ ଓ ଅନ୍ନଯଜ୍ଞ କାର୍ଯ୍ୟ ଚାଲିଥିବା ବେଳେ ବୁଧବାର ଦିନ ଦେବତା ମହାସ୍ନାନପ୍ରାଣ ପ୍ରତିଷ୍ଠା ଓ ଗୁରୁବାର ଦିନ ଦେବତା ସିଂହାସନ ଆରୋହଣ ଧ୍ୱଜା ଭ୍ରମଣ ପୂର୍ଣାହୂତି ହୋଇଛି । ଏଥିରେ ଅଞ୍ଚଳ ର ପନ୍ଦର ମେଳ ସଂକୀର୍ତନ ମଣ୍ଡଳୀ ଯୋଗ ଦେଇଥିଲେ । ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇ ପ୍ରସାଦ ସେବନ କରିଥିଲେ । ପ୍ରତିଷ୍ଠା କାର୍ଯ୍ୟ ଚାରିଦିନ ଧରି ଚାଲିଥିଲା । ସମସ୍ତ କାର୍ଯ୍ୟକୁ ମାଲୁଦ ଗ୍ରାମବାସୀ ଓ ଯୁବ ସଂଗଠନର ସଭ୍ୟ ମାନେ ପରିଚାଳନା କରିଥିଲେ ।

# ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ରାସ୍ତା ଅବସ୍ଥା ଶୋଚନୀୟ

ବୋଲଗଡ଼, (ଭାସ୍କର ନ୍ୟୁଜ) : ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ନିୟନ୍ତ୍ରଣାଧିନ ବୋଲଗଡ଼ ବ୍ଲକ୍ ଅନ୍ତର୍ଗତ ପାଟପୁର ଶାସନ ପଞ୍ଚାୟତର ସାନ ନୟାପଲ୍ଲୀ ମୌଜାରେ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ବିଭାଗ ଦ୍ୱାରା ମଞ୍ଜୁର ଅର୍ଥରେ ପାନୀୟ ଜଳ ଯୋଗାଣ ପାଇଁ ଦୀର୍ଘ ବର୍ଷ ତଳୁ ଆରମ୍ଭ ହୋଇଥିବା ମେଗା ପାନୀୟ ଜଳ ପ୍ରକଳ୍ପଟି କଚ୍ଛପ ଗତିରେ କାର୍ଯ୍ୟ କରୁଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇଛି । ସ୍ଥାନୀୟ ବୈଦେଶ୍ୱର ସ୍ଥିତ ମହାନଦୀରୁ ପାଇପ ଯୋଗେ ଜଳ ଅଣାଯାଇ ବିଶୋଧନ କରିବା ପରେ ପ୍ରତ୍ୟେକ ପରିବାରକୁ ଦୁଆର ମୁହଁରେ ଜଳ ଯୋଗାଇଦେବାର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଠାରୁ ଏହି ପ୍ରକଳ୍ପ ଆସ୍ତେ ଆସ୍ତେ ଦୂରେଇ ଯାଉଥିବା ଜଣାପଡ଼ିଛି । ପ୍ରକଳ୍ପ ପାଇଁ ନିର୍ମିତ ବିଶୋଧନ ପ୍ଲାଣ୍ଟ,ଓ ଜଳ ମହଜୁଦ ପାଇଁ ହୋଇ ଥିବା ବ୍ୟବସ୍ଥା ନିର୍ଦ୍ଧାରିତ ଅବଧି ସମୟ ଠାରୁ ଢେର ଅଧିକ ସମୟ ଅତିବାହିତ ହେଇ



ଯାଇଥିବାରୁ ଲୋକ ମାନଙ୍କର ଏହି ପ୍ରକଳ୍ପ ଉପରୁ ଆସ୍ତେ ଆସ୍ତେ ଆସ୍ଥା ଓ ବିଶ୍ୱାସ ତୁଟିଯିବାକୁ ବସିଛି । ଏହି ଘଡିସନ୍ଧି ମୂହୁର୍ତ୍ତରେ ନୂତନ ସରକାରଙ୍କ ଚାପରେ ପ୍ରକଳ୍ପରେ ନିୟୋଜିତ କର୍ମଚାରୀ ଏବେ ବର୍ଷା ଦିନ ଆରମ୍ଭରୁ ତରବରିଆ ଭାବେ କାର୍ଯ୍ୟ ଆରମ୍ଭ କରି ରାସ୍ତାଘାଟ ଚାରିଆଡ ଖୋଳି ପକାଇ ଅଧାପନ୍ତରିଆ କାମ କରୁଥିବାରୁ ଅସରାଏ ବର୍ଷା ପରେ ଗ୍ରାମ୍ୟ ରାସ୍ତା,ମୁଖ୍ୟ ପିଚୁ ସଡ଼କ,୫୭ ନମ୍ବର୍ ଜାତୀୟ ରାଜପଥ ଏବେ ମରଣ ଯନ୍ତାରେ ପରିଣତ ହୋଇ ପଡ଼ିଛି । କୋଦୁଅ ବେରେଣି ପ୍ରାଥମିକ ବିଦ୍ୟାଳୟ ସମ୍ମୁଖ, ଧଳାପଥର ହାଇସ୍କୁଲ୍ ଗେଟ୍ ନିକଟ, ଗୋଲେଇ ଛକ, ଧଳାପଥର ଯାତ୍ରୀ ବିଶ୍ରମାଗାର ନିକଟ, ଧଳାପଥର ସୁନାଖଳା ରାସ୍ତା ସମେତ ପ୍ରତ୍ୟେକ ଗ୍ରାମର ସାହି ଭିତର ଗଳି ଅବସ୍ଥା ଶୋଚନୀୟ ହୋଇ ପ୍ରତ୍ୟହ ଛୋଟ ବଡ ଦୁର୍ଘଟଣାମାନ ଘଟୁଛି । ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଜନସାଧାରଣ ମାନେ ଦାବି କରିଛନ୍ତି ।

# ବିଜେପିର ମିଶ୍ରଣ ପର୍ବ ସାମିଲ ହେଲେ ବ୍ଲକ ଅଧକ୍ଷାଙ୍କ ସମେତ ବହୁ ଜନପ୍ରତିନିଧି

ଛତ୍ରପୁର(ଭାସ୍କର ନ୍ୟୁଜ): ବିଜେଡ଼ି ହାତରୁ ଖସି ବିଜେପି ଖାତାକୁ ଗଲା ଗଞ୍ଜାମ ଜିଲ୍ଲାର ଗଞ୍ଜାମ ବ୍ଲକ । ବିଜେଡ଼ିର ଗଡ଼ ବୋଲି କୁହାଯାଉଥିବା ଗଞ୍ଜାମରେ ଦିନକୁ ଦିନ ସଙ୍ଗଠନ ଦୁର୍ବଳ ହେବାରେ ଲାଗିଲାଣି । କାରଣ ଗୋଟିଏ ପରେ ଗୋଟିଏ ବ୍ଲକ ବିଜେପି ଅଧିନକୁ ଚାଲିଯାଉଛି । ଶୁକ୍ରବାର ଗଞ୍ଜାମ ସହରର ଭାରତୀ ବିଦ୍ୟାପୀଠରେ ଆୟୋଜିତ ହୋଇଥିଲା ବିଜେପିର ମିଶ୍ରଣ ପର୍ବ । ଏଥିରେ ଗଞ୍ଜାମ ବ୍ଲକ ଅଧକ୍ଷା ଶର୍ମିଷ୍ଠା ପ୍ରଧାନ ବିଜେଡ଼ି ଛାଡ଼ି ବିଜେପିରେ ସାମିଲ ହୋଇଛନ୍ତି । ସେହିପରି ବିଜେଡ଼ି ଜିଲ୍ଲା ଉପସଭାପତି ସୁରଥ ପ୍ରଧାନ, ବିଜେଡ଼ି ଜିଲ୍ଲା ଛାତ୍ର ଉପସଭାପତି ଲିଙ୍ଗରାଜ ମହାପାତ୍ର, ୭ଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟଙ୍କ ସମେତ ବହୁ ବିଜେଡ଼ି ନେତା ଓ କର୍ମୀ ବିଜେଡ଼ି ଛାଡ଼ି ବିଜେପିରେ ସାମିଲ ହୋଇଛନ୍ତି । ଛତ୍ରପୁର ବିଧାୟକ କୃଷ୍ଣ ନାୟକ,



ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ଓ ଜିଲ୍ଲା ବିଜେପି ସଭାପତି ସରୋଜ ସାବତଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା । ଶର୍ମିଷ୍ଠା ପ୍ରଧାନ ପୂର୍ବରୁ ସମିତି ସଭ୍ୟ ରହିଥିବା ବେଳେ ବର୍ତ୍ତମାନ ବିଜେଡ଼ିର ଗଞ୍ଜାମ ବ୍ଲକ ଅଧକ୍ଷା ରହିଥିଲେ, ସେହିପରି ସୁରଥ ପ୍ରଧାନ ମଧ୍ୟ ପୂର୍ବରୁ ବିଜେଡ଼ିର ଗଞ୍ଜାମ ବ୍ଲକ ଅଧକ୍ଷ, ସମିତି ସଭ୍ୟ ମଧ୍ୟ ରହିଥିଲେ । ତେବେ ଦୀର୍ଘ ବର୍ଷ ଧରି ବିଜେଡ଼ି ପାଇଁ କାମ କରି ଆସିଥିବାବେଳେ ଗତ ୨୦୨୪ ମସିହା ନିର୍ବାଚନ ସମୟରେ ଦଳର ନେତୃବୃନ୍ଦମାନେ ଅଣଦେଖା କରିଥିଲେ । ଲୋକଙ୍କ ପାଇଁ କୌଣସି କାମ କରିବାକୁ ହେଲେ ପ୍ରଶାସନିକ ଅଧିକାରୀଙ୍କ କଥା ମାନିବାକୁ ପଡୁଥିଲା । ଏପରିକି ବିଜେଡ଼ି ବିପତ୍ତି ସମୟରେ ମଧ୍ୟ ଛିଡ଼ାହୋଇନଥିଲା । ତେଣୁ ବାଧ୍ୟ ହୋଇ ଦଳ ଛାଡ଼ିଥିଲୁ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପିରେ ସାମିଲ ହୋଇଛୁ । ଆଗାମୀ ଦିନରେ ବିଜେପିକୁ ଆହୁରି କିଭଳି ଶକ୍ତିଶାଳୀ କରି ଲୋକଙ୍କ ପାଇଁ କାମ କରିବୁ ସେଥିପ୍ରତି ଯତ୍ନବାନ ହେବୁ ବୋଲି କହିଛନ୍ତି ବ୍ଲକ ଅଧକ୍ଷା ଓ ନୂତନ ଭାବେ ବିଜେପି ସାମିଲ ହୋଇଥିବା ବିଜେପି ନେତା । କାର୍ଯ୍ୟକ୍ରମରେ ପୂର୍ବତନ ଗଞ୍ଜାମ ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ନାୟକ, ରଘୁନାଥ ସାହୁ, ଗୀତାଞ୍ଜଳି ବେହେରା, ପ୍ରଦୀପ ପାଢ଼ୀ, ରଞ୍ଜନ ବେହେରା, ବସନ୍ତ ବେହେରା, ସନ୍ତୋଷ ମହାପାତ୍ର, କୀର୍ତ୍ତନ ଦାସ, ପୂର୍ବତନ ଜିଲ୍ଲା ପରିଷଦ ରଶ୍ମିରାଣୀ ମହାପାତ୍ରଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

# ୮ରୁ ଜିଲ୍ଲାସ୍ତରୀୟ ବାଲେଶ୍ୱର ସରକାରୀ ଶିଶୁ ମହାବିଦ୍ୟାଳୟର ସମ୍ମିଳନୀ

ଜଳେଶ୍ୱର, (ଭାସ୍କର ନ୍ୟୁଜ): ପ୍ରସ୍ତାବିତ ବାଲେଶ୍ୱର ଜିଲ୍ଲା କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କ୍ରିୟାନୁଷ୍ଠାନ ସମିତି ଜଳେଶ୍ୱର ଆଞ୍ଚଳିକ ଶାଖା ପକ୍ଷରୁ ଜଳେଶ୍ୱର ନୂଆବଜାର ସ୍ଥିତ ଭଞ୍ଜଶ୍ରୀ ଭବନ ଠାରେ ବାଲେଶ୍ୱର ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା କ୍ରିୟାନୁଷ୍ଠାନ ସମିତିର ସଭାପତି ଦିଲ୍ଲିପ କୁମାର ଗିରିଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବିଗତ ଦୁଇବର୍ଷ ଧରି ବାଲେଶ୍ୱର ଜିଲ୍ଲାରେ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ ଧାରାବାହିକ ଭାବେ ବ୍ଲକ ସ୍ତରରୁ ଜିଲ୍ଲା ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ସଂଗଠିତ କରାଯାଇଛି ।ଏହାର ସଫଳ ରୂପାୟନ ପାଇଁ ବ୍ୟାପକ ରୂପ ନେବା




ସହିତ ଆସନ୍ତା ଜୁନ ୮ ତାରିଖ ରବିବାର ଦିନ ୯ ଘଟିକା ସମୟରେ କୁରୁଡ଼ା ସ୍ଥିତ ଜ୍ୟୋତି ହସ୍ପିଟାଲ ନିକଟସ୍ଥ ଓଡ଼ିଶା ଫଲୋଅପରେ ଜିଲ୍ଲା ସ୍ତରୀୟ ୨ୟ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି । ଏଥିରେ କୃଷି ବୈଜ୍ଞାନିକ, ରାଜନୈତିକ ବ୍ୟକ୍ତି ବିଶେଷ ତଥା ବୁଦ୍ଧିଜୀବୀ, କୃଷିବିତ୍ ଓ ଚାଷୀମାନଙ୍କର ସହଯୋଗରେ ସମ୍ମିଳନୀଟି ଅନୁଷ୍ଠିତ ହେଉଛି । ଏହି ପରିପ୍ରେକ୍ଷୀରେ ଏଠାରେ ଉଲ୍ଲେଖ କରାଯାଇଛି ଓଡ଼ିଶାରେ ପ୍ରବାହିତ ହେଉଥିବା ମହାନଦୀର ଉତ୍ତର ପାର୍ଶ୍ୱରେ ଯେତେଗୁଡ଼ିଏ ଜିଲ୍ଲା ରହିଛି ସେଠାରେ ଅଦ୍ୟାବଧି କୃଷି ସମ୍ବନ୍ଧୀୟ ବିଭିନ୍ନ ଶିକ୍ଷା ବା ଗବେଷଣା କେନ୍ଦ୍ର ସ୍ଥାପିତ ହୋଇନାହିଁ । ଓଡ଼ିଶାର ବାଲେଶ୍ୱର ଜିଲ୍ଲା ଧାନ, ତୈଳବୀଜ, ଡାଲି, ପାନ ଓ ବିଭିନ୍ନ ପନିପରିବା ପାଇଁ ଓଡ଼ିଶାରେ ଅଗ୍ରଣୀ ଭୂମିକା ନେଇଥିଲେ ମଧ୍ୟ ଏଠାରେ ଶିକ୍ଷିତ ଯୁବକମାନେ କର୍ମସଂସ୍ଥାନ ପାଇଁ ବାହାର ରାଜ୍ୟକୁ ଦାଦନ ପାଇଁ ଯିବାକୁ ବାଧ ହେଉଛନ୍ତି । କୃଷି ଏବଂ ଆନୁଷ୍ଠାନିକ ବିଭାଗ ଯଥା- ପଶୁପାଳନ, ଉଦ୍ୟାନ ଭିତ୍ତିକ ଚାଷ, ଜିଲ୍ଲାରେ ବ୍ୟାପକ ସମ୍ଭାବିତ କର୍ମ ନିଯୁକ୍ତି କ୍ଷେତ୍ରରେ ଏବଂ କୃଷି ଅଗ୍ରଣୀ ଭୂମିକା ନେଇଥିଲେ ମଧ୍ୟ ବୃତ୍ତିଗତ ଜ୍ଞାନ ଓ ଗବେଷଣାର ବ୍ୟାପକ ଅଭାବ ରହିଛି । ଆତ୍ମନିଯୁକ୍ତି କ୍ଷେତ୍ରରେ କୃଷି ଏବଂ ଆନୁସଂଗୀକ ଭୂମିକା ସ୍ୱୀକାର୍ଯ୍ୟ । ବିଗତ ଦୁଇବର୍ଷ ଧରି ଧାରାବାହିକ ଭାବେ ସରକାରୀ ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ ବିଭିନ୍ନ ପ୍ରଶାସନିକ ଅଧିକାରୀ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ଦାବିପତ୍ର ଦିଆଯାଇଅଛି । ଏଥିପାଇଁ ସମସ୍ତ ବ୍ଲକ୍, ଆଞ୍ଚଳିକ ସମିତି ଓ ଜିଲ୍ଲାସ୍ତରୀୟ ବୈଠକ ବସି ଏହାର ଦାବି ପତ୍ର ପହଞ୍ଚାଇବା ପାଇଁ ପଦକ୍ଷେପ ନିଆଯାଇଛି । ଜଳେଶ୍ୱର ଆଞ୍ଚଳିକ ସମିତିର ସଭ୍ୟମାନେ ଭୋଗରାଇ, ବାଲିଆପାଳ, ବସ୍ତାର ସଭ୍ୟମାନଙ୍କୁ ନେଇ ଆଲୋଚନା ସହିତ ବ୍ଲକର ସଭ୍ୟମାନେ ୮ ତାରିଖରେ ହେବାକୁ ଥିବା ଜିଲ୍ଲା ସମ୍ମିଳନୀରେ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଉଛି । ଏହି ସାମ୍ବାଦିକ ସମ୍ମିଳନୀରେ ସମିତିର କୋର୍ଡ଼ିନେଟର ଡ.ବିଜୟ କୁମାର ମିଶ୍ର, ସଦସ୍ୟ ସମରେଶ ଦିନ୍ଦା, ଭାସ୍କର ମିଶ୍ର, ଅବନୀ କୁମାର ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ସମିତିର ସଂପାଦକ ଡ.ଅଜିତ କୁମାର ମହାନ୍ତି ମଞ୍ଚ ଆହ୍ୱାନ ସହ ଅତିଥି ପରିଚୟ ପ୍ରଦାନ କରିବା ସହିତ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ବିବାହ ଉତ୍ସବରେ ରକ୍ତ ଦାନ ଓ ଚକ୍ଷୁ ଚିକିତ୍ସା ଶିବିର


ନିଆଳି, (ଭାସ୍କର ନ୍ୟୁଜ) : ନିଆଳି ବ୍ଲକ ଦେବୀ କନ୍ଦଳ ଦୀପାଞ୍ଚଳ ଅନ୍ତର୍ଗତ ରାଣୀ ଓଳା ପଂଚାୟତର ରାଇ ଚାନ୍ଦୋଳ ଗ୍ରାମରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଓ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ୱେଚ୍ଛାସେବୀ ସଂଗଠନ ଛାତ୍ର ଯୁବ ବିକାଶ ପରିଷଦ (ସିଭିପି)ର ସକ୍ରିୟ କାର୍ଯ୍ୟକର୍ତ୍ତା ନିଶିକାନ୍ତ ମହାପାତ୍ର (ପିଙ୍କୁ)ଓ ରାଜଲକ୍ଷ୍ମୀ (ମାମା)ର ବିବାହ ଉତ୍ସବକୁ ସ୍ମରଣୀୟ କରିବା ପାଇଁ ଏକ ଶିବିରର ଆୟୋଜନ କରାଯାଇଥିଲା । ସିଭିପିର ମୁଖ୍ୟ ଆଡ଼ଭୋକେଟ ସରୋଜ କୁମାର ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ଶିବିରକୁ ଶିକ୍ଷାବିତ୍ ମଦନ ମୋହନ ଜେନା ଓ ଓଡ଼ିଆ ନାଟ୍ୟ ଜଗତର ବିଶିଷ୍ଟ କଳାକାର ପିୟୁଷ ତ୍ରିପାଠୀ ଫିତା କାଟି ଉଦ୍‌ଘାଟନ କରିଥିଲେ । ରେଡ୍‌କ୍ରସ ବ୍ଲଡ଼ କ୍ୟାମ୍ପର ଡାକ୍ତର ଓ ବୈଷୟିକ ଟିମ ଡାକ୍ତର



ମାନଙ୍କଠୁ ରକ୍ତ ସଂଗ୍ରହ କରିଥିବା ବେଳେ ଶ୍ରୀ ଦୁର୍ଗା ଆଇ ହସ୍ପିଟାଲ ନିଆଳି ନୂଆଗାଁର କର୍ମକର୍ତ୍ତା ଓ ଡାକ୍ତର ଯୋଗଦେଇ ୫୦ରୁ ଊର୍ଦ୍ଧ୍ୱ ଚକ୍ଷୁ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରି ଔଷଧ ବିତରଣ କରିଥିଲେ । ମୋତିଆ ବିନ୍ଦୁ ଚିହ୍ନଟ ରୋଗୀଙ୍କୁ ଅପରେସନ ପାଇଁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଡ଼ ପିତାମ୍ବର ସାହୁ, ପ୍ରେମାନନ୍ଦ ମହାପାତ୍ର, ପ୍ରାକ୍ତନ ସମିତି ସଭ୍ୟ ସୁଦର୍ଶନ ବେହେରା, ଶିବରାମ ଖୁଣ୍ଟିଆ, ଶଶୀକାନ୍ତ ମହାପାତ୍ର, ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିବା ବେଳେ ପଞ୍ଚମୁଖୀ ଏଣ୍ଟରପ୍ରାଇଜେସର ସଭ୍ୟମାନେ ଖୁବ ଉତ୍ସାହର ସହ ରକ୍ତ ଦାନ କରିଥିଲେ । ମଧୁସ୍ମିତା ସ୍ୱାଇଁ ବିପଦ ଭଞ୍ଜନ ବାରିକ ଓ ଶୁଭ୍ରଜିତ ଖୁଣ୍ଟିଆ ଚକ୍ଷୁ ଚିକିତ୍ସା ଶିବିର ପରିଚାଳନା କରିଥିଲେ ।

## ରାଶିଫଳ

ରବିବାର, ୦୮ ଜୁନ୍ ୨୦୨୫



**ମେଷ:** କାରବାରରେ ସତର୍କତା ବ୍ୟବହାର କରନ୍ତୁ । ପରିସ୍ଥିତିକୁ ନେଇ ଟଙ୍କା ଚିନ୍ତା କରିବାକୁ ପଡିବ । ଆପଣଙ୍କର ଅନାବଶ୍ୟକ ଖର୍ଚ୍ଚ ହୋଇପାରେ । ଚାକିରି ଏବଂ ବ୍ୟବସାୟରେ ଦ୍ୱନ୍ଦ୍ୱ ବଢ଼ିପାରେ । ଟଙ୍କା ମାମଲାରେ ଯତ୍ନବାନ ହେବାକୁ ପଡିବ ।



**ବୃଷ:** ଶୀଘ୍ର କୌଣସି କାମ କରନ୍ତୁ ନାହିଁ । ଧାର୍ମିକ ଏବଂ ସାଂସ୍କୃତିକ ମହୋତ୍ସବରେ ଏକ ଅଂଶ ରହିବେ । ବ୍ୟବସାୟ ଭଲ କରିବ । ଅଫିସରେ ଚାକିରିକୁ ନେଇ ସନ୍ତୁଷ୍ଟ ରହିବେ । ବିନିଯୋଗ ଇତ୍ୟାଦିରେ ଲାଭବାନ ହେବ । ଘର ବାହାରେ ଜୀବନ ଖୁସି ହେବ । ଆର୍ଥିକ ଦିଗ ଦୃଢ ହେବ ।



**ମିଥୁନ:** ବ୍ୟବସାୟରେ ବ୍ୟସ୍ତ ରହିବେ । ସାମାଜିକ ସ୍ତରରେ ସମ୍ମାନ ମିଳିବ । କଠିନ ପରିଶ୍ରମ ସହିତ ଟଙ୍କା ରୋଜଗାର କରିବେ । ଗତ କିଛି ଦିନ ଧରି ଥିବା ଅସମ୍ପୂର୍ଣ୍ଣ କାମ ସଂପୂର୍ଣ୍ଣ ହେବ । ନୂତନ ଚୁକ୍ତିନାମା କିମ୍ବା ନୂତନ ସମ୍ପର୍କ ଗଠନ ହେବାର ସମ୍ଭାବନା ଅଛି । ସମୟ ଭଲ ଅଟେ ।



**କର୍କଟ:** ଦୈନନ୍ଦିନ କାର୍ଯ୍ୟଗୁଡିକ କିଛି ବିପଦ ବହନ କରିପାରେ । ଚାକିରିରେ ସମସ୍ୟା ହୋଇପାରେ । ଯଦି ଆପଣ ଜିଦି କରନ୍ତି ତେବେ, କାହା ସହିତ ବିବାଦ ହେବାର ସମ୍ଭାବନା ଅଛି । ଅଧିକ ଚିନ୍ତାରେ ସମୟ ନଷ୍ଟ କରନ୍ତୁ ନାହିଁ । ହଠାତ୍ ଆପଣ ଅସୁବିଧା ମଧ୍ୟ ବଢ଼ିପାରେ ।



**ସିଂହ:** ଆପଣଙ୍କର ଜୀବନରେ କିଛି ପରିବର୍ତ୍ତନ କରିବାକୁ ପଡିପାରେ । ପରିବାର ସାହାଯ୍ୟ ମିଳିବ । ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ । କାର୍ଯ୍ୟ ସମାପ୍ତ ହୋଇପାରିବ । ବୁଦ୍ଧିମାନ ଭାବରେ ଷ୍ଟକ୍ ମାର୍କେଟରେ ବିନିଯୋଗ କରନ୍ତୁ ।




**କନ୍ୟା:** ଆପଣଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ଲୋକମାନେ ଆପଣଙ୍କର ଚିନ୍ତାଧାରାକୁ ପସନ୍ଦ କରିବେ । ଲୋକମାନେ ଆପଣଙ୍କ ପରାମର୍ଶରୁ ଉପକୃତ ହେବେ । ଆପଣ କିଛି ଭଲ ଖବରକୁ ଅପେକ୍ଷା କରିବେ । ଆପଣଙ୍କ ଜୀବନ ସାଥୀ ଆପଣଙ୍କର ଅନୁଭବ ବୁଝିବେ । ଗଣ୍ଠି ଯନ୍ତ୍ରଣା ମଧ୍ୟ ଆପଣଙ୍କୁ କଷ୍ଟ ଦେଇପାରେ ।



**ତୁଳା:** ପରିବାର ସାହାଯ୍ୟ କରିବେ । ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ । କାର୍ଯ୍ୟ ସମାପ୍ତ ହୋଇପାରିବ । ଆପଣ ଟଙ୍କା ଏବଂ ପାରିବାରିକ ପରିସ୍ଥିତି ପ୍ରତି ସମ୍ପୂର୍ଣ୍ଣ ଧ୍ୟାନ ଦେବା ଉଚିତ୍ ।



**ବିଛା:** ଆପଣ ମଧୁରବାଣୀ ଦ୍ୱାରା ଯେକୌଣସି କାର୍ଯ୍ୟରେ ବିଜୟୀ ହେବାକୁ ସମର୍ଥ ହେବେ । ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ଅତିବାହିତ କରିବେ । ଆଜି ଭାଗ୍ୟ ଆପଣଙ୍କ ସହିତ ରହିବ । ଆୟର ନୂତନ ଉତ୍ସ ଉତ୍ପନ୍ନ ହୋଇପାରେ । ଅଫିସ୍ କାର୍ଯ୍ୟ ସବୁଦିନ ଅପେକ୍ଷା ଆଜି ଭଲ ହେବ । ଜୀବନ ସାଥୀଙ୍କ ପୂର୍ଣ୍ଣ ସମର୍ଥନ ପାଇବେ । ଏହା ଆପଣଙ୍କ ମନକୁ ଖୁସି କରିବ ।



**ଧନୁ:** ଶାରୀରିକ ଭାବରେ ବ୍ୟସ୍ତ ରହିବେ । ଆପଣଙ୍କ କାମରୁ ପଛକୁ ଯାଆନ୍ତୁ ନାହିଁ । ଟଙ୍କା ରୋଜଗାର କରିବାର କିଛି ନୂତନ ଏବଂ ଭଲ ସୁଯୋଗ ମଧ୍ୟ ମିଳିପାରେ । ଆପଣଙ୍କର ଆତ୍ମବିଶ୍ୱାସ ଆଧାରରେ, ଅନ୍ୟମାନଙ୍କଠାରୁ ଭିନ୍ନ ପରିଚୟ ସୃଷ୍ଟି କରିବାରେ ସଫଳ ହୋଇପାରିବ । ଆୟ ବୃଦ୍ଧି ପାଇବ । ପିଲାମାନଙ୍କର ଅଗ୍ରଗତିରେ ଖୁସି ହେବେ ।



**ମକର:** ଅନେକ ଦିନ ଧରି ବନ୍ଦ ହୋଇଯାଇଥିବା କାର୍ଯ୍ୟଗୁଡ଼ିକ ମଧ୍ୟ ସଂପୂର୍ଣ୍ଣ ହୋଇପାରିବ । ପାରିବାରିକ ସମ୍ପର୍କ ଆନ୍ତରିକ ହେବ । ଚିନ୍ତା ସମାପ୍ତ ହୋଇପାରିବ । ଦିନଟି ଆପଣଙ୍କ ପାଇଁ ଉତ୍ସାହଜନକ ଏବଂ ମନୋରଞ୍ଜନ ଜାରି ରହିବ । ଆପଣଙ୍କୁ ପରିବାର ସମ୍ବନ୍ଧୀୟ ବିଷୟ ପ୍ରତି ଧ୍ୟାନ ଦେବାକୁ ପଡିବ । କେତେକ ଘରୋଇ ଜଟିଳ ସମସ୍ୟାର ସମାଧାନ ହୋଇପାରିବ ।



**କୁମ୍ଭ:** ଆପଣ ଆଜି ଧୈର୍ଯ୍ୟବାନ ହେବା ଉଚିତ୍ । ଟଙ୍କା କ୍ଷେତ୍ରରେ କ୍ଷତି ହୋଇପାରେ । କିଛି ଆଇନଗତ ପ୍ରସଙ୍ଗରେ ଆପଣ ଜଡିତ ହୋଇପାରନ୍ତି । ସମୟର ଯତ୍ନ ନିଅନ୍ତୁ । କିଛି ବିଶେଷ କାର୍ଯ୍ୟ ପାଇଁ ଆପଣଙ୍କୁ ବହୁତ କଠିନ ପରିଶ୍ରମ କରିବାକୁ ପଡିପାରେ । ଆପଣ ମଧ୍ୟ କୌଣସି ଆକସ୍ମିକ ଘଟଣାରେ ତୁରନ୍ତ ନିଷ୍ପତ୍ତି ନେବା ଠାରୁ ଦୂରେଇ ରହିବା ଉଚିତ୍ ।



**ମୀନ:** ଆପଣଙ୍କୁ ଦେଖା କରୁଥିବା ଲୋକମାନେ ଆପଣଙ୍କୁ କିଛି ନୂଆ ଚେଷ୍ଟା କରିବାକୁ ପ୍ରେରଣା ଦେଇପାରିବେ । ଏହି ସମୟରେ କରାଯାଇଥିବା ପ୍ରୟାସ ସଫଳ ହେବାର ସମ୍ଭାବନା ଅଧିକ । ବୋଧହୁଏ ଆପଣ ଅତିରିକ୍ତ ଦାୟିତ୍ୱ ପାଇବେ କିମ୍ବା ସାମ୍ପ୍ରତିକ ଚାକିରିରେ କାମ କରିବ । ଆପଣଙ୍କର ଆୟ ବଢ଼ିବାର ସମ୍ଭାବନା ମଧ୍ୟ ଅଧିକ । ଆପଣଙ୍କର ମନ ଭଲ କାମ କରିବ ।



ଶ୍ରୀପତି ଗୁରୁ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବୌଦ୍ଧ (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା ଆଇନସେବା ପ୍ରାଧିକରଣ କାର୍ଯ୍ୟାଳୟ ପକ୍ଷରୁ ବୌଦ୍ଧ ବ୍ଲକ ଡାଳସରଡ଼ା ପଂଚାୟତ ଅନ୍ତର୍ଗତ ସଂଗ୍ରାମପୁର ପଂଚାୟତ ଉଚ୍ଚ ବିଦ୍ୟାଳୟ ଠାରେ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା ଏବଂ ପରିବେଶ ସୁରକ୍ଷା ପାଇଁ ବିଭିନ୍ନ ଆଇନ ଯେମିତି ପରିବେଶ ସୁରକ୍ଷା ଆଇନ, ବନ୍ୟଜନ୍ତୁ ସୁରକ୍ଷା ଆଇନ ଇତ୍ୟାଦି ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଦୌରା ଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ, ବୌଦ୍ଧର ଅଧକ୍ଷ ଶ୍ରୀ ପ୍ରତାପ କୁମାର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହାକୁ ଜିଲ୍ଲା ଆଇନସେବା ପ୍ରାଧିକରଣ, ବୌଦ୍ଧର ସଚିବ ଶ୍ରୀମାଞ୍ଜଳି ରାୟ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ପଂଚାୟତ ଉଚ୍ଚ ବିଦ୍ୟାଳୟ ସଂଗ୍ରାମପୁରର ଛାତ୍ରଛାତ୍ରୀ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ପ୍ରଧାନଶିକ୍ଷକ ଭରତ ମେହେର ମଂଚାସୀନ ଥିଲେ । କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦେଶ୍ୟ ହେଲା ସମସ୍ତଙ୍କୁ ପରିବେଶ ସୁରକ୍ଷା ଉପରେ ସଚେତନ କରିବା, ଯେମିତି ଘରେ ଶକ୍ତି ସଞ୍ଚୟ କରିବା । ଆମର ଅଧିକାଂଶ ବିଦ୍ୟୁତ୍ ଏବଂ ଉତ୍ତାପ କୋଇଲା, ତୈଳ ଏବଂ ଗ୍ୟାସ୍ ଦ୍ୱାରା ଚାଳିତ ଓ ଆମର ଘରର ଶକ୍ତି ଉତ୍ସ ପରିବର୍ତ୍ତନ କରିବାକୁ ଯେତିକି ହେବ ଚାଲିବା କିମ୍ବା ସର୍ବସାଧାରଣ ପରିବହନ ବ୍ୟବହାର କରିବାକୁ ବହୁ ପରିମାଣରେ ଗଛ ଲଗାଇବା ଏବଂ ଏହାର ଯତ୍ନ ନେବା ଇତ୍ୟାଦି । ଏହା ସହିତ ସମସ୍ତ ଛାତ୍ରଛାତ୍ରୀ ମାନଙ୍କ ବୃକ୍ଷରୋପଣର ମହତ୍ୱ ବୁଝାଇବା ସହିତ ପରିବେଶ ସୁରକ୍ଷା ପାଇଁ ଚାରା ବଣ୍ଟନ କରାଯାଇଥିଲା ।



## ଅଭିଯୁକ୍ତ ସ୍ୱାମୀଙ୍କୁ ୨ ବର୍ଷ ଜେଲ୍

ବେଲପାହାଡ଼ ( ଭାସ୍କର ନ୍ୟୁଜ୍ ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଲେଙ୍ଗାଣି ଥାନାରେ ରୁଜୁ ହୋଇଥିବା ଏକ ପୂର୍ବ ଯୌତୁକ ନିର୍ଯାତନା ଓ ସ୍ତ୍ରୀକୁ ମାରପିଟ ମାମଲାର ରାୟ ଶୁଣାଣି କରି ସମ୍ପୃକ୍ତ ଦୋଷୀକୁ ୨ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି ଲଖନପୁର ଜେଏମଏଫସି କୋର୍ଟର ବିଚାରପତି । ଅଭିଯୁକ୍ତ ଜଣକ ଚାଣ୍ଡିପାଲି ଗ୍ରାମର ସତ୍ୟନାରାୟଣ ବେହେରା (୫୪) ବୋଲି

### ଯୌତୁକ ନିର୍ଯାତନା ମାମଲା

ଜଣାପଡ଼ିଛି । ସେ ରେମତା ସରକାରୀ ପ୍ରାଥମିକ ବିଦ୍ୟାଳୟର ଜଣେ ପୂର୍ବତନ ଶିକ୍ଷକ ଥିଲେ । ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ ଟାରେ ଲଖନପୁର ଜେଏମଏଫସି ବିଚାରପତି ବ୍ରଜେଶ ମିଶ୍ର ୯ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଆଧାରରେ ଏହି ମାମଲାର ଶୁଣାଣି କରିଛନ୍ତି । ଏହି ପରିପ୍ରେକ୍ଷୀରେ ବିଚାରପତି ଅଭିଯୁକ୍ତ ସତ୍ୟନାରାୟଣ ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨ ବର୍ଷ ଜେଲଦଣ୍ଡ ୬ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଫାଇନ ଅନାଦେୟ ହେଲେ ୩ ମାସ ଅଧିକ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି ।

## ରାଉରକେଲା ବିଜେପିର ଜିଲ୍ଲାସ୍ତରୀୟ କର୍ମଶାଳା

### 'ସରକାରୀ ଯୋଜନାର ଲାଭ ସାଧାରଣ ଲୋକଙ୍କ ପାଖ ରେ ପହଞ୍ଚାଅ'



ଲଳୁଣିପଡ଼ା (ଭାସ୍କର ନ୍ୟୁଜ୍): ଭାରତୀୟ ଜନତା ପାର୍ଟି ତଥା ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ସରକାର କେନ୍ଦ୍ର ରେ ୧୧ ବର୍ଷ ପୂର୍ତ୍ତି ଏବଂ ରାଜ୍ୟ ରେ ମୁଖ୍ୟ ମନ୍ତ୍ରୀ ମୋହନ ମାଝୀଙ୍କ ୧ ବର୍ଷ ର ଗୌରବଶାଳୀ ଅବଧି ପୂରଣ କରିଛି । ଏହି ପରିପ୍ରେକ୍ଷୀରେ ଆସନ୍ତା ୯ ଜୁନ୍ ରୁ ୨୧ ଜୁନ୍ ପର୍ଯ୍ୟନ୍ତ ଦେଶ ବ୍ୟାପି ଏବଂ ଓଡ଼ିଶାରେ ରାଜ୍ୟବ୍ୟାପି ପ୍ରଚାର ଅଭିଯାନ ଦ୍ୱାରା କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସମସ୍ତ ଉଲ୍ଲେଖନୀୟ ସଫଳତା ତଥା ଗରିବ କଲ୍ୟାଣ ଯୋଜନା ଗୁଡିକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ପ୍ରାଥମିକତା ଦିଆ ଯାଇଛି । 'ବିକଶିତ ଭାରତ ର ଅମୃତ କାଳ - ସେବା, ସୁଶାସନ ଓ ଗରିବ କଲ୍ୟାଣ ର ୧୧ ବର୍ଷ ଉପଲକ୍ଷିତ ବର୍ଷ ହୋଇ ରହିବ । ଏହି ଅଭିଯାନର ସଫଳ ରୂପାୟନ ପାଇଁ ବିଜେପି ରାଉରକେଲା ସାଙ୍ଗଠନିକ ଜିଲ୍ଲାର ଲଳୁଣିପଡ଼ା ମଣ୍ଡଳ ଅନ୍ତର୍ଗତ ବଙ୍ଗିଜ କାତାୟ ରାଜପଥ ଡାକ ବଙ୍ଗଳା ଠାରେ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାରେ ବିଜେପି ରାଜ୍ୟ ଉପ ସଭାପତି ଶ୍ରୀମା ସୁନେତା ଓରାମ, ଜିଲ୍ଲା ସଭାପତି ପୂର୍ଣ୍ଣିମା କେରକେଟା, ରାଜ୍ୟ ପ୍ରବକ୍ତା ଧରେନ୍ଦ୍ର ସଭାପତି, ରଘୁନାଥପଲ୍ଲୀ ବିଧାୟକ ଦୁର୍ଗା ତନ୍ତି, ପାନପୋଷ ଜିଲ୍ଲା ପ୍ରାକ୍ତନ ସଭାପତି ଲତିକା ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାହାସ ବିହାରୀ ପ୍ରଧାନ, ଜଗବନ୍ଧୁ ବେହେରା, ସହ ସଂଯୋଜକ ଅମରେନ୍ଦ୍ର ନାଥ ଶର୍ମା, ଲଳୁଣିପଡ଼ା ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ଓରାମ, ବଙ୍ଗି ବୁଡ଼ାଘ ସଭାପତି ପ୍ରଦୀପ ପାତ୍ର ପ୍ରମୁଖ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି କାର୍ମଶାଳାକୁ ଉଦ୍ଘାଟନ କରିଥିଲେ । ଉପସ୍ଥିତ ନେତୃମଣ୍ଡଳୀ ସରକାରୀ ଯୋଜନାର ଲାଭ ତୃଣମୂଳ ସ୍ତରର ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଗୁରୁତ୍ୱାରୋପ କରିବା ସହ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ସୁନ୍ଦରଗଡ଼ ସାଂସଦ ତଥା ଭାରତ ସରକାର ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମ ରେ ଜିଲ୍ଲା ର ଯୋଡ଼ି ହୋଇ କାର୍ଯ୍ୟକର୍ତ୍ତାଙ୍କୁ ସମ୍ବୋଧିତ କରିବା ସହ ଗୁରୁମନ୍ତ୍ର ଦେଇଥିଲେ । କାର୍ଯ୍ୟକ୍ରମରେ ରାଉରକେଲା ସାଙ୍ଗଠନିକ ଜିଲ୍ଲାର ଜିଲ୍ଲା ପଦାଧିକାରୀ, ମଣ୍ଡଳ ସଭାପତିଗଣ, ପ୍ରାକ୍ତନ ମଣ୍ଡଳ ସଭାପତି ଗଣ, ଜିଲ୍ଲା ମୋର୍ଚ୍ଚା ସଭାପତି ଗଣ ତଥା ଜିଲ୍ଲାର ୨୯ ଟି ମଣ୍ଡଳ ର ଟୋଲି ସଦସ୍ୟ ତଥା ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ଯୋଗ ଦେଇଥିଲେ । ଆଗାମୀ ଦିନରେ ମଣ୍ଡଳ ତଥା ବୁଥ ସ୍ତର ରେ ଏହି କାର୍ଯ୍ୟକ୍ରମକୁ ବ୍ୟାପକ ଭାବେ ଆୟୋଜନ କରି ସରକାରୀ ଯୋଜନାର ଲାଭ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବାକୁ କାର୍ଯ୍ୟକର୍ତ୍ତାମାନେ ମୁଖ୍ୟ ଭୂମିକା ନିର୍ବାହ କରିବାକୁ ମଞ୍ଚାସୀନ ନେତୃମଣ୍ଡଳୀ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ ନେତୃମଣ୍ଡଳୀ 'ମା ପାଇଁ ଗଛ ଟିଏ' ଆହ୍ୱାନରେ ବୃକ୍ଷ ରୋପଣ କରିଥିଲେ । କାର୍ଯ୍ୟକ୍ରମକୁ ବିଜେପି ରାଉରକେଲା ଜିଲ୍ଲା ସଂଯୋଜକ ଅଭିରାମ ମହାକୁଳ ସଂଯୋଜନା କରିଥିଲେ ।

## ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପାଇଁ ସ୍ଥାନ ଚିହ୍ନଟ



ଡାବୁଗାଁ (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଡ଼ାବୁଗାଁ ବ୍ଲକ ସଦର ଏକ୍ସ ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିମନ୍ତେ ସ୍ଥାନ ଚିହ୍ନଟ କରାଯାଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଦେବର୍ଷି ନାୟକ ଡ଼ାବୁଗାଁ ଏକ୍ସ ବୋର୍ଡ ବିଦ୍ୟାଳୟ ପରିଦର୍ଶନ ଆସି ସ୍ଥାନ ତଦାରଖ କରିଥିଲେ । ରାଜ୍ୟ ବିଜେପି ସରକାର ଆଗାମୀ ୧୨ ତାରିଖରେ ଏକ ବର୍ଷ ଶାସନ କାଳ ପୂର୍ତ୍ତି ଅବସରରେ ରାଜ୍ୟର ୫୦୦ ପ୍ରାଥମିକ ବିଦ୍ୟାଳୟକୁ ଆଦର୍ଶ ବିଦ୍ୟାଳୟ ପରିଣତ କରିବେ । ମୋହନ ମାଝୀ ସରକାର ୧୨ ତାରିଖରେ ଭିତ୍ତି ପ୍ରସ୍ତର ସ୍ଥାପନ କରିବାକୁ ଥିବା ବେଳେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ହେଲେ ଗୁଣାତ୍ମକ ଶିକ୍ଷା ସହ ପିଲା ମାନଙ୍କ ଭାଷା ଜ୍ଞାନ ଓ ମୌଳିକ ଗାଣିତିକ ଜ୍ଞାନ ବୃଦ୍ଧି ଲକ୍ଷ୍ୟ ରଖା ଯାଇଛି । ସେହିପରି ଏହି ଆଦର୍ଶ ବିଦ୍ୟାଳୟ ରେ ଉନ୍ନତ ଭିତ୍ତିଭୂମି ର ବିକାଶ ସହ ସ୍କୁଲର ସାମଗ୍ରିକ ବିକାଶ ସରକାର ଲକ୍ଷ୍ୟ ରଖିଛନ୍ତି । ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏଥିପୂର୍ବରୁ ରାଜ୍ୟରେ ୫୦୦ ଆଦର୍ଶ ବିଦ୍ୟାଳୟ ଖୋଲିବା ନେଇ ସୂଚନା ଦେଇ ସାରିଛନ୍ତି । ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଙ୍କ ଏହି ପରିଦର୍ଶନ ସମୟରେ କନିଷ୍ଠ ଯନ୍ତ୍ରୀ ସଲିଲ ଗୁରିଆ,କାଳୁ ଚରଣ ମୁନି, ସିମାଞ୍ଚଳ ଦାଶ,ସଞ୍ଜୟ ପାଢ଼ୀ, ରାଜେନ୍ଦ୍ର ମିଶ୍ର,ପ୍ରଭାତ ବିଶୋଇ ସହ ଅନ୍ୟ ମାନେ ଉପସ୍ଥିତ ଥିଲେ ।

## ଚୁକ୍ତିନାମା ଖିଲାପ ଅଭିଯୋଗ
## ୨୧ ଦୋକାନ ସିଲ୍




ବ୍ରଜରାଜନଗର(ଭାସ୍କର ନ୍ୟୁଜ୍) : ଗାନ୍ଧିଛକ ଠାରେ ଭେଣ୍ଡିଂ ଜୋନ ନେଇଥିବା ଦୋକାନୀଙ୍କ ଉପରେ ବ୍ରଜରାଜନଗର ପୌର ପରିଷଦ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ପୌର ପରିଷଦ ପକ୍ଷରୁ ଚୁକ୍ତିନାମା ଖିଲାପ ଅଭିଯୋଗରେ ଗାନ୍ଧିଛକରେ ଥିବା ୨୧ଟି ଭେଣ୍ଡିଂ ଜୋନ ଦୋକାନକୁ ସିଲ କରାଯାଇଛି । ନିୟମ ଉଲ୍ଲଂଘନକାରୀ ଦୁଇ ବର୍ଷ ଧରି ନିଜର ଦୋକାନ ଖୋଲୁନଥିଲେ ଏବଂ କେତେକ ନିଜେ ଭଡା ନେଇଥିବା ଦୋକାନକୁ ଅନ୍ୟ ଲୋକଙ୍କୁ ଦେଇଥିବା ଅଭିଯୋଗରେ ଉକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସୂଚନା ମିଳିଛି । ସେପଟେ ନିୟମିତ ଭାବରେ ଦୋକାନ ଖୋଲିଲେ ଦୋକାନୀକୁ ସିଲ ହୋଇଥିବା ଉକ୍ତ ଦୋକାନ ପ୍ରଦାନ କରାଯିବ ନଚେତ ଅନ୍ୟ ଲୋକଙ୍କୁ ତାହା ଆବଣ୍ଟନ କରାଯିବ ବୋଲି ବ୍ରଜରାଜନଗର ପୌର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ କରିଛନ୍ତି ।

## ବାର୍‌ହା ଶିକାର ଅଭିଯୋଗରେ ୩ ଗିରଫ



ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): ବ୍ରଜରାଜନଗର ବନାଞ୍ଚଳ ଅନ୍ତର୍ଗତ ରାଜପୁର ସେକ୍ସନର ତିଲେଇମାଲ ଗ୍ରାମରେ ଗତକାଲି ବନବିଭାଗ ଚଢାଉ କରି ବାର୍‌ହା ଶିକାର ଅଭିଯୋଗ ରେ ତିନିଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ହେଲେ ଅନୀଲ ଖଡ଼ିଆ (୨୭), ଭରତ ଖଡ଼ିଆ (୨୪) ଓ ଅଶ୍ୱିନୀ ଖଡ଼ିଆ (୨୦) । ସେହିପରି ବନବିଭାଗ ଘଟଣାସ୍ଥଳରୁ ବାର୍‌ହା ମୁଣ୍ଡ, ୨ଟି କଟୁରି, ବ୍ୟବହୃତ କାଠ ଗଣ୍ଡି ଇତ୍ୟାଦି ଜବତ କରିଛି । ଅନ୍ୟପକ୍ଷରେ ଆଜି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି । ପ୍ରାପ୍ତ ସୂଚନା ଅନୁସାରେ, ଗତ ତିନି ତାରିଖ ଦିନ ବେଳେ ଅଭିଯୁକ୍ତ ମାନେ ନିକ୍ତିମାଲ ଜଙ୍ଗଲରେ ବାରହା ଶିକାର କରି ତିଲେଇମାଲ ଜଙ୍ଗଲରେ ଭାଗ ବଣ୍ଟା ଏବଂ ଭୋଜି କରିଥିଲେ । ଏ ନେଇ ଗତକାଲି ବ୍ରଜରାଜନଗର ବନାଞ୍ଚଳ ଅଧିକାରୀ ରିସନା ଜାମଡ଼ାଲିଆ ବିଶ୍ୱସ୍ତ ସୂତ୍ରରୁ ଖବର ପାଇବା ପରେ ଏକ ସ୍ୱତନ୍ତ୍ର ଦଳ ଗଠନ କରି ଅଭିଯୁକ୍ତ ମାନଙ୍କ ଘରେ ଅଚାନକ ଚଢ଼ାଉ କରିଥିଲେ । ପଚରାଉଚରା କରିବାରୁ ଅଭିଯୁକ୍ତ ମାନେ ନିଜ ଦୋଷ ସ୍ୱୀକାର କରି ବନ ବିଭାଗ ଅଧିକାରୀଙ୍କୁ ମାଂସ କଟାଯାଇଥିବା ସ୍ଥାନକୁ ନେଇଥିଲେ । ସେଠାରେ ବାରହାର ମୁଣ୍ଡ ହାଡ଼, ଲୋମ, ଅନ୍ତବୁଜୁଳା ଆଦି ପଡ଼ିଥିବା ବନ ବିଭାଗ ଦେଖିବାକୁ ପାଇଥିଲା । ସେହିପରି ଜବତ ମାଂସର ଯାଞ୍ଚ ପାଇଁ ପଶୁ ଚିକିତ୍ସା ବିଭାଗ ସାହାଯ୍ୟରେ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ଲାଗି ଭୁବନେଶ୍ୱର ଓୟୁଏଟିକୁ ପଠାଯିବ ବୋଲି ସୂଚନା ମିଳିଛି । ବ୍ରଜରାଜନଗର ବନାଞ୍ଚଳ ଅଧିକାରୀ ରିସନା ଜାମଡ଼ାଲିଆଙ୍କ ନେତୃତ୍ୱରେ ଗଠିତ ଚଢ଼ାଉ ଦଳରେ ଡେପୁଟି ରେଞ୍ଜର ସୁଦେଶନା ପ୍ରଧାନ, ବ୍ରଜରାଜନଗର ଫରେଷ୍ଟର ଅଜୟ ବିଶ୍ୱାଳ, ଉଲାପ ବିଟ ଫରେଷ୍ଟର ଉପେନ୍ଦ୍ର ବେସନ, ରାଜପୁର ଫରେଷ୍ଟର ସରୋଜ ଭୋଇ, ବନ୍ଧବାହାଲ ଫରେଷ୍ଟର ଗୌରାଙ୍ଗ ସାହୁ, ବନରକ୍ଷୀ କିଶୋର କୁମାର ଷଣ୍ଢ, ସୋନମ ପଟେଲ, ରିମା ପଟେଲ, ସଂଘମିତ୍ରା ସାମଲ, ପାରା ଷ୍ଟାଫ ଯୋଗେଶ ଦେହୁରୀ, ଆଲୋକ ପ୍ରଧାନ, ହର୍ଷ ବର୍ଦ୍ଧନ ରାଉତ, ଉମେଶ ସେଠ ପ୍ରମୁଖ ସାମିଲ ଥିଲେ ।

## ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା





ବନ୍ଧୁଗାଁ (ଭାସ୍କର ନ୍ୟୁଜ୍): ବନ୍ଧୁଗାଁ ବ୍ଲକ ସଭା ଗୃହରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନେଇ ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଆୟୋଜନ ହୋଇଯାଇଛି । ଆଜିର ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ରେ ମୁଖ୍ୟ ଅତିଥି ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବେଣୁଧର ଶବର ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ମିଣିଆକା , ସିଡ଼ିପିଓ ଗୀତାଞ୍ଜଳୀ ମହାରଣା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବର୍ଦ୍ଧନ ସାହୁ ଓ ଓଡ଼ିଶା ଜୀବିକା ମିଶନର ବି ଏଲସି ଚୈତନ୍ୟ ସଗରିଆ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ବ୍ଲକର ୧୩ ଟି ପଞ୍ଚାୟତରୁ ୩୨ ଟି ଏସଏଚଜିର ୯୬ ଜଣ ମାଆ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାରେ ଭାଗ ନେଇ ଥିଲେ । ପ୍ରତିଯୋଗିତାରେ ୩୨ ଏସଏଚଜି ଭାଗ ନେଇ ପାରମ୍ପରିକ ଖାଦ୍ୟ ମଣ୍ଡିଆରେ ପ୍ରସ୍ତୁତ ଚକୁଳି ପିଠା, ପକୁଡ଼ି, ଇଡିଲି ,ଲଡ୍ଡୁ, ଦହିବରା, ବରା ପ୍ରସ୍ତୁତ କରିବା ସହ କିଛି ଏସଏଚଜି ଅନ୍ୟାନ୍ୟ ସାମଗ୍ରୀରେ ପ୍ରସ୍ତୁତ କାକରା ପିଠା, ଦୋସା, ପୁରୀ, ଆଲୁଦମ୍, ଏଣ୍ଡୁରି ପିଠା, ଆରିଶା ପିଠା , ପକୁଡ଼ି ସହ ଅନେକ ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରିଥିଲେ । ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାରେ ସରକାରଙ୍କ ତରଫରୁ ଥିବା ନିୟମ ଅନୁସାରେ ଖାଦ୍ୟ ପ୍ରସ୍ତୁତି ପରେ ଖାଦ୍ୟର ସ୍ୱାଦ, ଖାଦ୍ୟ ପରସା, ପୋଷାକ ପରିଧାନ, ପରିଚ୍ଛନ୍ନତା ପୁଣି ଖାଦ୍ୟର ପ୍ରସ୍ତୁତିର ପ୍ରଣାଳୀକୁ ବିଚାରକ ମଣ୍ଡଳୀ ମୂଲ୍ୟାୟନ କରି କୁମ୍ଭାରିପୁଟ ପଞ୍ଚାୟତର ରାଧାରାଣୀ ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କୁ ପ୍ରଥମ ଓ ବଡ଼ସରପଲ୍ଲୀ ପଞ୍ଚାୟତ ର ଜୟମା ମଙ୍ଗଳା ଏସଏଚଜି କୁ ଦ୍ୱିତୀୟ ପ୍ରତିଯୋଗୀ ଭାବେ ବିବେଚିତ ହୋଇଥିଲେ । ପ୍ରତିଯୋଗୀତାରେ ପ୍ରଥମ ଏସଏଚଜି କୁ ୫ ହଜାର ଓ ଦ୍ୱିତୀୟ ଦଳକୁ ୪ ହଜାର ଟଙ୍କା ପୁରସ୍କାର ରାଶି ଜିଲ୍ଲାସ୍ତରରେ ପ୍ରଦାନ କରାଯିବ । ଏହା ସହ ପାରମ୍ପରିକ ଖାଦ୍ୟ ପ୍ରତିଯୋଗୀତା ରେ ଭାଗ ନେଇ ଥିବା ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ ଦେଇ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ମିଶନ ଶକ୍ତିର ବିପିସି ବି କେ ପ୍ରଦୀପ କୁମାର ପରିଚାଳନା କରିଥିଲେ ।

## ବିଦ୍ୟୁତ୍ ଆଘାତରେ ଶ୍ରମିକ ମୃତ



ବୌଦ୍ଧ (ଭାସ୍କର ନ୍ୟୁଜ୍): ବୌଦ୍ଧ ସହର ସଂଲଗ୍ନ ସାନ ବୁଟୁପାଲି ଗ୍ରାମ ନିକଟରେ କାମ କରୁଥିବା ବେଳେ ଜଣେ ଶ୍ରମିକଙ୍କ ମୃତ୍ୟୁହୋଇ ଯାଇଛି । ମିଳିଥିବା ସୂଚନା ଅନୁଯାୟୀ ନିଜ ମାମୁଁ ଘର ବୌଦ୍ଧ ସହରର ସାନ ମାଳୀସାହି ଠାରେ ରହି ମାମୁଁଙ୍କ ସହ ଷ୍ଟିଲ ବାଡା କାମ କରୁଥିବା ୧୮ ବର୍ଷୟ ଯୁବକ ଓମ୍ ନାଏକ ଆଜି ସାନ ବୁଟୁପାଲି ଗ୍ରାମ ନିକଟରେ ଜନୈକ ବ୍ୟକ୍ତିଙ୍କ ଘରେ କାମ କରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବୌଦ୍ଧ ଡାକ୍ତରଖାନା ଅଣା ଯାଇଥିଲା । ଡାକ୍ତର ପରୀକ୍ଷା କରି ମୃତ ଘୋଷଣା କରିଥିଲେ । ଖବର ପାଇ ବୌଦ୍ଧ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରି ଶବାଗାରରେ ରଖିଛି । ଆସନ୍ତା କାଲି ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି ।

## ■ ପ୍ରଥମ କାର୍ଯ୍ୟକାରିଣୀ ବୈଠକ
## ପ୍ରଶାସନିକ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ କରି ଆନ୍ଦୋଳନ ଚେତାବନୀ



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ତା ୦୫/୦୬ ବିଜୁ ଜନତା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟରେ ସମସ୍ତ ବ୍ଲକ ସଭାପତି ଚୟନ କରାଯାଇଛି । ସେହିପରି ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ବିଜେଡି ବ୍ଲକ ସଭାପତି ଭାବରେ ସଦାଶିବ ପୂଜାରୀଙ୍କୁ ଦଳର ସୁପ୍ରିମୋ ଦାୟିତ୍ୱ ଦେଇଛନ୍ତି । ଶ୍ରୀ ପୂଜାରୀଙ୍କ ନେତୃତ୍ୱରେ ଦଳର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ମାଥିଲି ପଞ୍ଚାୟତ ସଭା ଗୃହ ଠାରେ ଅନୁଷ୍ଠିତ ହୋଇ ଥିଲା । ବିଜୁ ଜନତା ଦଳର ସୁପ୍ରିମୋଙ୍କ ନିର୍ଦ୍ଦେଶ କ୍ରମେ କିପରି ଦଳକୁ ତୃଣମୂଳ ସ୍ତରରୁ ଆହୁରି ମଜବୁତ କରିବା ସହିତ ବର୍ତ୍ତମାନ ବିଜେପି ସରକାର ଆସିବା ପରେ ପ୍ରଶାସନିକ ସ୍ତରରେ କର୍ମୀ ଠାରୁ ଆରମ୍ଭ କରି ପଦାଧିକାରୀ ମାନଙ୍କୁ ମଧ ଅବହେଳା କରିବାର ନଜିର ଅଛି । ଏହାର ଉଦାହରଣ ସ୍ୱରୂପ ମାଥିଲି ଠାରେ ଉତ୍କଳମଣି ଗୋପବନ୍ଧୁ ଡିଗ୍ରୀ ମହାବିଦ୍ୟାଳୟ ରେ ପରିଚାଳନା କମିଟି ଗଠନ ହୋଇଛି ।କିନ୍ତୁ ସେହି କମିଟିରେ ରାଜନୈତିକ ଉଦ୍ଦେଶ୍ୟ ରଖି ଶାସକ ଦଳର ପ୍ରତିନିଧି ମାନେ ସଦସ୍ୟ ଓ ପଦାଧିକାରୀ ଚୟନ କରାଯାଇଛି । କିନ୍ତୁ ସେହି କମିଟିରେ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ/ସଭ୍ୟା କିମ୍ବା ଜିଲ୍ଲା ପରିଷଦ ର ସଭ୍ୟ/ସଭ୍ୟା ମାନେ ନ ରହିବା ଚିନ୍ତାର ବିଷୟ ପାଲଟିଛି । ସେହିପରି ଆମ ଗାଁ ଆମ ବିକାଶ ଯୋଜନାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଯେଉଁ କାର୍ଯ୍ୟ ମଞ୍ଜୁର ହୋଇଛି ତାହାକୁ ଦଳୀୟ ଭିତ୍ତିରେ କାର୍ଯ୍ୟ ବଣ୍ଟନକୁ ବିଜେଡି ର ସମସ୍ତ ସରପଞ୍ଚ, ସମିତି ସଭ୍ୟ/ସଭ୍ୟା ଓ ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟା ମାନେ ଏକତ୍ରିତ ହୋଇ ଏହାର ଘୋର ବିରୋଧ କରାଯାଇଛି । ଏମିତି କି ପୂର୍ବ ସରକାର ଥିବା ସମୟରେ କାର୍ଯ୍ୟ ଗୁଡ଼ିକର ବିଲ କରୁ ନାହାନ୍ତି ବିଭାଗୀୟ ଅଧିକାରୀ ମାନେ । ଏହାର ତୁରନ୍ତ ସମାଧାନ ନ କରାଯାଏ ତାହେଲେ ଆଗାମୀ ଦିନରେ ଜନ ଆନ୍ଦୋଳନ କରାଯିବ ବୋଲି ବିଜୁ ଜନତା ଦଳ ବ୍ଲକ ସଭାପତି ଚେତାବନୀ ଦେଇଛନ୍ତି । ଏହି ବୈଠକରେ ସରପଞ୍ଚ ବ୍ଲକ ସଭାପତି କାନାମ ରାଜୁ ନାୟକ , ମାଥିଲି ବ୍ଲକ ଜିଲ୍ଲା ପରିଷଦ ଜୋନ-୧ ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ,ମାଥିଲି ବ୍ଲକ ଜିଲ୍ଲା ପରିଷଦ ଜୋନ-୨ ସଭ୍ୟ ହୀରଣ୍ୟ ମୁଦୁଲି, ମାଥିଲି ବ୍ଲକ ଜିଲ୍ଲା ପରିଷଦ ଜୋନ-୩ ସଭ୍ୟା ସସ୍ମିତା ମାଝୀ, ମେକ୍ସା ସରପଞ୍ଚ ରଞ୍ଜିତା ପୂଜାରୀ, କାର୍ତ୍ତନପାଲ୍ଲୀ ପଞ୍ଚାୟତ ପୂର୍ବତନ ସରପଞ୍ଚ ଗୋପୀ ନାୟକଙ୍କ ସମେତ ବହୁ ବରିଷ୍ଠ କର୍ମୀମାନେ ଉପସ୍ଥିତ ଥିବାବେଳେ ବହୁ ଜନ ସମାଗମ ହୋଇଥିଲା ।

## ନିର୍ମାଣାଧିନ ସିଡ଼ି ଘରର କାନ୍ଥ ଭୁଶୁଡ଼ି ସ୍ୱାମୀ-ସ୍ତ୍ରୀ ଗୁରୁତର



ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ଥାନା ବଘିଆପଡା ଗ୍ରାମରେ ନିର୍ମାଣାଧୀନ ସିଡ଼ି ଘରର କାନ୍ଥ ଭୁଶୁଡ଼ି ପଡିବା ଫଳରେ ସ୍ୱାମୀ ସ୍ତ୍ରୀ ଗୁରୁତର ଆହତ ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ବଘିଆପଡା ଗ୍ରାମର ସନତ ପ୍ରଧାନ ଓ ତାଙ୍କ ପତ୍ନୀ ମଞ୍ଜୁଲତା ପ୍ରଧାନ ନିଜ ନିର୍ମାଣାଧିନ ଘରର ସିଡ଼ି କାନ୍ଥରେ ପାଣି ଦେଉଥିବା ବେଳେ ଗତକାଲି ଇଟା ଜୋଡ଼ା ଯାଇଥିବା କାନ୍ଥ ଭୁଶୁଡ଼ି ପଡିଥିଲା । ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ଉପରେ ଇଟା କାନ୍ଥ ଭୁଶୁଡ଼ି ପଡିବା ଫଳରେ ଉଭୟେ ଗୁରୁତର ଆହତ ହୋଇଥିଲେ । ପରିବାର ଓ ଗ୍ରାମବାସୀ ଉଭୟଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଡାକ୍ତର ଖାନାରେ ଭର୍ତ୍ତି କରିଛନ୍ତି । ମଞ୍ଜୁଲତାଙ୍କ ଗୋଡ ଭାଙ୍ଗି ଯାଇଥିବା ବେଳେ ସନତ ମଧ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି ।

## କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ବାର୍ଷିକ ଶିକ୍ଷକ ତାଲିମ ଶିବିର ଉଦ୍‌ଘାଟିତ




ବରଗଡ(ଭାସ୍କର ନ୍ୟୁଜ୍): ବରଗଡ଼ ସ୍ଥିତ କ୍ରୀଷ୍ଣା ବିକାଶ ଗ୍ରୁପ୍‌ରେ ଆଜି ଶିକ୍ଷକ ତାଲିମ ଶିବିର 'ଗୁରୁକୁଳ-୨୦୨୫' ଉଦ୍‌ଘାଟିତ ହୋଇଯାଇଛି । ଏହି ତାଲିମ ଶିବିରଟି ଦୁଇ ଦିନ ଧରି ବରାହଗୁଡ଼ାସ୍ଥିତ କ୍ରୀଷ୍ଣା ବିକାଶ ଅଡିଟୋରିୟମ୍ ଠାରେ ଅନୁଷ୍ଠିତ ହେବ । ଏହି ତାଲିମ ଶିବିରରେ କ୍ରୀଷ୍ଣା ବିକାଶ ଅନ୍ତର୍ଗତ ବିକାଶ ଆବାସିକ ବିଦ୍ୟାଳୟ (ସିନିୟର ସେକେଣ୍ଡାରୀ) ଏବଂ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୦୦ରୁ ଉର୍ଦ୍ଧ୍ୱ ଶିକ୍ଷକ-ଶିକ୍ଷୟିତ୍ରୀ ଯୋଗଦାନ କରିଛନ୍ତି । ଏହି ଶିକ୍ଷକ ତାଲିମ ଶିବିରରେ ସର୍ବଭାରତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା ପ୍ରଶିକ୍ଷକମାନେ ଯଥା- ଶ୍ରୀ ଟି. ସାଇନାଥ (ଗଣିତ ବିଶାରଦ ଆଇ.ଆଇ.ଟି., ଧାନବାଦ), ଶ୍ରୀ ଶ୍ରୀନିବାସ ରାଓ (ରସାୟନ ବିଜ୍ଞାନ ବିଶାରଦ, ନାରାୟଣ ଇନ୍‌ଷ୍ଟିଚ୍ୟୁଟ୍, ମାଧୋପୁର, ହାଇଦ୍ରାବାଦ), ଶ୍ରୀ ମନୋଜ ଝା (ପଦାର୍ଥ ବିଜ୍ଞାନ ବିଶାରଦ, ଭିଲାଇ) ଓ ଶ୍ରୀ ଦିଲ୍ଲିପ ତିୱାରୀ (ରସାୟନ ବିଜ୍ଞାନ ବିଶାରଦ, ଭିଲାଇ) ପ୍ରମୁଖ ଯୋଗଦେଇ ଶିକ୍ଷାଦାନ ପ୍ରଣାଳୀରେ ପରିବର୍ତ୍ତନଶୀଳତା ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ । ଭାରତର ଚାରିଜଣ ସୁନାମଧନ୍ୟ ଲେଖକ ଏବଂ ବିଶାରଦ ବିକାଶ ଗୁପ୍ତା (ଗଣିତ), ଅନୁରାଗ ମିଶ୍ର (ପଦାର୍ଥ ବିଜ୍ଞାନ), ସଦାବ ଅନସାରୀ (ବାୟୋଲୋଜି), ଡ.ରିତେଶ ପାଣ୍ଡେ (ରସାୟନ ବିଜ୍ଞାନ) ପ୍ରମୁଖ ଭର୍ଚୁଆଲ୍ ସେସନ ମାଧ୍ୟମରେ ଯୋଗଦାନ କରି ଚାରୋଟି ବିଷୟରେ ପ୍ରବେଶିକା ପରୀକ୍ଷା ମାନଙ୍କରେ ଛାତ୍ରଛାତ୍ରୀମାନେ ଶୀର୍ଷ ସ୍ଥାନରେ ପହଂଚିବା ପାଇଁ ଉନ୍ନତମାନର ଶିକ୍ଷାଦାନ ପ୍ରଣାଳୀ ଉପରେ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ । କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡ. ସମରେନ୍ଦ୍ର ନାଥ ପଣ୍ଡା ଶିବିରର ପ୍ରଥମ ଦିବସରେ ତିନୋଟି ପର୍ଯ୍ୟାୟରୁ ଦୁଇଟି ପର୍ଯ୍ୟାୟରେ ଇଣ୍ଟିଗ୍ରେଟେଡ୍ ଏକାଡେମିକ୍ସ ପ୍ରୋଗ୍ରାମ୍ (ଆଇ.ଏ.ପି.) ଏବଂ ଗୋଟିଏ ପର୍ଯ୍ୟାୟରେ ସିୟୁଇଟି ଓ ଅନ୍ୟାନ୍ୟ ପ୍ରବେଶିକା ପରୀକ୍ଷା ଉପରେ ତାଲିମ ପ୍ରଦାନ କରିଥିଲେ । ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ବୋର୍ଡ୍‌ର ପ୍ରଶ୍ନପତ୍ର ବ୍ଲୁମ୍ ଟେକ୍‌ସୋନୋମି ସହିତ ବିଶ୍ଳେଷଣ କରି ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ବ୍ଲୁମ୍ ଟେକ୍‌ସୋନୋମିର ବିଭିନ୍ନ ଦିଗ ଏବଂ ନ୍ୟୁ ଏଜୁକେସନ୍ ପଲିସି (ଏନ.ଇ.ପି) ଉପରେ ତାଲିମ ପ୍ରଦାନ କରିଥିଲେ । ବରଗଡ଼ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ବିକାଶ ଆବାସିକ ବିଦ୍ୟାଳୟ (ସିନିୟର ସେକେଣ୍ଡେରି)ର ଅଧ୍ୟକ୍ଷ ଚିତରଞ୍ଜନ ପତି ଅତିଥିଗଣଙ୍କ ବିଷୟରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ଏଚ୍.ଆର୍. ହେଡ୍ ଅଶ୍ୱିନୀ ନାୟକଙ୍କ ତତ୍ତ୍ୱାବଧାନରେ ଉଦ୍‌ଘାଟନୀ ଉତ୍ସବର ପ୍ରଥମ ଦିନର ତାଲିମ ଶିବିର ସଂପାଦିତ ହୋଇଥିଲା । ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ଶ୍ରୀ ପ୍ରଦୀପ କୁମାର ସାହୁ, ଏଚଆର୍ ମ୍ୟାନେଜର୍ କିରନ୍ କୁମାର୍ ଆଚାର୍ଯ୍ୟ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏଡ୍‌ମିନିଷ୍ଟ୍ରେଟିଭ୍ ଅଫିସର୍ ଶ୍ରୀ ଏସ୍.କାନ୍ତା ରାଓ ପ୍ରମୁଖ କାର୍ଯ୍ୟକ୍ରମରେ ସଂଯୋଜନା ଦାୟିତ୍ୱ ତୁଲାଇଥିଲେ । କ୍ରିଷ୍ଣା ବିକାଶ ଗ୍ରୁପର ଚେୟାରମେନ୍ ଦାଶରୀ ମୂରଲୀ କ୍ରିଷ୍ଣା, ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ କାର୍ଯ୍ୟକ୍ରମର କୋର୍ କମିଟୀର ସଦସ୍ୟମାନଙ୍କୁ କାର୍ଯ୍ୟକ୍ରମର ସଫଳ ରୂପାୟନ ଦେବାପାଇଁ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ଉଦ୍‌ଘାଟନୀ ସମାରୋହରେ ବିକାଶ ଫାଷ୍ଟ୍‌ଷ୍ଟେପ୍‌ର ଅଧ୍ୟକ୍ଷା ପୁଷ୍ପଲତା ମହାପାତ୍ର ଓ ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ (ଏକାଡେମିକ୍ସ) ଡ.ମନୋଜ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

## ରବି ଧାନ କ୍ରୟକେନ୍ଦ୍ର ଶୁଭାରମ୍ଭ



ବୌଦ୍ଧ (ଭାସ୍କର ନ୍ୟୁଜ୍): ବୌଦ୍ଧ ପାକ୍ସ ପକ୍ଷରୁ ମାଉଲସିଙ୍ଗା ହାଇସ୍କୁଲ ପଡିଆ ନିକଟରେ ରବି ଧାନକ୍ରୟ କେନ୍ଦ୍ରର ଶୁଭାରମ୍ଭ ହୋଇ ଯାଇଛି । ପାରମ୍ପରିକ ପୂଜାର୍ଚ୍ଚନା କରାଯିବା ପରେ ବୌଦ୍ଧ ପାକ୍ସ ସଭାପତି ସତ୍ୟଜିତ କୁମାର ପଣ୍ଡା ରବି ଧାନ କ୍ରୟ କେନ୍ଦ୍ରର ଶୁଭାରମ୍ଭ କରିଥିଲେ । ଧାନ କ୍ରୟ କେନ୍ଦ୍ରର ଶୁଭାରମ୍ଭ ସମୟରେ ନୋଡାଲ ଅଫିସର୍ ସତ୍ୟବ୍ରତ ମେହେର, ସମ୍ପାଦକ ସତ୍ୟଜିତ କର, ପରିଚାଳନା କମିଟି ସମସ୍ୟ ଚିତ୍ତ ରଞ୍ଜନ ଦନାୟକ, ଡିଇ ଓ ସୁରେନ୍ଦ୍ର ମେହେର, ନିୟନ୍ତ୍ରିତ ବଜାର କମିଟି ପ୍ରତିନିଧି, ମିଲର ପ୍ରତିନିଧି ଓ ଚାଷୀମାନେ ଉପସ୍ଥିତ ଥିଲେ । ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଧାନ ବିକ୍ରୟ ପାଇଁ ଟୋକନ ପାଇଥିବା ବୌଦ୍ଧ ଏନଏସି ଅନ୍ତର୍ଗତ ରବି ଧାନ ଚାଷୀମାନେ ଧାନ ବିକ୍ରୟ ପାଇଁ ମଣ୍ଡିକୁ ଧାନ ଆଣିଥିବା ଚାଷୀ ମାନଙ୍କ ଠାରୁ ଧାନ କ୍ରୟ ଆରମ୍ଭ ହୋଇଛି ।



ବୌଦ୍ଧ (ଭାସ୍କର ନ୍ୟୁଜ) : ବୌଦ୍ଧ ବ୍ଲକ୍ ଅନ୍ତର୍ଗତ ମୁଣ୍ଡାପଡା ଗ୍ରାମ ପଞ୍ଚାୟତ ର କଲ୍ୟାଣ ମଣ୍ଡପ ଠାରେ ବ୍ଲକ୍ ସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ସହିତ ଅନୁବନ୍ଧିତ ମିଶନ ଶକ୍ତି ବିଭାଗ ଦ୍ୱାରା ଏଭଳି ଏକ ପାରମ୍ପରିକ ପ୍ରତିଯୋଗିତା ମାଧ୍ୟମରେ ବିଭିନ୍ନ ଗ୍ରାମ ପଞ୍ଚାୟତ ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ ରୁ ଆସିଥିବା ୧୯ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀର ମାଆ ମାନଙ୍କୁ ନେଇ ବିଭିନ୍ନ ପାରମ୍ପରିକ ଖାଦ୍ୟ ସଂସ୍କୃତିକୁ ଏକ ନିଆରା ଢଙ୍ଗରେ ପ୍ରୋତ୍ସାହିତ କରିବାର ପ୍ରୟାସକୁ ଭୂରି ପ୍ରଶଂସା କରାଯାଇ କାର୍ଯ୍ୟକ୍ରମ କୁ ଆଗେଇ ନିଆଯାଇଥିଲା। ପାରମ୍ପରିକ ରୀତିରେ ପୂଜା ପର୍ବାଣୀରେ କରାଯାଉଥିବା ପିଠା ପଣା ଭଳି ପରିଷ୍କାର ପରିଚ୍ଛନ୍ନତା ସହିତ ପୋଷକ ତତ୍ତ୍ୱ ର ଆବଶ୍ୟକତା କୁ ଆଖି ଆଗରେ ରଖି ବିଭିନ୍ନ ପ୍ରକାରର ସୁସ୍ୱାଦୁ ପିଠା,ମିଠା ଏବଂ ଜଳଖିଆ ଇତ୍ୟାଦି ମାଆ ମାନେ ପ୍ରସ୍ତୁତ କରି ଏହି କାର୍ଯ୍ୟକ୍ରମ ରେ ପ୍ରଦର୍ଶନ କରିଥିଲେ। ନିଜର ଅନ୍ତର୍ନିହିତ ଗୁଣ କୁ ବ୍ୟବହାରିକ ଉପାୟରେ ପ୍ରକାଶ କରାଇ ବିଭିନ୍ନ ଖାଦ୍ୟ ଉଦ୍ୟୋଗ ମାଧ୍ୟମରେ ମାଆ ମାନଙ୍କୁ ଲକ୍ଷ ପତି ଦିଦି ଭାବରେ ପରିଚିତ କରାଇବାକୁ ସରକାରଙ୍କର ଏହା ଏକ ବଳିଷ୍ଠ ପଦକ୍ଷେପ। ମୁଖ୍ୟ ଅତିଥି ଭାବେ ବିଧାୟକ ତଥା ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଏବଂ ବିଧାୟକ, କନ୍ଧମାଳ କହ୍ନେଇ ଚରଣ ଡାଙ୍ଗ ଏବଂ ପଞ୍ଚାୟତ ସମିତି, ବୌଦ୍ଧର ଅଧକ୍ଷ ପ୍ରତ୍ୟୁଷ ପ୍ରିୟଦର୍ଶୀ ରଥ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବୌଦ୍ଧ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବୌଦ୍ଧ, ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ, ବୌଦ୍ଧ, ମହିଳା ମହାବିଦ୍ୟାଳୟ, ବୋ ?ଦ୍ଧ ର ଗୃହ ବିଜ୍ଞାନ ଅଧ୍ୟାପିକାଙ୍କ ସମେତ ବ୍ଲକ୍, ମିଶନ ଶକ୍ତି ଅଧିକାରୀ ମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



### ଆହୁରି ୫ଦିନ ଅସହ୍ୟ ଗୁଳୁଗୁଳି

# ଉପକୂଳରେ କଲବଲ କରିବ ତାତି

ଭୁବନେଶ୍ୱର, (ଭାସ୍କର ନ୍ୟୁଜ) : ବଡ ବର୍ଷା ନାହିଁ। କାଁ ଭାଁ ଅଳ୍ପ ବର୍ଷା ହେବ। ତେବେ ବିଜୁଳି ଓ ଘଡଘଡି ଆଶଙ୍କା ବେଶୀ ରହିବ। ଅନ୍ୟପକ୍ଷରେ ଉପକୂଳ ଓ ଏହାର ସଂଲଗ୍ନ ଜିଲ୍ଲାଗୁଡିକରେ ବର୍ତ୍ତମାନ ଜାରୀ ରହିବ ଗରମ ଓ ଗୁଳୁଗୁଳିର ପ୍ରକୋପ। ଆସନ୍ତା ୫ଦିନ ଏମିତି ଛଟପଟ କରାଇବ ଗୁଳୁଗୁଳି ଯନ୍ତ୍ରଣା। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରପଡା, କଟକ, ଜଗତ୍ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ ଏବଂ ଗଜପତି



ଜିଲ୍ଲାରେ ଗରମ ଓ ଗୁଳୁଗୁଳି ପ୍ରକୋପ ଜାରୀ ରହିବ। ଦକ୍ଷିଣ ଓଡ଼ିଶାରେ କାଁ ଭାଁ ବର୍ଷାର ସମ୍ଭାବନା ରହିଥିବା ବେଳେ ଉପକୂଳରେ ପ୍ରବଳ ଗୁଳୁଗୁଳି ଅନୁଭୂତ ହେବ। ୧୦ତାରିଖ ପର୍ଯ୍ୟନ୍ତ ଏଭଳି ପାଗ ରହିବ ବୋଲି ବିଭାଗ ସୂଚନା ଦେଇଛି। ୧୧ ଓ ୧୨ତାରିଖରେ ଗୁଳୁଗୁଳି ପ୍ରକୋପ କମିବ। ମାତ୍ର ବର୍ଷାର ସମ୍ଭାବନା ବିଶେଷ ନାହିଁ। ତା'ପରେ ପାଗରେ ସାମାନ୍ୟ ପରିବର୍ତ୍ତନ ଘଟିବା ପରେ ବିଭାଗ ସୂଚନା ଦେଇଛି। ପ୍ରବଳ ଗରମ ଯୋଗୁଁ ଓଡ଼ିଶାର କାଶ୍ମୀରଭାବେ ପରିଚିତ ଦାରିଙ୍ଗିବାଡି ମଧ୍ୟ ପ୍ରବଳ ଗରମରେ ସିଝୁଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରଭାବରେ ସେଠାରେ ସ୍ଥିତି ଅସମ୍ଭାଳ ହୋଇପଡିଛି। ସକାଳ ୮ଟାରୁ ଖରାର ପ୍ରଭାବ ଯୋଗୁଁ ଜରୁରୀ କାର୍ଯ୍ୟ ନଥିଲେ ଲୋକେ ଘରୁ ଗୋଡ କାଢୁନାହାନ୍ତି। ଶନିବାର ମଧ୍ୟାହ୍ନରେ ତାରିଙ୍ଗିବାଡିର ତାପମାତ୍ରା ୩୪ଡିଗ୍ରୀ ରହିଥିଲେ ମଧ୍ୟ ପ୍ରବଳ ଗୁଳୁଗୁଳିରେ ଲୋକେ ତ୍ରାହିତ୍ରାହି ଡାକ ଛାଡୁଛନ୍ତି। ପ୍ରଚଣ୍ଡ ଖରା ଓ ଗରମ ଯୋଗୁଁ ଦୋକାନ, ବଜାର, ରାସ୍ତାଘାଟ ଶୂନଶାନ ହୋଇଯାଉଛି। କୂଅ ଓ ପୋଖରୀର ଜଳସ୍ତର କମିବାରେ ଲାଗିଛି। ଗରମ ଏମିତି ହେଉଛି ଯେ, ଦାରିଙ୍ଗିବାଡିକୁ ଆସୁଥିବା ପର୍ଯ୍ୟଟକ ନିରାଶ ହେଉଛନ୍ତି।

## ରଥ ଉପକରଣ ବିକ୍ରି ପାଇଁ ନୂଆ ଏସ୍ଓପି

ପୁରୀ (ଭାସ୍କର ନ୍ୟୁଜ) : ରଥ ଉପକରଣ ବିକ୍ରି ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆସିଲା ନୂଆ ଏସ୍ଓପି । ଉଚ୍ଚା ଦର ଯୋଗୁ ବିକ୍ରି ହୋଇନପାରି ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ଖତ ଖାଉଛି ଗତ ବର୍ଷ ମାନଙ୍କରେ ବ୍ୟବହୃତ ରଥର ଚକ, ପ୍ରଭା ସମେତ ବିଭିନ୍ନ ଉପକରଣ । ସେପଟେ ୨୦୨୫ ରଥ ଉପକରଣ ବିକ୍ରି ନିମନ୍ତେ ନୂଆ ଏସ୍ଓପି ଜାରି କରିଛି ଶ୍ରୀମନ୍ଦିର ପ୍ରଶାସନ। ଏଥିସହ ନୂଆ ଦର ମଧ୍ୟ ନିର୍ଦ୍ଧାରଣ ହୋଇଛି । ବଡ଼ ଠାକୁରଙ୍କ ତାଳଧ୍ୱଜ ରଥର ଚକ ପିଛା ଦାମ୍ ୨ ଲକ୍ଷ ଟଙ୍କା, ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଚକ ପିଛା ଦାମ୍ ଦେଢ଼ ଲକ୍ଷ ଟଙ୍କା, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଚକ ଦାମ୍ ୩ ଲକ୍ଷ ଟଙ୍କା ରଖାଯାଇଛି। ସେହିପରି ଗୁଜ ଓ ଅଂଶୁଆରୀ ଗୋଟା ପିଛା ଦାମ୍ ୧୫ ହଜାର ଟଙ୍କା ରହିଛି । ପ୍ରଭା ପିଛ ଦାମ୍ ୨୫ ହଜାର ଟଙ୍କା ରହିଛି । ତେବେ ପ୍ରତ୍ୟେକ ରଥର ଗୋଟାଏ ଲେଖାଏଁ ଚକ କିଣିଲେ ଦାମ୍ ୬ ଲକ୍ଷ ଟଙ୍କା ସ୍ଥିର କରାଯାଇଛି । ଆବେଦନକାରୀ ନିର୍ଦ୍ଧାରିତ ଫି' ଦେଇ ଆବେଦନ କରିବା ପରେ ଏହା ଉପରେ ବିଚାର କରି ଶ୍ରୀମନ୍ଦିର ପ୍ରଶାସନ ପଦକ୍ଷେପ ନେବ ବୋଲି ଶ୍ରୀମନ୍ଦିର ନୀତି ପ୍ରଶାସକ ସୂଚନା ଦେଇଛନ୍ତି । ଆବେଦନର ଶେଷ ତାରିଖ ଆସନ୍ତା ସେପ୍ଟେମ୍ବର ୧୫ ତାରିଖ ରହିଛି।

### ସୁବର୍ଣ୍ଣପୁର ଗସ୍ତରେ ମୁଖ୍ୟମନ୍ତ୍ରୀ

# ୩୨୩ କୋଟିର ପ୍ରକଳ୍ପ ଭେଟି ଦେଲେ

ଭୁବନେଶ୍ୱର/ସୋନପୁର (ଭାସ୍କର ନ୍ୟୁଜ) ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତରେ ଯାଇ ଜିଲ୍ଲାରେ ୩୨୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପ୍ରକଳ୍ପ ମୂଲ୍ୟର ୫୬ଟି ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ୮୦ କୋଟି ଟଙ୍କା ମୂଲ୍ୟର ୧୧ଟି ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି ଏବଂ ୨୪୪ କୋଟି ଟଙ୍କା ମୂଲ୍ୟର ୪୫ ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି । ଏହିସବୁ ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ମୁଖ୍ୟତଃ ସଡ଼କ ନିର୍ମାଣ, ଜଳସେଚନ, ସେତୁନିର୍ମାଣ, ସ୍ୱାସ୍ଥ୍ୟ ସେବା ପ୍ରକଳ୍ପ, ମେଗା ଲିଫ୍ଟ ପ୍ରୋଜେକ୍ଟ ଏବଂ ହଷ୍ଟେଲ ଇତ୍ୟାଦି ରହିଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ସୁବର୍ଣ୍ଣପୁର ଜିଲ୍ଲାରେ ମହାନଦୀ ଉପରେ ଗୋଧନେଶ୍ୱର ଓ ଖଇରମାଳ (ବୀରମହାରାଜପୁର ବ୍ଲକ) ସହିତ ଉଲୁଣ୍ଡାର ହରିହର ଜୋର ଏବଂ ବୀରମହାରାଜପୁରର ସୁରୁବାଲି ଠାରେ ୪ଟି ନଦୀଗର୍ଭ ଜଳାଶୟ ନିର୍ମାଣ କରାଯିବ ବୋଲି ଘୋଷଣା କରିଥିଲେ। ଉପସ୍ଥିତ ସୁବର୍ଣ୍ଣପୁରବାସୀଙ୍କୁ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାର ରାଜନୈତିକ ଓ ସାଂସ୍କୃତିକ ମାନଚିତ୍ରରେ ସୁବର୍ଣ୍ଣପୁର ଅଞ୍ଚଳ ପୁରାତନ କାଳରୁ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଏହି ଜିଲ୍ଲା ହେଉଛି ପ୍ରାଚୀନ ଐତିହ୍ୟ, ଧାର୍ମିକ ଭାବନା, ଆଧ୍ୟାତ୍ମିକ ଚିନ୍ତାଧାରା ଓ ଲୋକସଂସ୍କୃତିର ଗୌରବମୟ ପ୍ରତୀକ । ସନ୍ଥକବି ଭୀମଭୋଇଙ୍କର ଶିକ୍ଷା, ଦୀକ୍ଷା ତଥା ସାଧନାର କ୍ଷେତ୍ର। ଜିଲ୍ଲାର ଆକର୍ଷଣୀୟ ବୟନ ଶିଳ୍ପ ଏବଂ ହସ୍ତଶିଳ୍ପ ଓଡ଼ିଶାକୁ ଗୌରବାନ୍ୱିତ କରିଛି । ଜିଲ୍ଲାର ବିକାଶ ପାଇଁ କୌଣସି ପ୍ରତିବନ୍ଧକ ରହିବନାହିଁ । ସୁବର୍ଣ୍ଣପୁର ଜିଲ୍ଲାରେ ପ୍ରବାହିତ ହେଉଥିବା ନଦୀଗୁଡ଼ିକୁ ଆପଣମାନଙ୍କ କାମରେ



ଲଗାଯିବ। ସୁବର୍ଣ୍ଣପୁରକୁ ଓଡ଼ିଶାର ଏକ ନମ୍ବର ଜିଲ୍ଲାରେ ପରିଣତ କରିବା ପାଇଁ ସମସ୍ତେ ମିଳିମିଶି କାମ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଯୋଜନାର ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ଓ ସହାୟତା ବଣ୍ଟନ କରିଥିଲେ । ବଲାଙ୍ଗୀର ସାଂସଦ ଶ୍ରୀମତୀ ସଙ୍ଗୀତା କୁମାରୀ ସିଂହଦେଓ କହିଥିଲେ ଯେ, ମାନନୀୟ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଓଡ଼ିଶାରେ ବିକାଶର ନୂଆ ପର୍ବ ଆରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଓଡ଼ିଶାରେ ରାଜପଥ ଓ ରେଳପଥର ବିକାଶ ପାଇଁ ସମସ୍ତ ସହଯୋଗ ପ୍ରଦାନ କରାଯାଇଛି । ରାଜ୍ୟର ପ୍ରଗତି ଓ ବିକାଶ ପାଇଁ ସମସ୍ତେ ଏକଜୁଟ୍ ହୋଇ କାମ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ । ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ, କଣ୍ଟାମାଳ ବିଧାୟକ କହ୍ନେଇ ଡାଙ୍ଗ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା ସ୍ୱାଗତ ଭାଷଣ ଦେଇଥିଲେ। ଜିଲ୍ଲାପାଳ ଅନ୍ୟା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଏଫ୍ଏଫ୍ସିର 'ବିଶ୍ୱ ତମାଖୁ ବର୍ଜନ ଦିବସ'



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ୱାକରସ୍ ଇଣ୍ଟରନେସନାଲ୍ ସହ ଅନୁବନ୍ଧିତ ଫନ ଆଣ୍ଡ ଫିଟ୍‌ନେସ୍ ୱାକର୍ସ କ୍ଲବ, ଭୁବନେଶ୍ୱର ଚଳିତ ବର୍ଷ 'ବିଶ୍ୱ ତମାଖୁ ବର୍ଜନ ଦିବସ' ୱାକରସ୍ ଇଣ୍ଟରନେସନାଲ୍ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ମୁକ୍ତିକାନ୍ତ ଅଗଷ୍ଟିଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଯାଇଛି। ଏହି ଅବସରରେ ସମ୍ମାନୀୟ ଅତିଥି ଭାବେ ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ତଥା ପୂର୍ବତନ ସ୍ୱାସ୍ଥ୍ୟ ନର୍ଦ୍ଦେଶକ ଡ. ଶଶିକାନ୍ତ ମିଶ୍ର ଯୋଗଦେଇ ବିଶ୍ୱରେ ତମାଖୁ ସେବନ ଯୋଗୁ ୮ ମିଲିଅନରୁ ଉର୍ଦ୍ଧ୍ୱ ଲୋକ କ୍ୟାନସର ଆଦି ଭୟଙ୍କର ରୋଗରେ ଚିକିତ୍ସିତ ହୋଇ ପ୍ରତ୍ୟକ ବର୍ଷ ମୃତ୍ୟୁବରଣ କରୁଛନ୍ତି। ତମାଖୁ ସେବନ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରି ମଣିଷକୁ ଧିରେ ଧିରେ ଗ୍ରାସ କରିବାକୁ ଯାଉଛି। ଏହାର ଏକମାତ୍ର ଉପାୟ ହେଉଛି ତମାଖୁ ଓ ନିଶାଦ୍ରବ୍ୟ ବର୍ଜନ ପାଇଁ ସମାଜରେ ବ୍ୟାପକ ଜନସଚେତନତା ଓ ଜୀବନ ଶୈଳୀରେ ପରିବର୍ତ୍ତନ। ଧୂମପାନ ଓ ନିଶା ପାନୀୟ ସେବନର ବର୍ଜନ ତମାଖୁ ଜନିତ ଦ୍ରବ୍ୟ ଉପତ୍ପାଦନ ଓ ବିକ୍ରିର ଅପକୌଶଳକୁ ବର୍ଜନ କରିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଚଳିତ ବର୍ଷର ଲକ୍ଷ ଯାହାକି ପାଳନ ପାଇଁ ସମସ୍ତେ ବଜ୍ର ଶପଥ ନେବା ଉଚିତ୍ ବୋଲି ସମୂହ ମତ ପ୍ରକାଶ ପାଇଛି। ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ୱାକରସ୍ ଇଣ୍ଟରନେସନାଲ୍ ଜୋନ ଚେୟାରପର୍ସନ କେଦାର ପଟ୍ଟନାୟକ, ଏଫ୍ଏଫ୍ସି ର ସଭାପତି ଆଶିଷ ପଟ୍ଟନାୟକ, ଭବାନୀ ପଟ୍ଟନାୟକ, ଭାଇସ ପ୍ରେସିଡେଣ୍ଟ ପ୍ରଦୀପ ପଣ୍ଡା, ଜଲି ୱାକର ସୁରେନ୍ଦ୍ର ନାଥ ସେଠୀ, ବୈଷ୍ଣବ ଓଝା, ସିଦ୍ଧାର୍ଥ ଚୌଧୁରୀ, ବାବୁରାମ ସେଠୀ, ସତ୍ୟବ୍ରତ କାଳିଆ, ଡ଼ଃ ରଂଗାଧର ସାହୁ, ପ୍ରଫୁଲ୍ଲ ଲେଙ୍କା, ସହ ସମ୍ପାଦକ ସୌଭାଗ୍ୟ ନାୟକ, ମୁନିରାମ ମୁଣ୍ଡାରୀ, ଇ. ଶଚ୍ଚିଦାନନ୍ଦ ବେହେରା, ଇ. ସୁକୁମାର ପରିଡା, ଅରବିନ୍ଦ ମହାପାତ୍ର, ସୁମିତ୍ରା ବେହେରା, ପ୍ରତାପ ରାଉତରାୟ, ପ୍ରଦିପ ମହାନ୍ତି, କ୍ରିଷ୍ଣା ନାୟକ ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତରେ ପାଳନ ହୋଇଛି ବୋଲି ଏଫ୍ଏଫ୍ସିର ସମ୍ପାଦକ ସୁଧାକର ସଡ଼ଙ୍ଗୀ ଜଣାଇଛନ୍ତି।

## ସରଣ୍ଡା ଜଙ୍ଗଲରୁ ୧କ୍ୱିଣ୍ଟାଲ ବିସ୍ଫୋରକ ଜବତ

ରାଉରକେଲା, (ଭାସ୍କର ନ୍ୟୁଜ୍) : ସରଣ୍ଡା ଜଙ୍ଗଲର ତିରିଲିପୋଷି ଓ ବିଟିକିଲିସୋୟା ମଝିରେ ଥିବା ଏକ ସ୍ଥାନରୁ ସୁରକ୍ଷାକର୍ମୀ ୧କ୍ୱିଣ୍ଟାଲ ବିସ୍ଫୋରକ ଜବତ କରିଛନ୍ତି। ମାଓବାଦୀମାନେ ଏହି ବିସ୍ଫୋରକକୁ ମାଟି ତଳେ ଲୁଚାଇ ରଖିଥିବା ସନ୍ଦେହ କରାଯାଉଛି। ଶନିବାର ଭୋର ସମୟରେ ସୁରକ୍ଷାକର୍ମୀ ଏହି ବିସ୍ଫୋରକ ଜବତ କରିଥିଲେ। ବର୍ତ୍ତମାନ ସୁଦ୍ଧା ୪ଟନ୍‌ରୁ ଅଧିକ ବିସ୍ଫୋରକ ଜବତ ହୋଇ ସାରିଲାଣି। ଏବେ ବି ଆଖପାଖ ଅଞ୍ଚଳରେ ସୁରକ୍ଷାକର୍ମୀ ତଲାସି ଅଭିଯାନ ଜାରି ରଖିଛନ୍ତି। ଏଥିପୂର୍ବରୁ ସେହି ଜଙ୍ଗଲରୁ ଦେଢ଼ କ୍ୱିଣ୍ଟାଲ ବିସ୍ଫୋରକ ଜବତ କରାଯାଇଥିଲା।

### ନିଖିଳ ଓଡିଶା ମିନି ଟ୍ରକ୍ ମାଲିକ ମହାସଂଘର ଚେତାବନୀ

## ପୋଲିସକୁ ଗାଡ଼ି ଯାଞ୍ଚ କ୍ଷମତା ଦେଲେ ଚକ ବନ୍ଦ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ପୋଲିସକୁ ଗାଡ଼ି ଯାଞ୍ଚ କ୍ଷମତା ପ୍ରଦାନ କରିବା ଲାଗି ପରିବହନ କମିସନର ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଏହାକୁ ନିଖିଳ ଓଡିଶା ମିନି ଟ୍ରକ ମାଲିକ ମହାସଂଘ ପକ୍ଷରୁ ବିରୋଧ କରାଯାଇଛି। ଏ ନେଇ ମହାସଂଘ ପକ୍ଷରୁ ରାଜ୍ୟ ସରରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। କିନ୍ତୁ ସରକାର ଯଦି ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ ନ କରନ୍ତି ତେବେ ରାଜ୍ୟବ୍ୟାପୀ ଚକାବନ୍ଦ ଆନ୍ଦୋଳନ କରାଯିବ ବୋଲି ମାଲିକ ମହାସଂଘର ସଭାପତି ଗଣେଶ ମାହାରୀ ଚେତାବନୀ ଦେଇଛନ୍ତି। ଏ ନେଇ ଶନିବାର ଏକ ସାମ୍ବାଦିକ ସମ୍ମିଳନୀରେ ଉଭୟ ମହାସଂଘର ସଭାପତି କହିଛନ୍ତି ଯେ, ଅତୀତରେ ପୁଲିସ ବିଭାଗକୁ ଗାଡି ଯାଞ୍ଚ କ୍ଷମତା ଦେବା ଲାଗି ବହୁବାର ପ୍ରୟାସ କରାଯାଇଥିଲା, ହେଲେ ପରବର୍ତ୍ତୀ ସମୟରେ ତାହା ବିଫଳ ହେଇଥିଲା। ଏପଟେ ଯାନବାହନ ଯାଞ୍ଚ କରିବା ଲାଗି ସ୍ୱତନ୍ତ୍ର ଭାବେ ପରିବହନ ବିଭାଗ ରହିଛି। ଏପରିସ୍ଥଳେ ପୁଲିସକୁ ଏହି ଯାଞ୍ଚ କ୍ଷମତା ପ୍ରଦାନ କରାଯିବା ଲାଗି ପ୍ରସ୍ତାବ ଦିଆଯିବା କେତେ ଦୂର୍ ଯଥାର୍ଥ ତାହା ରାଜ୍ୟ ସରକାର ବିଚାର କରିବା ଉଚିତ୍ । ସେହିପରି ବିଭିନ୍ନ ସମୟରେ ଘଟୁଥିବା ଦୁର୍ଘଟଣାରେ ଜବତ ହେଉଥିବା ଗାଡିଗୁଡିକୁ ଥାନାରୁ ଆଣିବା ଲାଗି ମାଲିକମାନେ ଯେଉଁଭଳି ଭାବେ ଜୁଲମର ଶିକାର ହୁଅନ୍ତି ତାହା କାହାକୁ ଅଛପା ନୁହେଁ। ତେଣୁ ପୁଲିସକୁ ଗାଡ଼ି ଯାଞ୍ଚ କ୍ଷମତା ପ୍ରଦାନ ନ କରିବାକୁ ବସ୍ ଓ ଟ୍ରକ୍ ମାଲିକ ମହାସଂଘ ଦାବି କରିଛନ୍ତି। ଯଦି ସରକାର ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ ନ କରନ୍ତି, ତେବେ ମାଲିକମାନେ ରାଜ୍ୟବ୍ୟାପୀ ଚକାବନ୍ଦ ଆନ୍ଦୋଳନ କରିବେ। ଏଥିଲାଗି ଯେଉଁ ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ଖୋଦ୍ ସରକାର ଦାୟି ରହିବେ ବୋଲି ମହାସଂଘ ଚେତାଇ ଦେଇଛି।

## ଘର ଭିତରେ ବିସ୍ଫୋରଣ, ମହିଳା ମୃତ

ଖୋର୍ଦ୍ଧା/ବୋଲଗଡ, (ଭାସ୍କର ନ୍ୟୁଜ୍) : ଶନିବାର ଅପରାହ୍ନରେ ଖୋର୍ଦ୍ଧା ଜିଲ୍ଲା ବୋଲଗଡ ଥାନା ଖଙ୍ଗୁରିଆ ପଞ୍ଚାୟତ ଇଚ୍ଛାପୁର ଗାଁରେ ଜଣଙ୍କ ଘରେ ଏକ ବଡଧରଣର ବିସ୍ଫୋରଣ ହୋଇଛି। ଏଥିରେ ଜଣେ ମହିଳା ମୃତ୍ୟୁବରଣ କରିଥିବା ବେଳେ ଜଣେ ଶିଶୁ ଗୁରୁତର ହୋଇଛି। ବିସ୍ଫୋରଣ ଶବ୍ଦ ଏତେ ଭୟଙ୍କର ଥିଲା ଯେ, ଆଖପାଖର ଲୋକେ ଭୟଭୀତ ହୋଇଯାଇଥିଲେ। ତୁରନ୍ତ ପଡୋଶୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ଉଭୟ ମହିଳା ଓ ଶିଶୁକୁ ଗୁରୁତର ଅବସ୍ଥାରେ ଡାକ୍ତରଖାନା ନେଇଥିଲେ ମଧ୍ୟ ଡାକ୍ତର ମହିଳା ଜଣଙ୍କୁ ମୃତ ଘୋଷଣା କରିଥିଲେ। ମୃତ ମହିଳାଙ୍କ ନାମ ବେଗମ ଓରଫ୍ ଲିଲି ବୋଲି ପୋଲିସ ସୂଚନା ଦେଇଛି। ତେବେ ଗୁରୁତର ଥିବା ଶିଶୁଟିର ଅବସ୍ଥା ସଙ୍କଟାପନ୍ନ ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡିଛି। ତେବେ ବିସ୍ଫୋରଣର କାରଣ ଜଣାପଡି ନଥିଲେ ମଧ୍ୟ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

**AFFIDAVIT**

By virtue of an affidavit sworn before Notary Public, Nimapara, I Pranita Dash W/o Nirmal Chandra Dash resident of Village/Post-Badalasasan PS- Balipatna, Dist.-Khordha declares that I have changed my name from Praita Kumari Panda to Pranita Dash. Henceforth I shall be known as Pranita Dash for all purposes. This affidavit is to be produced as & when required.

Sd/- Pranita Dash

**AFFIDAVIT**

By virtue of an affidavit sworn before the Executive Magistrate, Niali dated 06/06/2025, I, Aashik Khan, Address: At- Pubakhanda, Po-Niali, Ps- Niali, Dist.-Cuttack, Odisha, Pin-754004, declare that I have changed my daughter's name from Karshima Begum to Karisma Begum. Henceforth, She shall be known as Karisma Begum for all purposes.

Sd/- Aashik Khan

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar dtd.06.06.2025. I Rakesh Kumar Swain, At/Po: Sankhameri, Via: Baramba, Dist: Cuttack, Pin-754031 declare that I have changed my son's name from Prince Priansu to Prince Priyanshu Swain. Henceforth, he shall be known as Prince Priyanshu Swain for all purposes.

Rakesh Kumar Swain

**AFFIDAVIT**

By virtue of an affidavit sworn before the Executive Magistrate, Baramba dated 31.05.2025. I Alok Behera, Address: Village- Ichhapur, Po-Ichhapur, Ps-Badamba, Dist.-Cuttack, Pin-754031, declare that I have changed my Son's name from Ashutosha Behera to Asit Behera. Henceforth, he shall be known as Asit Behera for all purposes.

Sd/- Alok Behera

**AFFIDAVIT**

By virtue of an affidavit No.-741 sworn before Executive Magistrate, Bolagarh dated 24.03.2025. I Gitanjali Patra W/o- Sahadev Patra resident of Village-Ramachandrapur, Post- Bankoi, P.S.-Bolagarh, Dist.-Khordha declares that I have purchased from India Post, RPLI Policy having No.-R.OR-EA-27040 dtd. 25.04.2009 through Sub Post Office Bankoi. Unfortunately the said Policy Bond has already by white Ants which is untraceable at all. This affidavit is to be produced before concerned authority for necessary action.

Sd/- Gitanjali Patra

**AFFIDAVIT**

By virtue of an affidavit sworn before the Executive Magistrate, Balipatna dated 04.06.2025, I Kamini Mallick, Address: Village- Somana Pradhan, Po-Biswalpada, Ps-Balipatna, Dist.-Khordha, Odisha, Pin-752114, declare that I have changed my Son's name from Bhabni Sankar Mallick to Bhabani Sankar Mallick. Henceforth, he shall be known as Bhabani Sankar Mallick for all purposes.

Sd/- Kamini Mallick

**AFFIDAVIT**

By virtue of an affidavit sworn before the Executive Magistrate Nayagarh on dated 22-05-2025. I Rashmita Mohanty W/o Srinibas Mohanty resident of village-Sanapandusar, Po-Badapandusar, Ps-Itamati, Dist.-Nayagarh declares that my Son's actual name is Bishnu Prasad Mohanty & date of birth is 29.01.2009. Which is mentioned in Birth Certificate but wrong by recorded as Krushna Prasad Mohant, Date of birth 16.09.2008 in Aadhar Card. This affidavit is to be produced before concerned authority for correction of Aadhar Card.

Sd/- Rashmita Mohanty

C-465

ପୌର ପରିଷଦ କାର୍ଯ୍ୟାଳୟ, ଟିଟିଲାଗଡ

**OFFICE OF THE MUNICIPAL COUNCIL, TITILAGARH**

(Dept. of Housing & Urban Development, Govt. of Odisha)

At/Po.Ps.Titilagarh, Dist.Balangir-767033, e-mail:titilagarhmunicipality@gmail.com

**e-tender call noticeNo.1613 /Date.03.06.2025**

e-tender notice

**BID Identification No. TIG_MPL_14_2025**

Bid Documents consisting of work, Estimated Cost, Cost of Tender Paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in

| | | |
|---|---|---|
| 1. | Name of the work | Civil Construction works as mentioned in website. |
| 2. | No. of works. | 5 nos. of Civil Projects |
| 3. | Tender Cost | Rs.6,36,233/- to Rs.16,91,611/- |
| 4. | Period of Completion | 30days |
| 5. | Date & Time of availability of Bid Documents in the Portal | From 06.06.2025, 12:00 am to 16.06.2025, 5:00 PM. |
| 6. | Last date & time for receipt of bids in the portal. | On 16.06.2025 at 5:00 PM. |
| 7. | Last date & time for deposit Of Fees& Documents (in sealed envelope) at Office tender box. | On 18.06.2025 at 05:00 PM. |
| 8. | Bids received online shall be opened on | On 19.06.2025 at 11:00 AM. |
| 9. | Name and address of the officer inviting Bid | Executive Officer, Titilagarh Municipality. |

Further details can be seen from the procurement portal i.e.https://tendersodisha.gov.in

Executive Officer, Titilagarh Municipality

Executive Officer
Titilagarh Municipality

## ତିନିରଥର ଚାରି ନାହାକା ଉଠିବା ପର୍ବ ସମ୍ପନ୍ନ

ପୁରୀ (ଭାସ୍କର ନ୍ୟୁଜ) : ତିନି ରଥର ମୁଖ୍ୟ ମହାରଣା ମାନେ ନଡ଼ିଆ ବାଡେଇ ଅନୁକୂଳ ପୂଜା ପୂର୍ବକ ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ଭୋଇ ସେବକଙ୍କ ଦ୍ୱାରା ଚାରି ବାହାକା କୁ ଗରଗରା ବିନ୍ଧରେ ସଂଯୋଗ କରି ଚାରି ନାହାକା ଉଠିବା ପର୍ବ ଶେଷ କରିଛନ୍ତି ।ଏତଦ୍ ବ୍ୟତୀତ ତିନିରଥ ର ମହାରଣା ସେବକ ଏବଂ ଭୋଇ ସେବକ ମାନଙ୍କ ସହଯୋଗରେ ପାର୍ଶ୍ୱ ଦଣ୍ଡା ମାନଙ୍କରେ ତିନୋଟି ଲେଖାଏଁ ଜଳଯନ୍ତ୍ର ଏବଂ ଦୁଇଟି ଲେଖାଏଁ କୋଣ ଗୁଜ ଖଞ୍ଜି ତା'ଉପରେ ନିରାଡ଼ି ସଂଯୋଗ ଶେଷ କରିଛନ୍ତି । ଏଥିସହ ତିନି ରଥର ଦୁଇଟି ଲେଖାଏଁ ପାର୍ଶ୍ୱ ଗୟଳ ମୋଡା ଶେଷ ହୋଇଛି। ଏହି ପାର୍ଶ୍ୱ ଗୟଳ ପଛ ପାର୍ଶ୍ୱ କୋଣ ଗୁଜରୁ ସମ୍ମୁଖ ଭାଗ କୋଣ ଗୁଜ ସହ ସଂଯୋଗ ହୋଇଛି ଗୟଳ କୁ ଟେକି ଧରିବା ପାଇଁ ମଝିରେ ପାଞ୍ଚ ଗୋଟି ଟାଣ ବା ଖମ୍ବୀ ସଂଯୋଗ ହୋଇ ଗୟଳ କୁ ଧନୁ ପରି ସେଟିଂ କରାଯାଇଛି। ଏଥିସହ ଆଜି ତିନି ରଥର ଗୋଟିଏ ଗୋଟିଏ ଛନ୍ଦା ଗୟଳ ମୋଡା ଶେଷ ହୋଇଛି। ଆସନ୍ତାକାଲି ଆଉ ଦୁଇଟି ଲେଖାଏଁ ଚାନ୍ଦା ଫଟ ତିନି ରଥରେ ସେଟିଂ ପରେ ତିନିରଥ ଯୋକା ଫିଟିଂ କରାଯିବ ।ରୂପକାର ସେବକ ମାନେ ତିନିରଥ ର ନାଟ ଗୋଡ଼ରେ ରାହୁ ରୂପ ବା ଗନ୍ଧର୍ବ ରୂପ ଖୋଦେଇ ଜାରୀ ରଖିଛନ୍ତି ।ଦୋଳବେଦୀ ଅସ୍ଥାୟୀ କମାର ଶାଳ ରେ ଓଝା ସେବକ ମାନେ ତିନି ରଥର ନଦା କଣ୍ଟା ସହ ପୋଟଳ ବତା କଣ୍ଟା ଏବଂ ଚାନ୍ଦା ଗୟଳ କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି।



C-448

☎: 06814-247330
(E-mail): dgp_nac@yahoo.com

**NOTIFIED AREA COUNCIL, DIGAPAHANDI GANJAM, ODISHA, PIN – 761012**

Letter No: ...1196......... /DIGNAC // Date: ...04.06..2025....

Quotation call Notice

Sealed Quotations are invited from different manufacturers/Authorised dealers/ Suppliers for supply of items mentioned below.The rate should be quoted against the item exculding all taxes and delivery charges of the goods at NAC Digapahandi . The Quotationers /bidders must enclose their up to date GST return filling registration Certificate,PAN card ,copy of latest IT return etc.The Quotationers/bidders shall be required to produce original copy of the required documents before the undersigned at the time of opening of Quotation for Certification. The schedule is available in NAC ,Digpahandi in office hours.(I.e from 05.06.2025 to 13.06.2025.The Quotation should reach to the undersigned by speed post /by reg post/ on or before Date 13.06.2025,time 1.00 PM ,Same will be opened on Date 16.06.2025, time 11.00 AM in presence of respective quotationers or their authorised representative right to reject any or all the quotationers without assigning any reason therof.

| Sl.No. | Item description | Security Amount to be deposited | Paper cost |
|---|---|---|---|
| 1 | Sanitation goods details in NAC,Digapahandi office Schedule. | Rs. 10000/-(Rupees five thousand) | Rs. 2000/-(Rupees Two thousand)only |

Executive Officer
N.A.C, Digapahandi

### ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ସ୍ୱାସ୍ଥ୍ୟସେବା...

୯୪ କୋଟିରୁ ଉର୍ଦ୍ଧ୍ୱ ୫ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି । ସୂଚନା ଯୋଗ୍ୟଯେ, ଏହି ସବୁ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ, ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ, ବିଦ୍ୟାଳୟ ଭିତ୍ତିଭୂମି ଉନ୍ନତି କରଣ, ପର୍ଯ୍ୟଟନ କେନ୍ଦ୍ର , ସ୍ୱାସ୍ଥ୍ୟକେନ୍ଦ୍ର, ସଡକ ନିର୍ମାଣ ପ୍ରକଳ୍ପ, ମିଶନ ଶକ୍ତି ବଜାର, ବହୁମୁଖୀ ଗୋଷ୍ଠୀ କେନ୍ଦ୍ର ଏବଂ ଅନ୍ୟାନ୍ୟ ସରକାରୀ ଭିତ୍ତିଭୂମି ରହିଛି। ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଓଡ଼ିଶାର ଭୂସ୍ୱର୍ଗ ଦାରିଙ୍ଗବାଡି ପର୍ଯ୍ୟଟନର ବିକାଶ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଧ୍ୟାନ ଦେଉଛନ୍ତି। ଦାରିଙ୍ଗବାଡିର ପର୍ଯ୍ୟଟନ ବିକାଶ ପାଇଁ ୧୮ କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପ ଅନୁମୋଦନ କରି ଟେଣ୍ଡର ଆହ୍ୱାନ କରାଯାଇଛି ଓ ପୁତୁଡି ଜଳପ୍ରପାତର ବିକାଶ ପାଇଁ ୪ କୋଟି ୫୦ ଲକ୍ଷ ଟଙ୍କା ଅର୍ଥ ଅନୁମୋଦନ କରାଯାଇଛି। ମୁଖ୍ୟମନ୍ତ୍ରୀ ପରିଶେଷରେ କହିଥିଲେଯେ, ଆଜି ଆମେ ୨୦୩୬ରେ ସମୃଦ୍ଧ ଓଡିଶା ଗଠନ ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିବା ଦିଗରେ ଅଗ୍ରସର ହେଉଛୁ। ୨୦୩୬ ସୁଦ୍ଧା ଆମେ ଲକ୍ଷ୍ୟ ରଖିଛୁ ରାଜ୍ୟର ସର୍ବାଙ୍ଗୀନ ବିକାଶ, ସାମଗ୍ରିକ ଅଭିବୃଦ୍ଧି ଏବଂ ଜନଜାତି ସଶକ୍ତିକରଣ ଜରିଆରେ ଏକ ସମୃଦ୍ଧ ଓଡିଶା ଗଠନ କରିବା ସମୃଦ୍ଧ ଓଡ଼ିଶାରେ ଆମେ ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ଭିତ୍ତିଭୂମି ଆଦି ସବୁ କ୍ଷେତ୍ରରେ ଉତ୍କର୍ଷ ହାସଲ କରିବାର ଲକ୍ଷ୍ୟ ରଖିଛୁ। ସମସ୍ତଙ୍କୁ ବିଶୁଦ୍ଧ ପାଣି, ଉନ୍ନତ ସ୍ୱାସ୍ଥ୍ୟ ସେବା, ଗୁଣାତ୍ମକ ବିଜୁଳି, ଗମନାଗମନ ସୁବିଧା ଏ ସବୁ ଉପଲବ୍ଧ ହେବ। ଉକ୍ତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଓ ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ ପ୍ରମୁଖ ମଞ୍ଚାସୀନ ଥିଲେ।

### ୨୦ରେ ମୋଦି...

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ସାମ୍ବାଦିକ ସମ୍ମିଳନୀରେ ଏନେଇ ବିସ୍ତୃତ ତଥ୍ୟ ପ୍ରଦାନ କରିବେ। ଏହାପରେ ଭିଜନ ଡକ୍ୟୁମେଣ୍ଟ ଉନ୍ମୋଚିତ ହେବ। ୧୨ତାରିଖରୁ ୨୦ତାରିଖ ପର୍ଯ୍ୟନ୍ତ ଚୂଡ଼ାନ୍ତ କାର୍ଯ୍ୟସୂଚୀ ଖୁବ୍ ଶୀଘ୍ର ପ୍ରକାଶ ପାଇବ ବୋଲି ଶ୍ରୀ ପୂଜାରୀ କହିଥିଲେ। ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାର ତାଙ୍କ ବର୍ଷପୂର୍ତ୍ତି ଅବସରରେ ରାଜ୍ୟବାସୀଙ୍କୁ ରିପୋର୍ଟ କାର୍ଡ ପ୍ରଦାନ କରିବେ। ସରକାର ଦେଇଥିବା ପ୍ରତିଶ୍ରୁତିରୁ କେତେ ପୂରଣ ହୋଇଛି ଓ ଆଉ କେତେ ବାକି ରହିଛି ସେ ନେଇ ମଧ୍ୟ ସୂଚନା ଦିଆଯିବ ବୋଲି ଶ୍ରୀ ପୂଜାରୀ କହିଛନ୍ତି। ରାଜ୍ୟ ସରକାର ସୁଭଦ୍ରା ଯୋଜନା କାର୍ଯ୍ୟକାରି କରିବା ସହ କେନ୍ଦ୍ର ସରକାରଙ୍କ ମହତ୍ୱକାଂକ୍ଷୀ ଯୋଜନା ଆୟୁଷ୍ମାନ ଭାରତ ଲାଗୁ କରିଛନ୍ତି। ସେହିପରି ଚାଷୀଙ୍କୁ ୮୦୦ଟଙ୍କାର ଇନ୍‌ପୁଟ ସବ୍‌ସିଡି କ୍ୱିଣ୍ଟାଲ ପିଛା ପ୍ରଦାନ କରୁଛନ୍ତି। ତେବେ ଏସବୁ ଭିତରେ ଯାହା ସବୁ ପ୍ରତିଶ୍ରୁତି ବାକି ରହିଛି ତାହା ଆଗାମୀ ଦିନରେ ପୂରଣ କରିବା ପାଇଁ ସରକାର ପଦକ୍ଷେପ ନେବେ ବୋଲି ଶ୍ରୀ ପୂଜାରୀ କହିଛନ୍ତି।

### ୭ ମାଓବାଦୀଙ୍କ...

କରାଯାଇଛି। ସେଥିମଧ୍ୟରେ ଏକେ-୪୭ ରାଇଫଲ ବି ରହିଛି। ଏଥିପୂର୍ବରୁ ଗତ ୨୧ତାରିଖରେ ନାରାୟଣପୁର ଓ ବିଜାପୁର ସୀମାରେ ସୁରକ୍ଷାକର୍ମୀଙ୍କ ଗୁଳିମାଡରେ ମାଓ ସଂଗଠନର ସାଧାରଣ ସଂପାଦକ ନମ୍ବାଲା କେଶବରାଓ ଓରଫ୍ ବାସବ ରାଜୁ ମଧ୍ୟ ମୃତ୍ୟୁବରଣ କରିଥିଲା।

### ଆକ୍ରାନ୍ତଙ୍କ ସଂଖ୍ୟା...

ରହିବା ଜରୁରୀ। ଏପରିକି ଏହା ଆସ୍ତେ ଆସ୍ତେ ମାଡୁଥିବାରୁ ସମସ୍ତେ ମାସ୍କ ବ୍ୟବହାର ସହ ଗହଳି ସ୍ଥାନରେ ଦୂରତ୍ୱ ବଜାୟ ରଖିବା ଜରୁରୀ। ଏହି ଭାରିଆଣ୍ଟର ଲକ୍ଷଣ ହେଉଛି ଥଣ୍ଡା, କାଶ ଓ ଜ୍ୱର ହେବା। ତେଣୁ ଆତଙ୍କିତ ନହୋଇ ଚିକିତ୍ସା ପାଇଁ ହସ୍ପିଟାଲରେ ପହଞ୍ଚିବା ସହ କରୋନା ପରୀକ୍ଷା କରାଇବା ପାଇଁ ମଧ୍ୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପରାମର୍ଶ ଦେଇଛି।



ଗୌହାଟୀ: ଆସାମ ବନ୍ୟା ପରିସ୍ଥିତିରେ ସାମାନ୍ୟ ସୁଧାର ଆସିଛି। ତେବେ ୧୪ଟି ଜିଲ୍ଲାର ୪ ଲକ୍ଷ ୩୦ ହଜାରରୁ ଅଧିକ ଲୋକ ଏବେ ବି ବନ୍ୟା ପ୍ରଭାବରେ ରହିଛନ୍ତି। ଗତ ୨୪ ଘଣ୍ଟା ମଧ୍ୟରେ ବନ୍ୟା ଯୋଗୁଁ କୌଣସି ଲୋକ ପ୍ରାଣ ହରାଇଥିବା ଖବର ମିଳିନାହିଁ। ସାରା ରାଜ୍ୟରେ ପ୍ରାୟ ୧୨୦୦ ଗ୍ରାମ ଏବଂ ୧୬ ହଜାର ହେକ୍ଟରରୁ ଅଧିକ ଫସଲ ନଷ୍ଟ ହୋଇଛି। ସାତଟି ସ୍ଥାନରେ ବନ୍ଧ ଭାଙ୍ଗିଯାଇଥିବା ସୂଚନା ମିଳିଛି। ରାଜ୍ୟ ସରକାର ଉଦ୍ଧାର କାର୍ଯ୍ୟ ପାଇଁ ଏସଡିଆର୍ଏଫ୍ ଟିମକୁ ନିୟୋଜିତ କରିଛନ୍ତି। ଆସାମ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଅନୁଯାୟୀ, ୪୦ ହଜାରରୁ ଅଧିକ ଲୋକ ୧୫୬ଟି ରିଲିଫ କ୍ୟାମ୍ପରେ ଆଶ୍ରୟ ନେଇଛନ୍ତି। ଅଧିକାଂଶ ଜିଲ୍ଲାରେ କମ ବର୍ଷା ହୋଇଛି ଏବଂ କେତେକ ସ୍ଥାନରେ ବିକ୍ଷିପ୍ତ ବର୍ଷା ହୋଇଛି, ଫଳରେ ପ୍ରମୁଖ ନଦୀର ଜଳସ୍ତର ହ୍ରାସ ପାଉଛି।

# ନକ୍ସଲ ବିରୋଧୀ ଅଭିଯାନରେ ସାମିଲ୍ ଅଧିକାରୀଙ୍କୁ ସମ୍ମାନିତ କଲେ ଶାହ



ନୂଆଦିଲ୍ଲୀ: କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶନିବାର ନକ୍ସଲବାଦୀଙ୍କ ବିରୁଦ୍ଧରେ ଅପରେସନ୍ ଚଳାଇଥିବା ଅଧିକାରୀମାନଙ୍କୁ ଭେଟିଥିଲେ। ଅମିତ ଶାହ ନକ୍ସଲବାଦ ବିରୁଦ୍ଧରେ ସାମ୍ପ୍ରତିକ ଅପରେସନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଅଧିକାରୀମାନଙ୍କୁ ଭେଟି ସଫଳତା ପାଇଁ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାୟ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି ଯେ ସେ ସାହସିକତା ସହିତ ଏହି ଅପରେସନଗୁଡ଼ିକୁ ସଫଳ କରିଥିବା ଯବାନମାନଙ୍କୁ ଭେଟିବାକୁ ଆଗ୍ରହୀ ଏବଂ ଖୁବ୍ ଶୀଘ୍ର ଛତିଶଗଡ଼ ଆସି ସେମାନଙ୍କୁ ଭେଟିବେ। ମୋଦୀ ସରକାର ଭାରତକୁ ନକ୍ସଲବାଦର କବଳରୁ ମୁକ୍ତ କରିବାକୁ ସଂକଳ୍ପବଦ୍ଧ। ଆପଣଙ୍କୁ ଜଣାଇ ଦେଉଛୁ ଯେ ସୁରକ୍ଷା ବାହିନୀ ଓଡିଶା, ଝାଡ଼ଖଣ୍ଡ, ଛତିଶଗଡ଼, ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ରରେ ନକ୍ସଲବାଦୀଙ୍କ ବିରୁଦ୍ଧରେ ନିରନ୍ତର କାର୍ଯ୍ୟାନୁଷ୍ଠାନ ନେଉଛନ୍ତି। ଛତିଶଗଡ଼ରେ ସର୍ବାଧିକ ନକ୍ସଲବାଦୀ ନିହତ ହେଉଛନ୍ତି। ଏଠାରେ କିଛି ନକ୍ସଲବାଦୀ ମଧ୍ୟ ଆତ୍ମସମର୍ପଣ କରୁଛନ୍ତି। ଏହା ପୂର୍ବରୁ ଶୁକ୍ରବାର ଛତିଶଗଡ଼ର ନକ୍ସଲ ପ୍ରଭାବିତ ଦାନ୍ତେୱାଡା ଜିଲ୍ଲାରେ ସୁରକ୍ଷା ବାହିନୀ ସମ୍ମୁଖରେ ସାତ ଜଣ ନକ୍ସଲ ଆତ୍ମସମର୍ପଣ କରିଥିଲେ। ପୋଲିସ ଅଧିକାରୀମାନେ କହିଛନ୍ତି ଯେ ଆତ୍ମସମର୍ପଣ କରିଥିବା ସାତ ଜଣ ନକ୍ସଲଙ୍କ ମଧ୍ୟରୁ ଦୁଇଜଣ ନକ୍ସଲଙ୍କ ଉପରେ ପୁରସ୍କାର ଥିଲା। ଅଧିକାରୀମାନେ କହିଛନ୍ତି ଯେ ଆତ୍ମସମର୍ପଣ କରିଥିବା ନକ୍ସଲଙ୍କ ମଧ୍ୟରେ ଜୁଗ୍ଗୁ ଓରଫ ସୁଣ୍ଡମ କଓ୍ୱାସି (୨୩), ଦଶା ଓରଫ ବୁର୍କୁ ପୋଡିୟମ (୨୬), ଭୋଜା ରାମ ମାଡଭି (୪୮), ଲଖମା ଓରଫ ସୁଡି (୨୬), ରାତୁ ଓରଫ ଓଥେ କୋଓ୍ୱାସି (୨୫), ସୁଖରାମ ପୋଡିୟମ (୨୫) ଏବଂ ପାଣ୍ଡୁ ରାମ ପୋଡିୟମ (୪୫) ସୁରକ୍ଷା ବାହିନୀ ସମ୍ମୁଖରେ ଆତ୍ମସମର୍ପଣ କରିଛନ୍ତି। ସମ୍ପ୍ରତି, ଛତିଶଗଡ଼ ସରକାର ରାଜ୍ୟରେ ନକ୍ସଲ ବିରୋଧୀ ଏନକାଉଣ୍ଟରରେ ସାହସିକତା ଦେଖାଇଥିବା ୨୯୫ ଜଣ ପୋଲିସ କର୍ମଚାରୀଙ୍କୁ ସମୟ ପୂର୍ବରୁ ପଦୋନ୍ନତି ଦେଇଛନ୍ତି। ଅଧିକାରୀମାନେ ଶୁକ୍ରବାର ଏହି ସୂଚନା ଦେଇଛନ୍ତି। ଅଧିକାରୀମାନେ କହିଛନ୍ତି ଯେ ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା ତାଙ୍କ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ପଦୋନ୍ନତି ଆଦେଶର ଏକ ଫଟୋ ସେୟାର କରିଛନ୍ତି ଏବଂ ପୋଷ୍ଟରେ କହିଛନ୍ତି, ନକ୍ସଲ ପ୍ରଭାବିତ ଅଞ୍ଚଳରେ ବୀରତ୍ୱ, ସାହସ ଏବଂ ସମର୍ପଣ ସହିତ କାର୍ଯ୍ୟ କରୁଥିବା ଛତିଶଗଡ଼ ପୋଲିସ ବାହିନୀର ୨୯୫ ଜଣ କର୍ମଚାରୀଙ୍କୁ ସମୟ ପୂର୍ବରୁ ପଦୋନ୍ନତି ମିଳିବାରୁ ଅନେକ ଅଭିନନ୍ଦନ।

## ପ୍ରତିଶୋଧ ନେଲା ଋଷିଆ

# ୟୁକ୍ରେନ୍ ଉପରେ ଶହ ଶହ ଡ୍ରୋନ୍-କ୍ଷେପଣାସ୍ତ୍ର ମାଡ



କିଭ: ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ପୁଣି ଥରେ ସାଧାରଣ ନାଗରିକଙ୍କ ଜୀବନକୁ ଦୋହଲାଇ ଦେଇଛି। ଶୁକ୍ରବାର ସକାଳେ ରୁଷିଆ ୟୁକ୍ରେନର ଅନେକ ଅଞ୍ଚଳ ଉପରେ ଏକ ବଡ଼ ଆକ୍ରମଣ କରିଥିଲା, ଯେଉଁଥିରେ ଖାରକିଭ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି। ଏହି ଆକ୍ରମଣକୁ ରୁଷିଆର ପ୍ରତିଶୋଧ ଭାବରେ ବର୍ଣ୍ଣନା କରାଯାଉଛି, କାରଣ ଗତ କିଛି ଦିନ ଧରି ୟୁକ୍ରେନ ରୁଷିଆ ଉପରେ ଆକ୍ରମଣକୁ ତୀବ୍ର କରିଥିଲା। ଏହାର ଜବାବରେ, ପୁଟିନ ସରକାର ୟୁକ୍ରେନ ଉପରେ ଶହ ଶହ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ବର୍ଷା କରିଥିଲେ। ୟୁକ୍ରେନୀୟ ଅଧିକାରୀଙ୍କ ଅନୁଯାୟୀ, ରୁଷିଆ କେବଳ ଖାରକିଭ ସହର ଉପରେ ୫୩ଟି ଆତ୍ମଘାତୀ ଡ୍ରୋନ, ୪ଟି ଗାଇଡେଡ ବୋମା ଏବଂ ୧ଟି କ୍ଷେପଣାସ୍ତ୍ର ନିକ୍ଷେପ କରିଥିଲା। ଏହି ଆକ୍ରମଣରେ ଅତି କମରେ ୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୧ ଜଣ ଆହତ ହୋଇଥିଲେ। ଖାରକିଭରେ ରାତି ସମ୍ପୂର୍ଣ୍ଣ ଆତଙ୍କରେ ବିତିଥିଲା। ଅନେକ ଆବାସିକ ଅଞ୍ଚଳ ନଷ୍ଟ ହୋଇଯାଇଥିଲା ଏବଂ ସେଠାରେ ରହୁଥିବା ଲୋକମାନଙ୍କୁ ସାରା ରାତି ବଙ୍କରରେ ଲୁଚି ରହିବାକୁ ପଡିଥିଲା। ଖାରକିଭ ବ୍ୟତୀତ, ଡୋନେଟ୍ ?ସ୍କ, ଡ୍ନିପ୍ରୋ, ଟେର୍ନୋପିଲ, ଓଡେସା ଏବଂ ଅନ୍ୟାନ୍ୟ ଅଞ୍ଚଳଗୁଡ଼ିକ ଉପରେ ମଧ୍ୟ ଆକ୍ରମଣ କରାଯାଇଥିଲା। ଏହି ସ୍ଥାନଗୁଡ଼ିକରେ ମଧ୍ୟ ଜୀବନ ଏବଂ ସମ୍ପତ୍ତିର କ୍ଷତି ହୋଇଛି। ଶକ୍ତି ଭିତ୍ତିଭୂମିକୁ ବିଶେଷ ଭାବରେ ଟାର୍ଗେଟ କରାଯାଇଥିଲା, ଯାହା ଯୋଗୁ ଏହି ଅଞ୍ଚଳଗୁଡ଼ିକରେ ବିଦ୍ୟୁତ ଯୋଗାଣ ଠପ ହୋଇଯାଇଥିଲା। ୟୁକ୍ରେନ କହିଛି ଯେ ଏହି ଆକ୍ରମଣଗୁଡ଼ିକ ସାଧାରଣ ନାଗରିକଙ୍କୁ ଭୟଭୀତ କରିବା ଏବଂ ଦେଶକୁ ଅସ୍ଥିର କରିବା ପାଇଁ ଏକ ଷଡ଼ଯନ୍ତ୍ର। ପୂର୍ବରୁ ମଧ୍ୟ ରୁଷିଆ ଉପରେ ହସ୍ପିଟାଲ, ସ୍କୁଲ ଏବଂ ଆବାସିକ ଅଞ୍ଚଳକୁ ଟାର୍ଗେଟ କରିବାର ଅଭିଯୋଗ ଆସିଛି। ୟୁକ୍ରେନ ରୁଷିଆକୁ ଏକ ଆତଙ୍କବାଦୀ ରାଷ୍ଟ୍ର ବୋଲି କହିଛି ଏବଂ ମସ୍କୋ ଉପରେ ଅଧିକ କଠୋର ପ୍ରତିବନ୍ଧକ ଲଗାଇବାକୁ ଅନ୍ତର୍ଜାତୀୟ ସମ୍ପ୍ରଦାୟକୁ ନିବେଦନ କରିଛି। ୟୁକ୍ରେନ ସରକାର କହିଛି ଯେ ରୁଷିଆକୁ ବିଶ୍ୱ ସ୍ତରରେ ଅଲଗା ନ କରିବା ପର୍ଯ୍ୟନ୍ତ ଏପରି ବର୍ବର ଆକ୍ରମଣ ବନ୍ଦ ହେବ ନାହିଁ। ୟୁକ୍ରେନ ଏହାର ସହଯୋଗୀ ଦେଶଗୁଡ଼ିକଠାରୁ ଅଧିକ ସାମରିକ ସହାୟତା ଏବଂ ଆର୍ଥିକ ସହାୟତା ମଧ୍ୟ ଦାବି କରିଛି। ୟୁକ୍ରେନ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ କହିଛି ଯେ ରୁଷିଆଙ୍କ କାର୍ଯ୍ୟ କେବଳ ସାମରିକ ନୁହେଁ, ବରଂ ସାଧାରଣ ନାଗରିକଙ୍କ ବିରୁଦ୍ଧରେ ଏକ ସିଧାସଳଖ ଯୁଦ୍ଧ। ସେମାନେ କହିଛନ୍ତି ଯେ ରୁଷ ବାରମ୍ବାର ଶିଶୁ, ମହିଳା ଏବଂ ବୃଦ୍ଧଙ୍କୁ ଟାର୍ଗେଟ କରୁଛି। ୟୁକ୍ରେନ କହିଛି ଯେ ରୁଷିଆ ଏପର୍ଯ୍ୟନ୍ତ ଯାହା କରିଛି ତାହା ଏହାକୁ ଏକ ଆତଙ୍କବାଦୀ ଦେଶ ଘୋଷଣା କରିବା ପାଇଁ ଯଥେଷ୍ଟ।

# କବିର ଜୟନ୍ତୀ ଓ ଜନଜାଗରଣ ଯାତ୍ରା ଉଦ୍‌ଯାପନୀ ସମାରୋହରେ ବିଷ୍ଣୁଦେବ



ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଶନିବାର ଅଭନପୁର ବିକାଶ ଖଣ୍ଡର ସୋନପେଡ଼ି ଗାଁରେ ଆୟୋଜିତ କବିର ଜୟନ୍ତୀ ମହୋତ୍ସବ ଏବଂ ଗ୍ରାମ ଜନଜାଗରଣ ଯାତ୍ରାର ଉଦ୍‌ଯାପନୀ ସମାରୋହରେ ସାମିଲ୍ ହୋଇଥିଲେ। ଏହି ଅବସରରେ ସେ ଉପସ୍ଥିତ ଜନତାଙ୍କୁ କବିର ଜୟନ୍ତୀର ଶୁଭ କାମନା ଜଣାଇଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ଗୁରୁକୁଳ ଭବନ ପାଇଁ ୨୦ଲକ୍ଷ ଟଙ୍କାର ଅନୁଦାନ ଘୋଷଣା କରିଥିଲେ । ଛତିଶଗଡ଼ରେ ଏକ ଗୋଧାମ ନିର୍ମାଣ ସହ ସୋନପେଡ଼ି ସ୍କୁଲର ବାଉଣ୍ଡରୀ ନିର୍ମାଣ ପାଇଁ ମଧ୍ୟ ଶ୍ରୀ ସାଏ ଘୋଷଣା କରିବା ସହ ଏକ ସମନ୍ୱିତ ଭବନ ନିର୍ମାଣ ତଥା ମୁଖ୍ୟ ରାସ୍ତାରୁ ଆଶ୍ରମ ପର୍ଯ୍ୟନ୍ତ କଂକ୍ରିଟ ରୋଡ୍ ନିର୍ମାଣ ପାଇଁ ଭୂମି ପୂଜନ ମଧ୍ୟ କରିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ କହିଥିଲେ ଆମ ଛତିଶଗଡ଼ ମାଟି ଧନ୍ୟ, ଯେଉଁଠି କବିର ସାହେବଙ୍କ ବାଣୀର ପ୍ରଭାବ ରହିଛି । ସନ୍ଥ କବିର ତାଙ୍କ ଜୀବଦଶାରେ ଯେଉଁସବୁ ଉପଦେଶ ଦେଇଥିଲେ ତାହା ଲୋକଙ୍କୁ ସଂସ୍କାରି କରିବାରେ ସହାୟକ ହୋଇପାରିଛି । ସେ କହିଥିଲେ କବିରଙ୍କ ନିର୍ମଳ ବାଣୀ, ମହତ୍ ଉପଦେଶ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ମାର୍ଗ ବୋଲି କୁହାଯାଇପାରେ । ଏହା ସମାଜକୁ ନୂତନ ଦିଗ୍‌ଦର୍ଶନ ଦେବାରେ ସହାୟକ ହେବ ବୋଲି ସେ କହିଥିଲେ । କବିରଙ୍କ ମାନବତାବାଦୀ, ବିଚାରଧାରା ଏବଂ ଗୋସେବା ତଥା ସାମାଜିକ ଏକତାକୁ ବଜାୟ ରଖିବାରେ ଆମ ସମସ୍ତଙ୍କୁ ପ୍ରେରଣା ଯୋଗାଇଛି । ଏହି ଅବସରରେ ଛତିଶଗଡ଼ ବିଧାନସଭା ବାଚସ୍ପତି ଡ. ରମଣ ସିଂ, କ୍ୟାବିନେଟ୍ ମନ୍ତ୍ରୀ ଓ.ପି.ଚୌଧୁରୀ ପ୍ରମୁଖ ସାମିଲ ହୋଇଥିଲେ ।

## ପାଣି ପାଇଁ ବିକଳ ପାକିସ୍ତାନ

# ପୁଣି ଆଲୋଚନା ପାଇଁ କଲା ଅନୁରୋଧ

ନୂଆଦିଲ୍ଲୀ: ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖିଛି । ସିନ୍ଧୁ ଜଳ ଛାଡ଼ିବା ପ୍ରକ୍ରିୟାକୁ ଭାରତ ସଂପୂର୍ଣ୍ଣ ନିୟନ୍ତ୍ରଣ କରୁଥିବାରୁ ଏହାକୁ ନେଇ ପାକିସ୍ତାନ ଗଭୀର ଚିନ୍ତା ପ୍ରକଟ କରିଛି । ଭାରତର ଏହି ନିଷ୍ପତ୍ତି ଉପରେ ପୁନର୍ବିଚାର ପାଇଁ ଭାରତକୁ ପାକିସ୍ତାନ ଅନୁରୋଧ କରିଛି । ଅପରେସନ୍ ସିନ୍ଦୂର ପୂର୍ବରୁ ମେ' ଆରମ୍ଭରେ ପାକିସ୍ତାନ ଭାରତକୁ ପ୍ରଥମ ଚିଠି ପଠାଇଥିଲା । ଅପରେସନ୍ ସିନ୍ଦୂର ପରେ ପାକିସ୍ତାନ ୩ଟି ଚିଠି ପଠାଇଛି। ସିନ୍ଧୁ ଜଳ ଚୁକ୍ତି ରଦ୍ଦ ନିଷ୍ପତ୍ତି ଉପ ?ରେ ପୁନର୍ବିଚାର କରିବାପାଇଁ ଭାରତକୁ ପାକିସ୍ତାନ ବାରମ୍ବାର ଅନୁରୋଧ କରୁଛି । ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, ବାଣିଜ୍ୟ ଓ ଆତଙ୍କବାଦ, ଜଳ ଓ ରକ୍ତ, ଗୁଳି ଓ କଥାବାର୍ତ୍ତା ଏକା ସାଙ୍ଗରେ ହୋଇପାରିବନି । ଏହାପରେ ଭାରତ ସିନ୍ଧୁ ଜଳ ଚୁକ୍ତି ରଦ୍ଦ କରିଦେଲା । ଭାରତର ଜଳ ଶକ୍ତି ମନ୍ତ୍ରଣାଳୟର ସଚିବ ପାକିସ୍ତାନର ଜଳ ମନ୍ତ୍ରଣାଳୟ ସଚିବ ସୟଦ ଅଲି ମୁରତାଜାଙ୍କୁ ଏକ ଚିଠି ଲେଖି ଦର୍ଶାଇଥିଲେ ଯେ ଭାରତ ଲଗାତାର ଭାବେ ପାକିସ୍ତାନର ସୀମାପାର ଆତଙ୍କବାଦର ଶିକାର ହୋଇଛି । ଭାରତ ସିନ୍ଧୁ ଜଳଚୁକ୍ତିରେ ଏହାର ଅଂଶଗ୍ରହଣକୁ ରଦ୍ଦ କରୁଥିବା ଏହି ଚିଠିରେ ଦର୍ଶାଯାଇଥିଲା । ପାକିସ୍ତାନ ପାରସ୍ପରିକ ବିଶ୍ୱାସ ଏବଂ ସହଯୋଗକୁ ନଷ୍ଟ କରିଦେଇଛି ବୋଲି ଭାରତ କହିଥିଲା । ସିନ୍ଧୁ ଜଳ ଚୁକ୍ତି ରଦ୍ଦ ହେବା ଦ୍ୱାରା ପାକିସ୍ତାନର ରବି ଫସଲ ଅତି ସାଂଘାତିକ ଭାବେ ପ୍ରଭାବିତ ହେବ । କେବଳ କୃଷି ନୁହେଁ ଦୈ ?ନନ୍ଦିନ ଜୀବନରେ ମଧ୍ୟ ଏହାର ପ୍ରଭାବ ରହିବ । ଏଥିପାଇଁ ପାକିସ୍ତାନରେ ଅତ୍ୟନ୍ତ ଉତ୍କଟ ଜଳ ସଙ୍କଟ ମଧ୍ୟ ଦେଖାଦେଇପାରେ । ଏହି ମାମଲାରେ ମଧ୍ୟସ୍ଥତା କରିବାପାଇଁ ପାକିସ୍ତାନ ପୂର୍ବରୁ ବିଶ୍ୱ ବ୍ୟାଙ୍କକୁ ଅନୁରୋଧ କରିଥିବା ବେଳେ ବିଶ୍ୱ ବ୍ୟାଙ୍କ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲା ।

# ହାଇୱେ ଉପରେ ଏମର୍ଜେନ୍ସି ଲ୍ୟାଣ୍ଡିଂ କଲା ହେଲିକପ୍ଟର



ନୂଆଦିଲ୍ଲୀ: ବଡ଼ ଅଘଟଣରୁ ବର୍ତ୍ତିଲା ହେଲିକପ୍ଟର। ହାଇୱେରେ କଲା ଏମର୍ଜେନ୍ସି ଲ୍ୟାଣ୍ଡିଂ। ସିରସିରୁ କେଦାରନାଥ ଅଭିମୁଖେ ଉଡ଼ାଣ ଭରୁଥିବା ଏକ ହେଲିକପ୍ଟରକୁ ଯାନ୍ତ୍ରିକ କାରଣରୁ ରାଜପଥରେ ଜରୁରୀକାଳୀନ ଅବତରଣ କରିବାକୁ ପଡିଥିଲା। ଏହି ଜରୁରିକାଳୀନ ଅବତରଣ ସମୟରେ ହେଲିକପ୍ଟରରେ ଥିବା ସମସ୍ତ ୫ ଜଣ ଯାତ୍ରୀ ଏବଂ ପାଇଲଟ ସୁରକ୍ଷିତ ଥିଲେ। ଦୁର୍ଘଟଣାରେ ହେଲିକପ୍ଟରର ପଛ ଭାଗ କ୍ଷତିଗ୍ରସ୍ତ ହୋଇଛି। ଧକ୍କା ଯୋଗୁଁ ରାଜପଥରେ ପାର୍କିଂ ହୋଇଥିବା ଏକ ଯାନ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଘଟଣାର ସୂଚନା ପାଇବା ମାତ୍ରେ ଉତ୍ତରାଖଣ୍ଡ ବେସାମରିକ ବିମାନ ଚଳାଚଳ ବିକାଶ ପ୍ରାଧିକରଣ ଏହି ଘଟଣାର ତଦନ୍ତ କରି ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟକୁ ରିପୋର୍ଟ କରିଛି। ଅଧିକାରୀମାନେ କହିଛନ୍ତି ଯେ ଘଟଣାର ତଦନ୍ତ ଆରମ୍ଭ କରାଯାଇଛି। ଦୁର୍ଘଟଣା ସମୟରେ ହେଲିକପ୍ଟରଟି କେଦାରନାଥ ଯାତ୍ରାରେ ଥିଲା ଏବଂ ସମସ୍ତ ଯାତ୍ରୀ ତୀର୍ଥଯାତ୍ରୀ ବୋଲି କୁହାଯାଉଛି। ଅବତରଣ ପରେ ତୁରନ୍ତ ସମସ୍ତଙ୍କୁ ସୁରକ୍ଷିତ ଭାବରେ ସ୍ଥାନାନ୍ତର କରାଯାଇଥିଲା। ଚାରଧାମ ଯାତ୍ରା ଆରମ୍ଭ ହେବା ପରେ ଏହା ଚତୁର୍ଥ ହେଲିକପ୍ଟର ଦୁର୍ଘଟଣା। ପ୍ରଶାସନ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛି।

# ବାଣିଜ୍ୟ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଫୋନପେ ଲିମିଟେଡ (ଫୋନପେ), ଫିଚର ଫୋନଗୁଡ଼ିକ ପାଇଁ ୟୁପିଆଇ ମାଧ୍ୟମରେ ପେମେଂଟ ଚାଲୁ କରିବାକୁ ବାର୍ତ୍ତାଳାପଭିତିକ ଯୋଗାଯୋଗର ପ୍ଲାଟଫର୍ମ ଗପସପର ମାଲିକାନାରେ ଥିବା 'ଜିଏସ୍‌ପେ' ଟେକ୍ନୋଲୋଜି ଷ୍ଟାକରୁ ଏକ ଆଇପି କିଣିବା ବିଷୟରେ ଘୋଷଣା କରିଛି। ଜିଏସ୍‌ପେ ହେଉଛି ଫିଚର ଫୋନଗୁଡ଼ିକ ପାଇଁ ଏନପିସିଆଇର ଉନ୍ନତ ୟୁପିଆଇ ପେମେଣ୍ଟ ବ୍ୟବସ୍ଥାକୁ ଭିତି କରି ବିକଶିତ କରାଯାଇଥିବା ଏକ ମୋବାଇଲ ଆପ୍ଲିକେସନ (ୟୁପିଆଇ ୧୨୩ପେ)। ଫୋନପେ ସମ୍ପ୍ରତି ଅଧିଗ୍ରହଣ କରାହୋଇଥିବା ଏହି ଜିଏସପେ ଆଇପିକୁ କଷ୍ଟମାଇଜ ତଥା ବିସ୍ତାର କରିବାକୁ ଯୋଜନା କରୁଛି ଏବଂ ଆଗାମୀ କିଛି ମାସ ମଧ୍ୟରେ ଭାରତରେ ନୂତନ ଫିଚର ଫୋନରେ ନିଜର ଫିଚର-ଫୋନ ଆଧାରିତ ୟୁପିଆଇ ପେମେଣ୍ଟ ମୋବାଇଲ ଆପ ଚାଲୁ କରିବାକୁ ଯୋଜନା କରୁଛି। ଫୋନପେ ପି୨ପି ଟ୍ରାନ୍ସଫର, ଅଫଲାଇନ କ୍ୟୁଆର ପେମେଂଟ ଏବଂ ଅନ୍ୟ କୌଣସି ୟୁପିଆଇ ଗ୍ରାହକଙ୍କଠାରୁ ସେମାନଙ୍କ ମୋବାଇଲ ନମ୍ବର କିମ୍ବା ନିଜସ୍ୱ-କ୍ୟୁଆର ମାଧ୍ୟମରେ ଟଙ୍କା ଗ୍ରହଣ କରିବା ପରି ସମସ୍ତ ମୌଳିକ ୟୁପିଆଇ ବୈଶିଷ୍ଟ୍ୟଗୁଡ଼ିକ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି।

# 'ରିସେଣ୍ଟ ଆଡ୍‌ଭାନ୍ସେସ ଇନ୍ ଆଇକୋନିକ୍ ବିଲ୍ଡିଂ ପ୍ରୋଜେକ୍ଟସ' ଶୀର୍ଷକ ଜାତୀୟ ସେମିନାର



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆଜି 'ରିସେଣ୍ଟ ଆଡ୍‌ଭାନ୍ସେସ ଇନ ଆଇକୋନିକ ବିଲ୍ଡିଙ୍ଗ ପ୍ରୋଜେକ୍ଟସ' ଶୀର୍ଷକ ଏକ ମର୍ଯ୍ୟାଦାଜନକ ଜାତୀୟ ସେମିନାରର ଆୟୋଜିତ ହେବାକୁ ଯାଉଛି, ଯାହାକୁ ଓଡିଶା ସରକାରଙ୍କ ପୂର୍ତ୍ତ ବିଭାଗ ଓ ଇଣ୍ଡିଆନ ବିଲ୍ଡିଙ୍ଗ କଂଗ୍ରେସ (ଆଇବିସି) ପକ୍ଷରୁ ମିଳିତ ଭାବେ ଆୟୋଜନ କରାଯିବ। ଏହି କାର୍ଯ୍ୟକ୍ରମ ସମଗ୍ର ଦେଶରୁ ପ୍ରତିଷ୍ଠିତ ଇଞ୍ଜିନିୟର, ଆର୍କିଟେକ୍ଟ, ଅର୍ବାନ ପ୍ଲାନର, ସରକାରୀ ଅଧିକାରୀ, ଟେକ୍ନୋକ୍ରାଟ ଓ ଶିକ୍ଷାର୍ଥୀଙ୍କ ସମେତ ୨୦୦ରୁ ଅଧିକ ଅଂଶଗ୍ରହଣକାରୀଙ୍କୁ ଏକତ୍ରିତ କରିବ ବୋଲି ଆଶା କରାଯାଉଛି। ଏହି ସେମିନାରରେ ଓଡିଶା ସରକାରଙ୍କ ପୂର୍ତ୍ତ ବିଭାଗର ମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଏବଂ ପୂର୍ତ୍ତ ବିଭାଗର ମୁଖ୍ୟ ସଚିବ ସଞ୍ଜୟ କୁମାର ସିଂହ ସମ୍ମାନିତ ଅତିଥି ଭାବେ ଯୋଗ ଦେବେ। ଏହି କାର୍ଯ୍ୟକ୍ରମରେ ୩ଟି ବୈଷୟିକ ଅଧିବେଶନ ସାମିଲ ରହିଛି ଯାହା ସ୍ମାର୍ଟ ଭିତିଭୂମି, ସ୍ଥାୟୀ ନିର୍ମାଣ ଓ ଆଇକୋନିକ ବିଲ୍ଡିଂ ଡିଜାଇନ କ୍ଷେତ୍ରରେ ଅଭିନବ ପଦ୍ଧତି ଭଳି ଆଧୁନିକ ବିଷୟବସ୍ତୁଗୁଡିକ ଉପରେ ଗୁରୁତ୍ୱ ଦେବ। ଏହି ଅବସରରେ ଉପସ୍ଥିତ ଅନ୍ୟ ସମ୍ମାନିତ ବ୍ୟକ୍ତିମାନେ ହେଲେ ଆଇବିସି ଓଡ଼ିଶା ଚାପ୍ଟରର ସଚିବ ତ୍ରିନାଥ ବେହେରା, ସଂଯୋଜକ ମନୋଜ କୁମାର ମହାନନ୍ଦ, ଭେନ୍ୟୁ କମିଟିର ଅଧ୍ୟକ୍ଷ ପ୍ରିୟବ୍ରତ ସାମନ୍ତରାୟ, ପ୍ରତିଷ୍ଠାତା ସଭାପତି ଓ.ପି. ଗୋଏଲ, ଡବ୍ଲୁଏଫଇଓର ଡେପୁଟି ଏକ୍ସ-ଇଭିପି ଅଶୋକ ବାସ, ପୂର୍ବତନ ସଭାପତି ପ୍ରଦୀପ ମିତଲ ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଇ.ଏସ୍. ସିଦ୍ଧୁ। ଏସମ୍ପର୍କରେ ନିଜର ମତବ୍ୟକ୍ତ କରି ଇଣ୍ଡିଆନ ବିଲ୍ଡିଂ କଂଗ୍ରେସର ଓଡିଶା ଚାପ୍ଟରର ଅଧ୍ୟକ୍ଷ ଇଂଜିନିୟର ବିଜୟ ଚନ୍ଦ୍ର ତ୍ରିପାଠୀ କହିଛନ୍ତି, ନିର୍ମାଣ ଓ ଭିତିଭୂମି କ୍ଷେତ୍ରରେ ସଦ୍ୟତମ ଅଗ୍ରଗତିଗୁଡିକ ଉପରେ ସବିଶେଷ ତଥ୍ୟ ପ୍ରଦାନ କରିବା ପାଇଁ ଅନେକ ଜାତୀୟ ସ୍ତରୀୟ ବିଶେଷଜ୍ଞ ଏହି ସେମିନାରରେ ଯୋଗ ଦେବେ। ଇଣ୍ଡିଆନ ବିଲ୍ଡିଂ କଂଗ୍ରେସର ଅଧ୍ୟକ୍ଷ ଇଞ୍ଜିନିୟର ଚିନ୍ମୟ ଦେବନାଥ କହିଛନ୍ତି, 'ଆମେ ପୂର୍ତ୍ତ ବିଭାଗ ସହ ସହଯୋଗିତାରେ ଇଣ୍ଡିଆନ ବିଲ୍ଡିଂସ କଂଗ୍ରେସର ୧୯୬ତମ ଏକ୍‌ଜିକ୍ୟୁଟିଭ କାଉନ୍ସିଲ ମିଟିଂର ଆୟୋଜନ କରୁଛୁ। ଆଇକୋନିକ ବିଲ୍ଡିଙ୍ଗଗୁଡିକର ନିର୍ମାଣରେ ସଦ୍ୟତମ ଅଗ୍ରଗତି ପ୍ରସଙ୍ଗ ଉପରେ ଆୟୋଜିତ ହେଉଥିବା ଏହି ସେମିନାର ସମଗ୍ର ଦେଶରୁ ବିଶେଷଜ୍ଞମାନଙ୍କ ଅଂଶଗ୍ରହଣର ସାକ୍ଷୀ ହେବ। ସେହିପରି ଆଇବିସି କାଉନ୍ସିଲ ସଦସ୍ୟ ଏବଂ ପୂର୍ବତନ ଇଆଇସି, ରାଜ୍ୟ ସରକାର ଇଂଜିନିୟର ମନୋରଞ୍ଜନ ମିଶ୍ର ଏହି ସେମିନାରର ମହତ୍ୱ ଉପରେ ଗୁରୁତ୍ୱାରୋପ କରି କହିଛନ୍ତ, ଦୁଇ ଦଶନ୍ଧି ପରେ ଭୁବନେଶ୍ୱରରେ ଇଣ୍ଡିଆନ ବିଲ୍ଡିଂ କଂଗ୍ରେସର ଏକ ଜାତୀୟ ସ୍ତରୀୟ ସେମିନାର ଆୟୋଜିତ ହେବାକୁ ଯାଉଛି।

# ଆର୍‌ଏସ୍‌ପିର ଅପ୍ରେଲ-ମଇରେ ପ୍ରମୁଖ ଉତ୍ପାଦନ କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ



ରାଉରକେଲା(ଭାସ୍କର ନ୍ୟୁଜ): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ର ପ୍ରଥମ ଦୁଇ ମାସରେ ଏହାର ପ୍ରମୁଖ ଉତ୍ପାଦନ ୟୁନିଟ୍ ଗୁଡ଼ିକରେ ଉତ୍କୃଷ୍ଟ ପ୍ରଦର୍ଶନ ପଞ୍ଜିକୃତ କରିଛି। ବ୍ଲାଷ୍ଟ ଫର୍ଣ୍ଣେସ୍-୫ 'ଦୁର୍ଗା' ପ୍ରଥମ ଦୁଇ ମାସରେ ୫,୫୨,୦୨୭ ଟନ୍ ହଟ୍ ମେଟାଲ୍ ଉତ୍ପାଦନ କରି ଏହାର ସର୍ବୋତ୍ତମ ଅପ୍ରେଲ ମଇ ପ୍ରଦର୍ଶନ ହାସଲ କରିଛି, ଯାହା ଅନୁରୂପ ପୂର୍ବବର୍ଷ ଅବଧି ତୁଳନାରେ ୨୩.୮ % ପ୍ରଭାବଶାଳୀ ଅଭିବୃଦ୍ଧି ଅଟେ । ସେହିପରି ୨୯୨୩୭୧ ଟନ୍ ସ୍ଲାବ୍ ଉତ୍ପାଦନ ସହିତ, ସିସିଏମ-୩ ଏହାର ସର୍ବୋତ୍ତମ ଅପ୍ରେଲ-ମଇ ପ୍ରଦର୍ଶନ ହାସଲ ପୂର୍ବକ ଅନୁରୂପ ପୂର୍ବ ବର୍ଷ ଅବଧି ତୁଳନାରେ ୨୪.୫ % ବୃଦ୍ଧି ହାସଲ କରିଛି। ସିଣ୍ଟର୍ ପ୍ଲାଣ୍ଟଗୁଡ଼ିକ ସାମୂହିକ ଭାବରେ ୧୧,୯୮,୬୫୫ ଟନ୍ ସିଣ୍ଟର୍ ଉତ୍ପାଦନ କରିବା ସହ ଅନୁରୂପ ପୂର୍ବ ବର୍ଷ ଅବଧି ତୁଳନାରେ ୧୧.୧% ଅଭିବୃଦ୍ଧି ହାସଲ କରିଛନ୍ତି । ସିଣ୍ଟର୍ ପ୍ଲାଣ୍ଟ-୩ ୟୁନିଟ ୬,୨୯,୧୧୦ ଟନ୍ ସିଣ୍ଟର୍ ଉତ୍ପାଦନ ସହିତ ଏହାର ସର୍ବୋତ୍ତମ ଅପ୍ରେଲ-ମଇ ପ୍ରଦର୍ଶନ ରେକର୍ଡ କରିଛି। ଡାଉନଷ୍ଟ୍ରିମରେ, ହଟ୍ ଷ୍ଟ୍ରିପ୍ ମିଲ୍-୨ ମୋଟ ୪,୩୫,୨୩୪ ଟନ୍ ଏଚଆର କଏଲ ରୋଲିଂ କରି ଏହାର ସର୍ବୋତ୍ତମ ଅପ୍ରେଲ-ମଇ ପ୍ରଦର୍ଶନ ରେକର୍ଡ କରିଛି ଏବଂ ଅନୁରୂପ ପୂର୍ବ ବର୍ଷ ଅବଧି ତୁଳନାରେ ୧୬.୮% ବୃଦ୍ଧି ଲାଭ କରିଛି । ହଟ ଷ୍ଟ୍ରିପ ମିଲ-୨ର ସିଟ୍ ସିୟରିଂ ଲାଇନ ୪୫୩୧୬ ଟନ୍ ଏଚଆର ସିଟ୍ ରୋଲିଂ କରି ଏହାର ସର୍ବୋତ୍ତମ ଅପ୍ରେଲ-ମଇ ପ୍ରଦର୍ଶନ ପଞ୍ଜିକରଣ କରିଛି। ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ତଥା ଦୁର୍ଗାପୁର ଇସ୍ପାତ କାରଖାନା ଓ ଇସ୍କୋ ଇସ୍ପାତ କାରଖାନାର ଡ଼ିଆଇସି ରୂପେ ଅତିରିକ୍ତ ଦାୟିତ୍ୱ ବହନ କରୁଥିବା ଆଲୋକ ବର୍ମା ସାମୁଦାୟିକଙ୍କୁ ଅଭିନନ୍ଦନ ଜଣାଇ କହିଛନ୍ତି ଯେ, ଆସନ୍ତୁ ଅନୁରୂପ ସମର୍ପଣଭାବ ଏବଂ ପ୍ରତିବଦ୍ଧତା ସହିତ ସମ୍ମିଳିତ କାର୍ଯ୍ୟଧାରା ଜାରି ରଖି ଆକାଙ୍କ୍ଷିତ ସର୍ବୋତ୍ତମ ସୁରକ୍ଷା, ଗୁଣବତ୍ତା ଓ ନିରନ୍ତରତାର ଫଳାଫଳ ସୁନିଶ୍ଚିତ କରିବା ।

# ଟାଟା ପାୱାର୍‌ର ସ୍ମାର୍ଟ ସର୍କୁଲାରିଟି କାର୍ଯ୍ୟକ୍ରମ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଟାଟା ପାୱାରର ଅନୋଖା ଧାଗା ସ୍ମାର୍ଟ ସର୍କୁଲାରିଟି କାର୍ଯ୍ୟକ୍ରମ ୫୦୦୦ କେଜିର ଏକକ ବ୍ୟବହାର ପ୍ଲାଷ୍ଟିକ୍ ବର୍ଜ୍ୟକୁ ଉଚ୍ଚ ଗୁଣାତ୍ମକ ମାନର, ରିସାଇକଲ୍ ଫ୍ୟାବ୍ରିକ୍ ଉତ୍ପାଦରେ ପରିଣତ କରିଛି। ଛଅଟି କେନ୍ଦ୍ରର ମହିଳାମାନଙ୍କ ନେତୃତ୍ୱାଧୀନ ଏହି ଅଭିଯାନ ପ୍ଲାଷ୍ଟିକ୍ ପ୍ରଦୂଷଣର ଜରୁରୀକାଳୀନ ଆହ୍ୱାନର ମୁକାବିଲା କରୁଥିବା ବେଳେ ମହିଳା ଉଦ୍ୟୋଗୀମାନଙ୍କ ପାଇଁ ୨୦ ଲକ୍ଷ ଟଙ୍କାର ଉଚିତ୍ ବ୍ୟବସାୟ ଆୟ ସହିତ ସ୍ଥାନୀୟ ସମାଜକୁ ସଶକ୍ତ କରୁଛି। ଏହି କାର୍ଯ୍ୟକ୍ରମ ଡେନିମ୍ ଦାନ ସହିତ ସମନ୍ୱିତ ରହିଛି ଯାହା ପ୍ରାକ୍-ପସନ୍ଦର ପୋଷାକକୁ ଏକ ନୂଆ ଦୃଷ୍ଟିକୋଣ ପ୍ରଦାନ କରୁଥିବା ବେଳେ ୟୁଜଡ୍ ପୋଷାକର ଜୀବନକାଳକୁ ବଢ଼ାଉଛି। ଟାଟା ଗ୍ରୁପ୍‌ର ପ୍ରୋଜେକ୍ଟ ଆଲିଙ୍ଗନ ଓ ସର୍କୁଲାର ଇକୋନିମ୍ ସମାଧାନ ପାଇଁ ଟାଟା ପାୱାର୍‌ର ପ୍ରତିବଦ୍ଧତା ସହିତ ସମନ୍ୱିତ ହୋଇ ଶୁଭାରମ୍ଭ କରାଯାଇଥିବା ଏହି ଅଭିଯାନ ବିଶ୍ୱ ପରିବେଶ ଦିବସ ୨୦୨୫ ଭାବ ଓ ପ୍ଲାଷ୍ଟିକ୍ ପ୍ରଦୂଷଣକୁ ଶେଷ କରିବାର ବିଷୟବସ୍ତୁ ସହିତ ଯୋଡ଼ିହୋଇ ରହିଛି। ବିଶ୍ୱ ପରିବେଶ ଦିବସ ୨୦୨୫ ପ୍ଲାଷ୍ଟିକ୍ ବ୍ୟବହାର ବିଷୟରେ ପୁନର୍ବିଚାର କରିବାକୁ ଆହ୍ୱାନ ଦେଉଥିବା ବେଳେ ଏହି ଅଭିଯାନ ମଧ୍ୟ ପ୍ଲାଷ୍ଟିକ୍‌କୁ ବର୍ଜନ, ହ୍ରାସ, ପୁନଃ ବ୍ୟବହାର, ରିସାଇକଲ୍ ଓ ପୁଣି ଥରେ ଭାବିବା ଲାଗି ଲୋକମାନଙ୍କୁ ଆହ୍ୱାନ ଦେଉଛି। ଟାଟା ପାୱାରର ଟ୍ରମ୍ବେ କାରଖାନା, ଆବାସିକ କଲୋନି, ମୁମ୍ବାଇରେ ଟାଟା ଗ୍ରୁପ୍ ଓ ଟାଟା ପାୱାର କାର୍ଯ୍ୟାଳୟ ତରଫରୁ ସହର ବ୍ୟାପୀ ପ୍ଲାଷ୍ଟିକ୍ ସଂଗ୍ରହ ଅଭିଯାନ ସହିତ ଏହି ପ୍ରକଳ୍ପ ଆରମ୍ଭ କରାଯାଇଥିଲା। କମ୍ପାନିର କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟମାନେ ଏଥିରେ ଭାଗ ନେଇଥିଲେ। ରିସାଇକଲ୍‌ଡ ଫ୍ୟାବ୍ରିକ୍‌ରୁ ସ୍ଥାୟୀ ଜିନିଷ ପ୍ରସ୍ତୁତ କରିବା ପାଇଁ ଅନୋଖା ଧାଗା ସହିତ ଜଡ଼ିତ ମହିଳାମାନଙ୍କୁ ତାଲିମ ଦିଆଯାଇଥିଲା। ସେମାନେ ଟି-ସାର୍ଟ, ଟୋଟା ବ୍ୟାଗ୍, ଓ ବସ୍ତା ଆଦି ପ୍ରସ୍ତୁତ କରିଥିଲେ। ବର୍ଜ୍ୟକୁ ସୁଯୋଗରେ ପରିଣତ କରି କମ୍ପାନି ପରିବେଶ ଉପରେ ତାହାର ପ୍ରଭାବ କମ୍ କରୁଥିବା ବେଳେ ସବୁଜ ଜୀବନଜୀବିକାର ବ୍ୟାପକ ଓ ଅନୁକରଣୀୟ ମଡେଲ୍ ସୃଷ୍ଟି କରୁଛି। ଏହି ଉଦ୍ୟମକୁ ସମସ୍ତ ବ୍ୟବସ୍ଥା ପର୍ଯ୍ୟନ୍ତ ସମ୍ପ୍ରସାରଣ କରି ଟାଟା ପାୱାର ଏକ ସ୍ୱଚ୍ଛ, ସବୁଜ ଓ ଅଧିକ ସମାନତାର ଭବିଷ୍ୟତ ପ୍ରତି ପ୍ରତିବଦ୍ଧତାକୁ ଦୋହରାଇଛି।

# ଗ୍ରୀନ ହାଇଡ୍ରୋଜେନ ପ୍ରୋଜେକ୍ଟ ସ୍ଥାପନ ପାଇଁ ପ୍ରତିବଦ୍ଧତା ସୁଦୃଢ କରିଛି ଏସିଏମ୍ଇ ଗ୍ରୁପ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସ୍ଥାୟିତ୍ୱ-ଭିତିକ ଅଭିନବ ସମାଧାନ ଉପରେ ଗୁରୁତ୍ୱ ଦେଉଥିବା ଭାରତର ଅଗ୍ରଣୀ ବ୍ୟବସାୟିକ ସଂସ୍ଥା ଏସିଏମଇ ଗ୍ରୁପ ଆଜି ଓଡ଼ିଶାର ଗୋପାଳପୁରଠାରେ ଭାରତରେ ଏହାର ପ୍ରଥମ ଗ୍ରୀନ ହାଇଡ୍ରୋଜେନ ପ୍ରକଳ୍ପ ସ୍ଥାପନ କରିବା ପାଇଁ ନିଜର ପ୍ରତିବଦ୍ଧତା ଦୋହରାଇଛି। ଗୋପାଳପୁର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟରେ ଟାଟା ଷ୍ଟିଲ ସ୍ପେଶିଆଲ ଇକୋନୋମିକ ଜୋନରେ ୫ଟି ଶିଳ୍ପ ପ୍ରକଳ୍ପ ପାଇଁ ଶିଳାନ୍ୟାସ ଓ ଉଦ୍‌ଘାଟନ ସମାରୋହ ସମୟରେ ଏହି ଘୋଷଣା କରାଯାଇଥିଲା। ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଅନ୍ୟାନ୍ୟ ସରକାରୀ ଅଧିକାରୀ, ବ୍ୟବସାୟିକ ଲିଡର ଓ ଏସିଏମଇ ଗ୍ରୁପ ଅଧିକାରୀ ଯୋଗ ଦେଇଥିଲେ। ଏସିଏମଇ ଗ୍ରୁପର ଗ୍ରୀନ ହାଇଡ୍ରୋଜେନ ପ୍ରକଳ୍ପକୁ ଟାଟା ଏସଇଜେଡ ମଧ୍ୟରେ ସ୍ଥାପନ କରାଯିବ, ଯାହା ଜଟିଳ ଶିଳ୍ପ କ୍ଷେତ୍ରଗୁଡିକୁ ଡିକାର୍ବୋନାଇଜ କରିବା ଏବଂ ଏକ ସବୁଜ ଭବିଷ୍ୟତ ପ୍ରତି ଭାରତର ରୂପା'ରଣକୁ ସମର୍ଥନ ପାଇଁ କମ୍ପାନୀର ଲକ୍ଷ୍ୟ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାକୁ ଚିହ୍ନିତ କରିଛି। ଏସିଏମଇ ଗ୍ରୀନ ହାଇଡ୍ରୋଜେନ ଏସବିୟୁର ମୁଖ୍ୟ ପରିଚାଳନା ଅଧିକାରୀ ଅନୀଲ କୁମାର ତପାରିଆ କହିଛନ୍ତି, ଏସିଏମଇ ଗ୍ରୁପ ଭାରତରେ ନିଜର ପ୍ରଥମ ଗ୍ରୀନ ହାଇଡ୍ରୋଜେନ ପ୍ରକଳ୍ପ ସ୍ଥାପନ କରିବା ପାଇଁ ଟାଟା ଷ୍ଟିଲ ସ୍ପେଶାଲ ଇକୋନୋମିକ ଜୋନ ସହ ଜଡିତ ହୋଇ ନିଜକୁ ଭାଗ୍ୟଶାଳୀ ମନେ କରୁଛି। ଏସିଏମଇ ଗ୍ରୁପ ଗୋପାଳପୁରଠାରେ ଟାଟା ଏସଇଜେଡ ମଧ୍ୟରେ ୪୦୦,୦୦୦ ଟନ୍‌ର ଗ୍ରୀନ ଆମୋନିଆର ବାର୍ଷିକ କ୍ଷମତା ସହ ଗ୍ରୀନ ହାଇଡ୍ରୋଜେନ ପ୍ରକଳ୍ପ ସ୍ଥାପନ କରିବ। ଏହା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୧୦୦୦ରୁ ଅଧିକ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି, ଯାହା ଅଞ୍ଚଳର ଆର୍ଥିକ ବିକାଶରେ ଯୋଗଦାନ ଦେବ। ଏହାର ଆନ୍ତର୍ଜାତୀୟ ଦୃଷ୍ଟିକୋଣକୁ ପ୍ରଦର୍ଶିତ କରି ଏସିଏମଇ ଗ୍ରୁପ ୨୦୨୯ ପରଠାରୁ ଓଡ଼ିଶା ଫ୍ୟାସିଲିଟିରୁ ବାର୍ଷିକ ୪ ଲକ୍ଷ ଟନର ଗ୍ରୀନ ଆମୋନିଆ ଯୋଗାଣ କରିବା ପାଇଁ ପ୍ରତିଷ୍ଠିତ ଆନ୍ତର୍ଜାତୀୟ ଜାପାନିଜ କର୍ପୋରେଶନ ସହ ସହଭାଗିତା କରିଛି।

# ବାୟର ପକ୍ଷରୁ 'ବିକୋଟା'ର ଶୁଭାରମ୍ଭ





ନୂଆଦିଲ୍ଲୀ: ଏକ ବିଶ୍ୱସ୍ତରୀୟ ଉଦ୍ୟୋଗ ବାୟର ପକ୍ଷରୁ 'ବିକୋଟା'ର ଶୁଭାରମ୍ଭ ଘୋଷଣା କରାଯାଇଛି, ଏହି ନୂତନ ଉତ୍ପାଦକୁ ଧାନ ଚାଷ କରୁଥିବା କୃଷକମାନଙ୍କୁ କାଣ୍ଡ ବିନ୍ଧା ପୋକ ବା ଶାଖା କୀଟକୁ ପ୍ରଭାବୀ ରୂପେ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିବା ପାଇଁ ପରିକଳ୍ପନା କରାଯାଇଛି। ବିକୋଟା ଏଭଳି କ୍ଷତିକାରକ କୀଟଗୁଡିକ ବିରୋଧରେ ମଜବୁତ ସୁରକ୍ଷା ପ୍ରଦାନ କରିବା ପାଇଁ ବାୟର୍‌ର ସ୍ୱତନ୍ତ୍ର ଉଦ୍ଭାବନକୁ ଏକତ୍ରିତ କରିଛି। ବିକୋଟା ଅଧିକ ଧାନ ଫସଲ କରାଯାଉଥିବା ରାଜ୍ୟ ଯେପରିକି ପାବ, ହରିଆନା, ଉତ୍ତରାଖଣ୍ଡ, ପଶ୍ଚିମ ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ, ଛତିଶଗଡ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ତାମିଲନାଡୁ ଓ ତେଲେଙ୍ଗାନା ଆଦିରେ ଜୁନ୍ ୨୦୨୫ରୁ ଉପଲବ୍ଧ ହେବ। ବିକୋଟା ଏଭଳି କୀଟଗୁଡିକର ଖାଦ୍ୟକୁ ରୋକିବା ପାଇଁ ତତ୍କାଳ କାର୍ଯ୍ୟ କରିଥାଏ ଏବଂ ଫସଲକୁ ଦୀର୍ଘସ୍ଥାୟୀ ସୁରକ୍ଷା ଦେଇଥାଏ। କେବଳ ଗୋଟିଏ ପ୍ରୟୋଗ ସହିତ କୃଷକମାନେ ବଜାରରେ ଉପଲବ୍ଧ ଅନ୍ୟ ସମାଧାନଗୁଡିତ ତୁଳନାରେ ଦୀର୍ଘ ସମୟ ପାଇଁ ଅତିରିକ୍ତ ସୁରକ୍ଷା ପାଇପାରିବେ। ଏହାବ୍ୟତୀତ ଏହା ମଜବୁତ ଚେର ଓ ଶାଖା ବିକାଶକୁ ପ୍ରୋତ୍ସାହିତ କରିଥାଏ, ଫସଲର ସାମଗ୍ରିକ ସ୍ୱାସ୍ଥ୍ୟକୁ ଉନ୍ନତ ରଖିବାରେ ସାହାଯ୍ୟ କରିଥାଏ ଏବଂ ଅଧିକ ଅମଳ ସୁନିଶ୍ଚିତ କରିବା ସହ ପରିବର୍ତିତ ଜଳବାୟୁ ସ୍ଥିତି ମଧ୍ୟରେ କାଣ୍ଡ ବିନ୍ଧା ପୋକଗୁଡିକର ଆକ୍ରମଣକୁ ନିୟନ୍ତ୍ରଣ କରିବା ଭଳି ପ୍ରମୁଖ ଆହ୍ୱାନଗୁଡିକର ସମାଧାନ କରିଥାଏ। ଏହି ଉତ୍ପାଦର ଶୁଭାରମ୍ଭ ସମ୍ପର୍କରେ ବାୟର୍‌ର କ୍ରପ ସାଇନ୍ସ ଡିଭିଜନର ଭାରତର ମୁଖ୍ୟ ପରିଚାଳନା ଅଧିକାରୀ ମୋହନ ବାବୁ କହିଛନ୍ତି, ବାୟର୍ ନିଜର ଉଦ୍ଭାବନଗୁଡିକ ମାଧ୍ୟମରେ କୃଷକଙ୍କ ଜୀବନକୁ ସହଜ କରିବା ପାଇଁ ପ୍ରୟାସ କରୁଛି। ବିକୋଟା ସହିତ ଆମେ କେବଳ ଧାନ ଫସଲର କୃଷକମାନଙ୍କୁ ସେମାନଙ୍କର ଫସଲକୁ ସୁରକ୍ଷିତ ରଖିବା ପାଇଁ ସମାଧାନ ପ୍ରଦାନ କରିବାକୁ ଚାହୁଁନାହୁଁ ବରଂ ସେମାନଙ୍କର ସମୟ ଓ ଶ୍ରମ ଖର୍ଚ୍ଚକୁ ସଞ୍ଚୟ କରିବା ସହିତ ସେମାନଙ୍କର ଉତ୍ପାଦନ ଓ ଆୟ ବୃଦ୍ଧି କରିବାରେ ସାହାଯ୍ୟ କରୁଛୁ।



ରାୟପୁର: ଛତିଶଗଡ଼ ଏକ୍ସପ୍ରେସରେ ଏକ ଭୟଙ୍କର ଘଟଣା ଘଟିଛି। ପଞ୍ଜାବର ୩୮ ବର୍ଷୀୟ ଦିବ୍ୟାଙ୍ଗ କ୍ରିକେଟର ବିକ୍ରମ ସିଂହ ହ୍ୱିଲଚେୟାର କ୍ରିକେଟ ଟୁର୍ନାମେଣ୍ଟ ପାଇଁ ଦିଲ୍ଲୀରୁ ଗ୍ୱାଲିୟର ଯାଉଥିବା ସମୟରେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଯାତ୍ରା ସମୟରେ ସିଂହଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ଖରାପ ହୋଇଯାଇଥିଲା। ତାଙ୍କୁ ସାହାଯ୍ୟ କରିବା ପାଇଁ ଅନେକ ଜରୁରୀକାଳୀନ କଲ କରାଯାଇଥିଲା କିନ୍ତୁ ସମୟ ମଧ୍ୟରେ ଡାକ୍ତରୀ ସହାୟତା ପହଞ୍ଚି ପାରି ନ ଥିଲା। ସାହାଯ୍ୟ ପାଇଁ ବାରମ୍ବାର ଚେଷ୍ଟା କରାଯାଉଥିଲା କିନ୍ତୁ କୌଣସି ସାହାଯ୍ୟ ଆସି ନ ଥିଲା। ଟ୍ରେନ ମଥୁରା ଷ୍ଟେଶନରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଥିଲା। ସିଂହ ଏବଂ ତାଙ୍କ ସାଥୀମାନେ ହଜରତ ନିଜାମୁଦ୍ଦିନ ଷ୍ଟେଶନ୍ ଛତିଶଗଡ଼ ଏକ୍ସପ୍ରେସ୍‌ରେ ଚଢ଼ିଥିଲେ। ଟ୍ରେନ ଛାଡ଼ିବାର କିଛି ସମୟ ପରେ, ତାଙ୍କର ପ୍ରବଳ ଯନ୍ତ୍ରଣା ଆରମ୍ଭ ହୋଇଥିଲା ଏବଂ ଟ୍ରେନ ମଥୁରା ନିକଟରେ ପହଞ୍ଚିବା ପରେ ତାଙ୍କ ଅବସ୍ଥା ଖରାପ ହୋଇଯାଇଥିଲା। ସକାଳ ୪.୫୮ରେ ରେଳବାଇ ହେଲ୍ପଲାଇନକୁ ଏକ ଜରୁରୀକାଳୀନ କଲ କରାଯାଇଥିଲା, ତୁରନ୍ତ ଡାକ୍ତରୀ ସହାୟତା ଦାବି କରାଯାଇଥିଲା। ଅନେକ ଥର ଫୋନ କରିବା ସତ୍ତ୍ୱେ କୌଣସି ସାହାଯ୍ୟ ମିଳି ନ ଥିଲା। ଟ୍ରେନ ପ୍ରାୟ ୯୦ ମିନିଟ ବିଳମ୍ବ ହୋଇଥିଲା ଏବଂ ଶେଷରେ ସକାଳ ୮.୧୦ରେ ମଥୁରା ଷ୍ଟେଶନରେ ପହଞ୍ଚିଥିଲା। ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ସେ ଆମ ଆଖି ସାମ୍ନାରେ ଯନ୍ତ୍ରଣାରେ ଛଟପଟ ହେଉଥିଲେ। ଆମେ ସାହାଯ୍ୟ ପାଇଁ ଡାକୁଥିଲୁ, କିନ୍ତୁ କେହି ଆସିଲେ ନାହିଁ ବୋଲି ତାଙ୍କ ଜଣେ ଶୋକସନ୍ତପ୍ତ ସାଥୀ କହିଥିଲେ।

### ଇଂଲଣ୍ଡ ବିପକ୍ଷ ଟେଷ୍ଟ ଶୃଙ୍ଖଳା

# ଗିଲ୍‌ଙ୍କ ଆଗରେ ଅନେକ ଆହ୍ୱାନ



## ବିରାଟ, ରୋହିତଙ୍କ ସ୍ଥାନ ପୂରଣ ନେଇ ଯୁବ ଖେଳାଳିଙ୍କ ପାଇଁ ସୁଯୋଗ

ନୂଆଦିଲ୍ଲୀ: ଭାରତ ଓ ଇଂଲଣ୍ଡ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ଚଳିତ ଜୁନ୍ ୨୦ରୁ ଅଗଷ୍ଟ ୪ ପର୍ଯ୍ୟନ୍ତ ଖେଳାଯିବ। ବିଶ୍ୱ ଟେଷ୍ଟ ଚମ୍ପିଆନସିପ୍ ୨୦୨୫-୨୭ ଅନ୍ତର୍ଗତ ଉକ୍ତ ଶୃଙ୍ଖଳା ଉଭୟ ଦଳ ପାଇଁ ଗୁରୁତ୍ୱବହନ କରୁଛି। ନୂତନ ଅଧିନାୟକ ଶୁଭମନ ଗିଲ୍‌ଙ୍କ ନେତୃତ୍ୱରେ ଖେଳିବାକୁ ଯାଉଛି ଭାରତ। ସବୁଠାରୁ ବଡ଼ କଥା ହେଉଛି ଭାରତୀୟ କ୍ରିକେଟର ଦୁଇ ତାରକା ବିରାଟ କୋହଲି ଓ ରୋହିତ ଶର୍ମା ଟେଷ୍ଟ କ୍ରିକେଟରୁ ଅବସର ନେବା ପରେ ଭାରତୀୟ ଦଳ ପାଇଁ ଏହା ପ୍ରଥମ ଟେଷ୍ଟ ଶୃଙ୍ଖଳା ହେବ। ବିଦେଶରେ ଭାରତ ଶୁଭମନ ଗିଲଙ୍କ ଅଧିନାୟକତ୍ୱରେ ବିରାଟ ଓ ରୋହିତଙ୍କ ବିନା ଖେଳିବ। ଯାହା ବଡ଼ ଆହ୍ୱାନ ହେବ ବୋଲି ପୂର୍ବତନ କ୍ରିକେଟରମାନେ ପୂର୍ବାନୁମାନ କରିଛନ୍ତି। ବିରାଟ ଟେଷ୍ଟ କ୍ରିକେଟରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିଲେ। ୪ ନମ୍ବର ସ୍ଥାନରେ ବିରାଟ ବେଶ ଶକ୍ତିଶାଳୀ ଥିଲେ। ତାଙ୍କ ଅନୁପସ୍ଥିତିକୁ ଦଳ ନିଶ୍ଚିତ ଅନୁଭୂତ କରିବ। ବିରାଟଙ୍କ ୪ ନମ୍ବର ସ୍ଥାନକୁ ପୂରଣ କରିବା ଅନ୍ୟ କ୍ରିକେଟରମାନଙ୍କ ଲାଗି ଏତେ ସହଜ ହେବ ନାହିଁ। କରୁଣ ନାୟର, ସାଇ ସୁଦର୍ଶନ ଓ ଶୁଭମନ ଗିଲଙ୍କ ମଧ୍ୟରୁ ଜଣେ ଇଂଲଣ୍ଡ ବିପକ୍ଷ ଟେଷ୍ଟ ଶୃଙ୍ଖଳାରେ ୪ ନମ୍ବର ସ୍ଥାନରେ ବ୍ୟାଟିଂ କରିବା ନେଇ ଆଶା କରାଯାଉଛି। ରୋହିତ ଓପନିଂରେ ମଧ୍ୟ ଜଣେ ପ୍ରଭାବୀ ଖେଳାଳି ଥିଲେ। ଟେଷ୍ଟ କ୍ରିକେଟରେ ରୋହିତଙ୍କ ପ୍ରଦର୍ଶନ ସେଭଳି ଉଲ୍ଲେଖନୀୟ ନଥିଲେ ମଧ୍ୟ ତାଙ୍କ ଅନୁପସ୍ଥିତି ନିଶ୍ଚିତ ଭାରତୀୟ ଦଳକୁ ଅନୁଭୂତ ହେବ। ଦଳରେ, ଲୋକେଶ ରାହୁଲ, ଶୁଭମନ ଗିଲ, ଋଷଭ ପନ୍ତ ଓ ରବୀନ୍ଦ୍ର ଜାଡେଜାଙ୍କ ଭଳି ଅଭିଜ୍ଞ ଓ ଯଶସ୍ୱୀ ଜୟସୱାଲ, କରୁଣ ନାୟର, ଧ୍ରୁବ ଜୁରେଲ, ସାଇ ସୁଦର୍ଶନ, ଅଭିମନ୍ୟୁ ଈଶ୍ୱରନ, ନୀତିଶ କୁମାର ରେଡ୍ଡିଙ୍କ ଭଳି ଯୁବ କ୍ରିକେଟର ରହିଛନ୍ତି। ଯୁବ କ୍ରିକେଟରମାନଙ୍କ ଲାଗି ଏବେ ପ୍ରତିଭା ପ୍ରଦର୍ଶନ କରିବାର ବଡ଼ ସୁଯୋଗ ସୃଷ୍ଟି ହୋଇଛି। ଇଂଲଣ୍ଡ ଭଳି ଫାଷ୍ଟ ପିଚରେ ଭାରତୀୟ ବ୍ୟାଟ୍ ?ସମ୍ୟାନଙ୍କ ପାଇଁ ନିଶ୍ଚିତ ଆହ୍ୱାନ ରହିବ। ବୋଲିଂ ବିଭାଗକୁ ଦେଖିବାକୁ ଗଲେ ସାର୍ଦ୍ଦୁଳ ଠାକୁର, ଯଶପ୍ରୀତ ବୁମ୍ରା, ମହମ୍ମଦ ସିରାଜ, ପ୍ରସିଦ୍ଧ କୃଷ୍ଣ, ଆକାଶ ଦୀପ୍ ଓ କୁଳଦୀପ୍ ଯାଦବ ରହିଛନ୍ତି। ଭାରତୀୟ ଦଳ ପାଇଁ ଏବେ ଯୁବ ଖେଳାଳିଙ୍କ ପ୍ରଦର୍ଶନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଛି। ବୁମ୍ରା ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାର ସମସ୍ତ ମ୍ୟାଚ ଖେଳିବା ନେଇ ଆଶଙ୍କା ରହିଛି। ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାର ପ୍ରଥମ ମ୍ୟାଚ ଜୁନ୍ ୨୦ରୁ ୨୪ ପର୍ଯ୍ୟନ୍ତ ହେଡିଂଲେର ଲିଡ୍‌ସରେ ଖେଳାଯିବା ବେଳେ ଜୁଲାଇ ୨ରୁ ୬ ପର୍ଯ୍ୟନ୍ତ ବର୍ମିଂହାମରେ ଦ୍ୱିତୀୟ, ଜୁଲାଇ ୧୦ରୁ ୧୪ ପର୍ଯ୍ୟନ୍ତ ଲର୍ଡସରେ ତୃତୀୟ, ଜୁଲାଇ ୨୩ରୁ ୨୭ ପର୍ଯ୍ୟନ୍ତ ଚତୁର୍ଥ ଟେଷ୍ଟ ମାଞ୍ଚେଷ୍ଟରରେ ଓ ଜୁଲାଇ ୩୧ରୁ ଅଗଷ୍ଟ ୪ ପର୍ଯ୍ୟନ୍ତ ଅନ୍ତିମ ଟେଷ୍ଟ ଓଭାଲରେ ଖେଳାଯିବ।

# ଟେଷ୍ଟ କ୍ରିକେଟ୍‌କୁ ପୁଣି ଫେରିପାରନ୍ତି କୋହଲି: କ୍ଲାର୍କ



ନୂଆଦିଲ୍ଲୀ: ସମସ୍ତଙ୍କୁ ଚକିତ କରି ଭାରତୀୟ କ୍ରିକେଟ ଟିମର ଷ୍ଟାର ବ୍ୟାଟର ବିରାଟ କୋହଲି ଟେଷ୍ଟ କ୍ରିକେଟରୁ ଅବସର ନେଇ ସାରିଛନ୍ତି। କିନ୍ତୁ ଅଷ୍ଟ୍ରେଲିଆର ପୂର୍ବତନ କ୍ରିକେଟର ତଥା ଅଧିନାୟକ ମାଇକେଲ କ୍ଲାର୍କ ଏହାକୁ ନେଇ ବଡ଼ କଥା କହିଛନ୍ତି। ବିରାଟ ସମ୍ଭବତଃ ପୁଣି ଟେଷ୍ଟ କ୍ରିକେଟକୁ ଫେରି ପାରନ୍ତି। ସେ ସମ୍ଭବତଃ ନିଜର ଅବସର ନିଷ୍ପତ୍ତି ବଦଳାଇ ପାରନ୍ତି ବୋଲି କ୍ଲାର୍କ ମତ ରଖିଛନ୍ତି। ଇଂଲଣ୍ଡ ବିପକ୍ଷ ଟେଷ୍ଟ ସ୍କ୍ୱାଡ ଘୋଷଣା ହେବାର କିଛି ଦିନ ପୂର୍ବରୁ ବିରାଟ ନାଲି ବଲ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ୩୬ ବର୍ଷୀୟ ବିରାଟ ଦେଶ ପାଇଁ ୧୨୩ଟି ଟେଷ୍ଟ ମ୍ୟାଚ୍ ଖେଳି ୯୨୩୦ ରନ କରିଛନ୍ତି। ତାଙ୍କ ବ୍ୟାଟିଂ ହାର ୪୬.୮୫ ରହିଛି। ବିରାଟ ହଠାତ ଟେଷ୍ଟ କ୍ରିକେଟକୁ ଅଲବିଦା କହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। କିନ୍ତୁ କ୍ଲାର୍କଙ୍କ କହିବା କଥା ଯେ ଯଦି ଭାରତୀୟ ଟିମ ଇଂଲଣ୍ଡ ବିପକ୍ଷ ଟେଷ୍ଟରେ ନୈରାଶ୍ୟଜନକ ପ୍ରଦର୍ଶନ କରିବ, ତା'ହେଲେ ବିରାଟ ଅବସର ନିଷ୍ପତ୍ତି ବଦଳାଇବେ। ଗୋଟିଏ ପୋଡକାଷ୍ଟରେ କ୍ଲାର୍କ କହିଛନ୍ତି, ମୋର ବିଶ୍ୱାସ ରହିଛି। ଯଦି ଭାରତୀୟ ଟିମ ଇଂଲଣ୍ଡରେ ଫ୍ଲପ ହେବ, ଯଦି ଭାରତୀୟ ଟିମ ୦-୫ରେ ଇଂଲଣ୍ଡ ଠାରୁ ହାରିଯିବ, ତା'ହେଲେ ଫ୍ୟାନ୍ସ ନିଶ୍ଚିତ ଭାବେ ବିରାଟ କୋହଲିଙ୍କୁ ଅବସର ନିଷ୍ପତ୍ତି ବଦଳାଇବାକୁ ଓ ତାଙ୍କୁ ପୁଣି ଟେଷ୍ଟ କ୍ରିକେଟ ଖେଳିବାକୁ କହିବେ। ମୁଁ ମଧ୍ୟ ଭାବୁଛି ଯେ ଯଦି ତାଙ୍କୁ କ୍ୟାପଟେନ୍, ଚୟନକର୍ତ୍ତା ଓ ଫ୍ୟାନ୍ସ ସମର୍ଥନ କରିବେ, ତା'ହେଲେ ବିରାଟ ପୁଣି ଫେରିବେ। ସେ ଏବେ ବି ଟେଷ୍ଟ କ୍ରିକେଟକୁ ଭଲ ପାଉଛନ୍ତି। ଟେଷ୍ଟ କ୍ରିକେଟ ପାଇଁ ତାଙ୍କର ସମ୍ମାନ ଏବେ ବି ରହିଛି। ଟେଷ୍ଟ କ୍ରିକେଟ ପାଇଁ ସେ ପ୍ରୟୋଗ କରିଥିବା ଶବ୍ଦ ବାସ୍ତବ। ତେଣୁ ସେ ପୁଣି ଟେଷ୍ଟ କ୍ରିକେଟକୁ ଫେରିବାର ଯଥେଷ୍ଟ ସମ୍ଭାବନା ରହିଛି। ବିରାଟଙ୍କ ଅନୁପସ୍ଥିତି ଇଂଲଣ୍ଡ ବିପକ୍ଷ ଟେଷ୍ଟରେ ଭାରତ ଅନୁଭବ କରିବ ବୋଲି ମଧ୍ୟ କ୍ଲାର୍କ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଭାରତ ଗୋଟିଏ କ୍ରିକେଟ ପାଗଳ ଦେଶ। ସେମାନେ ସବୁବେଳେ ନିଜ ଟିମର ବିଜୟ ଚାହାନ୍ତି। ବିରାଟ ଓ ରୋହିତ ଶର୍ମାଙ୍କ ବିନା ତିଆରି ହୋଇଥିବା ଭାରତୀୟ ଟିମ ମଧ୍ୟ ଇଂଲଣ୍ଡକୁ ତା' ଗଡ଼ରେ ମାତ ଦେଇପାରିବ। ଏହା ଗୋଟିଏ ଭଲ ଟିମ। କିନ୍ତୁ ଯଦି ସେମାନେ ହାରି ଯାଆନ୍ତି କିମ୍ବା ନୈରାଶ୍ୟଜନକ ପ୍ରଦର୍ଶନ କରନ୍ତି, ତା'ହେଲେ ବିରାଟ କୋହଲିଙ୍କ ଉପରେ ଅବସର ନିଷ୍ପତ୍ତି ବଦଳାଇବାକୁ ଚାପ ସୃଷ୍ଟି କରାଯିବ।

### ଘୁଷୁରାମୁଣ୍ଡା ମାଁ ବାରଖୁଲେନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ


# ଘଣ୍ଟବାହାଲକୁ ହରାଇ ମୁରିବାହାଲ ଚାମ୍ପିଅନ୍



ମୁରିବାହାଲ(ଭାସ୍କର ନ୍ୟୁଜ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଗୁଡିଘାଟ ଗ୍ରାମ ପଞ୍ଚାୟତ ଘୁଷୁରାମୁଣ୍ଡା ଗ୍ରାମରେ ମାଁ ବରାଖୁଲେନ କ୍ରିକେଟ କ୍ଲବ ତରଫରୁ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । କ୍ରିକେଟ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଭାଜପା ସଭାପତି ତଥା ସାଂସଦ ପ୍ରତିନିଧି ଶ୍ରୀବତ୍ସ ବେହେରା ଯୋଗଦାନ କରିଥିଲେ ଏବଂ ସମ୍ମାନିତ ଅତିଥି ରୂପେ ବ୍ଲକ ଅଧ୍ୟକ୍ଷ ହରିବନ୍ଧୁ ମେହେର, ବିକାଶ ମଞ୍ଚ ମୁରିବାହାଲ ସଭାପତି ଫାଲଗୁନି ହାତୀ ସମ୍ପାଦକ ଅମରେଶ ମାଝୀ, କୋଷାଧ୍ୟକ୍ଷ ହରିଦାସ ତାଣ୍ଡି, ପିଙ୍କୁ ବାଗ, ମଦନ ଥାଟି ସକାଳ ଖବରକାଗଜ ମୁରିବାହାଲର ପ୍ରତିନିଧି କେଦାର ବଡଜେନା ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଫାଇନାଲ ମ୍ୟାଚ ଘଣ୍ଟବାହାଲ ଓ ମୁରିବାହାଲ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ମୁରିବାହାଲ କ୍ରିକେଟ ଦଳ ୬ ୱାକେଟରେ ବିଜୟୀ ହୋଇଥିଲେ । ଘଣ୍ଟବାହାଲ ଦଳ ପ୍ରଥମ ବେଟିଂ କରି ୭ ଓଭର ୩ ବଲରେ ଅଲ ଆଉଟ ହେଇଥିବା ବେଳେ ମୁରିବାହାଲ ଦଳ ୫ ଓଭର ୨ବଲରେ ୪୧ରନ କରି ବିଜୟ ଲାଭ କରିଥିଲେ । ବିଜୟୀ ଦଳକୁ ୭ ହଜାର ଓ ରନର ଦଳକୁ ୫ ହଜାର ଅତିଥି ମାନେ ଟ୍ରଫି ସହ ପ୍ରଦାନ କରିଥିଲେ । ସରୋଜ ଖମାରି, ପିଙ୍କୁ ଭୋଇ ଖେଳ ପରିଚାଳନା କରିଥିଲେ କମିଟିର ସଭାପତି ଧୂଳେଶ୍ୱର ମହାନନ୍ଦ ସମ୍ପାଦକ ହେମସାଗର ପ୍ରଧାନୀ, ଚଞ୍ଚଳ ବାଗ, ଶିବା ସାହୁ, ରାକେଶ ପୁଷ୍ଟି, ଶ୍ରଦ୍ଧାକର ବାଗ, ଦୁଲମଣି ଗହୀର, ସୁଶୀଲ ବାଗ, ମଣ୍ଟୁ ହାନୀ, କାନ୍ହୁ କୁଅଁର, ନୃପରାଜ ମେହେର, ମନୋଜ ବାଗ, ସୁଦାମ କୁଅଁର ସହ ସମସ୍ତ କମିଟିର ସଦସ୍ୟ ସହଯୋଗ କରିଥିଲେ । ଅତ୍ୟନ୍ତ ଶାନ୍ତିପୂର୍ଣ୍ଣ ଭାବରେ ଖେଳ ସମାପନ ହୋଇଥିଲା ଶେଷରେ ଉଭୟ ଦଳକୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

### ୧ମ ବାର୍ଷିକ ଡିଆରକେ କପ୍ ଦିବାରାତ୍ର ୨୦-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୨ୟ ଦିନ

# ରାଫେଲ ରୋକେଟ୍ସ ୮ ୱିକେଟ୍‌ରେ ବିଜୟୀ



ବାରିପଦା(ଭାସ୍କର ନ୍ୟୁଜ): ଶନିବାର ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମରେ ଡିଆରକେ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ୧ମ ବାର୍ଷିକ ଡିଆରକେ କପ୍ ଦିବାରାତ୍ର ୨୦-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୨ୟ ଦିନର ମ୍ୟାଚରେ ରାଫେଲ ରୋକେଟ୍ସ ପରି ଚାଲେଞ୍ଜର୍ସକୁ ୮ ଉଇକେଟରେ ପରାସ୍ତ କରିଥିଲା । ପ୍ରଥମେ ବ୍ୟାଟିଂ କରି ପରି ଚାଲେଞ୍ଜର୍ସ ୨୦ ଓଭରରେ ୫ ଉଇକେଟ ହରାଇ ୧୫୪ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ତାପସ କୁମାର ରାଉତ ୫୭, ଅବିନାଶ ଖଣ୍ଡେଲୱାଲ ୨୫ ଓ ନୌତମ ଭଞ୍ଜ ୨୦ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ମାନସ ଧଳ ୨ଟି ଉଇକେଟ ଅକ୍ତିଆର କରିଥିଲେ । ଉତ୍ତରରେ ରାଫେଲ ରୋକେଟ୍ସ ୧୬ ଓଭରରେ ୨ ଉଇକେଟ ହରାଇ ୧୫୭ ରନ ସଂଗ୍ରହ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ । ଦଳ ପକ୍ଷରୁ ଅଧିନାୟକ ଅମିତ ପରିଡା ଅପରାଜିତ ୫୪, ପ୍ରୀତପାଲ ସିଂହ ଅପରାଜିତ ୪୩ ଓ ସୌମ୍ୟ ରଞ୍ଜନ ମହାନ୍ତ ୨୮ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ନୌତମ ଭଞ୍ଜ ୨ଟି ଯାକ ଉଇକେଟ ଅକ୍ତିଆର କରିଥିଲେ । ଆଶୁତୋଷ ପାଣି ଓ ଦିଲ୍ଲୀପ ଦାସ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ସ୍କୋରଂରେ ସହାୟତା କରିଥିଲେ । ସୋମନାଥ ସିଂହ ଓ ବୁବୁ ସିହ୍ନା ଧାରା ବିବରଣୀ ପ୍ରଦାନ କରିଥିଲେ । ଅତିଥି ଭାବେ ଯୋଗ ଦେଇ ପୂର୍ବତନ କ୍ରିକେଟ ଖେଳାଳି ତଥା ଟୁର୍ଣ୍ଣାମେଣ୍ଟର ସାଧାରଣ ସମ୍ପାଦକ ସଂଜୀବ ଦ୍ୱିବେଦୀ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସମ୍ପାଦକ ନିରୋଜ ସାହୁ ଓ ମୁଖ୍ୟ ଆୟୋଜକ ଅମିତାଭ ଦାସ ଉପସ୍ଥିତ ଥିଲେ ।

# ପ୍ରଥମ ଜିଲ୍ଲାସ୍ତରୀୟ ତାଏକୋଣ୍ଡୋ ପ୍ରତିଯୋଗିତା



ବ୍ରଜରାଜନଗର(ଭାସ୍କର ନ୍ୟୁଜ): ଝାରସୁଗୁଡା ଜିଲ୍ଲା ବ୍ରଜରାଜନଗରସ୍ଥିତ ବହୁମୁଖୀ ଇନଡୋର ଷ୍ଟାଡ଼ିୟମରେ ଏହେସାସ୍ ତାଏକୋଣ୍ଡୋ ଏକାଡେମୀ ପକ୍ଷରୁ ଜିଲ୍ଲାସ୍ତରୀୟ ତାଏକୋଣ୍ଡୋ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ପୁମସେ ଏବଂ କିରୋଗି ଉଭୟ ୨ ପ୍ରତିଯୋଗିତାରେ ସର୍ବମୋଟ ୫୦ କ୍ରିଡାବିତ୍ ଅଂଶ ଗ୍ରହଣ କରିଥିଲେ। ଓଡିଶା ତାଏକୋଣ୍ଡୋ ଆସୋସିଏସନର ନିର୍ଦ୍ଦେଶରେ ହୋଇଥିବା ଏହି ପ୍ରତିଯୋଗିତାକୁ ଆନ୍ତର୍ଜାତୀୟ ତାଏକୋଣ୍ଡୋ ଖେଳାଳୀ ତଥା କ୍ଲବ ମୁଖ୍ୟ ଏହେସାସ୍ ହୋତା ପ୍ରତିଯୋଗିତାକୁ ଆଗକୁ ବଢେଇଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲା ତାଏକୋଣ୍ଡୋ ସଂଘର କୋଷାଧ୍ୟକ୍ଷ ତଥା ଆନ୍ତର୍ଜାତୀୟ ତାଏକୋଣ୍ଡୋ ଖେଳାଳୀ ଶୁଭମ ପଟ୍ଟନାୟକ, କେନ୍ଦ୍ରାପଡା ଜିଲ୍ଲା ତାଏକୋଣ୍ଡୋ ସଂଘ ସାଧାରଣ ସମ୍ପାଦକ ତଥା ଜାତୀୟ ରେଫରି ବିବେକାନନ୍ଦ ସାମଲ, ଜାତୀୟ ରେଫରି ତଥା ଆନ୍ତର୍ଜାତୀୟ ତାଏକୋଣ୍ଡୋ ଖେଳାଳୀ ବିଶ୍ୱରଞ୍ଜନ ସାହୁ ପ୍ରମୁଖଖେଳାଳୀଙ୍କୁ ନିଜ ଅନୁଭୂତି ଜଣାଇବା ସହ କ୍ରୀଡାବିତଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଶିକ୍ଷକ ତଥା ଆନ୍ତର୍ଜାତୀୟ ତାଏକୋଣ୍ଡୋ ଖେଳାଳୀ ମନିଷ ମହାନ୍ତି ପରିଚାଳନା କରିଥିଲେ।

## ରୋନିତ ଶ୍ରେଷ୍ଠ ଖେଳାଳି ରୂପେ ପୁରସ୍କୃତ

ବୋଲଗଡ(ଭାସ୍କର ନ୍ୟୁଜ): ଅନ୍ତଃ ଜିଲ୍ଲା ମ୍ୟାଚରେ ୬ ୱିକେଟ ନେଇ ରୋନିତ ଶ୍ରେଷ୍ଠ ଖେଳାଳି ରୂପେ ପୁରସ୍କୃତ ହୋଇଛନ୍ତି। ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ପାନନଗର ଗ୍ରାମର ସାମ୍ବାଦିକ ଅଶୋକ ପ୍ରଧାନଙ୍କ ଏକ ମାତ୍ର ସୁଯୋଗ୍ୟ ସନ୍ତାନ ରୋନିତ ନିଜ ମାମୁଁ ଘରେ ରହି ପାଠପଢୁଥିଲା ବେଳେ କ୍ରିକେଟ ଖେଳ ପ୍ରତି ତାଙ୍କର ପିଲା ଦିନରୁ ଆଗ୍ରହ ଦେଖି ତାଙ୍କର ମାତା ପିତା କ୍ରିକେଟ ଖେଳିବାକୁ ଅନୁମତି ପ୍ରଦାନ କରିଥିଲେ । ଏହି କ୍ରିକେଟ ଖେଳ ରୋନିତଙ୍କୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବା ସହ ତାଙ୍କର ମାତା ପିତାଙ୍କୁ ଗର୍ବିତ କରିଛି । ସେ ରେଭେନ୍ସା ପଡିଆ ଠାରେ ଅନ୍ତଃ ଜିଲ୍ଲା ୫୦ ଓଭର ବିଶିଷ୍ଟ ମ୍ୟାଚରେ ଦେବଗଡ଼ ପକ୍ଷରୁ ଘାତକ ବୋଲିଂ କରି ୬ ୱିକେଟ ନେଇ ବିପକ୍ଷ ଦଳ ଜଗତସିଂହପୁରକୁ ଧରାସାୟୀ କରି ଦେଇ ଛନ୍ତି। ଫଳରେ ତାଙ୍କୁ ସେହି ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବରେ ପୁରସ୍କୃତ କରା ଯାଇଛି। ରୋନିତଙ୍କୁ ପରିବାର ଏବଂ ହିତାକାଂକ୍ଷୀ ମାନଙ୍କ ତରଫରୁ ଶୁଭେଚ୍ଛାର ସୁଅ ଛୁଟିଛି ଏବଂ ଏଥି ସହ ତାଙ୍କର ଓଡ଼ିଶା ଦଳ ପାଇଁ ଖେଳି ରାଜ୍ୟ ତଥା ଦେଶର ନାମ ଉଜ୍ଜ୍ୱଳ କରିବା ପାଇଁ ମାତା ପିତା ଆଶା କରିଛନ୍ତି।

## ବୋଧହୁଏ ଏହା ମୋର ଶେଷ ମ୍ୟାଚ୍ ଥିଲା: ନୋଭାକ୍ ଜୋକୋଭିକ୍




ନୂଆଦିଲ୍ଲୀ: ନୋଭାକ ଜୋକୋଭିକ୍ ଟେନିସ୍ ଜଗତର ବାଦ୍‌ଶାହ। ସର୍ବଶ୍ରେଷ୍ଠ ଖେଳାଳିଙ୍କ ମଧ୍ୟରୁ ଜଣେ ବୋଲି ବିବେଚନା କରାଯାଏ । ୨୦୨୫ ଫ୍ରେଞ୍ଚ୍ ଓପନ୍‌ର ସେମିଫାଇନାଲ୍‌ରେ ଜାନିକ୍ ସିନର୍‌ରଙ୍କଠାରୁ ପରାସ୍ତ ହେବା ପରେ ଟେନିସ୍‌ରୁ ଅବସର ନେବା ନେଇ ବଡ଼ ସଙ୍କେତ ଦେଇଛନ୍ତି। ପ୍ୟାରିସର ଫିଲିପ୍ ଚାଟିଅର କୋର୍ଟରେ ଖେଳାଯାଇଥିବା ସେମିଫାଇନାଲ୍ ମ୍ୟାଚ୍‌ରେ ୩୮ବର୍ଷୀୟ ସର୍ବିଆନ୍ ଖେଳାଳି ସିନରଙ୍କଠାରୁ ୪-୬, ୫-୭, ୬-୭ରେ ପରାସ୍ତ ହୋଇଥିଲେ। ଫ୍ରେଞ୍ଚ୍ ଓପନ୍‌ର ଏହି ସେମିଫାଇନାଲ୍ ମ୍ୟାଚ୍ ଥିଲା ବେଶ୍ ହୃଦୟସ୍ପର୍ଶୀ। ମୁହୂର୍ତ୍ତ ଏମିତି ଥିଲା କି, ମ୍ୟାଚ୍ ହାରିବା ପରେ ଜୋକୋଭିକ୍ କୋର୍ଟ ଛାଡିବା ସମୟରେ କିଛି ସମୟ ପାଇଁ ଅଟକିଯାଇଥିଲେ । ତାଙ୍କ ବ୍ୟାଗ୍ ତଳେ ରଖି ତାଙ୍କ ପ୍ରଶଂସକଙ୍କୁ ହାତ ହଲାଇଥିଲେ । ଏହା ଦେଖି ମନେ ହେଉଥିଲା ଯେପରି ଏହି କୋର୍ଟରେ ଖେଳିବାର ଏହା ଶେଷ ଥର। ମ୍ୟାଚ୍ ପରେ ଜୋକୋଭିକ୍ ଏକ ସାମ୍ବାଦିକ ସମ୍ମିଳନୀରେ ଟିକେ ଭାବପ୍ରବଣ ହୋଇଯାଇଥିଲେ। କହିଥିଲେ- ଆଜିର ମ୍ୟାଚ୍ ହୁଏତ ମୁଁ ଏଠାରେ ଖେଳିଥିବା ଶେଷ ମ୍ୟାଚ୍ ହୋଇପାରେ। ସେଥିପାଇଁ ମୁଁ ଶେଷରେ ଟିକେ ଅଧିକ ଭାବପ୍ରବଣ ହୋଇଥିଲି । ଜୋକୋଭିକ୍ ସାମ୍ବାଦିକ ସମ୍ମିଳନୀରେ ଆହୁରି କହିଛନ୍ତି, ମୁଁ ଏହି ସ୍ଥାନରେ ଆହୁରି ଖେଳିବାକୁ ଚାହୁଁଛି, କିନ୍ତୁ ବର୍ତ୍ତମାନ ମୁଁ କେବଳ ଏତିକି କହିପାରିବି ଯେ ମୁଁ ଜାଣିନାହିଁ ଯେ ମୁଁ ୧୨ ମାସ ପରେ ପୁଣି ଏହି ସ୍ଥାନରେ ଖେଳିପାରିବି କି ନାହିଁ। ଫ୍ରେଞ୍ଚ ଓପନର ସେମିଫାଇନାଲରେ ଜାନିକ୍ ସିନରଙ୍କଠାରୁ ହାରିବା ପରେ ମଧ୍ୟ ଜୋକୋଭିକ୍‌ଙ୍କ ମୁହଁରେ କୌଣସି ଦୁଃଖ ନଥିଲା। ସିନରଙ୍କ ବିପକ୍ଷ ପରାଜୟ ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ସିଧାସଳଖ ସେଟରେ ହାରିଥିଲେ ମଧ୍ୟ, ସେ ଏହି ମ୍ୟାଚ୍ ରେ ଯଥାସମ୍ଭବ ପ୍ରତିଯୋଗିତା ଦେଇଥିଲେ। ସେ କହିଥିଲେ, ମୁଁ ସିନରଙ୍କୁ ଶେଷ ସଟ୍ ପର୍ଯ୍ୟନ୍ତ କଠିନ ପରିଶ୍ରମ କରିବାକୁ ବାଧ୍ୟ କରିଥିଲି। ଖେଳ ସମୟରେ ମୁଁ ମୋର ସର୍ବୋତ୍ତମ ପ୍ରଦର୍ଶନ କରିଥିଲି । କ୍ରୀଡ଼ାର ପରିଭାଷା ହେଉଛି ଯେ ପରାଜୟ ପରେ, ଆପଣଙ୍କୁ ନିଜଠାରୁ ଭଲ ଖେଳାଳିଙ୍କ ସହ ହାତ ମିଳାଇ ଆଗକୁ ବଢ଼ିବାକୁ ପଡିବ। ସେ ଏହା ମଧ୍ୟ କହିଥିଲେ ଯେ ଫ୍ରେଞ୍ଚ୍ ଓପନ୍ ଆରମ୍ଭ ହେବା ପୂର୍ବରୁ ସେ ତାଙ୍କର ସର୍ବୋତ୍ତମ ଫର୍ମରେ ନଥିଲେ । କିନ୍ତୁ ତଥାପି ସେ ଏହି ସମଗ୍ର ଟୁର୍ଣ୍ଣାମେଣ୍ଟରେ ତାଙ୍କର ପ୍ରଦର୍ଶନକୁ ସନ୍ତୋଷଜନକ ବୋଲି ପାଇଥିଲେ। ସେ କହିଥିଲେ, ନ୍ତମୁଁ ମୋର ଖେଳ ଓ ପ୍ରୟାସ ଉପରେ ଗର୍ବିତ ।

# ଓଡ଼ିଶା ମାଜେଷ୍ଟିକ ବ୍ଲାକ୍ ଟାଇଗର୍ସର ଜର୍ସି ଓ ମାସ୍କଟ୍ ଉନ୍ମୋଚିତ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଦେଶରେ ରଗ୍‌ବି ପ୍ରିମିୟର ଲିଗ୍ ଉଦଘାଟନ ସହିତ ଭାରତ ବୃତ୍ତିଗତ କ୍ରୀଡା କ୍ଷେତ୍ରରେ ଏକ ନୂତନ ଯୁଗର ଶୁଭାରମ୍ଭ କରିବାକୁ ଯାଉଥିବାବେଳେ ଲିଗ୍‌ର ଅନ୍ୟତମ ପ୍ରତିଷ୍ଠାତା ଦଳ କଳିଙ୍ଗ ବ୍ଲାକ ଟାଇଗର୍ସ ତାହାର ଆନୁଷ୍ଠାନିକ ଜର୍ସି ଏବଂ ମାସ୍କଟକୁ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଉନ୍ମୋଚନ ସହିତ ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ହାସଲ କରିଛି। ଓଡ଼ିଶାରେ ଗଭୀର ଭାବରେ ଜଡିତ ଥିବା ଏକ ପୁଂଜିନିବେଶ ସଂସ୍ଥା ହଞ୍ଚ ଭେଞ୍ଚର୍ସ ସମର୍ଥନରେ କଳିଙ୍ଗ ବ୍ଲାକ ଟାଇଗର୍ସ କେବଳ ଏକ କ୍ରୀଡା ଫ୍ରାଞ୍ଚାଇଜି ଠାରୁ ଅଧିକ କିଛିର ପ୍ରତିନିଧିତ୍ୱ କରୁଛି; ସେମାନେ ଜାତୀୟ ମଞ୍ଚରେ ରାଜ୍ୟର ବିକାଶ ଏବଂ ସ୍ୱୀକୃତି ନିମନ୍ତେ ଏକ ପ୍ରଶସ୍ତ ଦୃଷ୍ଟିକୋଣ ବହନ କରୁଛନ୍ତି। ହଞ୍ଚ ଭେଞ୍ଚର୍ସ ପ୍ରଭାବୀ ପ୍ରୟାସଗୁଡିକ ଜରିଆରେ ଓଡ଼ିଶାକୁ ନିରନ୍ତର ସମର୍ଥନ କରିଆସିଛି। ଚଳିତ ବର୍ଷ ପ୍ରାରମ୍ଭରେ କମ୍ପାନୀ ଏହି ଅଞ୍ଚଳର ଷ୍ଟାର୍ଟଅପ୍ ପରିବ୍ୟବସ୍ଥାକୁ ସୁଦୃଢ କରିବାର ଏକ ଯୁଗାନ୍ତକାରୀ ପଦକ୍ଷେପରେ ଷ୍ଟାର୍ଟଅପ୍ ଓଡ଼ିଶା ସହିତ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଥିଲା। କଳିଙ୍ଗ ବ୍ଲାକ ଟାଇଗର୍ସ ସହିତ ହଞ୍ଚ ପ୍ରତିଭାଙ୍କର ପରିପୋଷଣ, ଆଞ୍ଚଳିକ ପରିଚୟକୁ ନେଇ ଖୁସି ମନାଇବା ଏବଂ ଜାତୀୟ ସ୍ତରରେ ଓଡ଼ିଶାକୁ ସର୍ବସମ୍ମୁଖକୁ ଆଣିବା ନିମନ୍ତେ ନିଜର ପ୍ରତିବଦ୍ଧତା ଜାରି ରଖିଛି। ଏହି କାର୍ଯ୍ୟକ୍ରମରେ କେ.ଭି.ସିଂଦେଓ, ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା, ରାହୁଲ ବୋଷ, ପ୍ରେସିଡେଣ୍ଟ, ରଗ୍‌ବି ଇଣ୍ଡିଆ; ପ୍ରିୟଦର୍ଶୀ ମିଶ୍ର, ପ୍ରେସିଡେଣ୍ଟ, ଓଡ଼ିଶା ରଗ୍‌ବି ଫୁଟବଲ ଆସୋସିଏସନ (ଓଆରଏଫଏ); କରନପାଲ ସିଂ, ପ୍ରତିଷ୍ଠାତା, ହଞ୍ଚ ଭେଞ୍ଚର୍ସ ଏବଂ ସହ-ମାଲିକ କଳିଙ୍ଗ ବ୍ଲାକ ଟାଇଗର୍ସ; ମୁଖ୍ୟ କୋଚ ମାଇକ ଫ୍ରାଇଡେ; ସହକାରୀ କୋଚ ରାଜୀବ ନାଥ ଏବଂ କଳିଙ୍ଗ ବ୍ଲାକ ଟାଇଗର୍ସର ସମ୍ପୂର୍ଣ୍ଣ ଟିମ୍ ସମେତ ଅନେକ ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ରଗ୍‌ବି ପ୍ରିମିୟର ଲିଗ୍‌ର ପୃଷ୍ଠପୋଷକମାନେ ଉପସ୍ଥିତ ଥିଲେ। ଏହି ଅବସର ମଧ୍ୟ ଓଡ଼ିଶା ପାଇଁ ଏକ ଐତିହାସିକ ମାଇଲଖୁଣ୍ଟ ହୋଇଥିଲା। ଓଡ଼ିଶା ଦୀର୍ଘକାଳରୁ ରଗ୍‌ବୀର ଅଭିବୃଦ୍ଧିକୁ ତୃଣମୂଳ ସ୍ତରରୁ ସମର୍ଥନ କରିଆସୁଥିବାବେଳେ କୋଚ, ପ୍ରତିଷ୍ଠାନ ଏବଂ ଗୋଷ୍ଠୀଗୁଡିକ ଦ୍ୱାରା ସମସ୍ତ ଜିଲ୍ଲାରେ ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରିଆସୁଛି ଏବଂ ପ୍ରଥମ ଥର ପାଇଁ ଓଡ଼ିଶା ଏକ ବୈଶ୍ୱିକ କ୍ରୀଡା ନିମନ୍ତେ ଜାତୀୟ ଲିଗ୍‌ରେ ପ୍ରତିନିଧିତ୍ୱ କରୁଛି। ଏହା ଏକ ଦୀର୍ଘକାଳରୁ ରହିଆସିଥିବା ଆକାଂକ୍ଷାକୁ ବାସ୍ତବ ରୂପ ଦେବା ସମ୍ପର୍କରେ ଉଲ୍ଲେଖ କରୁଛି ଏବଂ ଜାତୀୟ କ୍ରୀଡା ଦୃଶ୍ୟପଟ୍ଟରେ ଏହାର ଉପସ୍ଥିତି ସୁଦୃଢ କରିବାର ପ୍ରତିବଦ୍ଧତାକୁ ପୁନଃଦୃଢ଼ୀଭୂତ କରୁଛି। କେ.ଭି.ସିଂଦେଓ, ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା, ଆନୁଷ୍ଠାନିକ ଭାବରେ କଳିଙ୍ଗ ବ୍ଲାକ ଟାଇଗର୍ସର ଜର୍ସି ଉନ୍ମୋଚନ କରିବା ସହିତ ଟିମ୍ ଏବଂ ରଗ୍‌ବି ପ୍ରିମିୟର ଲିଗ୍‌କୁ ହାର୍ଦ୍ଦିକ ସ୍ୱାଗତ କରିଥିଲେ। ନୂଆକରି ଉନ୍ମୋଚିତ ଜର୍ସି ଓଡ଼ିଶାର ସମୃଦ୍ଧ ଐତିହ୍ୟ ଏବଂ ଅଦମ୍ୟ ଉତ୍ସାହ ପ୍ରତି ଭବ୍ୟ ସମ୍ମାନ ପ୍ରଦର୍ଶନ ହୋଇଛି। ଏହି ଅଞ୍ଚଳର ଜଙ୍ଗଲରେ ବାସ କରୁଥିବା ବିରଳ ଓ ଶକ୍ତିଶାଳୀ ମେଲାନିଷ୍ଟିକ କଳା ବାଘଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ଡିଜାଇନରେ ଟିମ୍‌ର ମୂଳ ମୂଲ୍ୟବୋଧ ସାମର୍ଥ୍ୟ ଏବଂ ମଜଭୁତପଣ ପ୍ରତିଫଳିତ ହୋଇଛି। ସାଂସ୍କୃତିକ ପ୍ରତୀକକୁ ଯୋଗକରି ଟିମ୍ ମଧ୍ୟ ତାହାର ଆନୁଷ୍ଠାନିକ ମାସ୍କଟ 'ପାଇକ' ଉନ୍ମୋଚନ କରିଛି, ଯାହା କିମ୍ବଦନ୍ତୀ କଳିଙ୍ଗ ଯୋଦ୍ଧାମାନଙ୍କର ବୀରତ୍ୱକୁ ପ୍ରତିନିଧିତ୍ୱ କରୁଛି ଏବଂ ଉକ୍ତ ଟିମ୍ ପ୍ରତିନିଧିତ୍ୱ କରୁଥିବା ପରମ୍ପରା ଏବଂ ଗୌରବକୁ ଧରି ରଖିଛି। ଏହି ଅବସରରେ ପ୍ରକାଶ କରି ରାହୁଲ ବୋଷ, ପ୍ରେସିଡେଣ୍ଟ, ରଗ୍‌ବୀ ଇଣ୍ଡିଆ କହିଥିଲେ, ଲିଗ୍‌ରେ ଓଡ଼ିଶାର ଏକ ଟିମ୍ ସ୍ଥାନପାଇବା ଆରପିଏଲ୍ ପରିଚାଳନା ପରିଷଦ ନିମନ୍ତେ ଅତ୍ୟନ୍ତ ଆନନ୍ଦର ବିଷୟ ହୋଇଛି। ଭାରତୀୟ କ୍ରୀଡା ପ୍ରତି ଉଭୟ ପଡ଼ିଆ ଭିତରେ ଓ ବାହାରେ ଓଡ଼ିଶାର ଅବଦାନ ଯଥେଷ୍ଟ ରହିଛି। ଭାରତୀୟ ରଗ୍‌ବୀ ପ୍ରତି ଏହାର ଅବଦାନ ରହିଥିଲା ଏବଂ ତାହା ଉଲ୍ଲେଖନୀୟ। କଳିଙ୍ଗ ବ୍ଲାକ ଟାଇଗର୍ସର ଏକ ଦୁଃସାଧ୍ୟ ଦଳ ରହିଛି ଯେଉଁଥିରେ ବିଶ୍ୱର ଏବଂ ଭାରତର କେତେକ ସୁପରିଚିତ ରଗ୍‌ବୀ ଖେଳାଳି ରହିଛନ୍ତି। ଭାରତୀୟ ରଗ୍‌ବୀକୁ ବିଶ୍ୱ ମଞ୍ଚକୁ ନେଇଯିବା ନିମନ୍ତେ ସେମାନଙ୍କର ପ୍ରୟାସରେ ଆମେ ସର୍ବୋତ୍ତମ ସଫଳତା କାମନା କରୁଛୁ।ନ୍ତ ନିଜର ଦୃଷ୍ଟିକୋଣର ପ୍ରକାଶ କରି କରନପାଲ ସିଂ, ପ୍ରତିଷ୍ଠାତା, ହଞ୍ଚ ଭେଞ୍ଚର୍ସ ଏବଂ ଟିମ୍‌ର ମାଲିକ କହିଥିଲେ, ନ୍ତହଞ୍ଚ ବିଗତ ବର୍ଷଗୁଡିକ ଧରି ରଗ୍‌ବୀକୁ ସମର୍ଥନ କରିଆସୁଛି। ଆମ ମହିଳା ଜାତୀୟ ଦଳର ପ୍ରାୟ ଅର୍ଦ୍ଧେକ ଖେଳାଳି ଓଡ଼ିଆ, ଯେଉଁମାନେ ୨୦୨୧ରେ ଏସିଆ ସେଭେନ୍ସରେ ରୌପ୍ୟ ପଦକ ହାସଲ କରିଥିଲେ। କେବିଟି ଓଡ଼ିଶାରେ ଦେଖାଯାଉଥିବା କଳା ବାଘଙ୍କ ନାମରେ ନାମିତ ହୋଇଛି, ଯାହା ଶକ୍ତି ଓ ମଜଭୁତପଣର ପ୍ରତୀକ ହୋଇଛି।ନ୍ତ ସେ ପୁନଶ୍ଚ କରିଥିଲେ, ରଗ୍‌ବୀ ଏକ ଅତ୍ୟନ୍ତ ଅତ୍ୟୁଚ୍ଚ ସ୍ତରର ପୂର୍ଣ୍ଣାଙ୍ଗ କଣ୍ଟାକ୍ଟ କ୍ରୀଡା ଏବଂ ଏହା ଓଡ଼ିଶା ଓ ଜାତୀୟ ସ୍ତରରେ ଦର୍ଶକମାନଙ୍କ ମନକୁ ଛୁଇଁପାରିବ। ମୁଖ୍ୟ କୋଚ ମାଇକ ଫ୍ରାଇଡେ ଟିମ୍‌ର ଭବିଷ୍ୟତକୁ ନେଇ ନିଜର ଉଲ୍ଲାସ ବ୍ୟକ୍ତି କରି କହିଥିଲେ, ନ୍ତରଗ୍‌ବୀ ବିଶ୍ୱବ୍ୟାପୀ ଦ୍ରୁତଗତିରେ ଅଭିବୃଦ୍ଧି ହାସଲ କରୁଛି ଏବଂ ରଗ୍‌ବୀ ପ୍ରିମିୟର ଲିଗ ଆରମ୍ଭ ସହିତ ଭାରତରେ ମଧ୍ୟ ଏହା ଅଧିକରୁ ଅଧିକ ଦୃଷ୍ଟି ଆକର୍ଷଣ କରୁଥିବା ଦେଖି ମୁଁ ରୋମାଞ୍ଚିତ ଅନୁଭବ କରୁଛି। କଳିଙ୍ଗ ବ୍ଲାକ ଟାଇଗର୍ସରେ ରୋସ୍କୋ, ପେରି, ମରିସ୍ ହ୍ୟାରୀ ଏବଂ ଲୁକାସଙ୍କ ଭଳି ବିଶ୍ୱ ଶ୍ରେଣୀର ଖେଳାଳିଙ୍କ ସହିତ ଭାରତୀୟ ଆଥଲେଟଙ୍କର ସମ୍ମିଶ୍ରଣ ଘଟିଛି, ଯାହା ଏକ ଶକ୍ତିଶାଳୀ ଏବଂ ଚମତ୍କାର ଟିମ୍ ସୃଷ୍ଟି କରିଛି। ଟିମ୍ ସହିତ କାମକରି ମୁଁ ଦୃଢ ନିଶ୍ଚିତ ଯେ ସେମାନେ ଗର୍ବର ସହିତ ଓଡ଼ିଶାର ପ୍ରତିନିଧିତ୍ୱ କରିବା ସମୟରେ ସେମାନଙ୍କର ଅଦମ୍ୟ ଆଗ୍ରହ, ମଜଭୁତପଣ ଏବଂ ଦଳଗତ ମନୋଭାବ ଚମକିବ। ସାମୂହିକ ଶକ୍ତି, ଏକାଗ୍ରତା ଏବଂ କୌଶଳତାର ସଠିକ ସମ୍ମିଶ୍ରଣରେ ବ୍ଲାକ ଟାଇଗର୍ସ ଏହି ସିରିଜରେ ମଜଭୁତ ଦାବିଦାର ହେବାକୁ ଯାଉଛନ୍ତି। ମୁକାବିଲା ପାଇଁ ପ୍ରସ୍ତୁତ ରୁହ।ନ୍ତଏହି କାର୍ଯ୍ୟକ୍ରମ ରଗ୍‌ବୀ ପ୍ରିମିୟର ସିଜନର ଶୁଭାରମ୍ଭ ସିଜନ ନିମନ୍ତେ ଏକ ଦୃଢ ଆଶାବାଦୀ ବାତାବରଣ ସୃଷ୍ଟି କରିଛି ଏବଂ ଏହା ଓଡ଼ିଶାକୁ ବିଶ୍ୱ ଶ୍ରେଣୀର କ୍ରୀଡା କାର୍ଯ୍ୟକ୍ରମ ନିମନ୍ତେ ଏକ ସ୍ଥଳ ଭାବରେ ବର୍ଦ୍ଧିତ ଉପସ୍ଥିତି ସମ୍ପର୍କରେ ଉଲ୍ଲେଖ କରୁଛି। ରଗ୍‌ବୀ ପ୍ରିମିୟର ଲିଗ୍ ୨୦୨୫ ଜୁନ୍ ୧୫ ତାରିଖରେ ଆରମ୍ଭ ହେଉଛି ଏବଂ ଏହା ଜିଓ ହଟଷ୍ଟାରରେ ଷ୍ଟ୍ରିମିଂ କରାଯିବ। ଇତିମଧ୍ୟରେ କଳିଙ୍ଗ ବ୍ଲାକ ଟାଇଗର୍ସ ତାହାର ପ୍ରଥମ ମ୍ୟାଚ ୨୦୨୫ ଜୁନ୍ ୧୫ ତାରିଖରେ ହାଇଦରାବାଦ ଟିମ୍ ବିପକ୍ଷରେ ଖେଳିବ।



## ଜୁଆ

✶ ଗୋଲୋକବିହାରୀ ବେହେରା

ବିବାହ ହେଉଛି
ମଣିଷ ଜୀବନେ
ସବୁଠାରୁ ବଡ ଜୁଆ,
ଜୀବନ ସାଥିଟି
ମନ୍ଦ ପଡିଗଲେ
ସଂସାରେ ଲାଗଇ ନିଆଁ ।
ପ୍ରଭୁ ଆଶୀର୍ବାଦ
ମଥା ପରେ ଥିଲେ
ଜୀବନ ସାଥିଟି ଭଲ,
ସରସ ସୁନ୍ଦର
ଲାଗିବ ସଂସାର
ଜୀବନ ହେବ ସଫଳ ।
ପତିବ୍ରତା ସହ
ବିଶ୍ୱାସ ନ ଥିଲେ
ଦାମ୍ପତ୍ୟ ସୁଖ ରହେନି,
ପ୍ରେମ ଓ ବିଶ୍ୱାସ
ରହେ ନାହିଁ ଯହିଁ
ଶାନ୍ତି କେବେ ଆସିବନି ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ଷଡ଼ଙ୍ଗୀ, ଢେଙ୍କାନାଳ
ମୋ : ୯୯୩୭୩୦୩୦୪୬

# ମାଆ ଅଛି ବୋଲି



## ରଂଜନ କୁମାର ଦାସ

ମୁଁ ଏ ଇ ମା ତ୍ର ଅ ଫି ସ ରୁ ଫେରିଥିଲି ଆଉ କୋହଲା ପବନ ଯେମିତି ମୋ ଦେହରେ ଜଡେଇ ଯାଇଥିଲା। ଝଡ ଯେମିତି ବାହାରେ ଘନୀଭୂତ ହେବାରେ ଲାଗିଥିଲା, ମୋ ଭିତରେ ବି ସେମିତି ଏକ ଝଡ଼ ବହି ମୋତେ ଆକ୍ରାମାକ୍ରା କରୁଥିଲା।

ମାଆର ଏକ ସାଧାରଣ ପ୍ରଶ୍ନ- 'ଆଜି ଏତେ ଡେରି କାହିଁକି ହେଲା'ର ଉତ୍ତର ନଦେଇ ତା' ଉପରେ ମୋ ଭିତରର କ୍ଷୋଭ ଅଜାଡ଼ି ଦେବା କ'ଣ ଉଚିତ୍ ହେଲା ? ସବୁ ଅଫିସରେ ଉଣା ଅଧିକ ଅଫିସରମାନଙ୍କର ଅନୈତିକ ବ୍ୟବହାର ସହ୍ୟ କରିବାକୁ ନିଜକୁ ପ୍ରସ୍ତୁତ କରିବାକୁ ହୁଏ ବୋଲି ମୁଁ ଭୁଲି ଯାଇଥିଲି ବୋଧହୁଏ !!

ଆମ ଘରର ଝର୍କା ବାହାର ଆକାଶ ଯେମିତି ଧୂସର ରଙ୍ଗର ଚାଦରଟିଏ ପିନ୍ଧିଥିଲା। ବାଦଲଗୁଡିକ ଯେମିତି ସେପର୍ଯ୍ୟନ୍ତ ବହିଯାଇ ପାରିନଥିବା ଲୁହରେ ବତୁରି ଫୁଲି ଉଠିଥିଲା।

ହଠାତ୍ ମୋତେ ଲାଗିଲା ବହୁଥିବା ପବନ ଛନ୍ଦରେ ଥିଲା ଯେମିତି ଶିଶୁକୁ ଶୁଆଇବା ପାଇଁ ଉଦ୍ଦିଷ୍ଟ ଏକ ମଧୁର ସଂଗୀତ। ସାଥିରେ ଆଣିଥିଲା ଏକ ଅପୂର୍ବ ସୁଗନ୍ଧି ଯାହା ଅନୁରଣିତ କରୁଥିଲା ମୋ ସମଗ୍ର ସତ୍ତାକୁ। ସ୍ମୃତିରେ ଆସିଲା ପିଲାଦିନ। ମୋ ଭାବନା ଧୀରେ ଧୀରେ ଯେମିତି ଅତୀତକୁ ପ୍ରବେଶ କରୁଥିଲା; ଆଉ ମୋତେ ନେଇ ଯାଇଥିଲା ସେଇ ପିଲାଦିନକୁ।

ସେଦିନ ସ୍କୁଲ ଛୁଟି ସମୟକୁ ଖୁବ୍ ବର୍ଷା ହୋଇଥିଲା। ତା' ସାଙ୍ଗକୁ ଘଡଘଡି ନାଦ ଆଉ ଘନଘନ ବିଜୁଳିର ଚମକ। ତେଣୁ ସବୁ ପିଲାଙ୍କୁ ସ୍କୁଲ ଭିତରେ ବନ୍ଦୀ କରି ରଖାଗଲା ପ୍ରାୟ ଅଧଘଣ୍ଟାଏ ହେବ। ତାପରେ ଯାଇ ସ୍କୁଲ ବସ୍ ଆଡକୁ ମୁହାଁଇଲେ ପିଲାମାନେ।

ମୋ ଷ୍ଟପେଜ ଆସିଗଲା। ଆଉ କେତେ ପିଲାଙ୍କ ସହିତ ସ୍କୁଲ ବସ୍‌ରୁ ଓହ୍ଲାଇ କାନ୍ଧରୁ ବ୍ୟାଗର ବୋଝ ଖସାଇବାକୁ ସବୁଦିନ ପରି ମୋ ଆଖି ଖୋଜି ବୁଲୁଥିଲେ ତାକୁ। ସେଇ ମୋ ମାଆକୁ, ଯିଏ ରାସ୍ତା କଡରେ ଠିଆ ହୋଇଥାଏ ଚାତକିତ ଆଖିରେ। ଯେପରି ବିଶାଳ ସମୁଦ୍ର ଭିତରେ ବାଟ ବତାଇବାକୁ ଦିଗ୍‌ଦର୍ଶକ ସାଜି ଠିଆ ହୋଇଥାଏ ବତୀଘରଟିଏ। ଏକା ପ୍ରକାର ପୋଷାକ ପିନ୍ଧିଥିବା କେତେ ଗୁଡିଏ ପିଲାଙ୍କ ଭିତରୁ ମୋ ମୁହଁକୁ ଖୋଜି ବୁଲୁଥିବା ଦୁଇଟି ଆଖି ଉପରେ ମୋ ନଜର ପଡିଲା।

ମୋ ଠାରୁ ମୋ ମାଆର ବେଶୀ ଭୟ ଏଇ ବର୍ଷାକୁ। କାରଣ ମୋ ଦେହରେ ପ୍ରାୟତଃ ଅସୁସ୍ଥତା ଜମି ରହେ। କଅଁଳ ପତ୍ର ପରି ମୋ ଦେହକୁ ଭୟାତୁର ଆଖି ନେଇ ମୋ ମାଆ ମୋତେ ଜଗିବାକୁ ଚେଷ୍ଟା କରୁଥିଲା। କାଳେ ମୁଁ ଆହୁରି ରୋଗଗ୍ରସ୍ତ ହୋଇଯିବି...!

ମୋତେ କିନ୍ତୁ ସେଦିନ ଶୁଖିଲା ଅବସ୍ଥାରେ ମାଆ ଦେଖିଲା ତ, ତା'ର ଉଦବିଗ୍ନତାପୂର୍ଣ୍ଣ ଆଖିରେ ଚମକ ସୃଷ୍ଟି ହେଲା।ତା ମୁହଁରେ ଖେଳିଗଲା ଏକ ଆଶ୍ୱସ୍ତିର ହସ । ଯେମିତି ଅଦିନିଆ ବର୍ଷା ଛାଡ଼ିଗଲା ପରେ ବାଦଲ ଉହାଡରୁ ସୂର୍ଯ୍ୟ ଉଙ୍କିମାରେ, ପ୍ରାୟତଃ ସେମିତି ଥିଲା ତା'ର ହସ।

ମୁହୂର୍ତ୍ତକ ମଧ୍ୟରେ ସେ ସଚେତନ ହେଲା। ତତକ୍ଷଣାତ୍ ମୋ ମୁଣ୍ଡ ଉପରେ ଖୋଲି ଧରିଲା ଛତାଟିଏ। ସତେ ଯେମିତି ଗିରି ଗୋବର୍ଦ୍ଧନକୁ ସେ ତୋଳି ଧରିଥିଲା ମୋର ସୁରକ୍ଷାରେ। ତା' ପାଦର ଗତି ବଢିଲା। ତା'ର ଲକ୍ଷ୍ୟ ଯେତେ ଶୀଘ୍ର ମୋତେ ନେଇ ଘରେ ପହଞ୍ଚେଇବା। ସଦ୍ୟ ସମାପ୍ତ ବର୍ଷା ଦ୍ୱାରା ଠାଏ ଠାଏ ଜମି ରହିଥିବା କାଦୁଅ ପାଣିକୁ ମୋତେ ସାବଧାନ କରୁଥିଲା। କେଉଁଠି କେଉଁଠି ମୋତେ ତା ହାତରେ ଟେକି ପାଣି କାଦୁଅ ଠୁ ଦୂରେଇ ନେଇ ବିପଦ ମୁକ୍ତ କରୁଥିଲା।

ମାଆ ମୋତେ ପ୍ରାୟତଃ ଜାବୁଡି ଧରି ରାସ୍ତା ଅତିକ୍ରମ କରୁଥିବା ବେଳେ ମୁଁ କିନ୍ତୁ ମୋର କିଚିରି ମିଚିରି ଶବ୍ଦରେ ମାଆ ଠୁ ଦୂରେଇ ରହିଥିବା ମୂହୁର୍ତ୍ତ ମାନଙ୍କର ବିବରଣୀ ବ୍ୟାଖ୍ୟା କରିବାରେ ଲାଗିଥିଲି।

ଏମିତି ପ୍ରତ୍ୟେକ ଦିନ ହୁଏ। ମୋ କଥା ସରୁନଥାଏ ଅଥଚ ରାସ୍ତା ସରିଯାଏ। ମୋ କଥା ଭିତରେ ମୁଖ୍ୟତଃ ଥାଏ ସାଙ୍ଗମାନଙ୍କ କଥା, ଟିଫିନ୍ ସେଆରିଂର କଥା, ଟିଚର୍ସମାନଙ୍କ ଦ୍ୱାରା ମୋ ଖାତାରେ କେତେଥର ଭେରି ଗୁଡ୍ କିମ୍ବା ଏକ୍ସଲେଣ୍ଟ ମିଳିବାର କଥା।

ମାଆ ସବୁ ଶୁଣେ। ମୋତେ ଉତ୍ସାହିତ କରେ ଶେଷ ପର୍ଯ୍ୟନ୍ତ। ସେଇ କଥାକୁ ସେଇ କଥାକୁ ସବୁଦିନ ଶୁଣେ। ଥକି ପଡେନା।ସତେ ଯେମିତି ସେ ମୋ ଠାରୁ ଶୁଣେ କେଉଁ ପବିତ୍ର ଗ୍ରନ୍ଥର କଥାମୃତ..! ମଝିରେ ମଝିରେ ମୁରୁକି ମୁରୁକି ହସେ। ମୋତେ ଲାଗେ ତା ଚେତନାକୁ ବଶୀଭୂତ କରି ରଖିଥାଏ ମୋର ଆଜୁରୁ ବାଜୁରୁ କଥା।

ହଠାତ୍ ମୋ ଭାବନାରେ ବ୍ୟାଘାତ ଘଟିଲା। କିଛି କ୍ଷଣ ଆଗରୁ ମୋ କଥାରେ ଆହତ ହୋଇ ନିରବି ଯାଇଥିବା ମାଆର ସ୍ୱର ଶୁଭିଲା।

-' ଆଜି କାହିଁକି ଡେରି ହୋଇଗଲାରେ ବାବୁ! କିଛି କାମ ଥିଲା ? କେହି କିଛି କହିଲେ କି? ଏମିତି ଚୁପଚାପ୍ ବସିଛୁ କାହିଁକି? ' ତଥାପି ମୁଁ ନିରୁତ୍ତର ରହିଲି।

-' କ'ଣ ହୋଇଥାନ୍ତା? ଟିକିଏ ଆଗରୁ ଯଦି ବର୍ଷା ଆରମ୍ଭ ହୋଇ ଯାଇଥାନ୍ତା...!! ସେଇଥିପାଇଁ ତୋତେ ପଚାରିଲି।' ମାଆ କୈଫତ ଦେବାଭଳି କହିଲା।

ମୁଁ ମୋ ବସିବା ଜାଗାରୁ ଉଠି ପଡିଲି। ଦୁଇ ପାପୁଲିରେ ମାଆର ମୁହଁକୁ ଛୁଇଁଲି ଏବଂ ମୋର ଅହେତୁକ ଆଚରଣ ପାଇଁ ' ଦୁଃଖିତ' ବୋଲି ଭାବ ଦେଖାଇଲି ଯାହା ମୋ ମାଆ ମନକୁ ଭୁଲାଇ ଦେବାକୁ ସକ୍ଷମ ହେବ ବୋଲି ଜାଣିଥିଲି।

ମୋ ଆଙ୍ଗୁଳି ଦ୍ୱାରା ମାଆ ଆଖି ତଳର ଲୋତାମୋତା ଭାଙ୍ଗ ସବୁକୁ ସେକ୍ଷଣି ଅନୁଭବ କଲି। ମାଆ ମୁହଁରେ ଚିର ପରିଚିତ ହସ ଫୁଟି ଉଠିଲା। ହେଲେ ମୁଁ ଅନୁଭବ କଲି ମାଆ ମୁହଁରେ ଥିବା ସେଇ ହସ ପିନ୍ଧିଥିଲା ବୟସାଧିକ୍ୟର ନିର୍ମୋକ !

ମାଆ ରୋଷେଇ ଘରକୁ ଗଲା ଆଉ ଫେରିଲା ହାତରେ ଅଦା ବାସ୍ନାରେ ମହକିତ ଚା' କପଟିଏ ଧରି। ଆଜି ହଠାତ୍ କାହିଁକି କେଜାଣି ମାଆ ହାତର ଦୃଢ଼ତା କ୍ରମେ ଦୁର୍ବଳ ହୋଇ ଯାଇଚି ବୋଲି ମୁଁ ଅନୁଭବ କଲି। ତା' ହାତ ସାମାନ୍ୟ ଥରୁଥିଲା ବୋଲି ମୁଁ ନୀରିକ୍ଷଣ କଲି। ଆଗରୁ ଦୁଇ କପ୍ ଦୁଇ ହାତରେ ଧରି ଆସୁଥିବା ମାଆ ଆଜି ଗୋଟିଏ କପ୍ ଧରିଥିଲା। ମୋ ଗଳାରେ ଯେମିତି କିଛି ଆସି ଅଟକି ଗଲା! କୋହ କହିଲେ ଚଳିବ।

ମୋତେ ଲାଗିଲା ମାଆର ଉଚ୍ଚତା ଟିକିଏ କମିଯାଇଛି। ସେ ନଇଁ ପଡ଼ିଛି। ମୋ ମୁଣ୍ଡକୁ ହାତ ପାଇଲା ବେଳକୁ ମୋ ମାଆର ମୁଣ୍ଡ ପ୍ରଶ୍ନବାଚୀ ଚିହ୍ନ ପରି ଝୁଙ୍କି ପଡ଼ିଛି।

ମାଆ ତ୍ୟାଗ ତିତିକ୍ଷାର ମୁଁ କ'ଣ ସଠିକ୍ ମୂଲ୍ୟାୟନ କରି ପାରିବି ? ଛାତି ଭିତରେ ମୋର କେମିତି ଗୋଟିଏ ହୋଇ ଯାଉଥିଲା।

-' ଆଜି କେମିତି କଟିଲା ତୋର ଦିନ?' ହଠାତ୍ ମାଆର ପୁଣି ସେଇ ପ୍ରଶ୍ନରେ ମୁଁ ସମ୍ବିତ ଫେରି ପାଇଲି। ମାଆ ହାତରେ ଏଥର ଥିଲା ତା'ର ଚା' କପ୍ ।

କେବେ ମୁଁ ସ୍ୱତଃସ୍ଫୁର୍ତ୍ତ ଭାବରେ ମାଆକୁ କହିଛି ତ କେବେ ମାଆ ପଚାରିଛି ତା ଅବର୍ତ୍ତମାନରେ ମୋର କଟିଥିବା ସମୟ କଥା। ଏଇ ଧାରା ଚାଲି ଆସିଛି ସେଇ ସୁଦୂର ଅତୀତରୁ।

ମୁଁ ସ୍କୁଲ ଛାଡିଛି, କଲେଜ ଛାଡିଛି, ବଡ଼ ହୋଇଛି, ବସ୍‌ରୁ ଓହ୍ଲାଇ ଆଉ ଅପେକ୍ଷା କରିଥିବା ମାଆ କୋଳକୁ ଝାମ୍ପି ପଡୁନାହିଁ.. ଅଥଚ ମାଆ ସହିତ ଦିନଯାକର କଥା ନବଖାଣିବା ଯାଏ ମୁଁ ସନ୍ତୃପ୍ତ ହୋଇନାହିଁ, ମାଆ ବି ମୋ ଠୁ ନଶୁଣିବାଯାଏ ଥୟ ଧରି ନାହିଁ।

ବାପା ନଥିଲା ପରିବାରରେ ମାଆ ହିଁ ମୋର ସାହାରା ବନି ରହିଛି ସିନା! ମାଆର ହାତ ଏବେ ଥରୁଥାଇପାରେ। ହେଲେ ତା'ର ସ୍ନେହ ସେମିତି ଅବିଚଳିତ ରହିଛି।

ମାଆ ମାନେ ହିଁ ସେମିତି ! ଆଶଙ୍କା ପୂର୍ବକ ଅଦିନିଆ ଝଡ଼ ଆସି ଯାଇଥିଲା। ଆକାଶରୁ ଖସୁଥିଲା ନିଆଁ। ପ୍ରକମ୍ପିତ ହେଉଥିଲା ଧରା। ହେଲେ ଏସବୁ ଶବ୍ଦ ମୋତେ ମାଆର ସେଇ ପିଲାଦିନର ଧୋ ବାୟା ଗୀତ ଭଳି ଶୁଭୁଥିଲା। କାରଣ ମୋ ପାଖରେ ମାଆ ବସିଥିଲା...।

ବଡଗଡ ବ୍ରିଟ କଲୋନୀ ,
ଭୁବନେଶ୍ୱର

## ପ୍ରେରଣାର ସ୍ରୋତ...

✶ ରାମଚନ୍ଦ୍ର ବେହେରା

ଭାରି ଭଲ ଲାଗେ ବାପାଙ୍କର ହସ
ଖୁସିର ଝଲକ ମୁହେଁ
ଶୁଭ ସଂକେତର କୋମଳ ପରଶେ
ତାଂକ ମୁହଁ କଥା କୁହେ।

ଭାରି ଭଲ ଲାଗେ ବାପାଙ୍କ ଆକଟ
ବୋଉ ଠାରୁ କିଛି ଭିନ୍ନ
ସ୍ନେହ ଅନୁରକ୍ତି ଭାବପୂର୍ଣ୍ଣ ଭକ୍ତି
ସଦା ଚାହେଁ ତାଙ୍କ ମନ।

ବୋଉ ଦିଏ ହସ ବାପା ଭବିଷ୍ୟତ
ସତର୍କର ଘଣ୍ଟି ସାଜି
ବୋଉ ଆଶୀର୍ବାଦ ବାପାଙ୍କ ଆଦର୍ଶ
ଭରେ ପ୍ରାଣେ ଜ୍ଞାନ ମଞ୍ଜି।

ଭାରି ଭଲ ଲାଗେ ବାପାଙ୍କର ଗାଳି
ଜୀଇଁବାର ମୂଳ ମନ୍ତ୍ର
ଆଶା ନିରାଶାର ଦୂରତା ମଧ୍ୟରେ
ସିଏ ପ୍ରେରଣାର ସ୍ରୋତ।

ଭାରି ଭଲ ଲାଗେ ବାପାଂକ ନିର୍ଦ୍ଦେଶ
ଯେବେ କରେ ମୁହିଁ ପୂର୍ଣ୍ଣ
କାନ୍ଧେ ହାତଥୋଇ ହସି ସେ ଦିଅନ୍ତି
ପୂରି ଉଠେ ମୋର ମନ।

ବଟବୃକ୍ଷ ପରି ଛାଇ ସେ ଦିଅନ୍ତି
ଆପଦ ନଆସେ ପାଶ
କେବେ ସେ ସାଜନ୍ତି ସଖା ସହୋଦର
ବଢାନ୍ତି ଆତ୍ମ ବିଶ୍ୱାସ।

ମୋ ଜୀବନ ପଥେ ସେ ଦିଗବଳୟ
ଜୀବନ ଦର୍ଶନ ତତ୍ତ୍ୱ
ତାଂକ ବିନା ଆସେ ଅନ୍ଧକାର ଘୋଟି
ପଥ ଲାଗେ ଭୟଭୀତ।

ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## କବିତା ଗୁଚ୍ଛ



## ଦେବ ସ୍ନାନ



✶ ଦେବରାଜ ଜେନା

ରାଜାଧିରାଜ ହେ ଦେବ ରାଜଚକ୍ରବର୍ତ୍ତି
ସାର୍ବଭୌମ ଓଡରାଷ୍ଟ୍ରେ ତୁମେ ଅଧିପତି
ପ୍ରଭୁ,ନାହିଁ ଅନ୍ୟଗତି
ତୁମବିନା ଓଡ୍ରଙ୍କ ସିନା ଅଧୋଗତି।।
ହେ କଲୁଷ ନାଶନ ନାଥ ଷାଠିଏ ପଉଟି ଖିଆ
ଏକଶତ ଅଷ୍ଟକଳସ ସ୍ୱର୍ଣ୍ଣ କୂପଜଳେ ହେବାକୁ ଗାଧୁଆ
ଲାଗିଲାଣି ପଟୁଆର ,
ସ୍ନାନ ପୂର୍ଣ୍ଣିମାରେ ସ୍ନାନ ମଣ୍ଡପେ ବାହାର
ହେବ କାଳିଆ ଠାକୁର।।
ମାନବୀୟ ଲୀଳାଧାରୀ ହେ ପୁରୁଷ ଉତ୍ତମ
ପୁରସ୍ତମ କ୍ଷେତ୍ର ଆଜି ଅନୁପମ ବଇକୁଣ୍ଠ ଧାମ।
ଗ୍ରୀଷ୍ମରେ ଗିରିଧାରୀ ରୋଉଦ୍ରତାପ ଭୋଗି
ଏକବିଂଶ ଦିବସ ଭଉଁରୀ କର ନରେନ୍ଦ୍ରରେ, ଶୀତଳତା ଲାଗି।
କର ପୁଣି ଭିତର ଭଉଁରୀ
ଚନ୍ଦନ ଚର୍ଚ୍ଚିତ ଶ୍ରୀଅଙ୍ଗ ଶୋଭିତ
ହୋଇ କେବେ ଭାବିଛକି
ପ୍ରଜାକୁଳ ଅଛନ୍ତି କିପରି ?
ଜଳଦ ଯଦି କରନ୍ତା ଜଳ ମହୋତ୍ସବ
ସ୍ନାନ ମଣ୍ଡପରେ ମ୍ଳାନ ପଡିଯାନ୍ତା
ଶ୍ରୀଅଙ୍ଗ ବୈଭବ
ତେବେ ଶାନ୍ତି ହୁଅନ୍ତା ମୋ ମାତା ବସୁମତୀ
ହୁଅନ୍ତା ଜୀବଜଗତ ଆହ୍ଲାଦିତ ଅତି।।
ହେ ଜଗଦୀଶ,
ରଉଦ୍ରତାପ ହଟୁ ନାହିଁ ଲେଶ।
ବ୍ୟଥିତ ହେଲାଣି ଭୁବି ଅତ୍ୟନ୍ତ ଉତାପେ
ଆସନ୍ନ ପ୍ରସବା ସେ ବିଷର୍ଣ୍ଣ ହେଲାଣି ସନ୍ତାପେ ।।
ସଚରାଚର ପାଳକ ସଜୀବ ରକ୍ଷକ ହେ
ସତ୍ୟ ସନାତନ ନାଥ ଧର୍ମନିରପେକ୍ଷ ।
ମୌସୁମୀ ଆଗତ ବାର୍ତ୍ତା ପାଇ ପ୍ରଜା ବିମୋହିତ
କିନ୍ତୁ ମୌସୁମୀର ମଉସମ ହେଲାଣି ପରାହତ
କଲେକି ଅବଜ୍ଞା ଶଚୀନାଥ ?
ଆଜ୍ଞାକର ଆଜ୍ଞାକର ପ୍ରଭୁ
ମୌସୁମୀଜଳରେ ସ୍ନାନ ନିତି
ହେଉ ସମାପତ,
ଏତିକି ଅଳିହେ ବିଶ୍ୱନାଥ
ଭାନୁତାପୁ ସୃଷ୍ଟି କି ତବ କରଶାନ୍ତ।।

ଟିଟିପ, କୃଷ୍ଣପ୍ରସାଦ, ପୁରୀ
ମୋ-୯୩୩୭୩୩୯୫୧୭

## ଅତଏବ

✶ ଡ. ଦୀପକ କୁମାର ମିଶ୍ର

ଯାହାର ଗତି ନାହିଁ, ତା'ର କେବଳ ଦୁର୍ଗତି ।
ଅତଏବ, ଗତିମୟ ହେଉ ଜୀବନ
ଅହଂର ପାଉଁଶରେ ପୋତା
ଅଭିଶପ୍ତ ପରିସୀମିତ ପୃଷ୍ଠଭୂମିରୁ
ଚଳଚଞ୍ଚଳ ହେଉ ମନସ୍ୱିତା ପାଦ
ଭୂ ରୁ ଭୂମା ଦେଇ
ହୃଦୟର ସୀମା ଡେଇଁ ଚୁମୁ ଅମୃତ ଅଧର ।

ଜ୍ଞାନର ଗରିମା କେଉଁ ନାଇପାରେ
କଳ୍ପନାର ଜାମା
ତୁମର ବିବର୍ତ୍ତନ ବର୍ଜିତ ମନର
ଶେଷ ବିନ୍ଦୁରେ ତେଣୁ ଛିଞ୍ଚିଦିଅ
ଜିଜ୍ଞାସାର ଅନିର୍ବାଣ ନିଆଁ ।

ତୁମେ କି ଲେଖିପାରିବ କେବେ
ଇତିହାସର ଶେଷ ପୃଷ୍ଠାକୁ
ଯବନିକାର ଶେଷ ଶବ୍ଦ ଯୋଡ଼ି
ତୁମେ କି ଗଢ଼ିପାରିବ
ଶାମୁକାର କେଉ ବୁନ୍ଦା ମୋତି
ତୁମେ କି
ଗୁନ୍ଥିପାରିବ ରାତି ଆଉ ପାହାନ୍ତିର ସ୍ୱପ୍ନ
ତୁମେ ତ ଅନ୍ଧାରର ଅନ୍ଧତ୍ୱରେ
ବ୍ୟତିବ୍ୟସ୍ତ, ଭସ୍ମ ବିଭୂଷିତ ।

କିଛି ନହେଲେ ବି ଆହାଃଟିଏ କୁହ
ଦେଖିବ ମଧୁମୟ ହେବ
ସବୁତକ ଜୀବନ ସ୍ପନ୍ଦନ ।

ଭୁବନେଶ୍ୱର
ମୋ-୮୨୮୦୨୧୧୦୦୦

## ଆଉଥରେ ଫୁଟିବା ଯାଏଁ

✶ ରାକେଶ ପଣ୍ଡା

ଛଳନା ହସର କୋଳାହଳରେ
ଏ ନୀରବ କାନ୍ଦ କାହାର,
କାହିଁକି ଆଜି ଧିରେଧିରେ
କରେ ସ୍ପର୍ଶ ମୋ ହୃଦୟ ବନ୍ଦ ଦ୍ୱାର ।

ଅଜାଣତରେ ଆଖି ହୁଏ ଛଳ ଛଳ
ବକ୍ଷ ପ୍ରଦେଶେ ଗରମ ସ୍ପର୍ଶ ଲୁହର,
ବିନା କାରଣେ ମନ ବିବ୍ରତ, ବିଚଳିତ
ବଢିଯାଏ ଗତି ହୃଦ୍ ସ୍ପନ୍ଦନର ।

ଅବୁଝା ରହେ ଅନେକ ଘଟଣା
ପ୍ରଶ୍ନବାଚୀରେ ବନ୍ଦୀ ଭାବ ମନର,
ଲାଗେ ସେ ସ୍ୱର ନୁହେଁ ଅଜଣା
ରହିଛି ସମ୍ପର୍କ ତା'ସହ ଗଭୀର ।

ଅନୁଭବ ହୁଏ ଏମିତି...
ଦୂରେଥାଇ ଡାକୁଛି ସେ ହାତଠାରି
ଆସ ପାଖକୁ ନକରି ଡେରି,
ମୁଁ ଆଜି ଫୁଟିଛି ପ୍ରତ୍ୟୁଷରେ
ଝଡି ପଡ଼ିବି ରବି ଉଷ୍ମତାରେ ।

କିଛି ମାଗୁ ନାହିଁ ତୁମକୁ
ଥରୁଟିଏ ତୁମ ହାତ ସ୍ପର୍ଶ ଚାହେଁ ,
ତାକୁ ସ୍ମୃତି କରି ରଖିବି ସାଇତି
ଆଉ ଥରେ ଫୁଟିବା ଯାଏଁ ।

ବନ୍ଦାଲୋ, ଟାଙ୍ଗୀ, କଟକ
ମୋ: ୯୩୩୭୮୯୭୬୫୦

## ଲୁହରେ ଲେଖୁଛି ପ୍ରେମର ଗୀତ

✶ ପ୍ରଶାନ୍ତ କୁମାର ଦାଶ

ଜହ୍ନରାତି ତଳେ ସ୍ମୃତି ବିଜଡ଼ିତ
ବ୍ୟଥା ବେଦନାର ଲୁହ
ତମେ ନାହିଁ ସାଥୀ ନିରାଶାର ରାତି
ଭରିଦେଇଥାଏ କୋହ ।।

ନୀଳଆକାଶରେ ତାରାଫୁଲଙ୍କର
କମନୀୟ କାନ୍ତି ଶୋଭା
ତୁମ କବରୀର କୁସୁମର ବାସ
ସତେକେଡ଼େ ମନଲୋଭା ।।

ଝରି ଝରି ଆସେ ହୃଦୟ କନ୍ଦରୁ
ପ୍ରେମ ପ୍ରଣୟର ଗୀତି
ମଗ୍ନ ଆଖିତଳେ ନିରାଶା ଚାହାଣୀ
ସବୁ ଆଶା କରେ ଇତି ।।

ମୂର୍ଚ୍ଛାନର ନଈ ଯାଏ ଦୂରେ ବହି
ନିଦାଘ ଦିଅଇ କଷ୍ଟ
କାହ୍ନୁ ବିନା କିନ୍ତୁ ରାଧାରାଣୀ ପ୍ରେମ
ବ୍ୟଥାପାଇ ହୁଏ ନଷ୍ଟ ।।

ଆଖି ଅଶ୍ରୁ ନୀର ଓଠାଧାର ହସ
ପୋଛିଦିଏ ପୁଣି ଖସି
ସହିଯାଏ ସବୁ ନିରବ ଉଦାସେ
ଯମୁନା ତୀରରେ ବସି ।।

ପ୍ରେମ ପୀୟୁଷର ଉନ୍ମାଦନା ପାଇ
ପ୍ରଣୟ ସଙ୍ଗୀତ ଗାଏ
ବିରହ ବିଚ୍ଛେଦ ସପନକୁ ମୋର
ଆପଣାର ମଣୁଥାଏ ।।

କୁଞ୍ଜର -ସଙ୍ଗଳାଇ, ପିପିଲି,ପୁରୀ
ମୋ -୯୬୬୮୮୨୨୧୯୦

## ବୁଝି କରିବା କାମ

✶ ନୀଳମଣି ଚାନ୍ଦ

ଯେଉଁ ସମୟ ଯାଇଛି ଚାଲି
ସିଏ ଅତୀତ କାଳ
ପାରିଲ ନାହିଁ ଯାହାଟି କରି
ଆଉ ବୃଥା ନ ଭାଳ ।

ରଖିଛି ଆଜି ସୁଯୋଗଟିଏ
ତା'କୁ ସାରିବା ପାଇଁ
ଏମିତି ଭଲ,ବଡ଼କଥାକୁ
ଜମା ଭୁଲିବା ନାହିଁ।

ଆଜି ସମୟଟିକୁ କହିବା
ବର୍ତ୍ତମାନ କାଳ
ସେଥିରେ ଶେଷ କରିଦେବାରେ
କାମ ଯା' ମାଳମାଳ।

ଆଜି ତ ଯାହା ନ ହେଲା ଶେଷ
ରହିଛି ଭବିଷ୍ୟତ
ସେହି ସମୟ ଭବିଷ୍ୟତ
କାଳର ଅନ୍ତର୍ଭୁକ୍ତ ।

ଏହାକୁ ବୁଝି ଜୀବନେ ଆମେ
କରିବା ଆମ କାମ
ରହିବ ସିନା ଅଳପ ଦୁଃଖ
ବଢ଼ିବ ଯଶ ନାମ ।

ମନ୍ତ୍ରମାନୋର,ଗୋଠପାଟଣା
ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭

## ଶିଶୁ କବିତା

## ଆମ ଅଙ୍କ ସାର୍ ବହୁତ କଡ଼ା

✶ ସୁନୀଲ କୁମାର ପ୍ରଧାନ

ଆମ ଅଙ୍କ ସାର୍ ବହୁତ କଡ଼ା
ପାଠନ ପଢ଼ିଲେ ହୁଅନ୍ତି ଚିଡ଼ା
ତାଙ୍କରି କଥା ବହୁତ କଡ଼ା ।

ଆମ ଅଙ୍କ ସାର୍ ବହୁତ କଡ଼ା
ସ୍କୁଲକୁ ଡେରିରେ ଯେବେ ପହଞ୍ଚୁ
ରାଗରେ ଆମକୁ ଦେଇ ତଡ଼ା ।

ଆମ ଅଙ୍କ ସାର୍ ବହୁତ କଡ଼ା
କହନ୍ତି ପଢ଼ିଲେ ହୋଇବ ଦିନେ
ନିଜ ଗୋଡରେ ହୋଇବ ଛିଡା ।

ଆମ ଅଙ୍କ ସାର୍ ବହୁତ କଡ଼ା
ତଥାପି ଭୁଲକୁ କ୍ଷମା ଯେ କରନ୍ତି
ମନରେ କେବେ ନଦେଇ ପୀଡ଼ା ।

ଆମ ଅଙ୍କ ସାର୍ ବହୁତ କଡ଼ା
ତାଙ୍କ ଲାଗି ଆମେ ଇସ୍କୁଲ ଯାଉ
ଭଲ ଲାଗଇ ତାଙ୍କରି ପଢ଼ା ।

ଆମ ଅଙ୍କ ସାର୍ ବହୁତ କଡ଼ା
ତାଙ୍କ ଆଶିଷ ରହୁ ଆମଠାରେ
ଏତିକି ଆମ ପାଇଁକି ଲୋଡା ।

ଆମ ଅଙ୍କ ସାର୍ ବହୁତ କଡ଼ା
ତାଙ୍କରି ପରିକା ଗୁରୁ ପାଇଲେ
ଛାତ୍ର ଜୀବନ ହୁଅଇ ଗଢ଼ା ।

ଝାଟିପଦର, ପାଲୁର , ଗଞ୍ଜାମ
ମୋ - ୭୬୦୯୯୩୪୩୬୬

## ଦୟାଳୁ ମୁନା

✶ ରାଧାରାଣୀ ପଟ୍ଟନାୟକ

ଜଳଖିଆ ଖାଇ ପଡିଆକୁ ଯାଇ
ମୁନା ଖେଳୁଥିଲା ବଲ୍
ଗଛୁ ପଡିଗଲା ପାରା ଛୁଆଟିଏ
ପବନ ହେଲା କାଳ ।।
ଛୋଟ ଛୁଆଟି ପଡିଲା ତଳେ
ବିକଳେ କରୁଛି ରଡି
କଷ୍ଟ ହେଉଛି ଛଟପଟ ହୋଇ
ପଡିଛି ମୁହଁକୁ ମାଡି ।।
ମାଆ ଗୋ ଆସ ପାଣି ଧରିକି
ଥଣ୍ଟେ ଟିକେ ଦେବା ତାର
କୁନି ଛୁଆଟି କେତେ କାନ୍ଦୁଛି
କରିବା ତା' ଉପଚାର ।।
ପଙ୍ଖା ଚଳାଇ ପାଖେ ବସାଇ
ମୁନା ଦେଲା ବିସ୍କୁଟ
ଆରାମ ପାଇ ପାରା ଛୁଆଟି
ଚାହିଁଲା ମଟମଟ
ଉପରକୁ ଯାଇ ମୁନା ଆମର
ଛୁଆଟିକୁ ଛାଡିଦେଲା
ବାପା ଦେଖି ଖୁସିରେ କହିଲେ
ପୁଅ ମୋର ଭଲ କାମଟି କଲା
ଛୁଆ ପାରାଟି ହେଲେ ବି
ସେତ ଜଗତର ପ୍ରାଣୀ
ଭଲ କାମ ଯଦି ମିଳିମିଶି କରୁ
ସୁନ୍ଦର ହେବ ଧରଣୀ
ଏ ରଙ୍ଗ ମନକୁ ଯଦି ସମସ୍ତେ
ଜୀବ ପ୍ରତି ଦୟା ରଖିବା
ସମସ୍ତ ଙ୍କ ଠାରୁ ଆଶୀର୍ବାଦ ପାଇ
ସୁଖରେ ଆମେ ବଞ୍ଚିବା ।।

ବରଗଡ, ଚନ୍ଦନ ନଗର
ମୋ-୮୯୧୭୨୩୭୧୩୭

ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



ଟାଙ୍ଗୀ, (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ସଦରମହକୁମାରେ ଥିବା ମଧୁମଙ୍ଗଳ ପଡ଼ିଆ ସନ୍ନିକଟରେ ଆଜକୁ ଦୀର୍ଘ ବର୍ଷ ପୂର୍ବେ ନିର୍ମାଣ ହୋଇଥିବା ଜଗନ୍ନାଥ ମନ୍ଦିରର ସ୍ୱର୍ଣ୍ଣବିମ୍ବୁଦ, ଚୁଡାକରଣ, ସୁଦର୍ଶନ ଚକ୍ର ସ୍ଥାପନ ଓ ଯଜ୍ଞ ଉତ୍ସବ ବିଦ୍ୱାନ ପଣ୍ଡିତ ମାନଙ୍କ ଦ୍ୱାରା ସମାପନ ହୋଇଛି। ମନ୍ଦିରର ପ୍ରତିଷ୍ଠାତା ଭାରତ ଭୂଷଣ ଜଗଦ୍ଦେବ (ପ୍ରାକ୍ତନ ବରିଷ୍ଠ ପ୍ରଶାସକ ତଥା ଜ୍ୟୋତିଷ ଶାସ୍ତ୍ର ବିଶାରଦ, ମନ୍ଦିରର ଆଦ୍ୟ ଶେବକ) ମୂଖ୍ୟ ପୁରୁଧା ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲା ପରିଷଦର ପ୍ରାକ୍ତନ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ଉଚ୍ଚ ନ୍ୟାୟାଳୟର ପ୍ରାକ୍ତନ ନ୍ୟାୟାଧିଶ ତଥା ରେରା ଆପିଲେଟ୍ ଅଥରିଟିର ଅଧ୍ୟକ୍ଷ ପ୍ରମଥ ପଟ୍ଟନାୟକ, ବରିଷ୍ଠ ବୈଜ୍ଞାନିକ ଡକ୍ଟର ଶେଷାଗିରି ରାଓ, ତାରାପ୍ରସାଦ ଆଚାର୍ଯ୍ୟ (ଜେନେରାଲ ମ୍ୟାନେଜର ୟୁନିଅନ ବ୍ୟାଙ୍କ) , ଟାଙ୍ଗୀ ଓକିଲ ସଂଘର ସଭାପତି ଭାସ୍କର ପ୍ରସାଦ ମହାନ୍ତି ପ୍ରମୁଖଙ୍କ ସମେତ ଶହ ଶହ ଭକ୍ତମାନଙ୍କ ଉପସ୍ଥିତିରେ ମହାସମାରୋହରେ ଏହି ଉତ୍ସବ ପାଳିତ ହୋଇଯାଇଛି। ଭକ୍ତ ମାନଙ୍କ ପାଇଁ ବିଶିଷ୍ଟ କଣ୍ଠଶିଳ୍ପୀ ରବୀନ୍ଦ୍ର କୁମାର ମହାପାତ୍ର ଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ, ଭୁବନେଶ୍ୱର ସାଂସଦ, ଆଇନମନ୍ତ୍ରୀଙ୍କ ଦ୍ୱାରା ପ୍ରେରିତ ବାର୍ତ୍ତା ଉପସ୍ଥାପନ କରାଯାଇଥିଲା। ସମସ୍ତ ଭକ୍ତମାନେ ଜଗନ୍ନାଥ, ବଳଭଦ୍ର ମା' ସୁଭଦ୍ରାଙ୍କ ଦର୍ଶନ କରି ପ୍ରଭୁକୃପା ଲାଭ କରିଥିଲେ। ଶ୍ରଦ୍ଧାଳୁ ଭକ୍ତମାନଙ୍କ ପାଇଁ ମନ୍ଦିର କମିଟି ପକ୍ଷରୁ ମହାପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

# ଆତଙ୍କବାଦ ବିରୋଧୀ ବାର୍ତ୍ତା ପହଞ୍ଚାଇ ସ୍ୱଦେଶ ଫେରିଲେ ଅପରାଜିତା

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଅପରେସନ ସିନ୍ଦୂରର ସଫଳତା ଗାଥା ଏବଂ ଭାରତର ଆତଙ୍କବାଦ ବିରୋଧୀ ଲଢ଼େଇ ଲାଗି ସମର୍ଥନ ଗୋଟାଇବାକୁ ବିଦେଶ ଗସ୍ତରେ ଯାଇଥିବା ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଏବଂ ତାଙ୍କ ଟିମ୍ ନିଜ ଦେଶକୁ ଫେରିବା ପରେ ନିଜ କର୍ମକ୍ଷେତ୍ର ଭୁବନେଶ୍ୱରରେ ପହଞ୍ଚିଛନ୍ତି। ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିବା ପରେ ତାଙ୍କ ସଂସଦୀୟ କ୍ଷେତ୍ର ତରଫରୁ ଅପରାଜିତାଙ୍କୁ ଦିଆଯାଇଛି ଉଚ୍ଛ୍ୱସିତ ସମ୍ବର୍ଦ୍ଧନା। ଆଦିବାସୀ ନୃତ୍ୟ, ଆଦିବାସୀ ବାଜାର ତାଳେ ତାଳେ ଅପରାଜିତାଙ୍କୁ ଫୁଲମାଳ ପିନ୍ଧାଇ ହାତରେ ଜାତୀୟ ପତାକା, ଅପରେସନ ସିନ୍ଦୂର, ଦେଶ୍ କି ବେଟୀ ଲେଖା ଥିବା ପ୍ଲାକାର୍ଡ ଧରି ନାଚି ନାଚି ସ୍ୱାଗତ କରିଥିଲେ କର୍ମୀ। ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ଏକାମ୍ର, ଜୟଦେବ, ଖୋର୍ଦ୍ଧା, ଉତ୍ତର, ମଧ୍ୟ ଭଳି ନିର୍ବାଚନ ମଣ୍ଡଳୀର ବେଜେପି ନେତା ଓ କର୍ମୀ ଭୁନେଶ୍ୱର ବିମାନ ବନ୍ଦରରୁ ପଳାଶପଲ୍ଲୀ



ସ୍ଥିତ ସାଂସଦଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ବିଶାଳ ଶୋଭାଯାତ୍ରାରେ ଅପରାଜିତାଙ୍କୁ ନେଇଥିଲେ। ଶୋଭାଯାତ୍ରାରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ଏକାମ୍ର ବିଧାୟକ ବାବୁ ସିଂ, ଭୁବନେଶ୍ୱର ବିଜେପି ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ଖୋର୍ଦ୍ଧା ବିଜେପି ଜିଲ୍ଲା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା ସମେତ ବହୁ ଆଗଧାଡ଼ିର ବିଜେପି ନେତା ଓ କର୍ମୀ ଯୋଗ ଦେଇଥିଲେ। ଅପରେସନ ସିନ୍ଦୂର ପରେ ଆତଙ୍କବାଦ୍ ଓ ପାକିସ୍ତାନର ଅସଲ ଚେହେରା ସାରା ବିଶ୍ୱକୁ ଜଣାଇବାକୁ ବିଭିନ୍ନ ଦେଶ ଗସ୍ତ କରିଥିଲେ ଭାରତୀୟ ସାଂସଦ ଓ ରାଜନେତା। ମୋଟ ୫୯ଜଣ ପ୍ରତିନିଧି ୩୩ଟି ଦେଶ ଭ୍ରମଣ କରିଛନ୍ତି। ଏହି ଗସ୍ତ ଶେଷ କରି ନିଜ ଦେଶକୁ ଫେରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଏବଂ ଟିମ୍। ଦିଲ୍ଲୀରେ ପହଞ୍ଚିବା ପରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନକୁ ଏକ ନିଆରା ଓ ବଡ଼ ଅନୁଭୂତି ବୋଲି ପ୍ରାଥମିକ ପ୍ରତିକ୍ରିୟାରେ କହିଛନ୍ତି ଅପରାଜିତା। ପ୍ରବାସୀ ଭାରତୀୟ, ବିଭିନ୍ନ ରାଜନୈତିକ ଦଳ, ସେମାନଙ୍କର ନେତା, ସାଧାରଣ ନାଗରିକ, ଯୁବବର୍ଗ ଏପରିକି ସମସ୍ତଙ୍କୁ ପାକିସ୍ତାନ ମାଟିରେ କିଭଳି ଆତଙ୍କବାଦୀ ଏବଂ ବିଭିନ୍ନ ଆତଙ୍କବାଦ ସଂସ୍ଥାକୁ ଜନ୍ମ ଦିଆଯାଉଛି। ପରେ ସେମାନଙ୍କୁ କିଭଳି ପାଳିପୋଷି ବଡ଼ କରାଯାଉଛି, ତାହା ମଧ୍ୟ ବିଭିନ୍ନ ତଥ୍ୟ ପ୍ରମାଣ ସହ ଜଣାଯାଇଛି। ପ୍ରଧାନମନ୍ତ୍ରୀ ମୋଦି ତଥା କେନ୍ଦ୍ର ସରକାରଙ୍କ ଏହି ସ୍ୱତନ୍ତ୍ର ଯୋଜନାକୁ ପ୍ରବାସୀ ଭାରତୀୟ ବି ବେଶ୍ ସକାରାତ୍ମକ ଢଙ୍ଗରେ ଗ୍ରହଣ କରିଛନ୍ତି ବୋଲି କହିଛନ୍ତି ଅପରାଜିତା। ସେହିଭଳି ଅପରେସନ ସିନ୍ଦୂରକୁ ଯେଉଁମାନେ ବିରୋଧ କିମ୍ବା ସମାଲୋଚନା କରୁଛନ୍ତି ସେମାନଙ୍କୁ କଡ଼ା ଭାଷାରେ ନିନ୍ଦା କରିଛନ୍ତି ଅପରାଜିତା। ଅନ୍ୟପଟେ ଦେଶର ଝିଅ ହିସାବରେ ସେ ବହୁତ ଗର୍ବିତ।

# ୪ଜଣ ଗୁରୁତର ଅସୁସ୍ଥ

## ଦ୍ୱିତୀୟ ଦିନରେ ପଞ୍ଚାୟତ ନିର୍ବାଚିତ ପ୍ରତିନିଧିଙ୍କ ଧାରଣା

ରାଜନଗର, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଥାନା ସମ୍ମୁଖରେ ବିଜେଡ଼ି ସମର୍ଥିତ ପଞ୍ଚାୟତ ଲୋକ ପ୍ରତିନିଧିମାନେ ୨୪ ବର୍ଷର ଶାସନ ଯିବା ପରେ ଏବେ ଛଅ ଦଫା ଦାବି ନେଇ ଥାନା ସମ୍ମୁଖରେ ଧାରଣାର ଦୁଇଦିନ ହେଲେ ବି କାର୍ଯ୍ୟାନୁଷ୍ଠାନ ଶୂନ୍ୟ ହୋଇଛି। ଏହି ଧାରଣାକୁ ନେଇ ଦେଖାଣା ହାରି ସମାଲୋଚନା କରି କହୁଛନ୍ତି ବିଜେଡି ଔଷଧ ବିକଳେ ତାଟିଆ କାମୁଡୁଛି। ସେତେବେଳେ। ଥାନା,ବ୍ଲକ, ତହସିଲ କାର୍ଯ୍ୟାଳୟ ଏକ ପ୍ରକାର ବିଜେଡି ପାର୍ଟି ଅଫିସରେ ପରିଣତ ହୋଇଥିବା ଅଭିଯୋଗ ହେଉଥିଲା। ଅଫିସର ମାନେ ତାଙ୍କର ଦଳିୟ କର୍ମୀ ଭାବେ ଭୟରେ କାର୍ଯ୍ୟ କରୁଥିଲେ। ଦଲାଲ ସଂଖ୍ୟା ବୃଦ୍ଧି ପାଇଥିଲା। ବିଭିନ୍ନ କାର୍ଯ୍ୟ ପାଇଁ ଭିନ୍ନ ଭିନ୍ନ ଦଲାଲି ହେଉଥିଲା। କିଏ ରେସନ କାର୍ଡ,ଭତ୍ତା,ଆବାସ ଯୋଜନା, ସରକାରୀ ଜମି,ଥାନାରେ ବିଭିନ୍ନ କେଶକୁ ନେଇ ଦଲାଲି କାର୍ଯ୍ୟ ସୁ ଚାଲୁଥିଲା। ସେସବୁ ବିଜେପି ସରକାରରେ ପୂର୍ଣ୍ଣମାତ୍ରାରେ ଅଫିସରଙ୍କୁ ସ୍ୱାଧୀନତା ଦେବାରୁ ପୂର୍ବ ସରକାରର କର୍ମୀମାନେ ସେ ସୁଯୋଗ ପାଇା କଷ୍ଟ ହୋଇପଡୁଛି। ଯାହାଫଳରେ ବିଜେପିର ପଲ୍ଲା ଭାରି ହେବାରୁ ବିଜେଡ଼ି ସେଥିରୁ ହାରାସ ହୋଇଛି। ତାହା ସହ୍ୟ ନକରି ରାଜରାସ୍ତାକୁ ଓହ୍ଲାଇ ବିରୋଧୀଦଳର ଭୂମିକା ତୁଲାଇ ପଞ୍ଚାୟତ ପ୍ରତିନିଧିଙ୍କୁ ନେଇ ଥାନା ସମ୍ମୁଖରେ ଧାରଣାରେ ରତ ଅଛନ୍ତି। ଏହି ଧାରଣାରେ ମନୋରଞ୍ଜନ ପାତ୍ର, ନିରଞ୍ଜନ ରାଉତ, ପ୍ରମୋଦ ପ୍ରଧାନ ଓ ଅନ୍ୟଜଣେ ଗୁରୁତର ଅବସ୍ଥାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ପଟ୍ଟାମୁଣ୍ଡାଇ ଏସଡିପିଓ ଓ ଥାନା ଆଇଆଇସି ନରେଶ କୁମାର ସାହୁ ଧାରଣାକାରୀଙ୍କୁ ବୁଝାଇ ଥିଲେ ମଧ୍ୟ ଧାରଣା କାରୀ ତାଙ୍କ ଜିଦରେ ଅଟଳ ରହି କହିଥିଲେ ଏସ୍ପି ଆସିବା ପରେ ଯାହା ସମାଧାନ ହେବ। ସେମାନେ ତାଙ୍କ ଦାବିରେ ଲିପିବଦ୍ଧ କରିଛନ୍ତି ଥାନା ଆଇଆଇସି ବିଜେପିର ନେତା ଓ ଦଲାଲି କରୁଥିବା କର୍ମୀଙ୍କୁ ଅଗ୍ରାଧିକାର ଦେଉଥିବା ବେଳେ ଲୋକ ପ୍ରତିନିଧିଙ୍କୁ ଥାନାରେ ସମ୍ମାନ ମିଳୁନି, ପେଣ୍ଟ ବାତ୍ୟା ଆଶ୍ରୟସ୍ଥଳୀର ଚୋରି କରିଥିବା ବ୍ୟକ୍ତିଙ୍କୁ ଗିରଫ କରାଯାଉନି। ବିଡ଼ିଓ ଓ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କୁ ବିଜେପି ନେତା ଓ କର୍ମୀ ଗାଳିଗୁଲଜ କରିଥିବା ଅଭିଯୁକ୍ତଙ୍କୁ ଗିରଫ କରିବା ଆଦି ଛ ଦଫା ଦାବିରେ ଧାରଣା ରତହ ଅଛନ୍ତି ଲୋକପ୍ରତିନିଧି ମାନେ। ହେଲେ ଏହି ଦାବିପତ୍ରରେ କୌଣସି ଜନକଲ୍ୟାଣ ଉନ୍ନୟନ କାର୍ଯ୍ୟକ୍ରମ କିମ୍ବା ତାର କ୍ଷତି ଘଟିଥିବା ସେମିତି କିଛି ଦାବୀରେ ଲିପିବଦ୍ଧ ନାହିଁ। ବିଡିଓଙ୍କୁ ଗାଳିଗୁଲଜର ଅଭିଯୋଗ ବିଡିଓ ନିଜେ କରି ନଥିବା ବେଳେ ବିଜେଡି ପକ୍ଷରୁ ଅଭିଯୋଗ ହେବା ହାସ୍ୟାସ୍ପଦ ବୋଲି ବିଜେପି ନେତା କର୍ମୀ କହିଛନ୍ତି। ଉଭୟଦଳ ଜନକଲ୍ୟାଣ ପାଇଁ ଯେତିକି ଚିନ୍ତା ନାହିଁ, ସରକାରୀ ଯୋଜନାରୁ ଲୁଟି ନିଜସ୍ୱ ଆୟ ବୃଦ୍ଧି ପାଇଁ ଅଧିକ ତତ୍ପରତା ଦେଖାଉଛନ୍ତି। ବିଜେପି ସରକାର ଆସିବା ପରେ ବିଜେପିର କୌଣସି ଅସଲି କର୍ମୀ କି ନେତା ବ୍ଲକ କାମ କରି ନାହାଁନ୍ତି। ଯେଉଁ ବିଲ୍ ହେବାକୁ ସରକାରୀ ଦଳର ନେତା ବିଡିଓଙ୍କ ସହିତ ଯୁକ୍ତି କରୁଛନ୍ତି ତାହା ବିଜେଡ଼ି କର୍ମୀ ବୁଝି ପାରୁ ନାହାଁନ୍ତି, ସେମାନେ ହେଉଛନ୍ତି ବିଜେଡିର ଆଗଧାଡିର କର୍ମୀ ଥିଲେ। ସେଠାରୁ ମହୁ ଶୋଷିସାରିଲା ପରେ ବିଧାୟକ ତଡିଦେବାରୁ ଠିକା କରିବାକୁ ବିଜେପିରେ ମିଶି ବିଜେଡି ସରକାର ସମୟର ବିଲ୍‌କୁ ବିଜେପି ନେତାଙ୍କ ଦ୍ୱାରା ହାତେଇବାକୁ ନେତାଙ୍କୁ ନେଇ ଏମିତି ଅସୁନ୍ଦର ବ୍ୟବହାର ବିଜେଡି ଦଳକୁ ଖୋରାକ ଯୋଗାଇଛି। ଯାହାଙ୍କୁ ନେଇ ବିଜେପିର ମୂଳ କର୍ମୀ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେଣୁ ଏସବୁ ତମାମ ଘଟଣାକୁ ନେଇ ବିଜେଡିର ଲୋକ ପ୍ରତିନିଧିଙ୍କ ଧାରଣା କେତେଦୂର ଫଳପ୍ରଦ ହେବ ତାହା ସାଧାରଣରେ ଦେଖିବାକୁ ବାକି ରହିଲା।

## ବିଜେପିର ବିଧାନସଭା ସ୍ତରୀୟ କର୍ମଶାଳା

ଆଳି, (ଭାସ୍କର ନ୍ୟୁଜ୍): ବିକଶିତ ଭାରତ ଅମୃତକାଳ ଅବସରରେ ସେବା ସୁଶାସନ ଏବଂ ଗରିବ କଲ୍ୟାଣରେ କେନ୍ଦ୍ର ସରକାରଙ୍କ ୧୧ବର୍ଷ ଓ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଳି ବିଧାନସଭା ପକ୍ଷରୁ ଆଳି ହାରାମଣି ମଣ୍ଡପ ଠାରେ ଏକ ବିଧାନସଭା ସ୍ତରୀୟ କର୍ମଶାଳା ଆୟୋଜିତ ହୋଇଯାଇଛି। ଆଳି ବିଧାନସଭା ର ସଂଯୋଜକ ତଥା ରାଜ୍ୟ କାର୍ଯ୍ୟ କାରିଣୀ କୃଷକ ମୋର୍ଚ୍ଚାର ସଦସ୍ୟ ଅନନ୍ତ ରଥଙ୍କ ସଭାପତିତ୍ୱରେ ଆଳି ବିଧାନସଭାର ବିଧାୟକ ପାର୍ଥୀ କୃଷ୍ଣ ଚନ୍ଦ୍ର ପଣ୍ଡାଙ୍କ ଉପସ୍ଥିତିରେ ଆୟୋଜିତ ଏହି କର୍ମଶାଳାରେ ଅତିଥି ଭାବେ ଏହି କାଯ୍ୟକ୍ରମ ପାଇଁ ଆଳି ବିଧାନସଭାର ସଂଯୋଜକ ଭାରତ ଭୂଷଣ ଦାସଙ୍କ ମାର୍ଗଦର୍ଶନରେ ଆଗାମୀ ଦିନରେ ହେବାକୁ ଥିବା ଦଳର ବିଭିନ୍ନ କାର୍ଯ୍ୟକ୍ରମର ଖସଡ଼ା ପ୍ରସ୍ତୁତ କରିବା ଏବଂ ସାଧାରଣ ଲୋକେ କିପରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନାରେ ସାମିଲ ହୋଇପାରିବେ ସେଥିପାଇଁ ନିଷ୍ଠାର ସହିତ କାର୍ଯ୍ୟ କରିବା ପାଇଁ ଆହ୍ୱାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ୧ ନଂ ମଣ୍ଡଳ ସଭାପତି ସରୋଜ କର, ୨ନଂମଣ୍ଡଳ ସଭାପତି କଳ୍ପତରୁ ଦାସ, ୩ନଂ ମଣ୍ଡଳ ସଭାପତି ରତିକାନ୍ତ ମହାନ୍ତି, ୪ନଂ ମଣ୍ଡଳ ସଭାପତି ତପନ ପରିଡା, ଜିଲ୍ଲା ଯୁବ ମୋର୍ଚ୍ଚା ସମ୍ପାଦକ ବରାହ ଚରଣ ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ କୃଷକ ମୋର୍ଚ୍ଚା ସଦସ୍ୟ ଭକ୍ତବନ୍ଧୁ ମିଶ୍ରଙ୍କ ସମେତ ବିଜେପିର ତମାମ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ପ୍ରଭାରୀ ମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କ ଦିନିକିଆ ରାୟଗଡ ଗସ୍ତ

ରାୟଗଡ଼, (ଭାସ୍କର ନ୍ୟୁଜ୍): ବିଭୁତି ଭୂଷଣ ଜେନା, ମାନ୍ୟବର ବାଣିଜ୍ୟ ଓ ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ଓଡିଶା ତଥା ଜିଲ୍ଲା ପ୍ରଭାରୀ ମନ୍ତ୍ରୀ ଦିନିକିଆ ରାୟଗଡ଼ ଜିଲ୍ଲା ଗସ୍ତରେ ଆସି ଆଜି ପହଂଚିଥିଲେ। ଜିଲ୍ଲାପାଳ ପାରୁଲ ପଟାଓ୍ୱାରୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଜିଲ୍ଲା ପରିଷଦ ସମିଳନୀ କକ୍ଷରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ସମୀକ୍ଷା କରିଥିଲେ। ଏହା ସହିତ ଆସନ୍ତା ଏକ ବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ୧୨ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ବିକାଶ ମେଳାର ଚୁଡାନ୍ତ କାର୍ଯ୍ୟକ୍ରମର ରୂପରେଖ ସମ୍ବନ୍ଧରେ ସମୀକ୍ଷା କରିଥିଲେ। ମନ୍ତ୍ରୀ ନିଜର ଭାଷଣରେ କହିଲେ ଯେ ସେବା ସୁଶାସନ ଓ ଗରିବ କଲ୍ୟାଣର ଅମୃତ ବର୍ଷର ଉପଲବ୍ଧିକୁ ସୁବ୍ୟବସ୍ଥିତ ଢଙ୍ଗରେ ଲୋକଙ୍କ ପାଖରେ ପହଂଚାଇବା ଏହି ମେଳରେ ମୂଳ ଉଦ୍ଦେଶ୍ୟ। ରାଜ୍ୟର ପ୍ରତ୍ୟେକ ଜିଲ୍ଲା ସଦର ମହକୁମାରେ ବିକାଶ ମେଳା କରାଯିବ ଏବଂ ରାଜ୍ୟର ପ୍ରମୁଖ ଜିଲ୍ଲାମାନଙ୍କରେ କୃଷକ ମେଳା, ନାରୀଶକ୍ତି, ଯୁବଶକ୍ତି ଓ ଆଦିବାସୀ ଶକ୍ତି ସମାବେଶ କରାଯିବ ବୋଲି ମାନ୍ୟବର ମନ୍ତ୍ରୀ କହିଥିଲେ। ଦଳଗତ ନିର୍ବିଶେଷରେ ସମସ୍ତଙ୍କୁ ସାମିଲ କରାଯିବ। ଏକବର୍ଷ ଭିତରେ ସରକାରଙ୍କ ବିଭିନ୍ନ ଉନ୍ନୟନ



ମୂଳକ କାର୍ଯ୍ୟକ୍ରମ ଉପରେ ପ୍ରଦର୍ଶନୀ ମଣ୍ଡପ ମାଧ୍ୟମରେ ଲୋକଙ୍କୁ ପ୍ରଦର୍ଶିତ କରାଯିବ। ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପଡ଼ିଆ ଠାରେ ଏହି ବିକାଶ ମେଳା ଆୟୋଜନ କରାଯିବ। ଏହା ସହିତ ପାରମ୍ପରିକ ଖାଦ୍ୟ ମେଳା, ମୋ ସ୍ୱପ୍ନରେ ଓଡିଶା- ୨୦୩୬ ଓ ମୋ ସ୍ୱପ୍ନରେ ଭାରତ -୨୦୪୭ ବିଷୟରେ ପ୍ରବନ୍ଧ ଓ ଚିତ୍ରକାଳା ପ୍ରତିଯୋଗିତା ଅନୁଷ୍ଠିତ ହେବ ଏବଂ କୃତୀ ପ୍ରତିଯୋଗି ମାନଙ୍କୁ ଏହି ମେଳକ୍ଷରେ ପୁରସ୍କୃତ କରାଯିବ। ମନ୍ତ୍ରୀ ଓ ଅତିଥି ମାନଙ୍କ ଦ୍ୱାରା ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯିବ। କ୍ରୀଡା ମାଧ୍ୟମରେ ଯୁବ ଗୋଷ୍ଠୀକୁ ସାମିଲ କରାଯିବ। ଏହା ବ୍ୟତୀତ ବିଭିନ୍ନ ବ୍ଲକରେ ବିକାଶ ବାହାନା ମାଧ୍ୟମରେ ଏକ ବର୍ଷର ଉପଲବ୍ଧି ଲୋକଙ୍କୁ ଜଣାଇ ଦିଆଯିବ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲ୍ଲାପାଳ ରାୟଗଡ଼ ରମେଶ କୁମାର ଜେନା, ପ୍ରକଳ୍ପ ପ୍ରଶାସକ ସାମ୍ବନିତ ଆଦିବାସୀ ଉନ୍ନୟନ ସଂସ୍ଥା ଗୁଣୁପୁର ଅଜୟ କୁମାର ପ୍ରଧାନ ଓ ଅନ୍ୟକ୍ଷନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ।

# ମୁଣ୍ଡାରୀ ଭାଷା ବାର୍ଷିକ ପରୀକ୍ଷା ନିମନ୍ତେ ପ୍ରସ୍ତୁତି ବୈଠକ

ବାରିପଦା, (ଭାସ୍କର ନ୍ୟୁଜ୍): ମୁଣ୍ଡାରୀ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମୁଣ୍ଡାରୀ ରବିବାରିଆ ବିଦ୍ୟାଳୟ ଗୁଡ଼ିକରେ ଆସନ୍ତା ଜୁନ୍ ୮ତାରିଖ ଦିନ ବାର୍ଷିକ ପରୀକ୍ଷା ଅନୁଷ୍ଠିତ ହେବାକୁ ଯାଉଛି। ଏନେଇ ଆଜି ବଡ଼ସାହି ସ୍ଥିତ ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ଦ୍ୱାରା ପରିଚାଳିତ ମୁଣ୍ଡାରୀ ଏକାଡେମୀ କାର୍ଯ୍ୟାଳୟ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରସ୍ତୁତି ବୈଠକରେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ଜିଲ୍ଲା ଆବାହକ ବିରବଲ ସିଂ, ଶ୍ୟାମାଖୁଣ୍ଟା ବ୍ଲକ ୪୯ ନମ୍ବର ଜୋନ୍‌ର ଜିଲ୍ଲାପରିଷଦ ସଦସ୍ୟ ମଧୁସୂଦନ ସିଂ, ମୁଣ୍ଡାରୀ ଶିକ୍ଷା ପରିଷଦର ପରୀକ୍ଷା ନିୟନ୍ତ୍ରକ ଭଗବାନ ସିଂ, ସମ୍ପାଦକ ବୁଧିଆ ସିଂ, ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ବଡ଼ସାହି ବ୍ଲକ ଆବାହକ ବୈଦ୍ୟନାଥ ସିଂ, ମୋରଡା ବ୍ଲକ ଆବାହକ ଦେବେନ୍ଦ୍ର ନାଥ ସିଂ, ଗୋପବନ୍ଧୁ ନଗର ବ୍ଲକ ଆବାହକ ଅନନ୍ତ ପ୍ରସାଦ ସିଂ, ଖୁଣ୍ଟା ବ୍ଲକ ଆବାହକ ରାଙ୍ଗା ସିଂ, ବେତନଟୀ ବ୍ଲକ ଆବାହକ ତପନ ସିଂ ଏବଂ ୨୬ ଗୋଟି ମୁଣ୍ଡାରୀ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହିଥିଲେ। ଆସନ୍ତାକାଲି ହେବାକୁ ଥିବା ମୁଣ୍ଡାରୀ ବାର୍ଷିକ



ପରୀକ୍ଷାର ସୁପରିଚାଳନା ନିମନ୍ତେ ବୈଠକରେ ଆଲୋଚନା କରାଯାଇଥିଲା। ଚଳିତ ବର୍ଷ ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ୭ ଗୋଟି ବ୍ଲକର ୨୬ ଗୋଟି ମୁଣ୍ଡାରୀ ରବିବାରିଆ ବିଦ୍ୟାଳୟରୁ ମୋଟ ୫୪୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ସେଥିମଧ୍ୟରୁ ବଡ଼ସାହି ବ୍ଲକର ୭ଟି, ଶାମାଖୁଣ୍ଟା ବ୍ଲକର ୪ଟି, ବେତନଟୀ ବ୍ଲକର ୪ଟି, ଗୋପବନ୍ଧୁ ନଗର ବ୍ଲକର ୩ଟି, ମୋରଡା ବ୍ଲକର ୨ଟି, କୁଳିଅଣା ବ୍ଲକର ୩ଟି, ଖୁଣ୍ଟା ବ୍ଲକର ୩ଟି ବିଦ୍ୟାଳୟରେ ପରୀକ୍ଷା ହେବ। ସେଗୁଡିକ ହେଉଛି:- ନୂଆସାହି-ବଇଁଚା, ପଳାସବଣି, ଅସ୍ତଝରଣ, ଦଳକିଶୋଳ, ଘୁଷୁରିଆ, ଚନ୍ଦନଚତୁରି, କଦଳିଆପାଳ, ବାଉଁଶବିଲା, ଗୁଣ୍ଡିହୁଡି, ମହୁଲିଆ, ରଙ୍ଗାମାଟିଆ, ଚୁରମରା, ନୟାବସନ୍ତପୁର, ଠାକୁରଟୋଟା, ବଣଦାମଦରପୁର, ଖଡିଆବସା, କାଳିଆପଦା, ଖୁଣ୍ଟାଡାହି, ଘୋଳମୁହାଁ, କଲରାଫୁଲିଆ, କଖାରୁଶୋଳ, ଚାନ୍ଦୁଆ, ହାତୀବାରି, ବହଳଦା, ଭାଦୁଶୋଳ, ସୁବର୍ଣ୍ଣ ମଞ୍ଜରୀ ପ୍ରଭୃତି। ଏହି ଅବସରରେ ବୁଧିଆ ସିଂଙ୍କ ସଂକଳିତ 'ମୁଣ୍ଡାରୀ ଭାଷା ଜ୍ଞାନ' ପୁସ୍ତକ ଉନ୍ମୋଚନ କରାଯାଇଥିଲା।

# ଋଷିକୁଲ୍ୟା ନଦୀ ସୁରକ୍ଷା ସମାବେଶରେ ମେଧା ପାଟେକର

ଛତ୍ରପୁର, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ପୋଟଲାମପୁର ବାଣ-ଲିଙ୍ଗେଶ୍ୱର ମନ୍ଦିର କଂସାରୀଗଣ୍ଡ ନିକଟରେ ଋଷିକୁଲ୍ୟା ନଦୀ ସୁରକ୍ଷା ସମାବେଶ ଶୁକ୍ରବାର ଆୟୋଜିତ ହୋଇଥିଲା। ଏଥିରେ ଦେଶର ବିଶିଷ୍ଟ ପରିବେଶବିତ୍ ମେଧା ପାଟେକର ଯୋଗଦେଇ ନଦୀର ସ୍ଥିତି ଦେଖିବା ସହ ଉକ୍ତ ଅଞ୍ଚଳର ଗ୍ରାମବାସୀଙ୍କୁ ଭେଟି ଆଲୋଚନା କରିଥିଲେ। ଋଷିକୁଲ୍ୟା ନଦୀ ସୁରକ୍ଷା ପାଇଁ ଚାଲିଥିବା ଏହି ଆନ୍ଦୋଳନକୁ ସେ ସମର୍ଥନ ଜଣାଇବା ସହ ପିପଳପଙ୍କାଠାରେ ଜଳଭଣ୍ଡାର ନିର୍ମାଣ ନକରିବାକୁ ସରକାରଙ୍କୁ ନିବେଦନ କରିଥିଲେ। ଏଥିପାଇଁ ଆନ୍ଦୋଳନ ଜାରି ରଖିବାକୁ ମେଧା ପାଟେକର ତାଙ୍କ ଭାଷଣରେ ଆହ୍ୱାନ ଦେଇଥିଲେ। ଏହି ସମାବେଶରେ ଋଷିକୂଲ୍ୟା ରୟତ ମହାସଭାର ସମ୍ପାଦକ ସିମାଞ୍ଚଳ ନାହାକ ଅଧ୍ୟକ୍ଷତା କରିଥିବା ବେଳେ ପରିବେଷବିତ ପ୍ରଫୁଲ ସାମନ୍ତରା, ଋଷିକୁଲ୍ୟା ସୁରକ୍ଷା କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା ସୁଧିର ରାଉତ, ଭାଲଚନ୍ଦ୍ର ଷଡ଼ଙ୍ଗୀ, ସରପଞ୍ଚ ନିରଞ୍ଜନ ପ୍ରଧାନ, ସମିତିସଭ୍ୟ ଶମ୍ଭୁନାଥ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ ଋଷିକୁଲ୍ୟା ନଦୀ ଗଞ୍ଜାମର ଜୀବନରେଖା। କିଛିବର୍ଷ ହେଲା ଋଷିକୁଲ୍ୟା ନଦୀରୁ ଅତି ମାତ୍ରାରେ ବାଲି ଚୋରା ଚାଲାଣ ଯୋଗୁଁ ନଦୀର ଜଳଧାରଣ



ଶକ୍ତି ଗଲାଣି। ତେଣୁ ଭୂତଳ ମଧୁରଜଳ ଶୁଖିଯାଇଛି। ଏହା ଫଳରେ ସମୁଦ୍ରର ଲୁଣି ପାଣି ନଦୀ ଭିତରକୁ ଓ ଭୂତଳକୁ ପଶିବା ଫଳରେ କୂଅ, ନଳକୂଅ ଏବଂ ପାଣି ଯୋଗାଣ ପ୍ରକଳ୍ପରେ ଲୁଣିଆ ପାଣି ଆସୁଛି ଯାହାକି ପିଇବା ଏବଂ ଚାଷ ପାଇଁ ସଙ୍କଟ ଦେଖା ଦେଇଛି। ସମୁଦ୍ରର ଲୁଣିପାଣି ଏବେ କଂସାରୀଗଣ୍ଡ ପର୍ଯ୍ୟନ୍ତ ଆସିବାରୁ ପିଇବା ପାଣି ଖାରି ହୋଇଗଲାଣି। ଏବେ ଆଉ ଏକ ବଡ଼ ବିପଦ ଯାହା ନଦୀକୁ ମୃତ କରିଦେବ, ତାହା ହେଉଛି ନଦୀର ଏକ ମାତ୍ର ପ୍ରକୃତ ଜଳଧାରାକୁ ଅଟକାଇ ପିପଳପଙ୍କାଠାରେ ଜଳଭଣ୍ଡାର ନିର୍ମାଣ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି, ଯାହା ଦ୍ୱାରା ବର୍ଷା ସରିଗଲା ପରେ ଟୋପାଏ ପାଣି ନଦୀରେ ଆସିବ ନାହିଁ। ଯାହା ଦ୍ୱାରା ନଦୀ ମରିଯିବ। ନଦୀକୂଳ, ବନ୍ଧକୂଳ ଓ ଉଠାଜଳସେଚନ ପମ୍ପ ଅକାମୀ ହୋଇଯିବ। ଲୋକେ ପାଣି ପାଇଁ ହାହାକାର ହେବେ। ଚାଷ କାମ ପାଇଁ ପାଣି ମିଳିବା କଷ୍ଟକର ହେବ। ନଦୀର ବେକଓ୍ୱାଟରରେ ମାଛ ଶୂନ୍ୟ ହୋଇଯିବ। ତେଣୁ ନଦୀର ସୁରକ୍ଷା ପାଇଁ ଡ୍ରେମ୍ ନିର୍ମାଣ ଓ ବାଲି ଚୋରିକୁ ବନ୍ଦ କରିବାକୁ ଦାବୀ ହୋଇଛି ସରକାରଙ୍କ ପାଖରେ ଦାବୀ କରି ଋଷିକୁଲ୍ୟା ସୁରକ୍ଷା କାର୍ଯ୍ୟାନୁଷ୍ଠାନ କମିଟି ତରଫରୁ ୧୦ଦିନ ଧରି ସୋରଡ଼ା ପିପଳପଙ୍କା ଠାରୁ ନଦୀମୁହାଣ ପର୍ଯ୍ୟନ୍ତ ପଦଯାତ୍ରାକୁ ଗ୍ରାମବାସୀମାନେ ସାଗତ କରି ସାମିଲ ହୋଇଥିଲେ।

## ଇଦ୍-ଉଲ୍-ଜୁହା ପାଳିତ

ବାଲିଚନ୍ଦ୍ରପୁର, (ଭାସ୍କର ନ୍ୟୁଜ୍): ତ୍ୟାଗ ଓ ବଳିଦାନର ପର୍ବ ଇଦ୍-ଉଲ୍-ଜୁହା ବା ବକ୍ରିଇଦ ମୁସଲମାନ ସମ୍ପ୍ରଦାୟର ଭାଇ ଭଉଣୀ ମାନେ ଏହି ପର୍ବକୁ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳନ କରୁଛନ୍ତି। ବଡ଼ଚଣା ବ୍ଲକ ଅନ୍ତର୍ଗତ ଚାରିନଙ୍ଗଳ ଇଦ୍‌ଗାହ୍ ପଡ଼ିଆ ଠାରେ ପାଳନ ମହାସମାରୋହରେ ହୋଇଯାଇଛି। ପ୍ରାୟ ୨ ହଜାର ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଇଦ୍ କମିଟିର ସଭାପତି ତଥା ଇମାମ୍ ହଜରତ ମୌଲାନା ଫକିରଉଦ୍ଦିନ୍ ହାସିମ୍ ସାହେବ ସମ୍ମୁହ ନମାଜ ପାଠ କରାଇଥିଲେ। ଏହି ଅବସରରେ ସମ୍ପାଦକ ସେକ୍ ମୋଇନ ଅହେମ୍ମଦ, ସେକ୍ ରିଆସତ ଅଲ୍ଲି, ସେକ୍ ଅବଦୁଲ ଗନି, ଗୋଲାମ କିବିରିଆ ଖାଁ, ସେକ୍ ହିଫଜୁଲ ରହେମାନ, ରସିକୁଦ୍ଦିନ୍ ଖାଁ, ଅବଦୁଲ ମସଜିଦ୍, ସେକ୍ ଜିୟାଉଲ୍ଲା, କୋଟୋବୁଦ୍ଦିନ୍ ଖାଁ, ସେକ୍ ଇକବାଲ ହୁସେନା, ନିୟାଜୁଦ୍ଦିନ୍ ଖାଁ, ସୁଲତାନ ସଇଫୁଲ୍ଲା ଖାଁ, ସେକ୍ ଶାହନୱାଜ ପରିଚାଳନାରେ ସହଯୋଗ କରିଥିଲେ। ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲ, ଯୁବନେତା ବିଶ୍ୱ ପ୍ରକାଶ ସାମଲ, ପୂର୍ବତନ ସରପଞ୍ଚ ବିଳାସ ଚନ୍ଦ୍ର ବାରିକ, ଚାନ୍ଦ ଖାଁ ସମେତ ଅନେକ ବ୍ୟକ୍ତିବିଶେଷ ମାନେ ଉପସ୍ଥିତ ରହି ହୀନ୍ଦୁ ମୁସଲମାନ ପରସ୍ପରକୁ ଆଲିଙ୍ଗନ କରି ଭାଇଚାରା ସମ୍ପର୍କ ଦେଖିବାକୁ ମିଳିଥିଲା।

# ରାଜପଥ ସମ୍ପ୍ରସାରଣରେ ନିୟୋଜିତ ଶ୍ରମିକ ମୃତ



ଡେରାବିଶ, (ଭାସ୍କର ନ୍ୟୁଜ୍): ଚଣ୍ଡିଖୋଲ-ପାରାଦ୍ୱୀପ ୫୩ ନଂ ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟରେ ନିୟୋଜିତ ଏକ ଶ୍ରମିକର ଗତକାଲି ରାତିରେ ମୃତ୍ୟୁ ହୋଇଯାଇଛି। ଶ୍ରମିକଙ୍କର ଏହି ଅସ୍ୱାଭାବିକ ମୃତ୍ୟୁକୁ ନେଇ ଶ୍ରମିକଙ୍କୁ କାମରେ ନିୟୋଜିତ କରିଥିବା ଠିକା କମ୍ପାନୀର ସ୍ଥାନୀୟ ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଂଚାୟତ ଅନ୍ତର୍ଗତ ବଳଭଦ୍ରପୁର ସ୍ଥିତ କାର୍ଯ୍ୟାଳୟକୁ ମୃତ ଶ୍ରମିକଙ୍କ ସାଥୀମାନେ କ୍ଷତିପୂରଣ ଦାବିରେ ଆଜି ସକାଳୁ ଘେରାଉ କରିଥିଲେ। ମୃତକ ଜଣକ ହେଉଛନ୍ତି ମହମ୍ମଦ ରାଜିଉଲ୍ଲା ମଲିକ (୨୫)। ତାଙ୍କ ଘର ଝାଡ଼ଖଣ୍ଡ ରାଜ୍ୟର ଡୁକ୍ରା ଗ୍ରାମରେ ବୋଲି ଜଣାପଡ଼ିଛି। ସେ ୫୩ ନଂ ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ କରୁଥିବା ପିଏସ୍‌କେ ଠିକା କମ୍ପାନୀରେ ଜଣେ ଡ୍ରାଇଭର ଭାବରେ କାର୍ଯ୍ୟ କରି ଆସୁଥିଲେ। ତାଙ୍କ ସାଥୀ ଶ୍ରମିକଙ୍କ କହିବା ଅନୁଯାୟୀ ରାଜିଉଲ୍ଲାଙ୍କ ଦେହ ଖରାପ ଥିବା ସତ୍ୱେ ଠିକା କମ୍ପାନୀ ତାଙ୍କୁ ଛୁଟି ଦେଉନଥିଲେ। ଫଳରେ ଗତକାଲି ସେ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ରାଜିଉଲ୍ଲାଙ୍କ ମୃତ୍ୟୁ ଖବର ଜାଣିବା ପରେ ତାଙ୍କ ସାଥୀ ଶ୍ରମିକମାନେ ଆଜି ସକାଳୁ କାମ ବନ୍ଦ କରି ଠିକା କମ୍ପାନୀର କାର୍ଯ୍ୟାଳକୁ ଘେରାଉ କରିଥିଲେ। ରାଜିଉଲ୍ଲାଙ୍କ ମୃତ୍ୟୁ ନିମନ୍ତେ ଶ୍ରମିକମାନେ ଠିକା କମ୍ପାନୀକୁ ଦାୟି କରି ତୁରନ୍ତ ତାଙ୍କ ପରିବାରକୁ ଠିକା କମ୍ପାନୀ କ୍ଷତିପୁରଣ ରାଶି ପ୍ରଦାନ କରିବାକୁ ଦାବି କରିଥିଲେ। ଫଳରେ ବଳଭଦ୍ରପୁର ସ୍ଥିତ ଉକ୍ତ ଠିକା କମ୍ପାନୀର କାର୍ଯ୍ୟାଳୟ ସମ୍ମୁଖରେ ଉତେଜନା ପ୍ରକାଶ ପାଇଥିଲା। ଖବର ପାଇ ଘଟଣା ସ୍ଥଳରେ ଡେରାବିଶ ପୋଲିସ୍ ପହଂଚି ଆନ୍ଦୋଳନ ରତ ଶ୍ରମିକମାନଙ୍କୁ ବୁଝାଶୁଝା କରିଥିଲେ। ଖବର ପାଇ ମୃତ ରାଜିଉଲ୍ଲାଙ୍କ ପରିବାର ଲୋକ ଝାଡ଼ଖଣ୍ଡରୁ ଆସି ଘଟଣା ସ୍ଥଳରେ ପହଂଚିଥିଲେ

## ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

କଣାସ, (ଭାସ୍କର ନ୍ୟୁଜ୍): କଣାସ ବ୍ଲକ ଅନ୍ତର୍ଗତ କାତପଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ତ୍ରିପାଠୀଙ୍କ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଆଜି ଅନୁଷ୍ଠିତ ହୋଇଯାଇଛି। କଣାସ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରତାପ କେଶରୀ ରାୟ ଙ୍କ ସଭାପତିତ୍ୱ ଓ ଶିକ୍ଷକ ନେତା ସୁଶାନ୍ତ ନରେନ୍ଦ୍ରଙ୍କ ସଂଯୋଜନାରେରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ରୂପେ କଣାସ ବ୍ଲକ ସହ ଶିକ୍ଷା ଅଧିକାରୀ ନାରାୟଣ ପ୍ରଧାନ ଯୋଗଦେଇ ବିଦାୟୀ ଗୁରୁମାଙ୍କ କାର୍ଯ୍ୟ ଦକ୍ଷତା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷୟତ୍ରୀ ଲିଲି ସେଠୀ,ସତ୍ୟଭାମା ସୁନ୍ଦରାୟ, ସିଆରସିସି ପୂର୍ଣ୍ଣ ଚନ୍ଦ୍ର ଦାଶ, ପ୍ରାଥମିକ ଶିକ୍ଷକ ସଂଘ (ଏନପିଏସ)ର ସଭାପତି ପ୍ରତାପ କେଶରୀ ଛୋଟରାୟ, ଏସଏମସି ସଭାପତି ବିପିନ ମହାରଣା,ଭାର ପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ପ୍ରଶାନ୍ତି ବେହେରା ପ୍ରମୁଖ ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ତ୍ରିପାଠୀଙ୍କ ଜୀବନଚର୍ଯ୍ୟା ଓ ଛାତ୍ର ବତ୍ସଳତା ସମ୍ପର୍କରେ ଆଲୋକପାତ କରିଥିଲେ। ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟ, ଆଞ୍ଚଳିକ ସାଧନ କେନ୍ଦ୍ର, ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ମାନଙ୍କ ପକ୍ଷରୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର ଓ ଉପଢ଼ୌକନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦାୟକାଳୀନ ଅଭିଭାଷଣରେ ତ୍ରିପାଠୀ ଛାତ୍ରଛାତ୍ରୀମାନେ ସ୍ୱଶିକ୍ଷଣରେ ବ୍ରତୀ ହେବାପାଇଁ ଉପଦେଶ ଦେଇଥିଲେ।

## ଦେଶୀମଦ ଜବତ, ୩ ଗିରଫ

ବାଲୁଗାଁ, (ଭାସ୍କର ନ୍ୟୁଜ୍): ଅବକାରୀ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଟାଙ୍ଗୀ ରେଞ୍ଜ ଅବକାରୀ ନିରୀକ୍ଷକ ରାଧାକାନ୍ତ ଭୋଇଙ୍କ ତତ୍ୱବାଧାନରେ ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ବାଲୁଗାଁ ଓ ବାଣପୁର ଥାନା ଅଞ୍ଚଳରେ ଚଢ଼ାଉ କରି ୪୩ ଲିଟର ଦେଶୀମଦ ଜବତ କରିବାସହ ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ବାଲୁଗାଁ ଗୋପବନ୍ଧୁ ନଗରର କିଶୋର ପାତ୍ର (୪୦), ବାଣପୁର ହାତିମୁଣ୍ଡାର ପ୍ରଫୁଲ ରାଉତ (୬୦) ଓ ଭେଟେଶ୍ୱର ଗ୍ରାମର କେଳି ନାୟକ(୬୦)। ଗିରଫ ଅଭିଯୁକ୍ତଙ୍କ ବିରୁଦ୍ଧରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଅଧିକାରୀ ମୁଦୁଲି କହିଛନ୍ତି। ଏହି ଚଢ଼ାଉରେ ବାଲୁଗାଁ ଅବକାରୀ ଅଧିକାରୀ ମୁଦୁଲିଙ୍କ ସମେତ ଏସଆଇ ସଞ୍ଜୟ କୁମାର ସୁବୁଦ୍ଧି, ମୀନକେତନ ମହାଲିକ, କନେଷ୍ଟବଳ ରଞ୍ଜିତ ପଟେଲ, ସୁନିତା ମହାରଣା, କାଳୁ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

# କାଳୀପଡିଆ ନିକଟରୁ ଘର ଭଙ୍ଗା ଆରମ୍ଭ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝରଗଡ ପୌରପାଳିକା ତରଫରୁ ସହରର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଥିବା କାଳୀପଡିଆ ନିକଟରୁ ଗତକାଲି ଘର ଭଙ୍ଗା ଆରମ୍ଭ ହେବା ସହିତ ପ୍ରଥମ ଦିନରେ ଅନେକ ଘର ଭଙ୍ଗା ଯାଇଥିବା ବେଳେ ଆସନ୍ତା ସୋମବାର ଦିନ ବାକି ରହିଥିବା ଘର ଭଙ୍ଗା ହେବ ବୋଲି ଜଣାପଡିଛି। ଡିଏନ ହାଇସ୍କୁଲ ନିକଟରୁ ବିଜୁ ପଟ୍ଟନାୟକ ଛକ ପର୍ଯ୍ୟନ୍ତ ୫୦ଟି ଘର ମଧ୍ୟରୁ ୨୩ଟି ଘରକୁ ପ୍ରଥମ ଦିନରେ ଭଙ୍ଗା ହୋଇଥିବାବେଳେ ଏଥିରେ ଆଇଏଏସ ପ୍ରେବେସନରଙ୍କ ସହିତ ମାଜିଷ୍ଟ୍ରେଟ,ବରିଷ୍ଠ ପୋଲିସ ଅଧିକାରୀ ଓ ପୌର କର୍ମଚାରୀ ମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ବାଲୁକେଶ୍ୱରଙ୍କ ନାମରେ ଥିବା ଜମି ସରକାରୀ ହାତକୁ ଯିବା ପରେ ପୌରପାଳିକା ତରଫରୁ ଏହି ସ୍ଥାନରେ ଥିବା ପୁରୁଣା ଘରକୁ ଭଙ୍ଗାଯାଇଛି। ଗତ କିଛିଦିନ ତଳେ



କାଳୀପଡିଆ ନିକଟସ୍ଥ ମ୍ୟୁନିସିପାଲିଟି ମାର୍କେଟ ବାଲୁକେଶ୍ୱର ମହେଶଙ୍କ ନାମରେ ଥିବାବେଳେ ୧୯୭୦ ମସିହାରେ ଏହା ପୌରପାଳିକାର ଜମି ରହିଥିଲା। ପୌର-ପାଳିକା ତରଫରୁ ଏଠାରେ ମାର୍କେଟ ଘର କରାଯାଇ ଲୋକଙ୍କ ପ୍ରଦାନ କରାଯାଇଥିବା ବେଳେ ଏଠାରେ ଅନେକ ଲୋକ ୫୩ବର୍ଷ ଧରି ଦୋକାନ କରି ପରିବାର ପ୍ରତିପୋଷଣ କରୁଥିବାବେଳେ ଏହି ଲୋକଙ୍କୁ ଶୀଘ୍ର ଥଇଥାନ କରିବାକୁ ଦାବି ହୋଇଛି।

# ଅସ୍ତରଙ୍ଗ ଅଞ୍ଚଳକୁ ଖାଦ୍ୟ ସୁରକ୍ଷା ବିଭାଗର ଅଣଦେଖା

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ତାହା କେବଳ କାଗଜ ପତ୍ର ରେ ସୀମିତ। ଚାଉଳ,ଡାଲି ଠାରୁ ଆରମ୍ଭ କରି ହୋଟେଲ ଓ ଫାଷ୍ଟଫୁଡ, ଉଠା ଦୋକାନ ର ଖାଇବା ଏବଂ ବୋତଲ ରେ ବିକ୍ରି ହେଉଥିବା ପାଣି କେତେ ସୁରକ୍ଷିତ ? ଯାହାକୁ ନିଶ୍ଚିତ କରିବାକୁ ରହିଛି ଖାଦ୍ୟ ସୁରକ୍ଷା ବିଭାଗ। ମାତ୍ର ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳ ରେ ଖାଦ୍ୟ ସୁରକ୍ଷା ବିଭାଗ ପାଦ ପଡୁନାହିଁ କହିଲେ ଚଳେ। ଖାଦ୍ୟର ମାନ ଯାଞ୍ଚ ପାଇଁ ବିଭାଗୀୟ ଅଧିକାରୀ କେବେ ଦେଖା ମିଳୁନି। ଅନେକ ସମୟରେ ଲୋକେ ଅଖାଦ୍ୟ ଖାଇ ରୋଗରେ ପଡୁଥିବା ଅଭିଯୋଗ ହେଉଥିଲେ ବି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ କିମ୍ବା ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହିଁ। ଏଭଳି ଅବସ୍ଥାରେ ଅସ୍ତରଙ୍ଗ ବାସୀ ଖାଉଥିବା ଖାଦ୍ୟ କେତେ ସୁରକ୍ଷିତ ବୋଲି ପ୍ରଶ୍ନ ଉଠିଛି। ଖାଦ୍ୟ ପଦାର୍ଥ ର ଗୁଣବତ୍ତା ଆଦି ଯାଞ୍ଚ କରି ଲୋକଙ୍କୁ ସୁରକ୍ଷିତ ଖାଦ୍ୟ ଯୋଗାଣ ରେ ଖାଦ୍ୟ ସୁରକ୍ଷା ବିଭାଗର କାର୍ଯ୍ୟ। କେବେ ଚଢ଼ାଉ ନ ହେବାରୁ ଯାହାର ସୁଯୋଗ ନେଇ ଅସାଧୁ ବେପାରୀ, ଦୋକାନୀ ଖାଦ୍ୟ ନାଁରେ ଲାଭ ଖୋର ମନ ବୃତ୍ତି ରଖି ଭେଜାଲ ଓ ବାସି ଗନ୍ଧିଆ ତଥା ଅଖାଦ୍ୟ ପରସି ଦେଉଛନ୍ତି। ଅସ୍ତରଙ୍ଗ ବଜାର ହେଉ ଅବା ଗ୍ରାମାଞ୍ଚଳରେ ଥିବା ଅଧିକ ହୋଟେଲ ଅବା ଫାଷ୍ଟ ଫୁଡ, ମିଠା ଦୋକାନରେ ବହୁଳ ରଙ୍ଗ ମିଶା ଖାଦ୍ୟ ଦିଆଯାଉଛି। ଆଖିକୁ ଭଲ ଦେଖା ଗଲା ଭଳି ଖାଦ୍ୟ ଗୁଡିକ ରଙ୍ଗ ମିଶାଇ ନାଲି କରି ଦିଆଯାଉଛି। ଖାଇବା ପରେ ଦେହ ପାଇଁ କ୍ଷତିକାରକ ହେଉଛି। ସେ ଖାଦ୍ୟ ପେଟକୁ ଗଲେ କେଉଁ ପ୍ରକାର ରୋଗ ହେଉଛି ତାହା ନକହିବା ଭଲ। ଯାହାକୁ ନେଇ ଗ୍ରାହକ ଅନେକ ସମୟରେ ଖାଇ ସାରି ଅସନ୍ତୋଷ ପ୍ରକାଶ କରୁଛନ୍ତି। ଅସ୍ତରଙ୍ଗ ବଜାର ହେଉ ଅବା ୧୫ଗୋଟି ପଂଚାୟତ ରେ ଠେଲା ଗାଡି ଓ ବିଭିନ୍ନ ଗଳିକନ୍ଦିରେ ଖୋଲିଥିବା ଛୋଟ ଛୋଟ ହୋଟେଲ ଗୁଡିକ କଥା ନକହିବା ଭଲ। ଅସ୍ୱାସ୍ଥ୍ୟକର ପରିବେଶ ରେ ଖାଦ୍ୟ ପ୍ରସ୍ତୁତି ସହ ରଖାଯାଉଛି। ସେହିଭଳି ଅସ୍ତରଙ୍ଗ ଅଞ୍ଚଳ ବିଭିନ୍ନ ଦୋକାନରେ ବିଭିନ୍ନ କମ୍ପାନୀ ର ଛତୁ ଫୁଟିଲା ଭଳି ନନ ବ୍ରାଣ୍ଡ କମ୍ପାନୀ ଥଣ୍ଡା ସାଙ୍ଗକୁ ପାଣି ବୋତଲ ବିକ୍ରି ହେଉଛି। ନିମ୍ନ ମାନର ପାଣି ବିକ୍ରି ହେଉଛି। ହେଲେ ଖାଦ୍ୟ ସୁରକ୍ଷା ବିଭାଗ ଏଥିପ୍ରତି ଆଖି ବୁଜିଦେଇଛି। ଏ ନେଇ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ତଥା ସିଡିଏମ୍‌ଙ୍କ ସହ ସମ୍ପର୍କରେ ଜାଣିବାକୁ ଯୋଗାଯୋଗ ଉଦ୍ୟମ କରାଯାଇ ଥିବା ବେଳେ ସମ୍ଭବ ହୋଇନାହିଁ।



ଜଳେଶ୍ୱର,(ଭାସ୍କର ନ୍ୟୁଜ): ଶନିବାର ସକାଳ ୯ ଘଟିକା ସମୟରେ ନୂଆ ବଜାର ସ୍ଥିତ ଭଞ୍ଜଶ୍ରୀ ଭବନ ସଭାଗୃହରେ ଜଳେଶ୍ୱର ଉପଭୋକ୍ତା ମଞ୍ଚର ବାର୍ଷିକ ଅଧିବେଶନ ଓ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇ ଯାଇଅଛି।ଏହି ଅବସରରେ ଆୟୋଜିତ ସଭାରେ ଭାସ୍କରଚନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିଲେ। ଜଳେଶ୍ୱର ବିଜୁଳି ବିଭାଗର ବିଭିନ୍ନ ଅବ୍ୟବସ୍ଥା ତଥା ଅସହ୍ୟ ଗୁଳୁଗୁଳି ସମୟରେ ବାରମ୍ବାର ବିଜୁଳି କାଟକୁ ଉପଭୋକ୍ତା ମଞ୍ଚ ପକ୍ଷରୁ ଘୋର ନିନ୍ଦା କରାଯାଇ ଥିଲା। ଆଗାମୀ ଦୁଇବର୍ଷ ପାଇଁ ସଂଘର କର୍ମକର୍ତ୍ତା ଭାବରେ ଉପଦେଷ୍ଟା ଡକ୍ଟର ରମାକାନ୍ତ ଭଞ୍ଜ, ପୂର୍ବତନ ଶିକ୍ଷକ ନେତା ରାଜାରାମ କର ଶର୍ମା, ସିତାଂଶୁ ସେନାପତି ପ୍ରମୁଖ ଦାୟିତ୍ୱ ଗ୍ରହଣ କରିଥିଲେ।ସଭାପତି ଭାବରେ ଭାସ୍କର ଚନ୍ଦ୍ର ମିଶ୍ର, ସମ୍ପାଦକ ଇଂ ଶ୍ରୀମନ୍ତ ଘୋଷ ସର୍ବସମ୍ମତି ଭାବରେ ନିର୍ବାଚିତ ହୋଇଥିଲେ। କାର୍ଯ୍ୟକାରୀ କମିଟି ସଦସ୍ୟ ଭାବରେ କମଳ ଚକ୍ରବର୍ତ୍ତୀ, ଅଶୋକ କୁମାର ଦାସ, ସୁବ୍ରତ ବେରା, ଦିଲ୍ଲୀପ କୁମାର ଗିରି, ସୁନୀଲ କୁମାର ନାୟକ, ଡକ୍ଟର ଅଜିତ ମହାନ୍ତି, ଡକ୍ଟର ଲଳିତ ରଞ୍ଜନ ସେନାପତି, ଶଙ୍କର ଲାଲ ଦେ ପ୍ରମୁଖ ନିର୍ବାଚିତ ହୋଇଥିଲେ। ଆଗାମୀ ଦିନରେ ଜଳେଶ୍ୱରରେ ବିଜୁଳି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ମଞ୍ଚ ପକ୍ଷରୁ ବିଜୁଳି ବିଭାଗର ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ରାଇବଣିଆ, ହାତୀଗଡ, ନାମ୍ପୋ, ଜଳେଶ୍ୱର ୧ ଓ ୨ ସେକ୍ସନର ସେକ୍ସନ ଅଫିସରମାନଙ୍କ ସହିତ ଆଲୋଚନା କରାଯାଇ ସ୍ଥାୟୀ ସମାଧାନର ପନ୍ଥା ନିର୍ଦ୍ଧାରଣ କରିବାକୁ ସ୍ଥିର କରାଗଲା। ଶେଷରେ ଭାସ୍କର ଚନ୍ଦ୍ର ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



## ନାବାଳିକା ଗର୍ଭବତୀ ଅଭିଯୁକ୍ତ କୋର୍ଟଚାଲାଣ

ବେଲପାହାଡ(ଭାସ୍କର ନ୍ୟୁଜ): ବିବାହର ପ୍ରତିଶ୍ରୁତି ଦେଇ ନାବାଳିକାକୁ ଗର୍ଭବତୀ କରାଇ ପ୍ରତାରଣା କରିଥିବା ଅଭିଯୋଗରେ ଝାରସୁଗୁଡ଼ା ଜିଲା ଲଖନପୁର ପୋଲିସ୍ ଜଣେ ଯୁବକକୁ କୋର୍ଟଚାଲାଣ କରିଛି। ଅଭିଯୁକ୍ତର ନାମ ପଦ୍ମଲୋଚନ ଅହିନ୍ଦା (୨୦)। ସୂଚନା ମତେ ଅଭିଯୁକ୍ତ ଜଣକ ବିଭିନ୍ନ ପ୍ରଲୋଭନ ଦେଖାଇ ନାବାଳିକା ସହ ପ୍ରେମ ଓ ଶାରୀରିକ ସମ୍ପର୍କ ରଖୁଥିଲା। ଯେଉଁଥିପାଇଁ ନାବାଳିକା ଜଣକ ଗର୍ଭବତୀ ହୋଇଥିଲା।ଯେମିତି ନାବାଳିକା ଜଣକ ୭ରୁ ୮ ମାସର ଗର୍ଭବତୀ ହେଲା,ଯୁବକ ଜଣକ ତାକୁ ପ୍ରତାରିତ କରିଥିଲା। ଅନ୍ୟ ଉପାୟ ନପାଇ ନାବାଳିକାଙ୍କ ପରିବାର ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ୍ ଏକ ମାମଲା ରୁଜୁକରି ଉଭୟଙ୍କ ଡାକ୍ତରୀ ମାଇନା କରିବା ପରେ ଶୁକ୍ରବାର ଅଭିଯୁକ୍ତକୁ କୋର୍ଟଚାଲାଣ କରିଛି।

## ବାଲି ମାଫିଆଙ୍କ କବଳରେ ନଦୀ ଶଯ୍ୟା

### ପୋଲିସ ସାଜିଛି ସୁରକ୍ଷା କବଚ

ଯାଜପୁର (ଭାସ୍କର ନ୍ୟୁଜ): ସରକାର ପରିବର୍ତ୍ତନ ପରେ ମଧ୍ୟ ବାଲି ମାଫିଆଙ୍କ ରାଜୁତିରେ କିଛି ବି ପରିବର୍ତ୍ତନ ହୋଇ ନାହିଁ। ଯାହାଫଳରେ ଲିଜ୍ ନ ଥିବା ବାଲି ଘାଟରୁ ପ୍ରତିଦିନ ଶହ ଶହ ଟ୍ରିପ ବାଲି ବିନାବାଧାରେ ଦିନ ରାତି ଲୁଟ୍ ହୋଇ ଚାଲିଛି। କୋଟି କୋଟି ଟଙ୍କାର ବାଲି ଲୁଟ୍ ଅର୍ଥରେ ସ୍ଥାନୀୟ ପୋଲିସ ଥାନାର ସିଂହ ଭାଗ ରହୁଛି। ଏଣୁ ପୋଲିସକୁ ବାଲି ଚୋରି ଖବର ଦେଲେ ଓଲଟି ଏ ସୂଚନା ମାଫିଆଙ୍କ ନିକଟରେ ପହଞ୍ଚି ଯାଉଛି। ଯାହାଦ୍ୱାରା ମାଫିଆ ସୂଚନା କାରୀଙ୍କୁ ଧମକ ଦେବାକୁ ପଛାଉ ନାହାଁନ୍ତି। ପରିସ୍ଥିତି ଏମିତି ହୋଇଛି ଯେ ଯଦି ଜଣେ ସାଧାରଣ ଲୋକ ଘର ତିଆରି କରିବା ପାଇଁ ବାଡ଼ି ପଛପଟ ନଦୀ ଶଯ୍ୟାରୁ କିଛି ବାଲି ଉତ୍ତୋଳନ କରୁଛି ତେବେ ନଦୀ ଶଯ୍ୟାକୁ ପୈତୃକ ସଂପତ୍ତି ବୋଲି ଧରି ନେଇଥିବା ମାଫିଆ ଓ ତାଙ୍କ ଗୁଣ୍ଡା ବାହିନୀ ପୋଲିସ ଠାରୁ ବଳ ପାଇ ସେହି ସାଧାରଣ ଲୋକଟିକୁ ମରଣାନ୍ତକ ଆକ୍ରମଣ ଅବା ଦିନ ଦ୍ୱିପ୍ରହର ରେ ହତ୍ୟା କରିବାକୁ ପଛାଉ ନାହାଁନ୍ତି। ଯେ ହେତୁ ବାଲି ଚୋରି ପଛରେ ପୋଲିସର ପୃଷ୍ଠପୋଷକତା ରହିଥାଏ ଏଣୁ ଏହି ଲୁଟ୍ କୁ ରୋକିବା ନିମନ୍ତେ ଯଦି ସାଧାରଣ ଜନତା ଚୋରି ବାଲି କୁ ଗାଡ଼ି ସହିତ ରାସ୍ତାରେ ଅଟକାଇ ଥାଆନ୍ତି ତେବେ ପୋଲିସ ଲୋକଙ୍କ ବିରୁଦ୍ଧରେ ରାସ୍ତା ଅବରୋଧ ଭଳି ମିଛ ମାମଲା ରୁଜୁ କରି ମାଫିଆଙ୍କୁ ସୁରକ୍ଷା ଦେଇଥାନ୍ତି । ସାଧାରଣ ଲୋକଙ୍କର ମନୋବଳକୁ ଦୁର୍ବଳ କରି ରାଜସ୍ୱହାନୀ ର କାର୍ପଟଦାର ସାଜିଥାନ୍ତି। ଯାଜପୁର ଜିଲ୍ଲା ତମାମ ଏମିତି ଘଟଣା ନବୀନ ସରକାର ବେଳେ ଚାଲିଥିଲା ଓ ଏବେ ମୋହନ ମାଝିଙ୍କ ସରକାର ରେ ମଧ୍ୟ ଚାଲୁରହିଛି। ଭାରତୀୟ ଜନତା ପାର୍ଟି ସରକାରରେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡିତ କରାଯାଉ ନଥିବାରୁ ଗତ ମାସ ୨୭ ତାରିଖ ରେ ବାଲି ମାଫିଆ ଅଭିନ ନାୟକ, ତାଙ୍କ ପୁଅ ଚନ୍ଦନ ନାୟକ ଓ ଚିଣ୍ଟୁ ସହିତ ତାଙ୍କ ଗ୍ୟାଙ୍ଗ ସଦର ଥାନାର ମାତ୍ର ଅଧ କିଲୋମିଟର ଦୂରରେ ଥିବା ଖରସ୍ରୋତା ନଦୀର କଟେରି ଗାଁ ବାଲି ଘାଟରେ ତପନ ଲେଙ୍କା ନାମକ ଜଣେ ଭାରତୀୟ ଜନତା ପାର୍ଟିର କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ କଲେ ଓ ଚିକିତ୍ସିତ ଅବସ୍ଥାରେ ତପନ ଙ୍କ ର ଗତ ୪ ତାରିଖ ଦିନ ମୃତ୍ୟୁ ଘଟିଲା। ଶୁଣିବାକୁ ମିଳେ ଯେ ଏହି ବାଲି ଲୁଟ୍ ପାଇଁ ସଦର ଥାନା ବାବୁଙ୍କୁ ଅଭିନ କୁଆଡେ ଦୈନିକ ୧୦,୦୦୦/- ବଟି ଦେଉଥିଲେ ଏବଂ ପ୍ରତିମାସରେ ଥାନା ବାବୁ ଓ ତାଙ୍କ ବିଶ୍ୱସ୍ତ ଷ୍ଟାଫ୍ ଙ୍କ କଟେରୀ ଗାଁ ନଦୀ ବନ୍ଧ ପାର୍ଶ୍ୱରେ ଥିବା ଅଭିନଙ୍କ ଖଟି ରେ ମଦ ମାଂସ ଭୋଜି ଦେଇଥାଏ। ପୋଲିସ ପକେଟ୍‌ରେ ଥିବାରୁ ଅଭିନ,ପୁଅ ଚନ୍ଦନ ଓ ତାଙ୍କ ଟିମ୍ ତପନ ଲେଙ୍କାଙ୍କୁ ଜୀବନ ରୁ ମାରିଦେଲେ। ଏବେ ସେହି ଥାନା ବାବୁଙ୍କୁ ପାଣିକୋଇଲି ହେଡ ଅଫିସକୁ ବଦଳି କରାଯାଇଛି। କିନ୍ତୁ ପୋଲିସ ଏସ୍‌ପି ଓ ଜିଲ୍ଲାପାଳ ଗ୍ୟାରେଣ୍ଟି ଦେବେ କି କଟେରୀ ଗାଁ ସମେତ ଜିଲ୍ଲା ର କୌଣସି ନଦୀ ଶଯ୍ୟାରୁ ଅବୈଧ ବାଲି ଉତ୍ତୋଳନ ହେବ ନାହିଁ ବୋଲି ? ବଡ଼ ଉଦବେଗର ବିଷୟ ଯେ ପଙ୍କଜଙ୍କ ମୃତ୍ୟୁ ଘଟଣାରେ ଅଭିଯୁକ୍ତମାନଙ୍କୁ ଗିରଫ କରିବା ନିମନ୍ତେ ଶୁକ୍ରବାର ଦିନ କ୍ଷମତାସୀନ ଭାରତୀୟ ଜନତା ପାର୍ଟିର ସାଂସଦ ଓ ୩ ଜଣ ବିଧାୟକ ଙ୍କ ସମେତ ନିର୍ବାଚନ ମଣ୍ଡଳୀ ନେତା ଙ୍କୁ ଥାନା ଘେରାଉ କରିବାକୁ ପଡିଛି। ଯାହାକି ଦୁର୍ବଳ ଶାସନ ବ୍ୟବସ୍ଥାର ଏକ ନଗ୍ନ ଉଦାହରଣ ଭାବେ ବିବେଚନା କରାଯିବ। ନଦୀ ଶଯ୍ୟା ହେଉ କି ପଥର,ମୋରମ ଓ ମାଟି ଖାଦାନ ଗୁଡିକ ବିନା ଲିଜ ରେ ଲୁଟ୍ ଘଟଣା ରେ ସମ୍ପୃକ୍ତ ଥାନା ବାବୁମାନଙ୍କ ସିଧାସଳଖ ସମ୍ପୃକ୍ତି ହିଁ ରାଜସ୍ୱହାନୀ ସାଙ୍ଗକୁ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟିର ମୁଖ୍ୟ କାରଣ କୁହାଯିବ।

## ଜଗନ୍ନାଥ ମନ୍ଦିର ମୁଖଶାଳା ପ୍ରତିଷ୍ଠା ଉତ୍ସବ



ଆସିକା(ଭାସ୍କର ନ୍ୟୁଜ): ଆସିକା ସୁନାମ୍ବ ସାହିରେ ବିଜେ ଶ୍ରୀ ଶ୍ରୀ ଜଗତର ନାଥ ଜଗନ୍ନାଥ ମନ୍ଦିରର ମୁଖଶାଳା ପ୍ରତିଷ୍ଠା ଉତ୍ସବର ଶେଷ ଦିନ। ଏହି ପ୍ରତିଷ୍ଠା ଉତ୍ସବ ୫,୬ ଆଉ ୭ ପର୍ଯ୍ୟନ୍ତ ଚାଲିଥିଲା। ପ୍ରାତଃ ସମୟରୁ ମନ୍ଦିରର ନୀତିକାନ୍ତି ପରେ ଆଜି ସକାଳୁ ଯଜ୍ଞ ପୂର୍ଣାହୁତି,ନାମ ସମାପନ, ପ୍ରସାଦ ସେବନ, ଦଧିହାଣ୍ଡି ଭଗ୍ନ, ଶେଷରେ ନଗର ପରିକ୍ରମା, ଧ୍ୱଜା ସ୍ଥାପନ ଆଦି କାର୍ଯ୍ୟକ୍ରମ ହେବାର ନୀତି ନିର୍ଘଣ୍ଟ ହୋଇଛି। ଏହି ପ୍ରତିଷ୍ଠା ଉତ୍ସବ ତିନି ଦିନ ଧରି ଚାଲିଥିଲା। ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସମାବେଶ ସହ ପ୍ରସାଦ ସେବନ କରୁଥିଲେ। ଶାନ୍ତି ଶୃଙ୍ଖଳା ଭାବେ କାର୍ଯ୍ୟ ସମାପନ ସହ ଶେଷ ହେଲା। ଆଜିର ହୋମ ପୂଜାରେ କର୍ତ୍ତା ଭାବେ କାହ୍ନୁଚରଣ ପଣ୍ଡା,ରିତା ମଞ୍ଜରୀ ପଣ୍ଡା ଦାୟିତ୍ୱ ତୁଲାଇ ଥିବାବେଳେ ମନ୍ଦିର ପରିଚାଳନା କମିଟି ର ଟ୍ରଷ୍ଟି ନାରାୟଣ ମୁନି ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ବାସନ୍ତୀ ପାତ୍ର, କାହ୍ନୁ ପାତ୍ର, ଅଶୋକ ପାଣିଗ୍ରାହୀ, ଅନୁଜ ପାଣିଗ୍ରାହୀ,କୈଳାସ ଦାସ,ନୀଳମଣି ପଣ୍ଡା, ସୂଦୀପ୍ତା ଦାସ,ବରିଷ୍ଠ ଆଧ୍ୟାତ୍ମିକ ପ୍ରେମୀ ପ୍ରଶାନ୍ତ ପାଣିଗ୍ରାହୀ,ରମେଶ ଗୌଡ,ବିନୋଦ ପାତ୍ର, ଲୁଲୁ ଦାଶ, କେଶବ ଦାଶ, କିସନ ସାହୁ, ଚନ୍ଦ୍ର ଶେଖର ଘଣ୍ଟ,ସନ୍ତୋଷ ପଟ୍ଟନାୟକ, ଶିବା ଦାସ,ଶୁଭ ଦାଶ,କାଳିଆ ପାଢ଼ୀ ସମେତ ଅନେକ ସ୍ୱେଚ୍ଛାସେବୀ ସହଯୋଗ କରିଛନ୍ତି ।

## ବାଲୁଙ୍କେଶ୍ୱର ମନ୍ଦିରରେ ଚାରାରୋପଣ କାର୍ଯ୍ୟକ୍ରମ





କଣିହାଁ (ଭାସ୍କର ନ୍ୟୁଜ): ବିଶ୍ୱ ପରିବେଶ ଦିବସ ଅବସରରେ କଣିହାଁ ବ୍ଲକ ଅନ୍ତର୍ଗତ ଦଣ୍ଡସିଂହା (ଗମ୍ଭାରୀଡିହ) ଠାରେ ଥିବା ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ବୃକ୍ଷ ରୋପଣ କରାଯାଇଛି। ଗୁରୁବାର ଦିନ ବାବା ବାଲୁଙ୍କେଶ୍ୱର ମନ୍ଦିର କମିଟି, ଦଣ୍ଡସିଂହା ଆନୁକୂଲ୍ୟରେ ଆୟୋଜିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗ ଦେଇ ବୃକ୍ଷ ରୋପଣ କରିବାସହ ଅଧିକରୁ ଅଧିକ ବୃକ୍ଷ ରୋପଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଜିଲ୍ଲାପରିଷଦ ରଞ୍ଜନ ସାହୁ, କମରେଇ ଗ୍ରାମ ପଞ୍ଚାୟତ ସରପଞ୍ଚ ସୁବାସିନୀ ବେହେରା, ୯ ନଂ ଜୋନ ବିଜେଡି କାର୍ଯ୍ୟକାରୀ ସଭାପତି ସୁନିଲ ପ୍ରଧାନ, ଜଳଧର ମହାନ୍ତି ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ବୃକ୍ଷରୋପଣ କରିଥିଲେ ।

## ଅତ୍ରି ଉଷ୍ଣପ୍ରସ୍ରବଣର କାର୍ଯ୍ୟ ସମୀକ୍ଷା କଲା ପ୍ରଶାସନ

ବୋଲଗଡ(ଭାସ୍କର ନ୍ୟୁଜ): ଏସିଆ ମହାଦେଶର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ବେଗୁନିଆ ବ୍ଲକ ବାଘମାରୀ ପଂଚାୟତ ଅନ୍ତର୍ଗତ ଅତ୍ରି ଗ୍ରାମ ସ୍ଥିତ ଉଷ୍ଣପ୍ରସ୍ରବଣ ଓ ଏକାଦଶ ରୁଦ୍ର ବାବା ହଟ୍ଟକେଶ୍ୱର ପୀଠର ଉନ୍ନତି କରଣ ପାଇଁ ବାରମ୍ବାର ଗଣ ମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶାସନ କାଳରେ ଅତ୍ରିକୁ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ ୪ କୋଟି ଟଙ୍କାର ଅନୁଦାନ ରାଶି ମଞ୍ଜୁର ହୋଇଥିଲା ।ସେହି ଅନୁଦାନ ଅର୍ଥରେ ଅତ୍ରି ଉଷ୍ଣପ୍ରସ୍ରବଣ ପରିସରରେ ଥିବା ମୁଖ୍ୟ କୁଣ୍ଡ ଭୁଷୁଡ଼ିବା,ଜଳ ଯୋଗାଣ,ପାନ୍ଥ ନିବାସ ଗୃହର ମରାମତି ଓ ବିଭିନ୍ନ କାର୍ଯ୍ୟ ହୋଇ ପାରୁ ନ ଥିବାରୁ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ପଡ଼ିଥିବା ପ୍ରଶାସନ ଚେଇଁ ଉଠିଛି ।ପ୍ରତିଦିନ ଦେଶ ବିଦେଶ ତଥା ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକ ମାନେ ମୁହଁ ଫେରାଇବା ଘଟଣା ଉପରେ ପ୍ରଶାସନକୁ ଅବଗତ କରାଇବାରେ ଗଣ ମାଧ୍ୟମ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଏଥିରେ ବିଧାୟକ ପ୍ରଦୀପ କୁମାର ସାହୁ ଓ ଜିଲ୍ଲା ପର୍ଯ୍ୟଟନ ବିଭାଗ ଅଧିକାରୀ ମୀରା ବାଇ ବେହେରା ଓ ଯନ୍ତ୍ରୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଜନ ସାଧାରଣ ଉପସ୍ଥିତ ରହି ବିକାଶ କାର୍ଯ୍ୟକୁ କିଭଳି ତ୍ୱରାନ୍ୱିତ କରାଯିବ ତାର ରୂପରେଖ ପ୍ରସ୍ତୁତ କରିଥିଲେ। ଏହି ୪ କୋଟି ଅନୁଦାନ ଅର୍ଥର ସଦୁପଯୋଗ କରିବା ପାଇଁ ପ୍ରଶାସନିକ ସ୍ତରରେ ଚୁଡାନ୍ତ ପ୍ରସ୍ତୁତି ହୋଇଛି।



## ଗୁଣାତ୍ମକ ବିଦ୍ୟୁତ୍ ସେବା ପ୍ରଦାନର ସଫଳ ବିଧାଣୀ ଇଞ୍ଜିନିୟର ଭୁବନ



ଜଳେଶ୍ୱର(ଭାସ୍କର ନ୍ୟୁଜ): ଜଳେଶ୍ୱର ବିଦ୍ୟୁତ ଉପଖଣ୍ଡ ଅଧିନରେ ଥିବା ଜଳେଶ୍ୱର ବ୍ଲକ ଓ ମ୍ୟୁନିସିପାଲିଟିରେ ଗୁଣାତ୍ମକ ବିଦ୍ୟୁତ ସେବା ପ୍ରଦାନର ସଫଳ ବିଧାଣୀ ହେଉଛନ୍ତି ଜଳେଶ୍ୱର ବିଦ୍ୟୁତ ଉପଖଣ୍ଡ ଯନ୍ତ୍ରୀ ଇଂ ଭୁବନ କୁମାର ସାହୁ। ଜଳେଶ୍ୱରରେ ଉପଖଣ୍ଡ ଯନ୍ତ୍ରୀ ଭାବେ ତାଙ୍କର ୬ ବର୍ଷର କାର୍ଯ୍ୟକାଳ ମଧ୍ୟରେ ସହର ଠାରୁ ଗ୍ରାମାଞ୍ଚଳ ଯାଏଁ ବିଦ୍ୟୁତ ସେବାରେ ସଂସ୍କାର ଆଣିବାରେ ସେ ଯେଉଁ ସବୁ ପଦକ୍ଷେପ ନେଇଛନ୍ତି ତାହା ଜଳେଶ୍ୱରବାସୀଙ୍କ ମାନସପଟ୍ଟରେ ତାଙ୍କ ନାମକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରି ରଖିବ ବୋଲି କୁହାଯାଇଛି।୨୦୧୯ ମସିହା ଜୁଲାଇ ୨୬ ତାରିଖରେ ଜଳେଶ୍ୱରରେ ବିଦ୍ୟୁତ ଉପଖଣ୍ଡ ଯନ୍ତ୍ରୀ ଭାବେ ଯୋଗଦେଇ ଥିଲେ ଇଂ ଭୁବନ କୁମାର ସାହୁ। ସେହି ସମୟରେ ଗ୍ରାମାଞ୍ଚଳ କଥା ଛାଡ଼ନ୍ତୁ ଜଳେଶ୍ୱର ସହରାଞ୍ଚଳ ରେ ମଧ୍ୟ ଦିନକୁ ୧୮ ଘଣ୍ଟା ବିଦ୍ୟୁତ ସେବା ମିଳିବା କଷ୍ଟକର ଥିଲା। ଏହିପରି ଏକ ଘଡିସନ୍ଧି ମୁହୂର୍ତ୍ତରେ ଇଞ୍ଜିନିୟର ଶ୍ରୀ ସାହୁ ଦାୟିତ୍ୱ ନେବା କିପରି ବିଦ୍ୟୁତ ସେବାରେ ସଂସ୍କାର ଅଣାଯିବ ସେ ନେଇ ରୋର୍ଡମ୍ୟାପ୍ ପ୍ରସ୍ତୁତ କଲେ।ଏକାଧିକ ଯୋଜନା ପ୍ରସ୍ତୁତ କରି ଉପରିସ୍ଥ ଅଧିକାରୀଙ୍କ ସହଯୋଗରେ ସେସବୁ କିପରି ବାସ୍ତବତାର ରୂପ ନେଇ ପାରିବ ସେ ସବୁ ଦିଗରେ ନିରନ୍ତର ଉଦ୍ୟମ କଲେ। ଫଳ ସ୍ୱରୂପ ପ୍ରଥମେ ଜଳେଶ୍ୱର ସହର ମଧ୍ୟରେ ଉନ୍ନତ ବିଦ୍ୟୁତ ସେବା ପାଇଁ ଦୁଇଟି ଇଲେଭେନ କେଭି ଫିଡର ପ୍ରତିଷ୍ଠା କରାଇଲେ। ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମାନଙ୍କରେ ବିପଦ ସଙ୍କୁଳ ଅବସ୍ଥାରେ ଥିବା ଏଲଟି ଲାଇନକୁ କେବୁଲ ଲାଇନରେ ପରିଣତ କରାଇଲେ। ସେହିପରି ବିଦ୍ୟୁତ ସେବା କ୍ଷେତ୍ରରେ ଜଳେଶ୍ୱରର ପଛୁଆ ଅଞ୍ଚଳ କୁହାଯାଉଥିବା ହାତୀଗଡ ସେକ୍ସନରେ ନିଉ ତେଘରୀରେ ଏକ ଷ୍ଟ୍ରକଚର ନିର୍ମାଣ କଲେ। ଯାହାର ସୁଫଳ ଏବେ ଆଦିବାସୀ ଅଧ୍ୟୁଷିତ ରାଇବଣିଆବାସୀଙ୍କୁ ମିଳୁଛି। ସେହିପରି ଜଳେଶ୍ୱର ସହରକୁ ଲାଗିଥିବା ଲକ୍ଷ୍ମଣନାଥ, ଗୋବରଘାଟା ଓ ନଛିମପୁର ଆଦି ପଞ୍ଚାୟତକୁ ସହରରେ ପ୍ରଚଳିତ ବିଦ୍ୟୁତ ସେବା ସହ ସମକକ୍ଷ କରିବା ପାଇଁ ୧୦ କୋଟି ଟଙ୍କାରେ ଏକ ଷ୍ଟ୍ରକଚର କାମ ଶେଷ ପର୍ଯ୍ୟାୟରେ ପହଁଚିଛି। ଜଳେଶ୍ୱର ଦୁଇ ନମ୍ବର ସେକ୍ସନର ନୂଆ ଜୁନିଅର ଇଞ୍ଜିନିଅରଙ୍କ କାର୍ଯ୍ୟାଳୟ ମଧ୍ୟ ତିଆରି ହୋଇଛି। ବିଦ୍ୟୁତ ଚୋରି କରୁଥିବା ଅସାମାଜିକ ବ୍ୟକ୍ତି ବିଶେଷଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ଜୋରିମାନା ଆଦାୟ କରାଯାଇଛି। ଇଂ ଶ୍ରୀ ସାହୁଙ୍କ ଜଳେଶ୍ୱରରେ କାର୍ଯ୍ୟକାଳ ସମୟରେ ଏହିପରି ଅନେକ ସଂସ୍କାର ମୂଳକ କାମ ତାଙ୍କୁ ଭିନ୍ନ ଏକ ପରିଚୟ ଦେଇଛି।ତେବେ ଜଳେଶ୍ୱରରେ ତାଙ୍କ କାର୍ଯ୍ୟକାଳ ୬ ବର୍ଷ ହୋଇ ଯାଇଥିବାରୁ ବିଭାଗୀୟ ନିୟମ ଅନୁଯାୟୀ ତାଙ୍କର ବାରିପଦାକୁ ବଦଳି ହୋଇଛି। ଏହି ବଦଳି ଆଦେଶ ପରେ ଜଳେଶ୍ୱର ବହୁ ନେତୃସ୍ଥାନୀୟ ବ୍ୟକ୍ତି ତାଙ୍କୁ ସାକ୍ଷାତ କରି ବିଦାୟ ଜଣାଇଛନ୍ତି। ତାଙ୍କ କାର୍ଯ୍ୟାଳୟରେ ପୂର୍ବତନ ସରପଞ୍ଚ ପଦ୍ମଲୋଚନ ବେହେରା, ସମିତି ସଭ୍ୟ ତ୍ରିଲୋଚନ ଦାସ, ସାମ୍ବାଦିକ ମନୋଜ କୁମାର ଭୂୟାଁ, ସମାଜସେବୀ ଶ୍ରୀକଣ୍ଠ ମହାନ୍ତି, ଅକ୍ଷୟ ବେହେରା, ହରନାରାୟଣ ଦାସ ମହାପାତ୍ର ପ୍ରମୁଖ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦେଇଛନ୍ତି।ଅନ୍ୟପକ୍ଷରେ ତାଙ୍କ ସ୍ଥାନରେ ମୟୁରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରରେ ଏସଡିଓ ଭାବେ କାର୍ଯ୍ୟରତ ଥିବା ବିଦ୍ୟାଧର ପଣ୍ଡା ଦୁଇଦିନ ପରେ କାର୍ଯ୍ୟରେ ଯୋଗଦେବେ ବୋଲି ସୂଚନା ମିଳିଛି।

## ଋଷିକୂଲ୍ୟା ନଦୀର ସୁରକ୍ଷା ଓ କାରଖାନା ବନ୍ଦ ଦାବିରେ ବିକ୍ଷୋଭ





ବ୍ରହ୍ମପୁର(ଭାସ୍କର ନ୍ୟୁଜ) କମ୍ପାନୀ ସ୍ୱାର୍ଥରେ ପ୍ରସ୍ତାବିତ ପିପଲପଙ୍କା ଡ୍ୟାମକୁ ବାତିଲ, ଋଷିକୂଲ୍ୟା ନଦୀର ସୁରକ୍ଷା,ଚୋରା ବାଲି ଚାଲାଣକୁ ରୋକିବା, ପ୍ରସ୍ତାବିତ ଗୋଳା ବାରୁଦ କାରଖାନାକୁ ନିଷିଦ୍ଧ ସମେତ ଦଶ ଦଫା ଦାବିନେଇ ଅଲ ଇଣ୍ଡିଆ କ୍ଷେତ ମଜଦୂର କିଷାନ ସଭା ଓ ମାନବ ଅଧିକାର ସୁରକ୍ଷା ମଞ୍ଚର ମିଳିତ ଆନୁକୂଲ୍ୟରେ ଶୋଭାଯାତ୍ରା ଆୟୋଜିତ ହେବା ସହ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ଓଡିଶାର ଜମି, ଜଳ, ଜଙ୍ଗଲ, ଖଣି ତଥା ସମସ୍ତ ପ୍ରାକୃତିକ ସମ୍ପଦର ବିକ୍ରି ତଥା ଘରୋଇକରଣ ଦ୍ୱାରା ଆଉ ଅଳ୍ପ କିଛି ବର୍ଷରେ ଓଡିଶାର ଭୂସମ୍ପଦ ଶେଷ ହୋଇଯିବ। ଏକପାଖିଆ ଭାବେ ଜନଗଣଙ୍କ ନିଷ୍ପତ୍ତି ବିନା ପ୍ରାକୃତିକ ସମ୍ପଦକୁ କର୍ପୋରେଟ କମ୍ପାନୀ ହାତକୁ ସରକାର ଯେଉଁପ୍ରକାର ଭାବେ ବିକାଶର ନାରାଦେଇ କର୍ପୋରେଟ ହାତକୁ ହସ୍ତାନ୍ତର କରୁଛନ୍ତି, ତାହା ଚିନ୍ତାର ବିଷୟ । କମ୍ପାନୀଗୁଡିକୁ ଋଷିକୂଲ୍ୟା ନଦୀର ପାଣି ଦେବା ଉଦ୍ଦେଶ୍ୟରେ ସୋରଡ଼ାର ପିପଲପଙ୍କା ଠାରେ ଯେଉଁ ଡ୍ୟାମ କରିବା ପ୍ରସ୍ତାବ ବା ପ୍ରସ୍ତୁତି ଚାଲିଛି, ତାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି ହୋଇଛି। କାରଣ କମ୍ପାନୀ ସ୍ୱାର୍ଥରେ ଏହି ଡ୍ୟାମ ନିର୍ମାଣ ଦ୍ୱାରା ସୋରଡ଼ା, ଆସିକା, ହିଞ୍ଜିଳି, ବ୍ରହ୍ମପୁର, ଛତ୍ରପୁର, ଗୋପାଳପୁର, ଗୋଳାବନ୍ଧ, ଭଞ୍ଜବିହାର, ଛତ୍ରପୁର, ଗଞ୍ଜା, ହୁମ୍ମା ଆଦି ବୃହତ ଅଂଚଳରେ ଲୋକଙ୍କ ଚାଷ ବାସ, ଗୃହପାଳିତ ପଶୁ ପାଳନ, ପାନୀୟ ଜଳ ପାଇବା ଆଦି ପ୍ରଭାବିତ ହେବା ସହ ଜଙ୍ଗଲ, ବଣ୍ୟ ଜନ୍ତୁ ତଥା ଜଙ୍ଗଲରେ ବାସ କରୁଥିବା ଆଦିବାସୀଙ୍କ ଜୀବନ ଦୁର୍ବିସହ ହୋଇପଡିବ । ଏଣୁ ଏହି ଜନବିରୋଧୀ ଡ୍ୟାମକୁ ବାତିଲ କରିବା,ବର୍ଷା ଦିନେ ଋଷିକୂଲ୍ୟା ନଦୀରେ ଅଧିକ ମାତ୍ରାରେ ବର୍ଷା ଜଳ ବୋହିଯାଇ ସମୁଦ୍ରରେ ମିଶି ନଷ୍ଟ ହୋଇଯାଉଥିବା ଏକ ଚିନ୍ତାର ବିଷୟ । ଏହି ସିଂହ ଭାଗ ଜଳର କୌଣସି ବ୍ୟବହାର ବା କୌଣସି ପ୍ରକାର କାର୍ଯ୍ୟରେ ଆସୁନାହିଁ ।ଏହାକୁ ସଂରକ୍ଷିତ କରି କୃଷି, ଶିଳ୍ପ ଆଦି ବିଭିନ୍ନ କ୍ଷେତ୍ରରେ ବ୍ୟବହାର ହୋଇପାରିବ।ସେହିପରି ଗଞ୍ଜାମ ଜିଲ୍ଲାର ଜଗନ୍ନାଥ ପ୍ରସାଦ ବ୍ଲକରେ ଗୋଳା ବାରୁଦ କାରଖାନା ନିର୍ମାଣ ପାଇଁ ପ୍ରସ୍ତାବ ନିଶ୍ଚିତ ଭାବେ ଲୋକଙ୍କ ଜମି, ଜଳ, ଜଙ୍ଗଲକୁ ଲୁଟ କରି ତାଙ୍କୁ ଏକ ବିଷାକ୍ତ ପରିବେଶ ମଧ୍ୟକୁ ଠେଲି ଦିଆଯିବାର ଷଡଯନ୍ତ୍ର କରାଯାଉଛି। ଏହି ଜନବିରୋଧୀ, ପରିବେଶ ବିରୋଧୀ ପ୍ରସ୍ତାବକୁ ପ୍ରତ୍ୟାହାର କରିବା, ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲବାସୀଙ୍କୁ ଜଙ୍ଗଲ ଅଧିକାର ଆଇନ ୨୦୦୬ ଅନୁଯାୟୀ ଜଙ୍ଗଲ ଅଧିକାର ଦେବା, ଆଦିବାସୀ ଜମି ହସ୍ତାନ୍ତର ଆଇନରେ ପ୍ରସ୍ତାବିତ ପରିବର୍ତ୍ତନକୁ ରୋକିବା, ଅଧିନିୟମ ୨/୧୯୫୬ ଓ ୨୦୦୨ ସଂଶୋଧନକୁ କଡାକଡି ଲାଗୁ କରିବା, ସିଲିଂ ଜମିର ପଟ୍ଟା ଦେବା, ଗୋଚର ଜମିରେ ଘର କରି ରହି ଆସୁଥିବା ଭୂମିହୀନ ପରିବାରଙ୍କୁ ଘରବାରି ପଟ୍ଟା ପ୍ରଦାନ କରିବା,ଦୀର୍ଘ ବର୍ଷ ଧରି ରାଜସ୍ୱ ଜମିରେ ଚାଷ ଓ ନିୟମିତ ଖଜଣା ଦେଉଥିବା ଭୂମିହୀନ ପରିବାରଙ୍କୁ ପଟ୍ଟା ପ୍ରଦାନ କରିବା ଆଦି ଦାବି ୧୦ଦଫା ଦାବି ନେଇ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରାଯାଇଛି ।ଏହି ବିକ୍ଷୋଭବେଳେ ମାନବାଧିକାର ସୁରକ୍ଷା ମଞ୍ଚ ଓ ଅଲ ଇଣ୍ଡିଆ କ୍ଷେତ ମଜଦୁର କିଷାନ ସଭାର ମିଳିତ ଆନୁକୂଲ୍ୟରେ ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ଅବନୀ ଗୟା,ନିରାକାର ନାୟକ, ସମାଜସେବୀ ମନୋଜ କୁମାର ତରାଇ, ଯୁବନେତା ସଞ୍ଜୟ ନାୟକ, ଶିବରାମ ସାହୁ,ଗନ୍ଧର୍ବ ନାଇକ, ରମେଶ ପ୍ରସାଦ ଦାସ,ସୁରେନ୍ଦ୍ର ନାଥ ପଣ୍ଡା, ସାଧୁ ଚରଣ ବେହେରା, ବିଜୟ କୁମାର ପାଢ଼ୀ, ପି.ନାଗେଶ୍ୱର ରାଓ, ଆର.ସତ୍ୟ ନାରାୟଣ ରାଓ ପ୍ରମୁଖ ବିକ୍ଷୋଭରେ ନେତୃତ୍ୱ ନେଇଥିଲେ।

## ଛତ୍ରପୁରରେ ହେବ ପ୍ରସୂତି ଓ ସ୍ତ୍ରୀ ରୋଗ ହସ୍ପିଟାଲ

ଛତ୍ରପୁର(ଭାସ୍କର ନ୍ୟୁଜ୍): ଜିଲ୍ଲା ସଦର ମହକୁମା ଛତ୍ରପୁର ସହର ନୂଆ ପୋଲିସ ଲାଇନ୍ ନିକଟରେ ୫୦ ଶଯ୍ୟା ବିଶିଷ୍ଟ ଏକ କୋଭିଡ ହସ୍‌ପିଟାଲ୍ ନିର୍ମାଣ ହୋଇଛି। ତେବେ କୋଭିଡ ବଦଳରେ ଏହାକୁ ପ୍ରସୂତି ଓ ସ୍ତ୍ରୀ ରୋଗଏବଂ ଶିଶୁ ବିଭାଗର ହସ୍‌ପିଟାଲ୍ କରାଯିବ, ଏବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରସୂତି ଓ ସ୍ତ୍ରୀ ରୋଗଏବଂ ଶିଶୁ ବିଭାଗର ହସ୍‌ପିଟାଲ୍ ନେଇ ମୋହର ମାରି ଏସମ୍ପର୍କରେ ଘୋଷଣା କରିଛନ୍ତି । ଖୁବଶୀଘ୍ର ଏହି ହସ୍ପିଟାଲ ଉଦଘାଟନ ହେବ ବୋଲି ସୂଚନା ଦିଆଯାଇଛି । ଏନେଇ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଚିଠି ଲେଖିବା ସହ ବ୍ୟକ୍ତିଗତ ଭାବେ ମନ୍ତ୍ରୀଙ୍କୁ ଭେଟି ଏହା ଅନୁରୋଧ କରିଥିଲେ। ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ମଧ୍ୟ ଏହି ହସ୍‌ପିଟାଲ ନେଇ ମନ୍ତ୍ରୀଙ୍କୁ ଛତ୍ରପୁର ଗସ୍ତ ବେଳେ ଜଣାଇଥିଲେ । ଏବେ ହସ୍ପିଟାଲର ଗୋଟିଏ କ୍ୟାମ୍ପସ୍‌ରେ ମାଆ ଓ ଛୁଆ ରହି ସ୍ୱାସ୍ଥ୍ୟ ସେବା ପାଇପାରିବେ। ଏହାକୁ ଏକପ୍ରକାର ମା ଶିଶୁ ଯତ୍ନ କେନ୍ଦ୍ର ଭାବେ ବିବେଚନା କରାଯିବ । ସୂଚନାଯୋଗ୍ୟ କୋଭିଡ୍ ସମୟରେ ଛତ୍ରପୁର ଉପଖଣ୍ଡ ହସ୍‌ପିଟାଲ ଅଧୀନସ୍ଥ ନିୟୁ ପୋଲିସ ଲାଇନ୍ ବିରେଶ୍ୱର ମନ୍ଦିର ନିକଟରେ ଏହି ହସ୍ପିଟାଲ ନିର୍ମାଣ ପାଇଁ ଜମି ଚିହ୍ନଟ ହୋଇଥିଲା। ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ ୧୨ କୋଟି ୫ ଲକ୍ଷ ୧୦ ହଜାର ୩୧୮ ଟଙ୍କା ମଞ୍ଜୁର କରିଥିଲେ ।

## ଶିଶୁଯତ୍ନ ଅନ୍ତେବାସୀଙ୍କୁ ନେଇ ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଘାଟିତ



ମାଲକାନଗିରି (ଭାସ୍କର ନ୍ୟୁଜ୍): ଶିଶୁଯତ୍ନ ଅନୁଷ୍ଠାନର ଅନ୍ତେବାସୀଙ୍କୁ ନେଇ ଆରମ୍ଭ ହୋଇଛି ଗ୍ରୀଷ୍ମକାଳୀନ ଶିବିର। ଏହି ଶିବିରରେ ମୁଖ୍ୟଅତିଥି ଭାବେ ଜିଲ୍ଲାଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଯୋଗ ଦେଇ ଶିବିରଟିକୁ ଉଦଘାଟନ କରି ତାଙ୍କଭାଷଣ ରେ କହିଛନ୍ତି ଆଜିର ଶିଶୁ କାଲିର ସୁନାଗରିକ। ଶିଶୁ ହସିଲେ ଦୁନିଆ ହସିବ। ପ୍ରତ୍ୟେକ ଶିଶୁ ଆଗାମୀ ଦିନରେ ଦେଶ ଓ ଜାତିର ଗଠନରେ ସାମିଲ ହେବାର ଆବଶ୍ୟକତା ରହିଛି। ମାଲକାନଗିରି ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୁଲ୍ୟରେ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ଶିଶୁ ଯତ୍ନ ଅନୁଷ୍ଠାନର ଶିଶୁମାନଙ୍କୁ ନେଇ ପାଞ୍ଚଦିନିଆ ଗ୍ରୀଷ୍ମକାଳୀନ ଶିବିର ଚାଲାଣଗୁଡା ପଞ୍ଚାୟତ ଚମ୍ପାନଗରସ୍ଥ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ସଭାଗୃହ ଅନୁଷ୍ଠିତ ହୋଇଯାଇଅଛି ଓ ଜିଲ୍ଲା ର ୪ରୋଟି ଶିଶୁ ଯତ୍ନ ଅନୁଷ୍ଠାନର ଶତାଧିକ ଶିଶୁ ଓ ୪୦ରୁ ଅଧିକ କର୍ମକର୍ତ୍ତାମାନଙ୍କୁ ନେଇ ଦୀର୍ଘ ୫ ଦିନ ପାଇଁ ଏହି ଗ୍ରୀଷ୍ମ କାଳୀନ ଅଧିବେଶନର ଶୁଭାରମ୍ଭ ହୋଇଅଛି। ଏହି କାର୍ଯ୍ୟକ୍ରମର ମହତ ଉଦ୍ଦେଶ୍ୟ ହେଉଛି, ଶିଶୁ ଗୃହରେ ରହୁଥିବା ଅନ୍ତେବାସୀମାନଙ୍କ ମଧ୍ୟରେ ବ୍ୟକ୍ତିତ୍ୱର ବିକାଶ, ସୁଚରିତ୍ରର ଗଠନ, ଦକ୍ଷତାର ଅବିବୃଦ୍ଧି ଓ ଏକ ପୂର୍ଣ୍ଣାଙ୍ଗ ବିକଶିତ ବ୍ୟକ୍ତିତ୍ୱ ସମ୍ପୂର୍ଣ୍ଣ ମଣିଷ ଭାବରେ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଇବା। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦ । ସ ଙ୍କ ଅ ଧ କ୍ଷ ତା । ରେ ଅନୁଷ୍ଠିତ ଉଦ୍ଘାଟନୀ ଉ ତ୍ସ ବ ରେ ମୁଖ୍ୟଅତିଥି ଭାବେ ଏସପି ବିନୋଦ ପାଟିଲ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ, ସମ୍ମାନୀତ ଅତିଥି ଭାବେ ଜିଲ୍ଲା ଶିଶୁ ମଙ୍ଗଳ କମିଟିର ଚେୟାରମ୍ୟାନ ସଂଯୁକ୍ତା ପ୍ରଧାନ, ସମାଜ ସେବୀ ରତ୍ନାକର ଦାଶ, ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ସୁରକ୍ଷା ଅଧିକାରୀ ଇନ୍ଦିରା ପ୍ରଧାନ ଯୋଗଦେଇ ଶିଶୁ ମାନଙ୍କ ମଧ୍ୟରେ ଉତ୍ତମ ଚରିତ୍ର ଗଠନ ଓ କଠିନ ଅଧ୍ୟବସାୟ ପାଇଁ ପ୍ରେରଣା ପ୍ରଦାନ କରିବା ସହ ସରକାରଙ୍କ ଦ୍ୱାରା ପ୍ରଣୀତ ଆଇନ କୁ ସମ୍ମାନ ଦେବା ସଙ୍ଗେସଙ୍ଗେ ଏହାକୁ ମାନି ଚାଲିବାକୁ ମତ ବ୍ୟକ୍ତ କରିଥିଲେ ଓ ଏଥିସହ ପ୍ରତ୍ୟେକ ଶିଶୁ ଆଗାମୀ ଦିନରେ ଦେଶ ଓ ଜାତିର ଗଠନରେ ସାମିଲ ହେବା ପାଇଁ ଶିଶୁମାନଙ୍କୁ ଉ ତ୍ସା ହି ତ କରିଥିଲେ ଓ ଶିଶୁ ମାନଙ୍କ ମଧ୍ୟରେ ଧୈର୍ଯ୍ୟ, କର୍ତ୍ତବ୍ୟ ନି ଷ୍ଠା , ସମୟାନୁବର୍ତ୍ତିତା, ଦୃଢ ସଂକଳ୍ପ, ସୁଚରିତ୍ରର ଗଠନ ଓ ଦକ୍ଷତାର ଅଭିବୃଦ୍ଧି ପାଇଁ ସୁପରାମର୍ଶ ପ୍ରଦାନ କରିଥିଲେ ଓ ବିନାଶ କୁମାର ମିଶ୍ର। ଏହି କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିଲେ। ପରିବର୍ତ୍ତନ ଶିଶୁ ଗୃହ, ନୀଳାଚଳ ଆଦିବାସୀ ସେବାଶ୍ରମ, ଜୟ ଶିଶୁ ଗୃହ ଓ ବନବାସୀ ଶିଶୁ ଆଶ୍ରମର ଅନ୍ତେବାସୀର ମୁଖ୍ୟ ପରିଚାଳକ, ସମସ୍ତ କର୍ମକର୍ତ୍ତା, ଶିଶୁ ସହାୟତା ଲାଇନର କର୍ମକର୍ତ୍ତା, ସ୍ୱତନ୍ତ୍ର ପର୍ଯ୍ୟବେକ୍ଷଣ ଗୃହର କର୍ମକର୍ତ୍ତା ଏବଂ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସୁଦେସ୍ନା ରାଉତ, ମୌସୁମୀ ମିଶ୍ର, ଗଙ୍ଗା ବଡରାଜୁ, ସୁଶାନ୍ତ, ଶିବ ଓ ଅନ୍ୟ ମାନଙ୍କ ସହାୟତାରେ କାର୍ଯ୍ୟକ୍ରମ ସୁଚାରୁ ରୂପେ ସମ୍ପାଦିତ ହୋଇଥିଲା। ଏହି ୫ ଦିନିଆ ଗ୍ରୀଷ୍ମ କାଳୀନ ଅଧିବେଶନରେ ଶିଶୁ ଗୃହର ଅନ୍ତେ ବାସୀମାନଙ୍କ ପାଇଁ ଯୋଗ ଓ ଧ୍ୟାନ ପ୍ରଶିକ୍ଷଣ, ଆତ୍ମ ସୁରକ୍ଷା କୌଶଳର ପ୍ରଶିକ୍ଷଣ, ହସ୍ତ କଳା ଓ ହସ୍ତ ଶିଳ୍ପ ପଦାର୍ଥ ପ୍ରସ୍ତୁତି ପ୍ରଶିକ୍ଷଣ,ସଂଗୀତ, ନୃତ୍ୟ, ଆଧୁନିକ ଚିତ୍ରାଙ୍କନ, ବିତର୍କ କୌଶଳ ପ୍ରଶିକ୍ଷଣ ଓ ତୀରନ୍ଦାଜ କୌଶଳ ପ୍ରଶିକ୍ଷଣ, ଜୁଡୋ ଓ ମାର୍ଶାଲ ଆର୍ଟ କୌଶଳ ପ୍ରଶିକ୍ଷଣ ଆଦି କାର୍ଯ୍ୟକ୍ରମ ସହ ପର୍ବତ ଆରୋହଣ ପ୍ରଶିକ୍ଷଣ ଆଦି କାର୍ଯ୍ୟକ୍ରମ ଧାର୍ଯ୍ୟ କରାଯାଇଅଛି। ଉପରୋକ୍ତ ପ୍ରଶିକ୍ଷଣ ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାର ଦକ୍ଷତା ସମ୍ପନ୍ନ ପ୍ରଶିକ୍ଷକ ମାନେ ଯୋଗ ଦେଇଛନ୍ତି, ଆତ୍ମ ରକ୍ଷାକୌଶଳ, ଯୋଗ ପ୍ରଶିକ୍ଷଣ ପାଇଁ 'ଅଲ ଓଡିଶା ମାର୍ଶାଲ ଆର୍ଟ ଏକାଡେମୀ' ଆଓମା ଗୁରୁକୁଳର ଦକ୍ଷ ପ୍ରଶିକ୍ଷକମାନଙ୍କୁ ନିଯୋଜିତ କରାଯାଇଅଛି।

## ରାଜ୍ୟସ୍ତରୀୟ ପ୍ରଦର୍ଶନୀରେ ପୁରସ୍କୃତ ଛାତ୍ରୀ ଓ ଶିକ୍ଷକ ସମ୍ବର୍ଦ୍ଧିତ





କେନ୍ଦୁଝର(ଭାସ୍କର ନ୍ୟୁଜ୍): ବିଶ୍ୱ ପରିବେଶ ଦିବସ ଅବସରରେ ରାଜ୍ୟ ସ୍ତରୀୟ ଇକୋ ପ୍ରକଳ୍ପ ପ୍ରଦର୍ଶନୀ ଭୁବନେଶ୍ୱର ସ୍ଥିତ କୃଷି ଶିକ୍ଷା ସଦନ, ଓ.ୟୁ.ଏ.ଟି. ରେ ଗତ ଜୁନ ୫ ତାରିଖ ଦିନ ଅନୁଷ୍ଠିତ ହୋଇଥିଲା ।ରାଜ୍ୟର ୩୦ ଟି ଜିଲ୍ଲାରୁ ୩୦ ଟି ପ୍ରକଳ୍ପ ଏଠାରେ ପ୍ରଦର୍ଶିତ ହୋଇଥିଲା । କେନ୍ଦୁଝର ଜିଲ୍ଲାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋବିନ୍ଦପୁର ର ଛାତ୍ରୀ ଦେବସ୍ମିତା ରାଉତଙ୍କ ଇକୋ ପ୍ରକଳ୍ପ 'ସ୍ମାର୍ଟ ପ୍ଲାଷ୍ଟିକ ସଂଗ୍ରାହକ' ସେଠାରେ ପ୍ରଦର୍ଶିତ ହୋଇଥିଲା । ଏହି ପ୍ରକଳ୍ପ ବିଚାରକ ମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇ ତୃତୀୟ ସ୍ଥାନ ଅଧିକାର କରିଥିଲା । ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବିଜୟ କୁମାର ମିଶ୍ରଙ୍କ ମାର୍ଗଦର୍ଶନରେ ପ୍ରସ୍ତୁତ ପ୍ରକଳ୍ପଟିରେ ପ୍ଲାଷ୍ଟିକ ଜିନିଷର ବ୍ୟବହାର କୁ ହ୍ରାସ କରିବା ନିମନ୍ତେ ବିଭିନ୍ନ ବୈଜ୍ଞାନିକ ଚିନ୍ତାଧାରାର ସମନ୍ୱୟ କରିବା ସହ ପ୍ଲାଷ୍ଟିକ ବିକଳ୍ପ ବାଛିବା ନିମନ୍ତେ ସଚେତନତାର ବାର୍ତ୍ତା ପ୍ରଦାନ କରାଯାଇଥିଲା । ପୁରସ୍କାର ବିତରଣୀ ଉତ୍ସବ ରେ ମୁଖ୍ୟ ଅତିଥି ରୂପେ ଓଡିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଏହି ପ୍ରକଳ୍ପ ଟିକୁ ଦେଖିବା ସହ ଉଚ୍ଚ ପ୍ରଶଂସା କରିଥିଲେ । ଜିଲ୍ଲା ଶିକ୍ଷା ବିଭାଗର ଏକ ସମ୍ମିଳିତ ବୈଠକରେ କେନ୍ଦୁଝର ଜିଲ୍ଲା ଏ.ଡି.ଏମ. ମନ୍ଦରଧର ମହାଲିକ, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ । ଏଥିରେ ଡି.ଆଇ.ଇ.ଟି, କେନ୍ଦୁଝରର ଅଧ୍ୟକ୍ଷା କଲ୍ୟାଣୀ ମାଝୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସତ୍ୟ ନାରାୟଣ ମହାନ୍ତ, ଶ୍ରୀକାନ୍ତ ବେହେରା,ପ୍ରକାଶ ମହାଲିକ ଓ ଜିଲ୍ଲା ର ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଶିକ୍ଷା ବିଭାଗର ଅନ୍ୟାନ୍ୟ କର୍ମକର୍ତ୍ତା ଉକ୍ତ ସଭାରେ ଉପସ୍ଥିତ ରହି ଉଭୟଙ୍କ କୃତିତ୍ୱକୁ ପ୍ରଶଂସା କରିଥିଲେ ।

## ବ୍ଲକ୍‌ସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା




ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ଜୟପାଟଣା ବ୍ଲକ ମିଶନ ଶକ୍ତି ଭବନ ପରିସରରେ ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୋଟ ୯ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ୩୭ ଜଣ ମହିଳା ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣ କରିଥିବା ସମସ୍ତ ମହିଳା ମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରିବା ସହିତ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧର୍ମରାଜ ମାଝୀ, ତହସିଲଦାର ରଘୁନାଥ ମୁଣ୍ଡାରୀ, ସିଡିପିଓ ସୂର୍ଯ୍ୟକାନ୍ତି ପଟ୍ଟଯୋଶୀ, ସାମାଜିକ ସୁରକ୍ଷା ଅଧିକାରୀ ସିଦ୍ଧାର୍ଥ କୁମାର ମୁଣ୍ଡ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ସମସ୍ତ ମହିଳା ସୁପରଭାଇଜର, ଅଗ୍ନିଶମ ବିଭାଗ କର୍ମଚାରୀ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ, ଓଏଲଏମ ଓ ମିଶନ ଶକ୍ତି କର୍ମଚାରୀ ମାନେ ସମସ୍ତେ ଉପସ୍ଥିତ ଥିଲେ। ମିଶନ ଶକ୍ତି କର୍ମଚାରୀ ରୋହିତ କୁମାର ବିଶ୍ୱାଳ ମଳୟ କୁମାର ଦଳପତି ଓ ହେମନ୍ତ କୁମାର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ୪ ଲେନ୍ ହେବ ବଞ୍ଜାରିଘାଟି ରାସ୍ତା


ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି ରାସ୍ତା କାମ

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍) : ଧିରମନ୍ଥର ଗତିରେ ଚାଲୁଥିଲା ରାସ୍ତା ନିର୍ମାଣ କାମ। ବର୍ଷଟିଏରୁ ଅଧିକ ସମୟ ବିତିସାରିଥିଲା। ବିଲ ମିଳୁନି ବୋଲି କାମ ବି ଅଧପନ୍ତରିଆ ଛାଡିଦେଇଥିଲେ ଠିକାଦାର। ଏପରିକି ହାତ ଟେକିଦେଇଥିଲା ପୂର୍ତ୍ତ ବିଭାଗ। କିନ୍ତୁ ରାସ୍ତାରେ ଧୂଳି ଉଡ଼ି ଜୀବନଯାତ୍ରା ବ୍ୟାହତ କରୁଥିଲା। ଧୂଳି ଧୂସରିତ ରାସ୍ତା ଯୋଗୁଁ ଅଣ ନିଶ୍ୱାସୀ ହୋଇପଡୁଥିଲେ ଯାତ୍ରୀ। ଦିନବେଳେ ବି ରାସ୍ତା ସାରା ଧୂଳି ଉଡ଼ି ସୃଷ୍ଟି କରୁଥିଲା କୁହୁଡିର ଭ୍ରମ। ଏସବୁ ହେଉଛି କଳାହାଣ୍ଡି ଜିଲ୍ଲା ମୁଖ୍ୟାଳୟ ଭବାନୀପାଟଣାରୁ ରାୟଗଡ଼ାକୁ ସଂଯୋଗ କରୁଥିବା ୬ ନମ୍ବର ରାଜ୍ୟ ରାଜପଥର ବଞ୍ଜାରିଘାଟି ରାସ୍ତାର କଥା ଓ ବ୍ୟଥା। ଏସବୁକୁ ଦେଖି କଳାହାଣ୍ଡି ଜିଲ୍ଲାରେ ଦୀର୍ଘ ବର୍ଷ ଧରି ସମାଜସେବା ସହିତ ସାମ୍ବାଦିକତା କରୁଥିବା ତଥା ଲାଞ୍ଜିଗଡ ପ୍ରେସ କ୍ଲବର ସଭାପତି କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ, ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ରାଜ୍ୟ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, କଳାହାଣ୍ଡି ଜିଲ୍ଲାପାଳଙ୍କୁ ଚିଠି ଲେଖି ଏହି ଗୁରୁତର ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ସେହିପରି ଶ୍ରୀ ବାଗଙ୍କ ନେତୃତ୍ୱରେ ଲାଞ୍ଜିଗଡ ବ୍ଲକ ସାମ୍ବାଦିକ ସମୁହର କର୍ମକର୍ତ୍ତା କଳାହାଣ୍ଡି ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଦୃଷ୍ଟି ଆକର୍ଷଣ କରିଥିଲେ। ଫଳସ୍ୱରୂପ, କେନ୍ଦ୍ର, ରାଜ୍ୟ ଓ ଜିଲ୍ଲା ପ୍ରଶାସନ ତରଫରୁ ଏହି ରାସ୍ତା ନିର୍ମାଣ ଉପରେ ଚାପ ପଡିଥିଲା। ଏପରିକି ଜିଲ୍ଲା ପ୍ରଶାସନ ତରଫରୁ ତାଗିଦ କରାଯିବା ପରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଆସନ୍ତା ଜୁନ ୩୦ ତାରିଖ ସୁଦ୍ଧା କାମ ଶେଷ କରିବାକୁ ଧାର୍ଯ୍ୟ କରାଯାଇଛି। ଏବେ ନିର୍ମାଣ କାମ ଆଗେଇ ଚାଲିଛି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, କଦଳୀଘାଟିରୁ କିଡିଙ୍ଗ ପର୍ଯ୍ୟନ୍ତ ଘାଟିରାସ୍ତାକୁ ୪ ଲେନ ବିଶିଷ୍ଟ ରାସ୍ତା କରିବାକୁ ଏକ ସାହସିକ ପଦକ୍ଷେପ ନେଇଛି କଳାହାଣ୍ଡି ଜିଲ୍ଲା ପୂର୍ତ୍ତ ବିଭାଗ। କୁହାଯାଉଛି ସାରା ପଶ୍ଚିମ ଓଡ଼ିଶାରେ ଏହା ହେଉଛି ପ୍ରଥମ ୪ ଲେନ ବିଶିଷ୍ଟ ଘାଟିରାସ୍ତା। ଯାହା ଏବେ ନିର୍ମାଣର ଶେଷ ପର୍ଯ୍ୟାୟରେ ଆସି ପହଞ୍ଚିଛି। ଏହାକୁ ନେଇ ଲୋକେ ଖୁସି ବ୍ୟକ୍ତ କରିବା ସହିତ ସମାଜସେବୀ ଓ ସାମ୍ବାଦିକ ଶ୍ରୀ ବାଗ ତଥା ଲାଞ୍ଜିଗଡ଼ ବ୍ଲକ ସାମ୍ବାଦିକ ସମୁହର ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ ଲମ୍ବୋଦର ବେହେରାଙ୍କୁ ପଚାରିବାରୁ ରାସ୍ତା କାମକୁ ସମ୍ପୃକ୍ତ ଠିକାସଂସ୍ଥା ତରଫରୁ ତ୍ୱରାନ୍ୱିତ କରାଯାଇଛି। ତେବେ ମଝି ମଝିରେ ବର୍ଷା ଯୋଗୁଁ କାମ ଟିକେ ବିଳମ୍ବ ହେଉଛି କିନ୍ତୁ ଏହା ଶୀଘ୍ର ଶେଷ କରିବାକୁ ବିଭାଗ ତରଫରୁ ପ୍ରୟାସ କରାଯାଉଛି ବୋଲି ସେ କହିଛନ୍ତି।

### ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାରେ ମା' ଅନ୍ନପୂର୍ଣ୍ଣା ଗୋଷ୍ଠୀ ପ୍ରଥମ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ମିଶନ ଶକ୍ତି ଭବନ ପରିସରରେ ଶୁକ୍ରବାର ସୁଭଦ୍ରା ଶକ୍ତି କାର୍ଯ୍ୟକ୍ରମରେ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫ଟି ଏସ୍‌ଏଚ୍‌ଜି ଭାଗ ନେଇଥିଲେ। ମିଶନ ଶକ୍ତି ବ୍ଲକ ସଂଯୋଜକ ପ୍ରତାପ ନାଏକ ଓ ସହ ସଂଯୋଜକ ଦିବ୍ୟ ରଞ୍ଜନ ନାଏକ ପରିଚାଳନା କରିଥିଲେ। ବିଡ଼ିଓ ଧ୍ରୁବ ଚରଣ ମୁଦୁଲି ଓ ଅତିରିକ୍ତ ତହସିଲଦାର ଦେବାଶିଷ କରକରିଆ ଏହାକୁ ଉଦ୍‌ଘାଟନ କରିଥିଲେ। ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାରେ ବ୍ଲକ ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ମଧୁମାଲା ବାଗ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁନାରାମ ସରେନ, ଡବ୍ଲ୍ୟୁଇଓ ଶୁଭଜିତ ସ୍ୱାଇଁଙ୍କ ସମେତ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀ ମାନେ ମାଣ୍ଡିଆ ପିଠା, କାକରା, ଆରିସା, ପୋଡ଼ ପିଠା ଭଳି ଅନେକ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରିଥିଲେ। ପରେ ବିଚାରକମଣ୍ଡଳୀ ଖାଦ୍ୟ ଚାଖି ମାନ ନିର୍ଦ୍ଧାରଣ କରିଥିଲେ। କେରପାଇ କାଚେଲେଖା ଗ୍ରାମର ମା' ଅନ୍ନପୂର୍ଣ୍ଣା ଗୋଷ୍ଠୀ ପ୍ରଥମ, ଥୁଆମୂଳ ରାମପୁର ଜଗେସପଦରର ମା' ବଞ୍ଜାରି ଗୋଷ୍ଠୀ ଦ୍ୱିତୀୟ ଓ ଗୋପାଳପୁର ମା' ତାରିଣୀ ଗୋଷ୍ଠୀ ତୃତୀୟ ସ୍ଥାନ ଅଧିକାର କରିଥିଲା। ସମସ୍ତ ଗୋଷ୍ଠୀର ମହିଳାମାନଙ୍କୁ ବିଡ଼ିଓ ଶ୍ରୀ ମୁଦୁଲି ପ୍ରଶଂସାପତ୍ର ପ୍ରଦାନ କରିଥିଲେ।

## ପିଲାଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର



ନର୍ଲା, (ଭାସ୍କର ନ୍ୟୁଜ୍) : ଓଡ଼ିଶା ଶ୍ରମଜୀବୀ ମଞ୍ଚ, ମହିଳା ଶ୍ରମଜୀବୀ ମଞ୍ଚ ଓ ଆତ୍ମ ଶକ୍ତି ଟ୍ରଷ୍ଟ ସଦସ୍ୟ ସଂଗଠନର ମିଳିତ ଆନୁକୂଲ୍ୟରେ କଳାହାଣ୍ଡି ଜିଲ୍ଲାରେ ପ୍ରଥମତଃ ୧୧ଟି ବ୍ଲକରେ ଚତୁର୍ଥ, ପଞ୍ଚମ ଓ ଷଷ୍ଠ ଶ୍ରେଣୀର ପିଲାମାନଙ୍କୁ ନେଇ ଏକ ଗ୍ରୀଷ୍ମ କାଳୀନ ଶିବିର ବା କମାଲକା କ୍ୟାମ୍ପ ଆରମ୍ଭ ହୋଇଛି। ପିଲାମାନଙ୍କ ଶ୍ରେଣୀର ସ୍ତର ଅନୁଯାୟୀ ପଠନ, ଲିଖନ ଓ ମୌଳିକ ଗଣିତର ଦକ୍ଷତାକୁ ମଜଭୁତ କରିବା ଏହି ଶିବିରର ମୂଖ୍ୟ ଉଦ୍ଦେଶ୍ୟ। ଏହି ଶିବିରରେ ସ୍ୱେଚ୍ଛାସେବୀ ମାନଙ୍କର ନାମ ପଞ୍ଜିକରଣ କରିବା ସହିତ ମ୍ୟାପିଙ୍ଗ ପ୍ରୋଫାଇଲ୍ ମଧ୍ୟ କରାଯାଇଛି। ଏହି ଶିବିର ୬ ସପ୍ତାହ ପର୍ଯ୍ୟନ୍ତ ଚାଲିବ। ପ୍ରତି ସପ୍ତାହରେ ଅଲଗା ଅଲଗା ପାଠ୍ୟକ୍ରମ ରହିଛି। ପିଲାମାନଙ୍କ ନାଚ ଗୀତ ମାଧ୍ୟମରେ ଆକୃଷ୍ଟ କରିବା ସହିତ ଶିକ୍ଷାର ଗୁଣାତ୍ମକ ବୃଦ୍ଧି ମଧ୍ୟ ହୋଇପାରିବ ବୋଲି ସଂଗଠନର ପ୍ରୟାସ ଜାରି ରହିଛି। ଏହି ସଂଗଠନରେ ପୂର୍ଣ୍ଣିମା ବଗର୍ତ୍ତୀ ବ୍ଲକର ଉର୍ମି ଲିଡର ମାନେ ତରୁଣୀ ମାଝୀ, ବୀଣାପାଣି ସୁନା, ପ୍ରେମ ଶୀଳା ପାଣିଗ୍ରାହୀ ଯୋଗ ଦେଇ କ୍ୟାମ୍ପକୁ ସାଫଲ୍ୟ ମଣ୍ଡିତ କରିଛନ୍ତି।

## ପ୍ରଧାନମନ୍ତ୍ରୀ ଜନମନ ସମୀକ୍ଷା ବୈଠକ




ଲାଞ୍ଜିଗଡ, (ଭାସ୍କର ନ୍ୟୁଜ୍) : ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରସ୍ଥିତ ବ୍ଲକ ସମ୍ମିଳନୀ କକ୍ଷରେ କଳାହାଣ୍ଡି ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ ଜନମନ ଯୋଜନାକୁ ନେଇ ଏକ ସମୀକ୍ଷା ବୈଠକ ଆୟୋଜିତ ହୋଇଯାଇଛି। ବ୍ଲକର ଆଦିମ ଜନଜାତି ଗୋଷ୍ଠୀଙ୍କ ପାଇଁ ଆବାସ ଗୃହ ଯୋଗାଇବା ଓ ଏହାର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ ସମୀକ୍ଷା କରିଥିଲେ। ଏଥିରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାତ୍ରଙ୍କ ସହିତ ଜିଲ୍ଲାସ୍ତରୀୟ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ବ୍ଲକ ପ୍ରଶାସନ ତରଫରୁ ଲାଞ୍ଜିଗଡ ବିଡିଓ ଶଶାଙ୍କ ପାତ୍ରଙ୍କ ସହିତ ଅନ୍ୟାନ୍ୟ ବିଭାଗର ଅଧିକାରୀ ଓ ବିଭିନ୍ନ ବିଭାଗର କର୍ମଚାରୀ ଏହି ବୈଠକରେ ସାମିଲ ହୋଇଥିଲେ।

## ସାହୁ ସମାଜ ଭବନ ଉଦ୍‌ଘାଟିତ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ମାନଝରି ଗ୍ରାମରେ ହଳଦିଆ ତୈଳିକ ସାହୁ ସମାଜ ଭବନର ଉଦ୍‌ଘାଟନ ହୋଇଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଯୋଗଦେଇ ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏହି ସମାଜର ସମସ୍ତ ଗ୍ରାମ୍ୟ କମିଟି ଏବଂ ଆଞ୍ଚଳିକ ଚକ ସଭାପତି ଓ ସମାଜର ବୟୋଜ୍ୟେଷ୍ଠ ବ୍ୟକ୍ତି ମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପଡୋଶୀ ବଲାଙ୍ଗୀର ଜିଲ୍ଲା ଓ କଳାହାଣ୍ଡି ଜିଲ୍ଲାର କୋଣ ଅନୁକୋଣରୁ ହଳଦିଆ ତୈଳିକ ସାହୁ ସମାଜର ଲୋକେ ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବରେ ସୁଶୀଲ କୁମାର ସାହୁ, ଜୟନ୍ତୀଲାଲ ସାହୁ, ଦୀପଚାନ୍ଦ ସାହୁ, କୃଷ୍ଣଚନ୍ଦ୍ର ସାହୁ, ପ୍ରଦ୍ୟୁମ୍ନ ସାହୁ, ଯଶୋବନ୍ତ ସାହୁ, ଓମପ୍ରକାଶ ସାହୁ, ଧବଳେଶ୍ୱର ସାହୁ ପ୍ରମୁଖ ଯୋଗଦେଇଥିଲେ। ମାନଝରୀ ସାହୁ ସମାଜର ସଭାପତି ରାମ ସିଂ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ବଳରାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ମନୋହର ସାହୁ, ପଙ୍କଜ ସାହୁ, ହୃଦାନନ୍ଦ ସାହୁ, ଅର୍ଜୁନ ସାହୁ, ନିଳାମ୍ବରି ସାହୁ, ଭୀମ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## କେସିଙ୍ଗାର ବିଭିନ୍ନ ସ୍ଥାନରେ ପରିବେଶ ଦିବସ ପାଳିତ







କେସିଙ୍ଗା, (ଭାସ୍କର ନ୍ୟୁଜ୍) : ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱର ପରିସରସ୍ଥ କୃଷି ଶିକ୍ଷା ସଦନ ଠାରେ ଓଡିଶା ସରକାରଙ୍କ ଦ୍ୱାରା ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କେସିଙ୍ଗା ପରିବେଶ ସୁରକ୍ଷା ଓ ସନ୍ତୁଳିତ ଓ ସହାବସ୍ଥାନ ପରିବେଶ ଗଠନ ଦିଗରେ ଉଲ୍ଲେଖନୀୟ ଭୂମିକା ଓ ପ୍ରଚେଷ୍ଟା ନିମନ୍ତେ ଓଡିଶା ପ୍ରକୃତି ମିତ୍ର ଭାବେ ମନୋନୀତ ହୋଇଥିବାରୁ କେସିଙ୍ଗାର ବୁଦ୍ଧିଜୀବୀ ତଥା ଶୈକ୍ଷିକ ମହଲରେ ଅଭୂତପୂର୍ବ ଆନନ୍ଦର ଲହରୀ ଖେଳିଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସମୀର କୁମାର ବେହେରା ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଠାରୁ 'ପ୍ରକୃତି ମିତ୍ର' ଭାବେ ପୁରସ୍କୃତ ହେବା ସହ ସମ୍ବର୍ଦ୍ଧିତ ହୋଇଛନ୍ତି। ଉକ୍ତ ଉତ୍ସବରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବିମା ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାଶ ଉପସ୍ଥିତ ଥିଲେ। ପ୍ରକୃତି ମିତ୍ର ପୁରସ୍କାର ଗ୍ରହଣ କରିବା ପରେ ପ୍ରଧାନ ଶିକ୍ଷକ ଶ୍ରୀ ବେହେରା ନିଜ ପ୍ରତିକ୍ରିୟାରେ ବିଦ୍ୟାଳୟର ଏନ୍ ସିସି, ରେଡକ୍ରସ, ଗାଇଡସ୍ କେଡେଟସ୍ ସମେତ ସମସ୍ତ ଛାତ୍ର-ଛାତ୍ରୀ, ବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଅଭିଭାବକ, ଅଭିଭାବିକା ଏହାର ଶ୍ରେୟ ଦେଇଛନ୍ତି। ସମସ୍ତଙ୍କର ଅପ୍ରତିହତ ପ୍ରଚେଷ୍ଟା ଓ ଅବିଚଳିତ ପ୍ରେରଣା ହିଁ ଏହି ସଫଳତାର ଅସଲ ଚାବିକାଠି ବୋଲି ସ୍ୱୀକାର କରିଛନ୍ତି। ଏବଂ ଏ ପ୍ରକାର ସ୍ୱୀକୃତି ଓ ପ୍ରୋତ୍ସାହନ ବିଦ୍ୟାଳୟକୁ ତା'ର ସାମାଜିକ ଦାୟିତ୍ୱବୋଧ ଦିଗରେ କାର୍ଯ୍ୟ କରିବାକୁ ଏକ ନିଶ୍ଚିତ ଅଭିପ୍ରେରଣାର ସ୍ରୋତ ହୋଇପାରିବ ବୋଲି ଆଶା ପ୍ରକାଶ କରିଛନ୍ତି।

ସେହିପରି କେସିଙ୍ଗା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ମେଦିନୀପୁର, ଭବାନୀପାଟଣା ଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ମୁଖ୍ୟଅତିଥି ଭାବେ ଦକ୍ଷୀଣ ବନଖଣ୍ଡ ଅଧିକାରୀ ଆ. କଲାଇ ବନାନ, ସମ୍ମାନୀତ ଅତିଥି ଭାବେ ଉତ୍ତର ବନଖଣ୍ଡ ଅଧିକାରୀ ରମେଶ କୁମାର ବିସ୍ନୋଇ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ, ଡା. ପ୍ର ସେ ଅନିମେସ ପ୍ରଧାନ, ଡିଏଲ୍‌ଏସ୍‌ଏ ସଚିବ ସ୍ମିଗ୍ଧା ପଣ୍ଡା, ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାଏକ, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂହ ରାଉତ, ପୌରପାଳିକା ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପ୍ରଧାନ ଉପସ୍ଥିତ ଥିଲେ। ଏହି ଅବସରରେ ପରିବେଶ ସଂରକ୍ଷଣ ଓ ବୃକ୍ଷରୋପଣରେ ଉଲ୍ଲେଖନୀୟ ଅବଦାନ ପାଇଁ ଅଭୟ କୁମାର ଦେବତା, ପ୍ରଧାନ ଶିକ୍ଷକ ଜବାହାର ଉଚ୍ଚ ବିଦ୍ୟାପୀଠ ବାଲସିଙ୍କୁ କେସିଙ୍ଗା ବ୍ଲକରୁ ପ୍ରକୃତି ବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ସୁସମ୍ବାଦ ଯୋଗୁଁ ବାଲସି ଅଞ୍ଚଳ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ର-ଛାତ୍ରୀ ତଥା ସମଗ୍ର ବ୍ଲକରେ ଖୁସି ଲହରି ଖେଳି ଯାଇଛି।

### ପରିତ୍ୟକ୍ତ ଅବସ୍ଥାରେ ଗୋତମୁଣ୍ଡା ବଡ଼ବନ୍ଧ

## ଅମୃତ ସରୋବରରେ ସାମିଲ କରିବାକୁ ଦାବି




କୋକସରା, (ଭାସ୍କର ନ୍ୟୁଜ୍) : କୋକସରା ବ୍ଲକ ଗୋତମୁଣ୍ଡା ଗ୍ରାମର ବଡବନ୍ଧ (ପୋଖରୀ) ଦୀର୍ଘ ବର୍ଷ ହେବ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି। ପୋଖରୀ ସାରା ଅଳିଆ ଆବର୍ଜ୍ଜନା, କଣ୍ଟା ଗଛ ସହ ଦଳ ଗୁଡ଼ିକରେ ପରିପୂର୍ଣ୍ଣ ହୋଇରହିଛି। ଏହି ପୋଖରୀରେ ପ୍ରତ୍ୟହ ଶହ ଶହ ଲୋକେ ଗାଧୋଇବା ପାଇଁ ନିର୍ଭର କରିଥାନ୍ତି। ଏବେ ପୋଖରୀର ପାଣି ଅତ୍ୟନ୍ତ ଦୁର୍ଗନ୍ଧ ହେଉଛି। ଯାହା ଫଳରେ ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଥିବା ବେଳେ ଚର୍ମ ରୋଗର ଶିକାର ମଧ୍ୟ ହେଉଥିବା ଅନେକ ଲୋକେ କହୁଛନ୍ତି। ଦିନେ ଏହି ପୋଖରୀର ପରିବେଶ ଲୋକଙ୍କ ମନ ମୋହୁଥିଲା। ଏବଂ ଗ୍ରାମବାସୀ ପୋଖରୀର ପାଣିକୁ ବ୍ୟବହାର କରିବା ସହ ଗାଧୋଉ ଥିଲେ। ଏବେ କିନ୍ତୁ ଏହା ଅପରିଷ୍କାର ହୋଇ ରହିଛି। ପୋଖରୀର ଆୟତନ ପ୍ରାୟ ୨୨ ଏକର ମଧ୍ୟରେ ହୋଇଥିବା ଜଣାପଡିଛି। ହେଲେ ଆଜି ଏହି ପୋଖରୀ ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ପଡ଼ି ରହିଛି। ନିକଟରେ ଥିବା ଅନ୍ୟ ଦୁଇଟି ପୋଖରୀ ପ୍ରାୟ ୨ ଏକର ଜାଗାରେ ରହିଥିବାବେଳେ ଉକ୍ତ ପୋଖରୀ ମଧ୍ୟ ପୁନରୁଦ୍ଧାର ହୋଇ ନପାରି ଲୋକଙ୍କ ବ୍ୟବହାର ଉପଯୋଗୀ ହୋଇନାହିଁ। ପଞ୍ଚାୟତ ଅଧିନରେ ଥିବା ଏହି ପୋଖରୀ ଦିର୍ଘ ବର୍ଷ ତଳେ ମନରେଗା ଯୋଜନାରେ କାମ କରାଯାଇଥିଲା। ସେବେଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ପୋଖରୀର କୌଣସି ଉନ୍ନତିକରଣ କରାଯାଇ ନାହିଁ। ଏହାର ଉନ୍ନତି ଓ ସୌନ୍ଦର୍ଯ୍ୟ କରଣ ନିମନ୍ତେ ଗାଁ ଲୋକେ ବିଭିନ୍ନ ସମୟରେ ପ୍ରଶାସନ ପାଖରେ ଅଭିଯୋଗ କରିଥିଲେ ମଧ୍ୟ ଏଥିପ୍ରତି କାହାରି ଦୃଷ୍ଟି ପଡୁ ନଥିବା ଲୋକେ ପ୍ରକାଶ କରିଛନ୍ତି। ଗାଁରେ ବର୍ତ୍ତମାନ ଗାଧୋଇବା ପାଇଁ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପୋଖରୀ ଉପରେ ଗୋତମୁଣ୍ଡା, ବନ୍ଦପଡା, ଭଁଏଷାଳପଡା ଆଦି ସ୍ଥାନର ଲୋକେ ପ୍ରତ୍ୟହ ନିର୍ଭର କରିଥାନ୍ତି। ଏଣୁ ପ୍ରଶାସନ ତୁରନ୍ତ ପୋଖରୀର ପୁନରୁଦ୍ଧାର କରିବା ସହ ଅମୃତ ସରୋବରରେ ସାମିଲ କରିବା ପାଇଁ ଗାଁ ଲୋକେ ଦାବି କରିଛନ୍ତି। ଏ ବିଷୟରେ ଗୋତମୁଣ୍ଡା ସରପଞ୍ଚ ପଦ୍ମିନୀ ପୁଝାରୀଙ୍କୁ ପଚାରିବାରୁ ଅମୃତ ସରୋବରରେ ପ୍ରସ୍ତାବ ଦିଆଯାଇଥିଲା କିନ୍ତୁ ଅନୁମୋଦନ ହୋଇନାହିଁ, କିନ୍ତୁ ଏହାର ପୁନରୁଦ୍ଧାର ପାଇଁ ୨ ଲକ୍ଷ ଟଙ୍କା ଅନୁଦାନ ଆସିଥିବା କହିଛନ୍ତି।

## ରାଶିଫଳ


ରବିବାର, ୦୮ ଜୁନ୍ ୨୦୨୫



**ମେଷ:** କାରବାରରେ ସତର୍କତା ବ୍ୟବହାର କରନ୍ତୁ। ପରିସ୍ଥିତିକୁ ନେଇ ଟଙ୍କା ଚିନ୍ତା କରିବାକୁ ପଡିବ। ଆପଣଙ୍କର ଅନାବଶ୍ୟକ ଖର୍ଚ୍ଚ ହୋଇପାରେ। ଚାକିରି ଏବଂ ବ୍ୟବସାୟରେ ଦ୍ୱନ୍ଦ୍ୱ ବଢିପାରେ। ଟଙ୍କା ମାମଲାରେ ଯତ୍ନବାନ ହେବାକୁ ପଡିବ।




**ବୃଷ:** ଶୀଘ୍ର କୈଣସି କାମ କରନ୍ତୁ ନାହିଁ । ଧାର୍ମିକ ଏବଂ ସାଂସ୍କୃତିକ ମହୋତ୍ସବରେ ଏକ ଅଂଶ ରହିବେ। ବ୍ୟବସାୟ ଭଲ କରିବ। ଅଫିସରେ ଚାକିରିକୁ ନେଇ ସନ୍ତୁଷ୍ଟ ରହିବେ। ବିନିଯୋଗ ଇତ୍ୟାଦିରେ ଲାଭବାନ ହେବ। ଘର ବାହାରେ ଜୀବନ ଖୁସି ହେବ। ଆର୍ଥିକ ଦିଗ ଦୃଢ ହେବ।



**ମିଥୁନ:** ବ୍ୟବସାୟରେ ବ୍ୟସ୍ତ ରହିବେ। ସାମାଜିକ ସ୍ତରରେ ସମ୍ମାନ ମିଳିବ। କଠିନ ପରିଶ୍ରମ ସହିତ ଟଙ୍କା ରୋଜଗାର କରିବେ। ଗତ କିଛି ଦିନ ଧରି ଥିବା ଅସମ୍ପୂର୍ଣ୍ଣ କାମ ସଂପୂର୍ଣ୍ଣ ହେବ। ନୂତନ ଚୁକ୍ତିନାମା କିମ୍ବା ନୂତନ ସମ୍ପର୍କ ଗଠନ ହେବାର ସମ୍ଭାବନା ଅଛି। ସମୟ ଭଲ ଅଟେ।



**କର୍କଟ:** ଦୈନନ୍ଦିନ କାର୍ଯ୍ୟଗୁଡିକ କିଛି ବିପଦ ବହନ କରିପାରେ। ଚାକିରିରେ ସମସ୍ୟା ହୋଇପାରେ। ଯଦି ଆପଣ ଜିଦି କରନ୍ତି ତେବେ, କାହା ସହିତ ବିବାଦ ହେବାର ସମ୍ଭାବନା ଅଛି । ଅଧିକ ଚିନ୍ତାରେ ସମୟ ନଷ୍ଟ କରନ୍ତୁ ନାହିଁ। ହଠାତ୍ ଆପଣ ଅସୁବିଧା ମଧ୍ୟ ବଢିପାରେ।



**ସିଂହ:** ଆପଣଙ୍କର ଜୀବନରେ କିଛି ପରିବର୍ତ୍ତନ କରିବାକୁ ପଡିପାରେ। ପରିବାର ସାହାଯ୍ୟ ମିଳିବ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ। ବୁଦ୍ଧିମାନ ଭାବରେ ଷ୍ଟକ୍ ମାର୍କେଟରେ ବିନିଯୋଗ କରନ୍ତୁ।




**କନ୍ୟା:** ଆପଣଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଲୋକମାନେ ଆପଣଙ୍କର ଚିନ୍ତାଧାରାକୁ ପସନ୍ଦ କରିବେ। ଲୋକମାନେ ଆପଣଙ୍କ ପରାମର୍ଶରୁ ଉପକୃତ ହେବେ। ଆପଣ କିଛି ଭଲ ଖବରକୁ ଅପେକ୍ଷା କରିବେ। ଆପଣଙ୍କ ଜୀବନ ସାଥୀ ଆପଣଙ୍କର ଅନୁଭବ ବୁଝିବେ। ଗଣ୍ଠି ଯନ୍ତ୍ରଣା ମଧ୍ୟ ଆପଣଙ୍କୁ କଷ୍ଟ ଦେଇପାରେ।



**ତୁଳା:** ପରିବାର ସାହାଯ୍ୟ କରିବେ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ। ଆପଣ ଟଙ୍କା ଏବଂ ପାରିବାରିକ ପରିସ୍ଥିତି ପ୍ରତି ସମ୍ପୂର୍ଣ୍ଣ ଧ୍ୟାନ ଦେବା ଉଚିତ୍।



**ବିଛା:** ଆପଣ ମଧୁରବାଣୀ ଦ୍ୱାରା ଯେକୈଣସି କାର୍ଯ୍ୟରେ ବିଜୟୀ ହେବାକୁ ସମର୍ଥ ହେବେ। ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ଅତିବାହିତ କରିବେ। ଆଜି ଭାଗ୍ୟ ଆପଣଙ୍କ ସହିତ ରହିବ। ଆୟର ନୂତନ ଉତ୍ସ ଉତ୍ପନ୍ନ ହୋଇପାରେ। ଅଫିସ୍ କାର୍ଯ୍ୟ ସବୁଦିନ ଅପେକ୍ଷା ଆଜି ଭଲ ହେବ। ଜୀବନ ସାଥୀଙ୍କ ପୂର୍ଣ୍ଣ ସମର୍ଥନ ପାଇବେ। ଏହା ଆପଣଙ୍କ ମନକୁ ଖୁସି କରିବ।




**ଧନୁ:** ଶାରୀରିକ ଭାବରେ ବ୍ୟସ୍ତ ରହିବେ। ଆପଣଙ୍କ କାମରୁ ପଛକୁ ଯାଆନ୍ତୁ ନାହିଁ। ଟଙ୍କା ରୋଜଗାର କରିବାର କିଛି ନୂତନ ଏବଂ ଭଲ ସୁଯୋଗ ମଧ୍ୟ ମିଳିପାରେ। ଆପଣଙ୍କର ଆତ୍ମବିଶ୍ୱାସ ଆଧାରରେ, ଅନ୍ୟମାନଙ୍କଠାରୁ ଭିନ୍ନ ପରିଚୟ ସୃଷ୍ଟି କରିବାରେ ସଫଳ ହୋଇପାରିବ। ଆୟ ବୃଦ୍ଧି ପାଇବ। ପିଲାମାନଙ୍କର ଅଗ୍ରଗତିରେ ଖୁସି ହେବେ।




**ମକର:** ଅନେକ ଦିନ ଧରି ବନ୍ଦ ହୋଇଯାଇଥିବା କାର୍ଯ୍ୟଗୁଡ଼ିକ ମଧ୍ୟ ସଂପୂର୍ଣ୍ଣ ହୋଇପାରିବ। ପାରିବାରିକ ସମ୍ପର୍କ ଆନ୍ତରିକ ହେବ। ଚିନ୍ତା ସମାପ୍ତ ହୋଇପାରିବ। ଦିନଟି ଆପଣଙ୍କ ପାଇଁ ଉତ୍ସାହଜନକ ଏବଂ ମନୋରଞ୍ଜନ ଜାରି ରହିବ। ଆପଣଙ୍କୁ ପରିବାର ସମ୍ବନ୍ଧୀୟ ବିଷୟ ପ୍ରତି ଧ୍ୟାନ ଦେବାକୁ ପଡିବ। କେତେକ ଘରୋଇ ଜଟିଳ ସମସ୍ୟାର ସମାଧାନ ହୋଇପାରିବ।



**କୁମ୍ଭ:** ଆପଣ ଆଜି ଧର୍ଯ୍ୟବାନ ହେବା ଉଚିତ୍। ଟଙ୍କା କ୍ଷେତ୍ରରେ କ୍ଷତି ହୋଇପାରେ। କିଛି ଆଇନଗତ ପ୍ରସଙ୍ଗରେ ଆପଣ ଜଡିତ ହୋଇପାରନ୍ତି। ସମୟର ଯତ୍ନ ନିଅନ୍ତୁ। କିଛି ବିଶେଷ କାର୍ଯ୍ୟ ପାଇଁ ଆପଣଙ୍କୁ ବହୁତ କଠିନ ପରିଶ୍ରମ କରିବାକୁ ପଡିପାରେ। ଆପଣ ମଧ୍ୟ କୈଣସି ଆକସ୍ମିକ ଘଟଣାରେ ତୁରନ୍ତ ନିଷ୍ପତ୍ତି ନେବା ଠାରୁ ଦୂରେଇ ରହିବା ଉଚିତ୍।



**ମୀନ:** ଆପଣଙ୍କୁ ଦେଖା କରୁଥିବା ଲୋକମାନେ ଆପଣଙ୍କୁ କିଛି ନୂଆ ଚେଷ୍ଟା କରିବାକୁ ପ୍ରେରଣା ଦେଇପାରିବେ। ଏହି ସମୟରେ କରାଯାଇଥିବା ପ୍ରୟାସ ସଫଳ ହେବାର ସମ୍ଭାବନା ଅଧିକ। ବୋଧହୁଏ ଆପଣ ଅତିରିକ୍ତ ଦାୟିତ୍ୱ ପାଇବେ କିମ୍ବା ସାମ୍ପ୍ରତିକ ଚାକିରିରେ କାମ କରିବ। ଆପଣଙ୍କର ଆୟ ବଢିବାର ସମ୍ଭାବନା ମଧ୍ୟ ଅଧିକ। ଆପଣଙ୍କର ମନ ଭଲ କାମ କରିବ।


ଶ୍ରୀପତି ଗୁରୁ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯